RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-161 ◆BHUBANESWAR ◆WEDNESDAY ◆6 DECEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୬୧ ◆ଭୁବନେଶ୍ୱର ◆ବୁଧବାର ◆୬ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦



୨୦୨୫ରେ 'ହାଉସ୍‌ଫୁଲ୍-୫'

▶ପୃଷ୍ଠା ୧୪ ଦେଖନ୍ତୁ...

## ରାଜ୍ୟ କ୍ୟାବିନେଟ୍‌ରେ ୧୦ ପ୍ରସ୍ତାବକୁ ଅନୁମୋଦନ

# ଓଡ଼ିଶା ହେବ ଦେଶର ଶିଳ୍ପ ରାଜଧାନୀ

■ **ଭୁବନେଶ୍ୱର, ୫।୧୨ (ସମିସ):** ଓଡ଼ିଶାକୁ ପୂର୍ବ ଭାରତର 'ଇଣ୍ଡଷ୍ଟ୍ରିଆଲ ହବ୍' ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ନେଉଛନ୍ତି। ରାଜ୍ୟର ଶିଳ୍ପ ଅନୁକୂଳ ନୀତି, ଭରପୂର କଞ୍ଚାମାଲ, ଏକକ ବାତାୟନ ବ୍ୟବସ୍ଥା ସହ ସରକାରୀ ରିଆତି ଏବଂ 'ମେକ୍ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ନିବେଶକଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିଛି। ରାଜ୍ୟ ସରକାରଙ୍କ ଶିଳ୍ପ ପ୍ରୋତ୍ସାହନ ନୀତି ଓଡ଼ିଶାରେ ପୁଞ୍ଜିନିବେଶକୁ ଗତିଶୀଳ କରିଛି। ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟୋଗୀ ଓ ଶିଳ୍ପପତିଙ୍କ ଆଗ୍ରହ ଆଗାମୀ ଦିନରେ ରାଜ୍ୟକୁ ଦେଶର ଶିଳ୍ପ ରାଜଧାନୀର ମାନ୍ୟତା ଦେବାରେ ସହାୟକ ହେବ।

### ଚୌଦ୍ୱାର ଓ ସମ୍ବଲପୁରରେ ଶିଳ୍ପ ସ୍ଥାପନ କରିବ ୱେଲସ୍ପନ୍ କମ୍ପାନୀ



- ୬୬୦୦ କୋଟି ପୁଞ୍ଜି ନିବେଶ, ୨୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି
- ଗୋପାଳପୁର ୟୁଟିଲିଟି କରିଡର୍‌ର ୧୨୮ କୋଟି ଟେଣ୍ଡର୍‌କୁ ମଞ୍ଜୁରୀ
- ଏମ୍‌ଏସ୍‌ଏମ୍‌ଇ ବିକାଶ ଓ ଖାଦ୍ୟ ପ୍ରକ୍ରିୟାକରଣ ନୀତି ସଂଶୋଧନ ପ୍ରସ୍ତାବ ଅନୁମୋଦିତ

ଏହିକ୍ରମରେ ଓଡ଼ିଶାକୁ ଶିଳ୍ପ ଓ ଅର୍ଥନୈତିକ କ୍ଷେତ୍ରରେ ବିକାଶ ନିମନ୍ତେ ରାଜ୍ୟ କ୍ୟାବିନେଟ ଆଜି ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। କଟକର ଚୌଦ୍ୱାର ଏବଂ ସମ୍ବଲପୁର ନିଲ୍ ଡୁଙ୍ଗୁରୀଠାରେ ଶିଳ୍ପ ସମୂହ ପ୍ରତିଷ୍ଠା ନିମନ୍ତେ ୱେଲସ୍ପନ କମ୍ପାନୀର ପ୍ରସ୍ତାବକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ଶିଳ୍ପଗୁଡ଼ିକରେ ୬୬୦୦ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ ଓ ପ୍ରାୟ ୨୯ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅନୁରୂପ ଭାବରେ ଗୋପାଳପୁରର ୟୁଟିଲିଟି କରିଡରର ଉନ୍ନତିକରଣ ପାଇଁ ୧୨୮.୮୮ କୋଟିର ଟେଣ୍ଡରକୁ ଅନୁମୋଦନ, ଓଡ଼ିଶା ଏମଏସଏମଇ ବିକାଶ ନୀତି-୨୦୨୨ର ସଂଶୋଧନ, ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୨୨ରେ ସଂଶୋଧନ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୮ଟି ବିଭାଗର ମୋଟ ୧୦ଟି ପ୍ରସ୍ତାବ ଅନୁମୋଦନ ଲାଭ କରିଛି।

କଟକ ଜିଲ୍ଲାର ଚୌଦ୍ୱାରରେ ୩୦୦୦ କୋଟି ଟଙ୍କା ନିବେଶରେ ଏକ ସମନ୍ୱିତ ବୟନ ଶିଳ୍ପର ପୁନଃ ପ୍ରତିଷ୍ଠା ହେବ ଏବଂ ଏଥିରେ ପ୍ରତ୍ୟକ୍ଷ ଭାବରେ ୧୦୦୦୦ ଓ ପରୋକ୍ଷ ଭାବରେ ଅନୁରୂପ ନିଯୁକ୍ତିସୁଯୋଗ ସୃଷ୍ଟି ହେବ। ଏହା ଏକ ସମନ୍ୱିତ ପରିଯୋଜନା ହୋଇଥିବାରୁ ଏଠାରେ ସୂତାଠାରୁ କପଡ଼ା ପ୍ରସ୍ତୁତି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେବ। ସେହିପରି ପରିଯୋଜନା ମଧ୍ୟରେ ଏକ ଅତ୍ୟାଧୁନିକ ଗୋଦାମ ଘର ପ୍ରତିଷ୍ଠା ହେବ ଏବଂ ଏହାଦ୍ୱାରା କ୍ୟାପ୍ଟିଭ ଓ ବାଣିଜ୍ୟିକ ସେବା ପ୍ରଦାନ ସହ ବ୍ୟାପକ ନିଯୁକ୍ତି ମଧ୍ୟ ସୃଷ୍ଟି ହୋଇପାରିବ। ଅନ୍ୟପକ୍ଷରେ ବୟନଶିଳ୍ପକୁ ପ୍ରାଧାନ୍ୟ ଦେବା ଉଦ୍ଦେଶ୍ୟରେ କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟ ଆଦି ଜିଲ୍ଲାର କୃଷକମାନଙ୍କ ଦ୍ୱାରା ଉତ୍ପାଦିତ କପାକୁ କମ୍ପାନୀ ଉଚିତ୍ ମୂଲ୍ୟରେ କ୍ରୟ କରି ସେମାନଙ୍କୁ କପା ଚାଷ ପାଇଁ ପ୍ରୋତ୍ସାହିତ କରିବ। ସେହିପରି ୱେଲସ୍ପନ୍ କମ୍ପାନୀ ସମୂହ ସମ୍ବଲପୁର ଜିଲ୍ଲାର ନିଲ୍ ଡୁଙ୍ଗୁରୀଠାରେ ଏକ ପ୍ଲାଷ୍ଟିକ ପ୍ରସ୍ତୁତକାରୀ ଓଡିଆଇ କାରଖାନା ସ୍ଥାପନ କରିବ। ଉକ୍ତ କାରଖାନା ୩୬୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ। ଏହା ବିଜୁ ଅର୍ଥନୈତିକ କରିଡର ଅନ୍ତର୍ଗତ ଏକ ପରିଯୋଜନା ହୋଇଥିବା ବେଳେ ଏହାଦ୍ୱାରା ଅନ୍ୟ ଆନୁଷଙ୍ଗିକ ଛୋଟ ଛୋଟ ଶିଳ୍ପ ଗଢ଼ି ଉଠିବ ଓ ଅଧିକ ସ୍ଥାନୀୟ ନିଯୁକ୍ତିର ସୁଯୋଗ ଆଣିବ। ଏହି ସମନ୍ୱିତ ଯୋଜନା ▶ପୃଷ୍ଠା-୧୦

## ଜନପ୍ରସ୍ତାବ ଉପରେ ମୁଖ୍ୟମନ୍ତ୍ରୀଙ୍କ ମୋହର

# ତୁଷୁରା ଏୟାରଷ୍ଟ୍ରିପ୍ ପାଇଁ ୬୫ କୋଟି

■ **ଭୁବନେଶ୍ୱର/ବଲାଙ୍ଗିର, ୫।୧୨ (ସମିସ):** କେବଳ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, କ୍ରୀଡ଼ାରେ ନୁହେଁ ବରଂ ସାଧାରଣ ପରିବହନ ବ୍ୟବସ୍ଥାରେ ବି ଓଡ଼ିଶା ନୂଆ ରୂପାନ୍ତରଣ ଆଡ଼କୁ ଅଗ୍ରସର ହେଉଛି। ଜଳପଥ, ସଡ଼କ ଓ ରେଳପଥ ସହିତ ବେସାମରିକ ବିମାନ ଚଳାଚଳ କ୍ଷେତ୍ର ଗୋଟିଏ ପରେ ଗୋଟିଏ ସମୃଦ୍ଧି ହାସଲ କରୁଛି। ଏହି କ୍ରମରେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗିର ଜିଲ୍ଲାର ତୁଷୁରା ଏୟାଷ୍ଟ୍ରିପ୍‌ର ବିକାଶ ପାଇଁ ୬୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଜନସାଧାରଣଙ୍କ ଦାବି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ତୁଷରା ଏୟାରଷ୍ଟ୍ରିପ୍‌ର ବିକାଶ ପ୍ରସ୍ତାବକୁ ଅନୁମୋଦନ ଦେବା ସହିତ ଉପରୋକ୍ତ ଅର୍ଥ ମଞ୍ଜୁର କରିଛନ୍ତି।

> **ବଲାଙ୍ଗିର ଗସ୍ତ ସମୟରେ '୫-ଟି' ଅଧ୍ୟକ୍ଷଙ୍କୁ ଲୋକେ କରିଥିଲେ ନିବେଦନ**

ଚଳିତ ବର୍ଷ ଅଗଷ୍ଟ ୫ ଓ ୬ ତାରିଖରେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବଲାଙ୍ଗିର ଜିଲ୍ଲା ଗସ୍ତରେ ଯାଇଥିବା ଅବସରରେ ତୁଷୁରା ଏୟାରଷ୍ଟ୍ରିପ୍‌ର ବିକାଶ କରିବା ଲାଗି ଜିଲ୍ଲାବାସୀ ତାଙ୍କୁ ଅନୁରୋଧ କରିଥିଲେ। ଏହି ଅନୁରୋଧ ରକ୍ଷା କରି ଏୟାରଷ୍ଟ୍ରିପ୍‌ର ବିକାଶ ପାଇଁ ଡିପିଆର ପ୍ରସ୍ତୁତ କରିବା ଲାଗି ବଲାଙ୍ଗିର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ପ୍ରତି ଓଡ଼ିଶାରେ ଭୁବନେଶ୍ୱର ସମେତ ଝାରସୁଗୁଡ଼ା, ଜୟପୁର, ଉତ୍କେଳା, ରାଉରକେଲା ବିମାନବନ୍ଦର କାର୍ଯ୍ୟକ୍ଷମ ଅଛି। ସେହିପରି ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ର ବିକାଶ କରାଯାଇ ଥିବା ବେଳେ ମୟୂରଭଞ୍ଜର ଐତିହାସିକ ଅମର୍ଦ୍ଦରୋଡ଼ ଏୟାରଷ୍ଟ୍ରିପ୍ ପୂର୍ଣ୍ଣାଙ୍ଗ ବିମାନବନ୍ଦରରେ ପରିଣତ ହେବାକୁ ଯାଉଛି। ଏଥିସହ ଦୁଇ ବର୍ଷ ଭିତରେ ପୁରୀରେ ଓଡ଼ିଶାର ଦ୍ୱିତୀୟ ଅନ୍ତର୍ଜାତୀୟ ବିମାନବନ୍ଦର କାର୍ଯ୍ୟକ୍ଷମ ହେବ। ରାଜ୍ୟରେ ବିମାନ ଚଳାଚଳ କ୍ଷେତ୍ରରେ ଅଭିବୃଦ୍ଧି ହାସଲ ଲକ୍ଷ୍ୟରେ ରାଜ୍ୟ ସରକାର ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା କରୁଛନ୍ତି। କେନ୍ଦ୍ର ସରକାରଙ୍କ ▶ପୃଷ୍ଠା-୧୦

## 'ମୁଖ୍ୟମନ୍ତ୍ରୀ ମକା ମିଶନ'ର ସମୀକ୍ଷା କଲେ '୫-ଟି' ଅଧ୍ୟକ୍ଷ

# ମକା ଉତ୍ପାଦନରେ ୫୧ ପ୍ରତିଶତ ଅଭିବୃଦ୍ଧି

■ **ଭୁବନେଶ୍ୱର, ୫।୧୨ (ସମିସ):** 'ମୁଖ୍ୟମନ୍ତ୍ରୀ ମକା ମିଶନ' ପରେ ରାଜ୍ୟରେ ମକା ଉତ୍ପାଦନ କ୍ଷେତ୍ରରେ ଆସିଛି ଉତ୍ସାହଜନକ ଅଗ୍ରଗତି। ଚଳିତ ବର୍ଷ ଫସଲ ଉତ୍ପାଦନରେ ଶତକଡା ୫୧ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ମକାର ସଂଗ୍ରହ ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟିଛି। ମଙ୍ଗଳବାର '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ମୁଖ୍ୟମନ୍ତ୍ରୀ ମକା ମିଶନର ସମୀକ୍ଷା କରିଛନ୍ତି। ଶ୍ରୀ ପାଣ୍ଡିଆନ 'ମୁଖ୍ୟମନ୍ତ୍ରୀ ମକା ମିଶନ'ର କାର୍ଯ୍ୟକାରିତା ସହ ଜନଶୁଣାଣିରେ ଆଗତ ପାନ ଚାଷୀ, କିଆଫୁଲ ଚାଷୀ ଓ ଲେମନଗ୍ରାସ ଚାଷୀମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି।




ସୂଚନା ଅନୁସାରେ ନଭେମ୍ବର ଶେଷ ସୁଦ୍ଧା ୪୪, ୭୩୦ କ୍ୱିଣ୍ଟାଲ ମକା କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ଦ୍ୱାରା ସଂଗ୍ରହ କରାଯାଇଛି। ମକା ଚାଷୀ ଯେପରି ଉଚିତ୍ ମୂଲ୍ୟ ପାଇପାରିବେ ସେଥିପାଇଁ ଅଧିକ ଏଫପିଓ ଗଠନ ସହିତ ସେମାନଙ୍କ ଜରିଆରେ ସଂଗ୍ରହ ଜାରି ରଖିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆହୁରି ମଧ୍ୟ ଚାଷୀ ଯେପରି ଅଧିକ ମୂଲ୍ୟ ପାଇବେ ସେଥିପାଇଁ ଅଧିକରୁ ଅଧିକ ଘରୋଇ ବ୍ୟବସାୟୀଙ୍କୁ ଏଥିରେ ସମ୍ପୃକ୍ତ କରାଯିବା ଓ ଏଫପିଓର ଦକ୍ଷତା ବୃଦ୍ଧି ପାଇଁ ମଧ୍ୟ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି। ଅନୁରୂପ ଭାବରେ ଓରମାସ୍ ମଧ୍ୟ ମକାର ପ୍ରାଥମିକ ପ୍ରକ୍ରିୟାକରଣ ଓ ମାର୍କେଟିଂରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ୧୫ଟି ଏଫପିଓ ଗଠନ ଲକ୍ଷ୍ୟ ଥିବାବେଳେ ଏଥି ମଧ୍ୟରୁ ୧୩ଟି ଗଠିତ ହୋଇସାରିଛି। ଏହା ମଧ୍ୟରୁ ୪ଟି ଏଫ୍‌ପିଓ କେବଳ ମହିଳାଙ୍କ ଦ୍ୱାରା ପରିଚାଳିତ ହେଉଛି। ମିଶନର ପ୍ରଥମ ବର୍ଷରେ ୨୦ ହଜାର ମେଟ୍ରିକ ଟନ୍ ମକା ସଂଗ୍ରହ ଓ ମାର୍କେଟିଂ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ନବରଙ୍ଗପୁର, କୋରାପୁଟ, ଗଜପତି ଓ ନୂଆପଡ଼ା ଜିଲ୍ଲାରେ ମକା ମିଶନ କାର୍ଯ୍ୟକାରୀ ▶ପୃଷ୍ଠା-୧୦

- ଡିସେମ୍ବର ୨ ସୁଦ୍ଧା ୪୫୦୦୦ କ୍ୱିଣ୍ଟାଲ ମକା ସଂଗ୍ରହ
- କୃଷକ-ଉତ୍ପାଦକ ସଂଗଠନର ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ
- ଜାନୁଆରୀରେ ପାନବରଜ, କିଆ ଫୁଲ ଓ ଲେମନ୍‌ଗ୍ରାସ୍ ଚାଷୀଙ୍କୁ ସହାୟତା






## ସଂସଦରେ ଡିଏମ୍‌କେ ସାଂସଦଙ୍କ ମନ୍ତବ୍ୟକୁ ନେଇ ବିତର୍କ

● ଜମ୍ମୁ-କାଶ୍ମୀର ବିଲ୍‌କୁ ନେଇ ଚର୍ଚ୍ଚା

■ **ନୂଆଦିଲ୍ଲୀ,୫।୧୨(ଏଜେନ୍ସି):** ମଙ୍ଗଳବାର ସଂସଦରେ ଜାତୀୟ ଅର୍ଥନୀତି ବ୍ୟବସ୍ଥା ସହ ଜମ୍ମୁ-କାଶ୍ମୀର (ସଂରକ୍ଷଣ) ସଂଶୋଧି ବିଲ୍ ଏବଂ ଜମ୍ମୁ-କାଶ୍ମୀର ପୁନର୍ଗଠନ ବିଲ୍‌କୁ ନେଇ ଆଲୋଚନା କରାଯାଇଥିଲା। ତେବେ ଟିଏମସି ସାଂସଦ ସୌଗତ ରାୟ ଜମ୍ମୁ-କାଶ୍ମୀରରୁ ଧାରା ୩୭୦ ପ୍ରତ୍ୟାହାର କରାଯିବା ସମ୍ପର୍କିତ ଏକ ପ୍ରଶ୍ନ ଉତ୍‌ଥାପନ କରିଥିଲା ବେଳେ ଭାରତର ଏକ ସମ୍ବିଧାନ ଏବଂ ଏକ ପତାକାକୁ ମୋଦୀ ସରକାର ନିଶ୍ଚିତ କରିସାରିଛନ୍ତି ବୋଲି ଗୃହମନ୍ତ୍ରୀ ଅମିତ ଶାହା କହିଥିଲେ। ଅନ୍ୟପକ୍ଷରେ ଲୋକସଭାରେ ଡିଏମ୍‌କେ ସାଂସଦ ଡିଏନ୍‌ଭି ସେନ୍ଥିଲ କୁମାର ଦେଇଥିବା ବୟାନକୁ ନେଇ ବିବାଦ ଆରମ୍ଭ ହୋଇଯାଇଛି। 'ବର୍ତ୍ତମାନ ବିଜେପି ଯେଉଁସବୁ ରାଜ୍ୟରେ ବିଜୟ ଲାଭ କରିଛି ସେହିସବୁ ରାଜ୍ୟ ଗୋମୂତ୍ର ରାଜ୍ୟ ମଧ୍ୟରେ ସୀମିତ। ବିଜେପି ଦକ୍ଷିଣ ଭାରତରେ ପସିପାରିବ ନାହିଁ। କେରଳ, ତାମିଲନାଡୁ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକରେ ଏହି ଦଳର ସ୍ଥିତି କ'ଣ ରହିଛି ତାହା ସମସ୍ତଙ୍କୁ ଜଣା ବୋଲି ସେନ୍ଥିଲ କୁମାର ମନ୍ତବ୍ୟ ଦେବା ପରେ ଏହାକୁ ନେଇ ବିତର୍କ ସୃଷ୍ଟି ହୋଇଛି। ବିଜେପି ଏଭଳି ମନ୍ତବ୍ୟକୁ ନେଇ ଡିଏମ୍‌କେକୁ ତୀବ୍ର ସମାଲୋଚନା କରିଛି। ତେବେ ବିଭିନ୍ନ ପ୍ରସଙ୍ଗରେ ଗୃହରେ ଆଲୋଚନା ପରେ ବୁଧବାର ଯାଏଁ ସଂସଦକୁ ମୁଲତବୀ ଘୋଷଣା କରାଯାଇଛି।

## ଡିଏମ୍‌କେ ନେତା ରାବଣର ବଂଶଧର : ଆଚାର୍ଯ୍ୟ ପ୍ରମୋଦ

ଡିଏମ୍‌କେ ସାଂସଦ ଡିଏନଭି ସେନ୍ଥିଲ କୁମାର ଉତ୍ତର-ଭାରତ ରାଜ୍ୟଗୁଡ଼ିକୁ ଗୋମୁତ୍ର ରାଜ୍ୟ ଭାବେ ଅଭିହିତ କରିବା ପରେ ବିଜେପି ପକ୍ଷରୁ ଏହାକୁ ତୀବ୍ର ନିନ୍ଦା କରାଯାଇଛି।କେବଳ ବିଜେପି ନୁହେଁ, କଂଗ୍ରେସର ବରିଷ୍ଠ ନେତା ତଥା ପ୍ରବକ୍ତା ଆଚାର୍ଯ୍ୟ ପ୍ରମୋଦ କ୍ରିଷ୍ଣମ୍ ମଧ୍ୟ ଡିଏମକେ ଦଳକୁ ତୀବ୍ର ଭର୍ତ୍ସନା କରିଛନ୍ତି। ଏହି ପ୍ରସଙ୍ଗରେ ଆଚାର୍ଯ୍ୟ ପ୍ରମୋଦ ନିଜର ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଡିଏମକେ ନେତାମାନଙ୍କ ସନାତନ ବିରୋଧୀ ମନୋଭାବ ସମ୍ପର୍କରେ ଜାଣିବା ଆଉ କିଛି ବାକି ନାହିଁ। ସେମାନେ ହେଉଛନ୍ତି ରାବଣର ବଂଶଧର। କେବଳ ଗୋମୂତ୍ର ନୁହେଁ, ଷଣ୍ଢ ପ୍ରବଣ ରାଜ୍ୟଗୁଡ଼ିକରେ ମଧ୍ୟ ବିଜେପିର ପତାକା ଉଡ଼ିବ ବୋଲି ସେ କହିଛନ୍ତି।

## ପୃଥିବୀ କକ୍ଷପଥକୁ ଫେରିଲା ଚନ୍ଦ୍ରଯାନ-୩ ମଡ୍ୟୁଲ

■ **ବେଙ୍ଗାଲୁରୁ,୫।୧୨(ଏଜେନ୍ସି):** ଚନ୍ଦ୍ରଯାନ-୩ ସଫଳତାର ସହ ଏହାର ଅଭିଯାନ ଶେଷ କରିବା ପରେ ଏହାର 'ପ୍ରପଲ୍ୟୁସନ ମଡ୍ୟୁଲ' ପୃଥିବୀ କକ୍ଷପଥକୁ ଫେରିଆସିଛି। କୌଣସି ମହାକାଶ ଯାନର ମଡ୍ୟୁଲକୁ ପୃଥିବୀ କକ୍ଷପଥକୁ ଫେରାଇ ଆଣିବା ମହାକାଶ ଗବେଷଣା କ୍ଷେତ୍ରରେ ଏକ ବଡ଼ ଉପଲବ୍ଧି ବୋଲି କୁହାଯାଉଛି। ପୂର୍ବରୁ ଚନ୍ଦ୍ର ପୃଷ୍ଠରେ ବିକ୍ରମ ଲ୍ୟାଣ୍ଡରର ଗତିବିଧିକୁ ନିୟନ୍ତ୍ରଣ କରିବାରେ ଇସ୍ରୋ ବୈଜ୍ଞାନିକମାନଙ୍କ ସଫଳତା ମହାକାଶ ବୈଜ୍ଞାନିକମାନଙ୍କୁ ପ୍ରୋତ୍ସାହିତ କରିଥିଲା। ଏହାପରେ ଆଜିର ଘଟଣା ଦ୍ୱିତୀୟ ବଡ଼ ଉପଲବ୍ଧି ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ,ଗତ ଜୁଲାଇ ମାସ ୧୪ ତାରିଖରେ ଚନ୍ଦ୍ରଯାନ -୩ ଚନ୍ଦ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଏହାପରେ ଅଗଷ୍ଟ ୨୩ ତାରିଖରେ ବିକ୍ରମ ଲ୍ୟାଣ୍ଡର ସଫଳତା ପୂର୍ବକ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଥିଲା।

## ଉତ୍ସବ ବେଳେ ଡ୍ରୋନ୍ ଖସି ୮୫ ମୃତ

■ **ଆବୁଜା,୫।୧୨(ଏଜେନ୍ସି):** ନାଇଜେରିଆର ଏକ ଗାଁରେ ଭୁଲବଶତଃ ସେନା ଡ୍ରୋନ୍ ଖସି ପଡ଼ିବାର ୮୫ ଜଣଙ୍କ ଲୋକଙ୍କ ମୃତ୍ୟୁ ହେବା ସହିତ ଶତାଧିକ ଲୋକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ,ମହିଳା ଏବଂ ବରିଷ୍ଠ ନାଗରିକ ରହିଛନ୍ତି। ସେନାର ଏକ ଡ୍ରୋନ ପରୀକ୍ଷଣ କରାଯାଉଥିବା ବେଳେ ଏହା ଭୁଲବଶତଃ ଖସିପଡ଼ିଥିବା କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ ନାଇଜେରିଆର କଡୁନା ରାଜ୍ୟର ଏକ ଗ୍ରାମରେ ଉତ୍ସବ ପାଳନ କରାଯାଉଥିଲା ବେଳେ ଦୁର୍ଭାଗ୍ୟବଶତଃ ଏକ ସେନା ଡ୍ରୋନ୍ ଉତ୍ସବ ସ୍ଥଳରେ ପଡ଼ିଥିଲା। ଯୁଦ୍ଧ ମିଶନରେ ପରୀକ୍ଷଣ କରାଯାଉଥିବା ଏହି ଡ୍ରୋନ ଭୁଲବଶତଃ ଉତ୍ସବ ସ୍ଥଳରେ ପଡ଼ିଥିଲା ବୋଲି କୁହାଯାଇଛି। ନାଇଜେରିଆର ବିବାଦୀୟ ଅଞ୍ଚଳରେ ଏହି ଡ୍ରୋନ ମାଧ୍ୟମରେ ଆକ୍ରମଣ କରିବାକୁ ଉଦ୍ୟମ କରାଯାଇଥିଲା। କିନ୍ତୁ ଏହା ଲୋକଙ୍କ ଉପରେ ଖସି ପଡ଼ିଥିଲା ବୋଲି ସେଠାକାର କିଛି ଗଣମାଧ୍ୟମ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ରାଷ୍ଟ୍ରପତି ନିର୍ଦ୍ଦେଶ ଦେଇଛନ୍ତି। ଆହତଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ପାକିସ୍ତାନରେ ଖଲିସ୍ତାନୀ ଲିବରେସନ ଫୋର୍ସ ମୁଖ୍ୟଙ୍କ ମୃତ୍ୟୁ



**ନୂଆଦିଲ୍ଲୀ,୫।୧୨(ଏଜେନ୍ସି):** ବେଆଇନ ଘୋଷିତ ଖଲିସ୍ତାନୀ ଲିବରେସନ ଫୋର୍ସ ଏବଂ ଆନ୍ତର୍ଜାତିକ ଶିଖ ୟୁଥ୍ ଫେଡେରେସନ ମୁଖ୍ୟ ଲଖବୀର ସିଂ ରୋଡେଙ୍କ ପାକିସ୍ତାନରେ ମୃତ୍ୟୁ ହୋଇଛି। ଗତକାଲି ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ସ୍ପଷ୍ଟ କରାଯାଇଛି। ଲଖବୀର ପାକିସ୍ତାନରେ ରହୁଥିଲା ବେଳେ ତାଙ୍କ ପରିବାର କାନାଡ଼ାରେ ରହୁଥିଲେ। ଲଖବୀର ହେଉଛନ୍ତି ଖଲିସ୍ତାନୀ ଆନ୍ଦୋଳନ ମୁଖ୍ୟ ଜର୍ଣ୍ଣେଲ ସିଂ ଭିନ୍ଦ୍ରୱାଲେଙ୍କ ପୁତୁରା। ସେ ପାକିସ୍ତାନରେ ରହି କାନାଡ଼ା,ବ୍ରିଟେନ ସମେତ ଅନ୍ୟ ବହୁ ବିଦେଶୀ ରାଷ୍ଟ୍ରରେ ଖଲିସ୍ତାନୀ ଆନ୍ଦୋଳନକୁ ତେଜିବାକୁ ଉଦ୍ୟମ କରିଆସୁଥିଲେ।

### ସ୍ଥଳ ଭାଗ ଛୁଇଁଲା ବାତ୍ୟା 'ମିଗଜୋମ୍'

# ଆନ୍ଧ୍ର, ତାମିଲନାଡୁ ଉବୁଟୁବୁ





**ନୂଆଦିଲ୍ଲୀ,୫।୧୨(ଏଜେନ୍ସି):**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ବାତ୍ୟା ' ମିଗ୍‌ଜୋମ୍' ମଙ୍ଗଳବାର ଅପରାହ୍ନରେ ସ୍ଥଳ ଭାଗ ଛୁଇଁଛି। ଆନ୍ଧ୍ର ପ୍ରଦେଶର ଓଙ୍ଗୋଲ ସହର ଠାରୁ ୨୦ କିମି ପୂର୍ବ-ଉତ୍ତରପୂର୍ବ ଦିଗରେ ଏହା ବାପତାଲା ନିକଟରେ ସ୍ଥଳ ଭାଗ ଛୁଇଁଥିଲା ବେଳେ ପ୍ରବଳ ବର୍ଷା ସହ ଘଣ୍ଟା ପ୍ରତି ୯୦ ରୁ ୧୦୦ କିମି ବେଗରେ ପବନ ବୋହିବାରୁ ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟିଛି। ଆଇଏମଡିର ପୂର୍ବ ସତର୍କତା ଅନୁସାରେ ଆନ୍ଧ୍ରପ୍ରଦେଶର ତିରୁପତି , ନେଲୋର,ପ୍ରକାଶମ୍, ବାପତାଲା,କ୍ରିଷ୍ଣା, ପଶ୍ଚିମ ଗୋଦାବରୀ, କୋନାସୀମା ଏବଂ କାକିନାଡ଼ା ଆଦି ଉପକୂଳବର୍ତ୍ତୀ ଜିଲ୍ଲାରେ ହାଇଆଲର୍ଟ ଜାରି କରାଯାଇଛି। ମଧ୍ୟାହ୍ନ ସୁଦ୍ଧା ବାପତାଲାରେ ୪୩.୩ ମିମି, କାଭାଲିରେ ୨୯.୩ ମିମି ଏବଂ ମଛଳିପଟନମ୍ ଅଞ୍ଚଳରେ ୨୮.୫ ମିମି ବର୍ଷା ରେକର୍ଡ କରାଯାଇଛି। ବାତ୍ୟା ସ୍ଥଳଭାଗ

■ ୮ ଜିଲ୍ଲାରେ ହାଇଆଲର୍ଟ
■ ଚେନ୍ନଇରେ ମୃତ୍ୟୁସଂଖ୍ୟା ୧୭କୁ ବୃଦ୍ଧି

ଛୁଇଁବା ପରେ କ୍ରମଶଃ ଦୁର୍ବଳ ହୋଇଥିଲେ ହରେ ଗୁରୁବାର ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ଲାଗି ରହିବ ବୋଲି ଆଇଏମଡି ପକ୍ଷରୁ ସୂଚନା ଦିଆଯିବା ପରେ ଏହିସବୁ ଜିଲ୍ଲାରେ ହାଇଆଲର୍ଟ ଜାରି କରାଯାଇଛି। ଲୋକମାନଙ୍କୁ ବାହାରକୁ ନ ବାହାରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ପ୍ରତିକୂଳ ସ୍ଥିତିକୁ ମୁକାବିଲା କରିବାକୁ ସ୍ଥାନୀୟ ପ୍ରଶାସନକୁ ପ୍ରସ୍ତୁତ ରଖାଯାଇଥିବା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ କୁହାଯାଇଛି। ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ପ୍ରାୟ ୯ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବିଶେଷକରି ୟନମ ଅଞ୍ଚଳରେ ୨୦୪ ମିମିରୁ ଅଧିକ ବର୍ଷା ହେବାର ଆଶଙ୍କା ରହିଥିବାରୁ ଏଠାରେ ଉଦ୍ଧାରକାରୀ ଦଳଙ୍କୁ ମୁତୟନ କରାଯାଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ଆନ୍ଧ୍ରପ୍ରଦେଶ ଦେଇ ଯାତାୟତ କରୁଥିବା ୧୦୦ରୁ ଅଧିକ ଟ୍ରେନ ଚଳାଚଳକୁ ବାତିଲ କରିଦିଆଯାଇଛି। ସେହିପରି ୫୦ ରୁ ଅଧିକ ବିମାନ ଉଡ଼ାଣ ମଧ୍ୟ ବାତିଲ ହୋଇଛି ।ଅନ୍ୟପକ୍ଷରେ ଗତକାଲି ଠାରୁ ତାମିଲନାଡୁର ବିଭିନ୍ନ ଜିଲ୍ଲା ଏବଂ ଚେନ୍ନଇରେ ଲାଗି ରହିଥିବା ବର୍ଷାକୁ ନେଇ ସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିଛି। ଗତକାଲି ଚେନ୍ନଇର ବିଭିନ୍ନ ଇଲାକାରେ ୬ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ସୋମବାର ସୁଦ୍ଧା ମୃତ୍ୟୁସଂଖ୍ୟା ୧୭ ଛୁଇଁଛି। ଚେନ୍ନଇ ସହର ସମେତ ଚେଙ୍ଗଲପେଟ୍ଟୁ ଏବଂ କାଞ୍ଚିପୁରମ୍ ଜିଲ୍ଲାର ବହୁ ଅଞ୍ଚଳ ଏବେ ଜଳମଗ୍ନ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ତାମିଲନାଡୁ ସମେତ ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା ଏବଂ ପୁଡୁଚେରୀରେ ୨୯ ଏନଡିଆରଏଫ୍ ଟିମ୍ ମୁତୟନ ହୋଇଥିବା କୁହାଯାଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ଚେନ୍ନଇରେ ବର୍ଷା କମିଛି। କିନ୍ତୁ ସହରର ବହୁ ଅଞ୍ଚଳରେ ଜଳ ନିଷ୍କାସନ ହୋଇପାରି ନଥିବାରୁ ସାଧାରଣ ଜନଜୀବନ ବ୍ୟାହତ ହୋଇଛି। ଜଳ ନିଷ୍କାସନ ପାଇଁ ଉଭୟ ରାଜ୍ୟ ଏବଂ କେନ୍ଦ୍ରୀୟ ଟିମ୍ ଉଦ୍ୟମ ଜାରି ରଖିଛନ୍ତି। ଏହି ବାତ୍ୟାର ପ୍ରଭାବ ସର୍ବାଧିକ ଭାବେ ତାମିଲନାଡୁ ଉପରେ ପଡ଼ିଥିଲା ବେଳେ ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା ଏବଂ ପୁଡୁଚେରୀ ବ୍ୟତୀତ କର୍ଣ୍ଣାଟକ ଓ ଓଡ଼ିଶାର କିଛି ଅଞ୍ଚଳରେ ପଡ଼ିଛି। ବାତ୍ୟା ଦୁର୍ବଳ ହେବା ପରେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଛତିଶଗଡ଼ର ବିଭିନ୍ନ ଅଞ୍ଚଳରେ ବର୍ଷା ହେବାର ଆଶଙ୍କା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରିଦିଆଯାଇଛି।

## ରାଷ୍ଟ୍ରୀୟ ରାଜପୁତ କରଣୀ ସେନା ମୁଖ୍ୟଙ୍କୁ ହତ୍ୟା

**ଜୟପୁର,୫।୧୨(ଏଜେନ୍ସି):** ଦକ୍ଷିଣପନ୍ଥୀ ରାଷ୍ଟ୍ରୀୟ ରାଜପୁତ କରଣୀ ସେନା ମୁଖ୍ୟ ସୁଖଦେବ ସିଂହ ଗୋଗାମେଡିଙ୍କୁ ମଙ୍ଗଳବାର ଗୁଳି କରି ହତ୍ୟା କରାଯାଇଛି। ମଙ୍ଗଳବାର ଅପରାହ୍ନରେ ସେ ଜୟପୁରର ଶ୍ୟାମ ନଗରସ୍ଥିତ ତାଙ୍କ ବାସଭବନରେ ବସିଥିଲା ବେଳେ କିଛି ଅଜଣା ଆତତାୟୀ ଘରେ ଭିତରେ ପଶିବା ସହ ଗୁଳିମାରି ହତ୍ୟା କରିଛନ୍ତି। ଏହି ଗୁଳିକାଣ୍ଡ ଘଟଣା ସିସିଟିଭିରେ କଏଦ ହୋଇଥିଲା ବେଳେ ବିଭିନ୍ନ ଗଣମାଧ୍ୟମ ସହ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମିଳିଥିବା ସୂଚନା ଅନୁସାରେ ,ଦୁଇ ଆତତାୟୀ ଏକ ବାଇକ୍‌ରେ ଆସି ସୁଖଦେବଙ୍କ ଘରେ ପହଞ୍ଚିବା ପରେ ସେମାନେ ତାଙ୍କ ସହ କିଛି ସମୟ ପାଇଁ କଥା ହୋଇଥିଲେ। ଏହାପରେ ଦୁଇ ଆତତାୟୀ ଅଚାନକ ଭାବେ ଅତି ନିକଟରୁ ସୁଖଦେବଙ୍କୁ ଗୁଳି କରୁଥିବା ଏହି ଭିଡିଓରେ ଦେଖାଯାଇଛି। ସେମାନଙ୍କୁ ଅଟକାଇବା ପାଇଁ ସୁଖଦେବଙ୍କ ଜଣେ ସହ କର୍ମୀ ଉଦ୍ୟମ କରୁଥିଲା ବେଳେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ମଧ୍ୟ ଗୁଳି କରୁଥିବା ଦେଖାଯାଇଛି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ସୁଖଦେବଙ୍କ ମୃତ୍ୟୁ ଘଟିଛି ବୋଲି ଜୟପୁର ପୁଲିସ କମିସନର ବିଜୁ ଜର୍ଜ ଯୋଶେଫ କହିଛନ୍ତି। ଅନ୍ୟପକ୍ଷରେ ସୁଖେଦେବଙ୍କ ଅଙ୍ଗରକ୍ଷୀଙ୍କ ଗୁଳିମାଡ଼ରେ ଜଣେ ଆତତାୟୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ସାରା ସହରରେ ସର୍ଚ୍ଚ ଅପରେସନ ଜାରି ରହିଛି। ସେପଟେ ସୁଖଦେବଙ୍କୁ ହତ୍ୟା କରାଯିବା ବିରୋଧରେ ତାଙ୍କ ସମର୍ଥକମାନେ ହସ୍ପିଟାଲ ନିକଟରେ ଭିଡ଼ ଜମାଇବା ସହ କେତେକ ସ୍ଥାନରେ ରାସ୍ତା ଅବରୋଧ କରିଛନ୍ତି। ଏହି ଘଟଣାକୁ ନେଇ ଜୟପୁର ସହରରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ କୌଣସି ଅପ୍ରୀତିକର ପରିସ୍ଥିତି ଯେଭଳି ଦେଖା ନଯାଏ ସେଥିନେଇ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ରାଜସ୍ଥାନ ଡିଜିପି ଉମେଶ ମିଶ୍ର କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପଦ୍ମାବତୀ ଚଳଚ୍ଚିତ୍ରର ସୁଟିଂ ସମୟରେ ଏହାର ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭନସାଲୀଙ୍କୁ ସୁଖଦେବ ସୁଟିଂ ସେଟ୍‌ରେ ଚାପୁଡ଼ା ମାରି ଚର୍ଚ୍ଚିତ ହୋଇପଡ଼ିଥିଲେ। ଏହାପରେ ସେ ଲଗାତର ଭାବେ ଏହି ଫିଲ୍ମ ବିରୋଧରେ ପ୍ରଚାର ଅଭିଯାନ ଚଳାଇବା ସହିତ ଏହାର ପ୍ରଦର୍ଶନକୁ ବିରୋଧ କରିଆସିଥିଲେ। ଯାହାକୁ ନେଇ ଏହି ଫିଲ୍ମର ନାମ ପରିବର୍ତ୍ତନ କରିବାକୁ ନିର୍ମାତା ବାଧ୍ୟ ହୋଇଥିଲେ।



■ ପାଲଟା ଗୁଳିରେ ଜଣେ ଆତତାୟୀର ମୃତ୍ୟୁ
■ ଆକ୍ରମଣ ପଛରେ ବିଷ୍ଣୋଇ ଗ୍ୟାଙ୍ଗ୍‌ର ହାତ

### ଘଟଣା ପଛରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍

ସୁଖଦେବଙ୍କ ହତ୍ୟା ପଛରେ ଦୁର୍ଦ୍ଦାନ୍ତ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ହାତ ଥିବା ସ୍ପଷ୍ଟ ହୋଇଛି ।ରାଜପୁତ କରଣୀ ସେନା ସହ ବିଷ୍ଣୋଇ ଗ୍ୟାଙ୍ଗର ଦୀର୍ଘ ଦିନରୁ ତିକ୍ତତା ରହି ଆସିଥିଲା ବେଳେ ଏହି ଗ୍ୟାଙ୍ଗର ଅନ୍ୟତମ ସଦସ୍ୟ ରୋହିତ ଗୋଦାରା ସୁଖଦେବଙ୍କୁ ହତ୍ୟା କରାଇଛି ବୋଲି ଦାବି କରିଛି। ସୁଖଦେବଙ୍କୁ ମୃତ୍ୟୁ ଘୋଷଣା କରାଯିବାର କିଛି ଘଣ୍ଟା ପରେ ଏହି ଘଟଣା ପାଇଁ ନିଜକୁ ଦାୟୀ କରି ରୋହିତ ଫେସ୍‌ବୁକ୍‌ରେ ପୋଷ୍ଟ କରିଛି। ଉଲ୍ଲେଖଯୋଗ୍ୟ ଯେ, ରାଜସ୍ଥାନର କୁଖ୍ୟାତ ଅପରାଧୀ ଭାବେ ରୋହିତ ଏବେ ଭାରତ ଛାଡି ଅନ୍ୟତ୍ର ପଳାୟନ କରିଛି। ତେବେ ଏହି ଘଟଣା ପରେ ଜାତୀୟ ତଦନ୍ତକାରୀ ଏଜେନ୍ସି(ଏନଆଇଏ) ତା' ବିରୋଧରେ ସକ୍ରିୟ ହେବା ସହିତ ରୋହିତକୁ ଗିରଫ କରିବା ଲାଗି ଉଦ୍ୟମ ଆରମ୍ଭ କରିଛି।

## ରେଭନ୍ତ ରେଡ୍ଡି ତେଲଙ୍ଗାନା ନୂଆ ମୁଖ୍ୟମନ୍ତ୍ରୀ

**ହାଇଦରାବାଦ,୫।୧୨(ଏଜେନ୍ସି):** ତେଲଙ୍ଗାନାର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟ କଂଗ୍ରେସ ମୁଖ୍ୟ ଅନୁମୁଲା ରେଭନ୍ତ ରେଡ୍ଡି ଦାୟିତ୍ୱ ନେବେ। ଏଥିନେଇ କଂଗ୍ରେସ ଦଳ ପକ୍ଷରୁ ମଙ୍ଗଳବାର ନିଷ୍ପତ୍ତି ନିଆଯାଇଛି। ନୂଆଦିଲ୍ଲୀ ଠାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ହୋଇଥିଲା ବେଳେ ରେଭନାଥଙ୍କ ନିଯୁକ୍ତିକୁ ନେଇ ଦଳୀୟ କାର୍ଯ୍ୟକାରୀ ସଭାପତି କେ ସି ଭେନୁଗୋପଳ ସୂଚନା ଦେଇଛନ୍ତି। ଆସନ୍ତା ୭ ତାରିଖରେ ରେଭନ୍ତ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ରେଭନାଥ ମାତ୍ର ୬ ବର୍ଷ ତଳେ କଂଗ୍ରେସରେ ଯୋଗ ଦେଇଥିଲା ବେଳେ ଖୁବ କମ୍ ସମୟରେ ସେ ଦଳୀୟ ନେତାଙ୍କ ମଧ୍ୟରେନିଜର ପ୍ରଭାବ ବିସ୍ତାର କରିବାକୁ ସକ୍ଷମ ହୋଇଥିଲେ। ସେ ତେଲଙ୍ଗାନାର କାର୍ଯ୍ୟକାରୀ ରାଜ୍ୟ ସଭାପତି ରହିବା ପରେ ସାଂସଦ ଏବଂ ପରେ ପରେ ପୂର୍ଣ୍ଣକାଳୀନ ସଭାପତି ଭାବେ ଦାୟିତ୍ୱରେ ରହିଥିଲେ। ତାଙ୍କ ନେତୃତ୍ୱରେ ଚଳିତ ନିର୍ବାଚନରେ କଂଗ୍ରେସ ବହୁମତରେ ବିଜୟ ହୋଇଛି।



### ୭ରେ ନେବେ ଶପଥ

## ଏମ୍‌ଏନ୍‌ଏଫ୍ ଅଧ୍ୟକ୍ଷ ପଦରୁ ଜୋରାମଥଙ୍ଗାଙ୍କ ଇସ୍ତଫା

**ଆଇଜଲ୍,୫।୧୨(ଏଜେନ୍ସି):** ମିଜୋରାମ ବିଧାନସଭା ନିର୍ବାଚନରେ ଶାସକ ମିଜୋ ନ୍ୟାସନାଲ ଫ୍ରଣ୍ଟ (ଏମଏନଏଫ୍)ର ଶୋଚନୀୟ ପରାଜୟ ପରେ ଦଳୀୟ ଅଧ୍ୟକ୍ଷ ପଦରୁ ଜୋରାମଥଙ୍ଗା ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ସେ ବିଗତ ୩୩ ବର୍ଷ ଧରି ଦଳର ଅଧ୍ୟକ୍ଷ ରହି ଆସିଥିଲେ। ତେବେ ଦୀର୍ଘ ୩୩ ବର୍ଷ ପରେ ଅଧ୍ୟକ୍ଷ ପଦରୁ ତାଙ୍କର ଇସ୍ତଫା ଦଳୀୟ କର୍ମୀଙ୍କୁ ନିରାଶ କରିଥିବା କୁହାଯାଉଛି। ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପାଇଁ ନିଜକୁ ଦାୟୀ କରି ଜୋରାମଥଙ୍ଗ ଦଳର ବରିଷ୍ଠ ଉପାଧ୍ୟକ୍ଷ ତାୱନଲୁଇଆଙ୍କୁ ତାଙ୍କର ଇସ୍ତଫାପତ୍ର ପଠାଇ ଦେଇଛନ୍ତି ।ତାଙ୍କ ଇସ୍ତଫାପତ୍ର ଗ୍ରହଣ କରି ନେବା ପାଇଁ ସେ ତାୱନଲୁଇଆଙ୍କୁ ଅନୁରୋଧ କରିଛନ୍ତି।

# ରାଜସ୍ଥାନ, ଏମ୍‌ପି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କୁ ନେଇ ସସ୍‌ପେନ୍ସ ଜାରି

## ଛତିଶଗଡ଼ରେ ମଙ୍ଗ ଧରିପାରନ୍ତି ରେଣୁକା ସିଂ

**ନୂଆଦିଲ୍ଲୀ,୫।୧୨(ଏଜେନ୍ସି):**

ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ବିଜେପି ବହୁମତରେ ବିଜୟୀ ହୋଇ ସରକାର ଗଢିବାକୁ ପ୍ରସ୍ତୁତି ନେଇଥିଲେ ହେଁ ଏହି ଦୁଇ ରାଜ୍ୟର ନେତୃତ୍ୱ କାହା ହାତରେ ରହିବ ତାହାକୁ ନେଇ ଅଙ୍କକଷା ଚାଲିଛି। ଏହି ଦୁଇ ପ୍ରମୁଖ ହିନ୍ଦୀ ଭାଷୀ ରାଜ୍ୟରେ ବହୁ ବରିଷ୍ଠ ଏବଂ ଅଭିଜ୍ଞ ନେତା ମୁଖ୍ୟମନ୍ତ୍ରୀ ପଦ ଦୌଡ଼ରେ ରହିଥିଲା ବେଳେ ଦଳୀୟ ହାଇକମାଣ୍ଡ କାହା ମୁଣ୍ଡରେ ସୁନା କଳସ ଢାଳିବେ ତାହାକୁ ନେଇ ସସ୍‌ପେନ୍ସ ଲାଗି ରହିଛି। ରାଜସ୍ଥାନରେ ବସୁନ୍ଧରା ରାଜେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ପ୍ରଥମ ସ୍ଥାନରେ ରହିଥିବା କୁହାଯାଉଥିଲେ ହେଁ ଦଳ ପକ୍ଷରୁ ଏନେଇ କିଛି ବି ସ୍ପଷ୍ଟ କରାଯାଇ ନାହିଁ। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍, ବାବା ବାଲକନାଥ ଏବଂ ରାଜ୍ୟ ଦଳୀୟ ମୁଖ୍ୟ ସିପି ଯୋଶୀଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା ଚାଲିଥିବା କୁହାଯାଉଛି। ବିଶେଷକରି ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏଠାରେ କାହାକୁ ମୁଖ୍ୟମନ୍ତ୍ରୀ କରାଯିବ ସେନେଇ ବିଜେପି ଅତ୍ୟନ୍ତ ସତର୍କତା ସହ ବିଚାର କରୁଛି ବୋଲି କୁହାଯାଉଛି। ସେହିପରି ମଧ୍ୟପ୍ରଦେଶରେ ମଧ୍ୟ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ତାଙ୍କ ପଦବୀ ବଜାୟ ରଖିବେ ବୋଲି କୁହାଯାଉଥିବା ବେଳେ ସେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ନାହାନ୍ତି ବୋଲି ମଙ୍ଗଳବାର ଟିପ୍ପଣୀ ଦେବା ବିଭିନ୍ନ ମହଲରେ ସଂଶୟ ସୃଷ୍ଟି କରିଛି। କିନ୍ତୁ ଏଠାରେ ତାଙ୍କ ବ୍ୟତୀତ ଆଉ କାହାରିକୁ ମୁଖ୍ୟମନ୍ତ୍ରୀ କରାଯିବା ସମ୍ଭବ ନୁହେଁ ବୋଲି ବହୁ ରାଜନୀତିକ ବିଶାରଦ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଛତିଶଗଡ଼ରେ ଜନଜାତି ସଂପ୍ରଦାୟରୁ ଆସିଥିବା ମହିଳା ନେତ୍ରୀ ରେଣୁକା ସିଂଙ୍କୁ ଏଠାରେ ମୁଖ୍ୟମନ୍ତ୍ରୀ କରାଯିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି ବୋଲି ଆଲୋଚନା ହେଉଛି।



### ୫ ପ୍ରମୁଖ ନେତା ଯୋଗ ଦେବାକୁ ଅମଙ୍ଗ

## ୧୭କୁ ଘୁଞ୍ଚିଲା 'ଇଣ୍ଡିଆ' ମେଣ୍ଟ ବୈଠକ

**ନୂଆଦିଲ୍ଲୀ,୫।୧୨(ଏଜେନ୍ସି):** ରାଜସ୍ଥାନ,ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ ଭଳି ୩ ପ୍ରମୁଖ ରାଜ୍ୟରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ଦଳର ଚିନ୍ତା ବଢିଯାଇଛି। ଏହି ନିର୍ବାଚନ ଫଳାଫଳ ୨୦୨୪ ସାଧାରଣ ନିର୍ବାଚନ ପାଇଁ ସେମିଫାଇନାଲ ବୋଲି କୁହାଯାଉଥିଲା ବେଳେ ବିଜେପିକୁ କ୍ଷମତାଚ୍ୟୁତ କରିବା ଲାଗି 'ଇଣ୍ଡିଆ' ମେଣ୍ଟକୁ ପୁଣି ଏକାଠି କରିବାକୁ କଂଗ୍ରେସ ଅଣ୍ଟାଭିଡିଛି। ଏହି ଲକ୍ଷ୍ୟରେ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ବୈଠକ କରିବାକୁ କଂଗ୍ରେସ ଆୟୋଜନ କରିଥିଲେ ହେଁ ଶେଷ ମୁହୂର୍ତ୍ତରେ ଏହା ଫସର ଫାଟିଯାଇଛି। କାରଣ ଏହି ବୈଠକରେ ଯୋଗ ଦେବାକୁ ଟିଏମସି ସୁପ୍ରିମୋ ମମତା ବାନାର୍ଜୀ,ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ଭଳି ପ୍ରମୁଖ ନେତା ମନା କରିଦେଇଥିଲା ବେଳେ କଂଗ୍ରେସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଆସନ୍ତା ୧୭ ତାରିଖରେ ବୈଠକ କରିବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇଛି ବୋଲି କଂଗ୍ରେସ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

VOLUME- 41 ◆ISSUE-161 ◆BHUBANESWAR ◆WEDNESDAY ◆6 DECEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୬୧ ◆ଭୁବନେଶ୍ୱର ◆ବୁଧବାର ◆୬ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦




ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସ ଗେମ୍ସ

**ସୁଚିତ୍ରାଙ୍କୁ ସ୍ୱର୍ଣ୍ଣପଦକ**

▶କ୍ରୀଡ଼ା ପୃଷ୍ଠାରେ...

ଦୁର୍ନୀତି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ 'ଶୂନ୍ୟ ସହନଶୀଳତା'ର ପ୍ରଭାବ

# ଓଡ଼ିଶା ଭିଜିଲାନ୍ସ ଦେଶରେ ଶ୍ରେଷ୍ଠ

■ **ଭୁବନେଶ୍ୱର, ୫।୧୨ (ସମିସ):** ଦୁର୍ନୀତି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ 'ଶୂନ୍ୟ ସହନଶୀଳତା' ଆଭିମୁଖ୍ୟକୁ ମନ୍ତ୍ରକରି ଭିଜିଲାନ୍ସ ଦୁର୍ନୀତିଗ୍ରସ୍ତଙ୍କ ଉପରେ ଗ୍ରହଣ କରିଛି କଠୋର ପଦକ୍ଷେପ। '୫-ଟି' ଉପକ୍ରମ ଆଧାରରେ ଏହା ହୋଇଛି ଅଧିକ ଶାଣିତ ଓ ଫଳପ୍ରଦ। ଯାହା ଓଡ଼ିଶା ଭିଜିଲାନ୍ସକୁ ସାରା ଦେଶରେ ପ୍ରଶଂସିତ କରିଛି। ଆୟ ବହିର୍ଭୁତ ସମ୍ପତ୍ତି ଠାବ ମାମଲାରେ ଓଡ଼ିଶା ଭିଜିଲାନ୍ସ ସାରା ଭାରତରେ ଶ୍ରେଷ୍ଠସ୍ଥାନ ଅଧିକାର କରିଛି। ସଦ୍ୟ ପ୍ରକାଶିତ ଜାତୀୟ ଅପରାଧ ନଥି ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି।

ସୂଚନା ଅନୁସାରେ ୨୦୨୨ରେ ସାରା ଦେଶରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ସଂକ୍ରାନ୍ତରେ ୩୭୨ଟି ମାମଲା ରୁଜୁ ହୋଇଥିବାବେଳେ ଏହା ମଧ୍ୟରୁ କେବଳ ଓଡ଼ିଶାରେ ରୁଜୁ ହୋଇଛି ୮୫ ମାମଲା। ଯାହାକି ଏହି ବର୍ଗରେ ଦେଶରେ ସର୍ବାଧିକ। ୫୬ଟି ମାମଲା ରୁଜୁ ସହ କର୍ଣ୍ଣାଟକ ଏ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ବିହାର ଭିଜିଲାନ୍ସ ୪୮ଟି ମାମଲା ରୁଜୁ କରି ତୃତୀୟ ସ୍ଥାନରେ ରହିଛି।

ଅନ୍ୟପକ୍ଷରେ ସରକାରୀ ପାଣ୍ଠି ଅପବ୍ୟବହାର ସଂକ୍ରାନ୍ତ ମାମଲା ରୁଜୁରେ ଓଡ଼ିଶା ଭିଜିଲାନ୍ସ ଦେଶରେ ତୃତୀୟରେ ରହିଛି। ଓଡ଼ିଶାରେ ୨୦୨୨ରେ ଏ ସଂକ୍ରାନ୍ତ ୮୪ଟି ମାମଲା ରୁଜୁ ହୋଇଛି। ପଞ୍ଜାବ ୧୩୫ଟି ଓ ତାମିଲନାଡୁ ୯୦ଟି ମାମଲା ରୁଜୁ କରି ଯଥାକ୍ରମେ ଦେଶରେ ପ୍ରଥମ ଓ ଦ୍ୱିତୀୟସ୍ଥାନରେ ରହିଛି।

ସେହିପରି ଚାର୍ଜସିଟ୍ ଦାଖଲରେ ମଧ୍ୟ ଓଡ଼ିଶା ଭିଜିଲାନ୍ସ ଦେଶରେ ତୃତୀୟ ସ୍ଥାନରେ ରହିଛି। ମହାରାଷ୍ଟ୍ର ୪୯୭ମାମଲାରେ ଚାର୍ଜସିଟ୍ ହୋଇଥିବା ବେଳେ ରାଜସ୍ଥାନ ଭିଜିଲାନ୍ସ ୪୮୪ଟି ମାମଲାରେ ଚାର୍ଜସିଟ୍ ଦାଖଲ କରିଛି। ଓଡ଼ିଶା ଭିଜିଲାନ୍ସ ୩୨୧ଟି ଓ ଗୁଜରାଟ ୩୦୦ଟି ମାମଲାରେ ଚାର୍ଜସିଟ୍ ଦାଖଲ କରିଛି। ୩୨୧ଟି ମାମଲାରେ ୫୫୧ ଜଣ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦେବାରେ ଦେଶରେ ତୃତୀୟସ୍ଥାନରେ ରହିଛି। ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯିବାରେ ମଧ୍ୟ ଓଡ଼ିଶା ସାରା ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି। ଏହି ବର୍ଷ ରାଜ୍ୟରେ ୯୦ଟି ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ସଫଳତା ମିଳିଛି। ୧୧୦ଟି ମାମଲା ସହ ମଧ୍ୟପ୍ରଦେଶ ପ୍ରଥମ ଓ ୧୦୯ ମାମଲା ସହ ରାଜସ୍ଥାନ ଦ୍ୱିତୀୟ ସ୍ଥାନରେ ରହିଛି।

ଦୁର୍ନୀତିଖୋରଙ୍କୁ ଦଣ୍ଡ ଦେବା କ୍ଷେତ୍ରରେ ଓଡ଼ିଶା ଭିଜିଲାନ୍‌ସ ଦ୍ୱିତୀୟରେ ରହିଛି। ୧୨୪ଜଣ ଦୁର୍ନୀତିଖୋରଙ୍କୁ ଏହି ବର୍ଷ ଦଣ୍ଡିତ କରାଯାଇଛି। ଏ କ୍ଷେତ୍ରରେ ରାଜସ୍ଥାନ ପ୍ରଥମ ସ୍ଥାନରେ ରହିଛି ଏବଂ ଏହି ରାଜ୍ୟରେ ୧୪୪ଜଣଙ୍କୁ ଦଣ୍ଡିତ କରାଯାଇଛି। ଦୁର୍ନୀତିଖୋରଙ୍କୁ ଚାକିରିରୁ ବିଦା କରିବାରେ ଓଡ଼ିଶା ତୃତୀୟରେ ରହିଛି। ପୁନଶ୍ଚ ପ୍ରମୁଖ ମାମଲାରେ ସଜା ଦେବାରେ ଓଡ଼ିଶା ଭିଜିଲାନ୍ସ ଦ୍ୱିତୀୟରେ ରହିଛି। ୮୪ ପ୍ରମୁଖ ମାମଲାରେ ସଜା ଦେଇ ତାମିଲ୍‌ନାଡୁ ପ୍ରଥମରେ ଥିବା ବେଳେ ୪୧ଟି ପ୍ରମୁଖ ମାମଲାରେ ସଜା ଦେବାରେ ଓଡ଼ିଶା ଦ୍ୱିତୀୟରେ ରହିଛି।

### ଦଣ୍ଡ ପ୍ରଦାନରେ ଦ୍ୱିତୀୟ, ଚାର୍ଜସିଟ୍ ଦାଖଲରେ ତୃତୀୟସ୍ଥାନ

- ୨୦୨୨ରେ ୮୫ଟି ଆୟ ବହିର୍ଭୁତ ମାମଲା ରୁଜୁ
- ଭିଜିଲାନ୍ସ ମାମଲାରେ ୧୨୪ଜଣ ଅଭିଯୁକ୍ତଙ୍କୁ ସଜା
- ସରକାରୀ ଚାକିରିରୁ ବିଦା ହୋଇଛନ୍ତି ୩୦ ଦୁର୍ନୀତିଗ୍ରସ୍ତ
- ସରକାରୀ ପାଣ୍ଠିର ଅପବ୍ୟବହାର ନେଇ ୧୩୫ ମାମଲା
- ଢାଞ୍ଚାଗତ ପରିବର୍ତ୍ତନ ଆଣିଛି '୫-ଟି' ଓ 'ମୋ ସରକାର'

ପୁରୁଣା ଗାଡ଼ି ମାଲିକଙ୍କୁ ଆଶ୍ୱସ୍ତି

## ଜରିମାନା କୋହଳ, ଛାଡ଼ହେବ ବକେୟା ଟିକସ

■ **ଭୁବନେଶ୍ୱର, ୫।୧୨ (ସମିସ):** ପୁରୁଣା ଗାଡ଼ି ଉପରେ ବର୍ଷ ବର୍ଷ ଧରି ବକେୟା ପଡ଼ିଥିବା ମୋଟର ଯାନ ଟିକସ ତଥା ଜରିମାନା ଛାଡ଼ କରାଯିବ। ଯେଉଁ ଗାଡ଼ି ମାଲିକ ନିଜର ପୁରୁଣା ଗାଡ଼ିକୁ ସ୍କ୍ରାପ୍ କରିବା ପାଇଁ ଆଗ୍ରହୀ ଥିବେ, ସେମାନଙ୍କ ପାଇଁ ବକେୟା ଟିକସ ଏବଂ ଜରିମାନା ସମ୍ପୂର୍ଣ୍ଣ ଛାଡ଼ କରାଯିବ। ସେହିପରି ଯେଉଁମାନେ ଟିକସ ପ୍ରଦାନ କରି ଗାଡ଼ି ଚଳାଇବା ପାଇଁ ଆଗ୍ରହୀ ଥିବେ, ସେମାନଙ୍କ ପାଇଁ ଜରିମାନା ସମ୍ପୂର୍ଣ୍ଣ ଛାଡ଼ କରାଯିବ। ଆବଶ୍ୟକସ୍ଥଳେ ଗାଡ଼ିର ବୟସ ଅନୁସାରେ ଟିକସ ପରିମାଣ କୋହଳ କରାଯିବ। ଜନସାଧାରଣଙ୍କ ସୁବିଧା ଓ ପରିବେଶ ସୁରକ୍ଷା ଦୃଷ୍ଟିରୁ ରାଜ୍ୟ କ୍ୟାବିନେଟ୍ ଆଜି ଏହି ନିଷ୍ପତ୍ତି ନେଇଛନ୍ତି। ସମ୍ପ୍ରତି ରାଜ୍ୟରେ ୫୦ ହଜାରରୁ ଅଧିକ ଗାଡ଼ି ମାଲିକଙ୍କ ଉପରେ ମୋଟର ଯାନ ଟିକସ ଏବଂ ଜରିମାନା ଅନାଦେୟ ରହିଛି। ▶ପୃଷ୍ଠା-୧୦

ଓଡ଼ିଶାରେ ବାତ୍ୟା ପ୍ରଭାବଶୂନ୍ୟ

## ୨ ଜିଲ୍ଲାରେ ବର୍ଷା

■ **ଭୁବନେଶ୍ୱର, ୫।୧୨(ସମିସ):** ବାତ୍ୟା ମିଚାଉଁ (ବର୍ମୀୟ ଭାଷାରେ ମିଗ୍‌ଜୋମ) ଆନ୍ଧ୍ରରେ ସ୍ଥଳଭାଗ ଛୁଇଁଛି। ସ୍ଥଳଭାଗ ଛୁଇଁବା ପୂର୍ବରୁ ଏହି ବାତ୍ୟା ତାମିଲ୍‌ନାଡୁରେ ପ୍ରବଳ ବର୍ଷା ପବନ ତାଣ୍ଡବ ସୃଷ୍ଟି କରିବା ସହ ଆନ୍ଧ୍ରରେ ମଧ୍ୟ ଅନୁରୂପ ପ୍ରଭାବ ପକାଇଛି। ତେବେ ଓଡ଼ିଶାରେ ବାତ୍ୟାର ବିଶେଷ ପ୍ରଭାବ ଅନୁଭୂତ ହୋଇନାହିଁ। ମଙ୍ଗଳବାର ବାତ୍ୟା ପ୍ରଭାବ ମାଲକାନଗିରି ଓ କୋରାପୁଟରେ କିଛି ପରିମାଣରେ ଅନୁଭୂତ ହୋଇଛି। ଏହି ଦୁଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ବେଳେ ନବରଙ୍ଗପୁର ଜିଲ୍ଲାର ମଧ୍ୟ କିଛି ସ୍ଥାନରେ ବର୍ଷା ହୋଇଛି। ▶ପୃଷ୍ଠା-୧୦

## ଦୁଇ ପୃଥକ୍ ଦୁର୍ଘଟଣାରେ ୩ ମୃତ

**ବଲାଙ୍ଗିର/ପାଟଣାଗଡ଼, ୫।୧୨(ସମିସ):** ବଲାଙ୍ଗିର ଜିଲ୍ଲାରେ ଆଜି ପୃଥକ୍ ପୃଥକ୍ ଦୁଇଟି ଦୁର୍ଘଟଣା ୩ଜଣଙ୍କ ପ୍ରାଣ ନେଇଛି। ପଦ୍ମପୁର-ପାଟଣାଗଡ଼ ରାସ୍ତାର ପାଢ଼େଲ ଗାଁ ନିକଟରେ ପୋଲ ତଳକୁ ବାଇକ୍ ଖସି କାକା-ପୁତୁରାଙ୍କ ମୃତ୍ୟୁ ଘଟିଥିବା ବେଳେ ରାନୀମାଲ ଗାଁ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ପଦ୍ମପୁର ବ୍ଲକ୍ ତେନ୍ତୁଲିଖୁଣ୍ଟି ଗାଁର ରାଧୁ ବାଗ (୫୦) ଓ ତାଙ୍କ ପୁତୁରା ନୀଳାଞ୍ଚଳ ବାଗ (୨୫) ଏବଂ ପର୍ଶୁରାମ ନାଏକ। ଖବର ଲେଖା ହେବା ▶ପୃଷ୍ଠା-୧୦



ASBM UNIVERSITY
Shaping management landscape for tomorrow
APPLICATIONS ARE INVITED FROM FUTURE ACTION LEADERS
MASTER OF BUSINESS ADMINISTRATION
▪ HR I Marketing I Finance I Operations, Logistics & Supply Chain Management I Business Analytics I Agribusiness
MBA - PHARMACEUTICAL MANAGEMENT
▪ Industry linked programme
Selection based on any one score (CAT / XAT / MAT/ ATMA / CUET / ASBMUEE) and GD / PI.
MASTER IN HUMAN RESOURCE MANAGEMENT & LABOUR RELATIONS (MA-HRM & LR)
▪ In collaboration with National HRD Network (NHRDN)
GLOBAL MBA with Metropolitan State University, Minnesota (USA)
▪ First year in ASBMU & Second year in MSU, USA. Degree from MSU, USA
SCAN TO APPLY
ADMISSION OPEN 2024
LAST DATE TO APPLY : 2024 31st January
Global Accreditation by ACBSP, USA | Ranked 'A+++' in Business India B-School Survey | Formerly Asian School of Business Management | Residential Campus | Scholarship for meritorious students
Centres for Group Discussion & Personal Interview
Kolkota, Guwahati, Hyderabad, Bangalore, New Delhi, Ranchi, Mumbai and Bhubaneswar
+91 0674-2744881 1800 3456 5855 | admission@asbm.ac.in www.asbm.ac.in | Shiksha Vihar, Bhola (Chandaka), Bhubaneswar-754012



DSPL-442
ଆମ ଓଡ଼ିଶା ନବୀନ ଓଡ଼ିଶା
ଓଡ଼ିଶା ସରକାର
ନିଯୁକ୍ତି ପର୍ବ
ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ
୪୭୧
ନୂଆ ନିଯୁକ୍ତି
୨୦୨୧ ବ୍ୟାଚ୍
ଓଡ଼ିଶା ସିଭିଲ୍ ସର୍ଭିସ୍‌ର
ନବନିଯୁକ୍ତ ଅଧିକାରୀଙ୍କ
ନିଯୁକ୍ତି ପର୍ବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
୬ ଡିସେମ୍ବର ୨୦୨୩ || ସନ୍ଧ୍ୟା ୫ଟା
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର
OIPR - 09014/13/0016/2324

# ଭିନ୍ନକ୍ଷମଙ୍କ କୃତ୍ରିମ ଅଙ୍ଗ ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷର

**ରାଉରକେଲା, ୫ ।୧୨(ସମିସ):**

ଆରଏସପିର ପ୍ରତ୍ୟକ୍ଷ ପ୍ରଭାବ ଜୋନର ବିଭିନ୍ନ କ୍ଷେତ୍ରରେ ଥିବା ବରିଷ୍ଠ ଭିନ୍ନକ୍ଷମ ନାଗରିକ ଏବଂ ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସହାୟତା ଯୋଗାଇଦେବା ପାଇଁ ଆର୍‌ଏସ୍‌ପି ଏବଂ ଆର୍ଟିଫିସିଆଲ୍ ଲିମ୍ବସ୍ ଉତ୍ପାଦନ ନିଗମ ଇଣ୍ଡିଆ (ଆଲିମକୋ) ଏକ କେନ୍ଦ୍ର ସରକାରୀ ଉଦ୍ୟମ ଆଧାରିତ ସଂସ୍ଥା ମଧ୍ୟରେ ବୁଝାମଣାପତ୍ର ଡିସେମ୍ବର ୨ ତାରିଖରେ ସ୍ୱାକ୍ଷରିତ ହୋଇଛି । ବିଶ୍ରା, ନୂଆଗାଁ, କୁଆଁରମୁଣ୍ଡା ଏବଂ ଲଠିକଟା, ମଡେଲ୍ ଷ୍ଟିଲ୍ ଭିଲେଜ୍ ଏବଂ ଆରଏସପିର ପୁନଃ ବିସ୍ଥାପନ କଲୋନୀ ଏବଂ ରାଉରକେଲାର ଶିଳ୍ପ / ମ୍ୟୁନିସିପାଲିଟି ଅଞ୍ଚଳର ସିଧାସଳଖ ପ୍ରଭାବ ଜୋନ୍‌ରେ ରହୁଥିବା ଲୋକଙ୍କ ପାଇଁ ୯୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ଏବଂ ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ଅଧୀନରେ ଥିବା ବଲାଣି, ବରସୁଆଁ ଏବଂ କୋଇଡ଼ା ଅଞ୍ଚଳ ପାଇଁ ୧୭ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଉଲ୍ଲେଖଯୋଗ୍ୟ, ଆଲିମକୋ ହେଉଛି ଏକ ମିନିରତ୍ନ କମ୍ପାନୀ ଯାହା ଭିନ୍ନକ୍ଷମଙ୍କ ପାଇଁ କୃତ୍ରିମ ଅଙ୍ଗ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ସାହାଯ୍ୟକାରୀ ଉପକରଣ ଉତ୍ପାଦନ କରିଥାଏ ।




ସିଏସ୍‌ଆର ବିଭାଗର ଆଇପିଡି ପ୍ରତିଷ୍ଠାନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆରଏସପି ପକ୍ଷରୁ ଟିଏ ଏବଂ ସିଏସ୍‌ଆର ବିଭାଗର ସିଜିଏମ୍ ପିକେ ସ୍ୱାଇଁ ଏମଓୟୁ ସ୍ୱାକ୍ଷର କରିଥିବା ବେଳେ ଆଲିମକୋ ପକ୍ଷରୁ ପୂର୍ବାଞ୍ଚଳର ୟୁନିଟ୍ ମୁଖ୍ୟ ଏବଂ ବରିଷ୍ଠ ପ୍ରବନ୍ଧକ ଏଭି ଅଶୋକ କୁମାର ସ୍ୱାକ୍ଷର କରିଛନ୍ତି । ସିଏସ୍‌ଆର୍ ବିଭାଗ ଜିଏମ୍ ମୁନମୁନ୍ ମିତ୍ର ଏହି ସମାବେଶକୁ ସ୍ୱାଗତ କରିବା ସହ ପ୍ରକଳ୍ପ ବିଷୟରେ ସୂଚନା ଦେଇଥିବା ବେଳେ ଏଜିଏମ୍ ଟିବି ଟପ୍ପୋ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଆରଏସପିର ଇଡି (ମାଇନ୍ସ) ସମ୍ମିଳନୀ ହଲରେ ଆୟୋଜିତ ହୋଇଥିବା ଅନ୍ୟ ଏକ କାର୍ଯ୍ୟକ୍ରମରେ ବିଆଇଏମ୍ ପକ୍ଷରୁ ପିଆଣ୍ଡଏ ବିଭାଗ ଜିଏମ୍ ଏନସି ପଣ୍ଡା ଏମଓୟୁ ସ୍ୱାକ୍ଷର କରିଥିବା ବେଳେ ଆଲିମକୋ ପକ୍ଷରୁ ବରିଷ୍ଠ ପ୍ରବନ୍ଧକ ଭିକେ କୁମାର ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ଆରପି ଆଣ୍ଡ ଇ ବିଭାଗ ସିଜିଏମ ଏସ୍ ମଲ୍ଲ ଏବଂ ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ଆଲିମକୋର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଏମଓୟୁ ଅନୁଯାୟୀ, ହିତାଧିକାରୀ ତାଲିକା ଓଡ଼ିଶା ସରକାରଙ୍କଠାରୁ ସଂଗ୍ରହ କରାଯିବା ସହ ବିଭିନ୍ନ ବ୍ଲକ କାର୍ଯ୍ୟାଳୟ ଏବଂ ବିତରଣ ଶିବିର ମାଧ୍ୟମରେ ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ପ୍ରକଳ୍ପ ଅଧୀନରେ ଯୋଗ୍ୟ ବିବେଚିତ ଶାରୀରିକ ଭିନ୍ନକ୍ଷମମାନଙ୍କ ପାଇଁ ସହାୟକ ଉପକରଣ ଯଥା ବ୍ୟାଟେରୀ ଚାଳିତ ମୋଟରାଇଜଡ୍ ଟ୍ରାଇସାଇକଲ, ହସ୍ତଚାଳିତ ଟ୍ରାଇସାଇକଲ୍, ହୁଇଲ ଚେୟାର, ଶ୍ରବଣ ଉପକରଣ, ସ୍ମାର୍ଟ/ସୁଗମ୍ୟ କେନ, ନିୟନ୍ତ୍ରିତ କ୍ରଚ୍ ଆକ୍ସିଲା, ବ୍ରେଲି କେନ, ବ୍ରେଲି କିଟ୍ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି । ଅନୁରୂପ ଭାବେ ଯୋଗ୍ୟ ଭିନ୍ନକ୍ଷମ ବରିଷ୍ଠ ନାଗରିକଙ୍କ ପାଇଁ ଚାଲିବା ବାଡ଼ି, ଏଲବୋ କ୍ରଚ୍, ୱାକର୍/କ୍ରଚ୍ ଆକ୍ସିଲା, ଟ୍ରିପୋଡ୍/ଟେଟ୍ରାପୋଡ୍, ଶ୍ରବଣ ଉପକରଣ, ହୁଇଲ ଚେୟାର, ହୁଇଲ ଚେୟାର ସହିତ କମୋଡ୍, ଚେୟାର/ଷ୍ଟୁଲ୍ ସହିତ କମୋଡ୍, ସିଲିକନ୍ ଫୋମ୍ କୁଶନ, ଆଣ୍ଠୁ ବନ୍ଧନୀ, ମେରୁଦଣ୍ଡ ସହାୟକ ଉପକରଣ, ସର୍ଭିକାଲ୍ କଲର, ୱାକର୍/ରୋଲେଟର ସହିତ ବ୍ରେକ୍, ଫୁଟ୍ କେୟାର କିଟ୍ ଇତ୍ୟାଦି ଆବଶ୍ୟକ ଅନୁଯାୟୀ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।

# ପ୍ରଖ୍ୟାତ କବି ସନତ ରାୟଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା, ୫ ।୧୨(ସମିସ):** ସନତ ରାୟ ସ୍ମୃତି କମିଟି ଆନୁକୂଲ୍ୟରେ କଲଚରାଲ ଏକାଡେମୀ ପରିସରରେ ପ୍ରୟାତ ପୁରୁଷ ସନତ ରାୟଙ୍କ ତିରୋଧାନ ଦିବସ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି । ଏହି ଆଲୋଚନା ସଭାରେ ମୁଖ୍ୟଅତିଥି ଭାବେ ଇଂ ଭାରତ ଭୂଷଣ ମହାନ୍ତି ଓ ଆଲୋଚକ ରୂପେ ଅବସରପ୍ରାପ୍ତ ଅଧ୍ୟାପକ ପାରେଶ୍ୱର ବିଶ୍ୱାଳ ଯୋଗଦେଇ ଓଡ଼ିଶାର ସାରସ୍ୱତ ସାଧିକା କବୟିତ୍ରୀ ଡା. ଗୀତାଞ୍ଜଳି ପତ୍ରୀଙ୍କୁ ସନତ ରାୟ ସ୍ମୃତି ସମ୍ମାନରେ ସମ୍ମାନିତ କରିଥିଲେ । ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର କବିଙ୍କ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇ କହିଲେ, ସନତ ରାୟ ସମସାମୟିକ ଓଡ଼ିଆ ସାହିତ୍ୟର ଅନ୍ୟତମ ପ୍ରତିଭାବାନ କବି । ତାଙ୍କ ପ୍ରଭାବଶାଳୀ ସୃଜନଶୀଳତା ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦାବିକରେ । ଆତ୍ମପ୍ରଚାର ପ୍ରତି ସର୍ବଦା ଉଦାସୀନ ରହି ସେ ୭୦ ଦଶକରୁ ନିରବଚ୍ଛିନ୍ନ ଭାବରେ ସାହିତ୍ୟ ସାଧନାରେ ମଗ୍ନ ଥିଲେ ବୋଲି କହିଥିଲେ ।




ମୁଖ୍ୟଅତିଥି ମହାନ୍ତି କହିଲେ, କବି ସନତ ରାୟ ପ୍ରଚଳିତ ସମାଜ ବ୍ୟବସ୍ଥା ସମ୍ପର୍କରେ ନିର୍ଭୀକ ସମାଲୋଚନାତ୍ମକ ଦୃଷ୍ଟିଭଙ୍ଗୀ ତାଙ୍କ କବିତାଗୁଡ଼ିକରେ ଅତ୍ୟନ୍ତ ସରଳ ଓ ସୁବୋଧ ଭାଷାରେ ଉତ୍କୀର୍ଣ୍ଣ ବୋଲି ଅଭିହିତ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମୁଖ୍ୟ ଆଲୋଚକ ବିଶ୍ୱାଳ କହିଲେ, ମାଟି ଓ ମଣିଷର କଥା କହୁଥିବା ତାଙ୍କ କବିତାର ଚିତ୍ର ଓ ଚରିତ୍ରଗୁଡ଼ିକ ଯେପରି ଜୀବନ୍ତ ସେପରି ପ୍ରଗତିଶୀଳ ଚେତନାରେ ଉଦ୍ଭାଷିତ । ନଦୀର ସ୍ରୋତକୁ ନିୟନ୍ତ୍ରଣ କରୁଥିବା ବନ୍ଧ ପରି ତାଙ୍କ କବିତାର ଗତିଧାରାକୁ ଉଭୟ ଇତିହାସ ଓ ସମାଜ ଯେପରି ଆଚ୍ଛନ୍ନ କରି ପାଠକ ପ୍ରାଣରେ ଉଦବେଳନ ସୃଷ୍ଟି କରିଥାଏ ତାହା ସାମ୍ପ୍ରତିକ ଓଡ଼ିଆ କବିତାରେ କ୍ୱଚିତ ଦେଖାଯାଏ ।

ସଭାପତି ଡ. ପ୍ରଭାତ କୁମାର ମଲ୍ଲିକ ସମସ୍ତ ଆଲୋଚନାର ନିର୍ଯ୍ୟାସକୁ ଉପସ୍ଥାପନ କରି କହିଲେ, ତାଙ୍କ ପ୍ରକାଶିତ କବିତା ସଙ୍କଳନ 'ଜଟାୟୁର ଡେଣା', 'ଆର କୂଳ', 'ଅଭିମନ୍ୟୁ' ଓ 'ମାଣିକରୁ ମାରିୟମ୍'ରେ ଜୀବନବାଦୀ ପ୍ରଗତିଶୀଳ କାବ୍ୟ ମାନସ ପରିଚୟ ଅତ୍ୟନ୍ତ ସ୍ପଷ୍ଟ ହୋଇ ଫୁଟିଉଠେ । ସମ୍ମାନିତ ଡା. ଗୀତାଞ୍ଜଳି ପତ୍ରୀ ସମ୍ବର୍ଦ୍ଧିତ ପ୍ରତ୍ୟୁତ୍ତରରେ କବି ସନତ ରାୟ ଓଡ଼ିଆ ସାହିତ୍ୟର ନବ ସରଣୀର ଉନ୍ମୋଚକ ବୋଲି ଅଭିହିତ କରି ଏକ ନବଚେତନାଶୀଳ ଲେଖକ ବୋଲି କହିଥିଲେ । ଏହି ସ୍ମୃତି ସଭାରେ କବି ସନତ ରାୟଙ୍କ କବିତା ପାଠ କରିଥିଲେ କବି ମୀନକେତନ ପଶାୟତ, ଗଙ୍ଗାଧର ପୁହାଣ ଓ ତ୍ରିନାଥ ସିଂହ । ମାନପତ୍ର ପାଠ କରିଥିଲେ ଗୀତାରାଣୀ ବେହେରା । ବେତାର କେନ୍ଦ୍ର ଉଦଘୋଷକ କବି ଅଶୋକ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଭୂପେନ ମହାପାତ୍ର, ଡା. ଗୋଷ୍ଠଚନ୍ଦ୍ର ପତ୍ରି, ସ୍ୱର୍ଣ୍ଣଲତା ରାୟ, ଗଗନ ବିହାରୀ ଧଳ, ଡ. ସୁମନ ଦତ୍ତ, ବାସୁଦେବ ସାହୁ, ସୁନୀଲ ମହାନ୍ତି, ସ୍ୱରୂପ ମହାପାତ୍ର, ନୃସିଂହ ରାଉତ, ଅକ୍ଷୟ ସାମଲ, ବିଚିତ୍ରାନନ୍ଦ ସାହୁ, ପ୍ରତାପ କୁମାର ପଣ୍ଡା, କନକଲତା ମିଶ୍ର, କୁଞ୍ଜବିହାରୀ ରାଉତ, ବିଭୁ ନାୟକ, ସଞ୍ଜୀବ କୁମାର ଭୋଇ, ସଞ୍ଜୟ କୁମାର ମହାପାତ୍ର, ନରେନ୍ଦ୍ର ଗୋପ, କେଦାରନାଥ ପ୍ରଧାନ, ସୁକାନ୍ତ ଖୁଣ୍ଟିଆ, ପ୍ରବୋଧ କୁମାର ନାୟକ, ଡ. କିଶୋରୀ ଦାଶ, ପ୍ରବୀର କୁମାର ଦୁବେ, ଅର୍ଚ୍ଚନା ପାତ୍ର, ସୁପ୍ତି କର, ଡଲିରାଣୀ ବ୍ରହ୍ମା, ଚିତ୍ତରଞ୍ଜନ ବ୍ରହ୍ମା, ସୁମନ୍ତ କୁମାର ଉପାଧ୍ୟାୟ, ପୀତବାସ ପ୍ରଧାନ, ଗୋକୁଳାନନ୍ଦ ଦାସ, ଅକ୍ଷୟ କୁମାର ପଣ୍ଡା, ପ୍ରଶାନ୍ତ କୁମାର ଜେନା, ପ୍ରସନ୍ନ କୁମାର ସାମଲ, ବିଶ୍ୱରଞ୍ଜନ ସାମଲ, ରଶ୍ମିତ ସାହାଣୀ, ସୁକାନ୍ତି ତ୍ରିପାଠୀ, ଦେବସ୍ମିତା ମହାନ୍ତି, ମନୋରମା ସାହୁ, ପଞ୍ଚାନନ ସୁନା, ଶ୍ରୀଧର ସୁନା ଯୋଗଦେଇଥିଲେ । ସ୍ୱର୍ଣ୍ଣଲତା ରାୟ ଧନ୍ୟବାଦ ଦେଇଥିଲେ ।

# ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ

**ବିଶ୍ରା, ୫ ।୧୨(ସମିସ):** ବିଶ୍ରା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି । ବିଶ୍ରା ବ୍ଲକ ଅଧ୍ୟକ୍ଷା ଫୁଲମଣି କେର୍କେଟା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ବିଇଓ ବେଣୁଧର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ବିଶ୍ରା ଏବିଡିଓ ବାସନ୍ତୀ ମାଝୀ, ବ୍ଲକ ମଙ୍ଗଳ ଅଧିକାରୀ ଆରତୀ ସ୍ୱାଇଁ ଏବଂ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଧାନଶିକ୍ଷୟିତ୍ରୀ ମମତା ବେହେରା ଅତିଥି ପରିଚୟ ଦେଇଥିଲେ । ଶିକ୍ଷକ ବିଦ୍ୟାଧର ସେଠୀ ମଞ୍ଚ ପରିଚାଳନା କରିଥିଲେ । ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୬ଟି ବିଷୟବସ୍ତୁ ଉପରେ ଆଧାରିତ ମୋଟ ୨୩୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଉଦଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବୀରମିତ୍ରପୁର ବିଧାୟକ



ଶଙ୍କର ଓରାମ ଯୋଗଦେଇଥିଲେ । ବିଇଓ ବେଣୁଧର ସ୍ୱାଇଁ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବେ ଏସଆର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷୀରୋଦ କୁମାର ବରାଳ, ସମ୍ମାନିତ ଅତିଥି ଭାବେ ପ୍ରସନ୍ନ କୁମାର ପଲେଇ, ପ୍ରଧାନଶିକ୍ଷକ ରଶ୍ମିତ ସାହାଣୀ, ବିଧାୟକ ପ୍ରତିନିଧି ନିରଞ୍ଜନ ମାହାତ, ଏବିଇଓ କୃପାସିନ୍ଧୁ ପତି, ସତ୍ୟଭାମା ବେହେରା, ଆରତୀ ପ୍ରଧାନ ଯୋଗଦେଇଥିଲେ । ସାଙ୍ଗଠନିକ ସମ୍ପାଦକ ତଥା ପ୍ରଧାନଶିକ୍ଷୟିତ୍ରୀ ମମତା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅତିଥିମାନେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଆଧାରିତ ଗବେଷଣା ପୂର୍ବକ ଜ୍ଞାନ ଆହରଣ ପାଇଁ ପ୍ରେରଣା ପ୍ରଦାନ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ବିଇଓ ସୂଚନା ଦେଇଛନ୍ତି । ଶିକ୍ଷକ ବିଦ୍ୟାଧର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ଲକର ଶିକ୍ଷକ, ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ ।

# କଲେଜ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ



**ରାଉରକେଲା, ୫ ।୧୨(ସମିସ):** ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଙ୍ଗୋଲି ଏବଂ ପ୍ରାଚୀରପତ୍ର ପ୍ରତିଯୋଗିତା କରାଯାଇଥିଲା । ରଙ୍ଗୋଲି ପ୍ରତିଯୋଗିତାରେ ବିଜୟେନ୍ଦ୍ରୀ ମହାନ୍ତି ପ୍ରଥମ, ସୁଦୀପ୍ତା ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ଶୁଭଶ୍ରୀ ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସୌରଭ କୁମାର ପଣ୍ଡାଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା । ପ୍ରାଚୀରପତ୍ର ପ୍ରତିଯୋଗିତାରେ ପ୍ରତୀକ୍ଷା ଶତପଥୀ ପ୍ରଥମ, ଜୟସ୍ମିତା ରାଉତ ଦ୍ୱିତୀୟ ଏବଂ ଶୁଭଶ୍ରୀ ରାଉତ ତୃତୀୟ ସ୍ଥାନ ହାସଲ କରିଥିଲେ । ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ଏହି ଅବସରରେ ଆୟୋଜିତ ସଭାରେ ସ୍ୱତନ୍ତ୍ର ବକ୍ତାଭାବେ ଆର୍‌ଏସପି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡା. ସଞ୍ଜୟ ସୋରେଙ୍ଗ ଯୋଗଦେଇ ଜନସାଧାରଣ ନିଜକୁ ଓ ଅନ୍ୟମାନଙ୍କୁ ଏଚ୍‌ଆଇଭି ସଂକ୍ରମଣ, ନିରାକରଣ, ପରୀକ୍ଷଣ, ଚିକିତ୍ସା ଓ ସଂକ୍ରମିତ ଲୋକେ ସମ୍ମୁଖୀନ ହେଉଥିବା ସାମାଜିକ ଭେଦଭାବ ବାବଦରେ ସଚେତନ କରିବା ପାଇଁ ଏହି ଦିବସ ପାଳନ ଏକ ସୁଯୋଗ ବୋଲି କହିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସାମାଜିକ ପ୍ରତିବନ୍ଧକକୁ ଭାଙ୍ଗିବା ଲାଗି ବିଭିନ୍ନ ଅଭିଯାନ, କାର୍ଯ୍ୟକ୍ରମ ଓ ଗୋଷ୍ଠୀଗତ କାର୍ଯ୍ୟକଳାପ ମାଧ୍ୟମରେ ଆଲୋଚନା ଓ ବୁଝାମଣାକୁ ପ୍ରୋତ୍ସାହିତ କରିବାରେ ଏହି ଦିବସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ଶନିରାମ କେର୍କେଟା କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଯୁବ ରେଡକ୍ରସ୍ ଶାଖା ସଂଯୋଜିକା ଡ. ସ୍ମୃତିସ୍ନିଗ୍ଧା ମିଶ୍ର ଏବଂ ଜାତୀୟ ସେବା ଯୋଜନା ସଂଯୋଜକ ସମିର ସୌରଭ ପୃଷ୍ଟି ପ୍ରମୁଖ ଯୋଗଦେଇ ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ ବିଭାଗୀୟ ଅଧ୍ୟାପିକା ବର୍ଷା ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗୀୟ ଅଧ୍ୟାପକ ଡ. ସୁବଳ ତାଣ୍ଡି, ଅଧ୍ୟାପିକା ସବିତା ରାଉତରାୟ, ଶ୍ରାବଣୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ସମନ୍ୱିତ ଯୁବ ବିକାଶ ଯୋଜନାର ସମାଜସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ପଞ୍ଚମ ଦିନରେ ବିଶ୍ୱ ଏଡ୍‌ସ ଦିବସ ପାଳନ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ସହ ରକ୍ତ ବର୍ଗୀକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସମାଜସେବା କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ରାମେଶ୍ୱରୀ ଭୋଇ ଓ ମମତା ବାକ୍ସଲାଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ଏଡ୍‌ସ ସମ୍ପର୍କିତ ସଚେତନତା ବାର୍ତ୍ତା ନେଇ ଶୋଭାଯାତ୍ରାରେ ଭାଗ ନେଇଥିଲେ । ରକ୍ତ ବର୍ଗୀକରଣ କାର୍ଯ୍ୟକ୍ରମରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଶତାଧିକ ସଂଖ୍ୟାରେ ଭାଗ ନେଇଥିଲେ ।



# ରାସାୟନିକ ବିପର୍ଯ୍ୟୟ ନିରାକରଣ ଦିବସ ପାଳିତ

**ରାଉରକେଲା, ୫ ।୧୨(ସମିସ):** ଜାତୀୟ ରାସାୟନିକ ବିପର୍ଯ୍ୟୟ ନିରାକରଣ ଦିବସ ପାଳନ ଅବସରରେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର କୋଇଲା ରାସାୟନିକ ବିଭାଗ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି ଅବସରରେ ସିସିଡି କଣ୍ଟ୍ରୋଲ୍ ରୁମ୍ ନିକଟରେ ଏକ ପ୍ରତିଶ୍ରୁତି ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା । ସିସିଡି ଛକଠାରୁ ଗ୍ୟାସ୍ ହୋଲ୍ଡର୍ ଛକ ପର୍ଯ୍ୟନ୍ତ ଏକ ରୋଡ୍ ସୋ' ମଧ୍ୟ ଆୟୋଜନ କରାଯାଇଥିଲା ଯେଉଁଠାରେ ଠିକା ଶ୍ରମିକ ସମେତ ବହୁ କର୍ମଚାରୀ ସଡ଼କ ସୁରକ୍ଷା, ରାସାୟନିକ ସୁରକ୍ଷା ଏବଂ ଗ୍ୟାସ ସୁରକ୍ଷା ପାଇଁ ବ୍ୟକ୍ତିଗତ ପ୍ରତିରକ୍ଷା ଉପକରଣ ସୂଚନା ପ୍ରସାରଣ କରୁଥିବା ବ୍ୟାନର, ପ୍ଲାକାର୍ଡ ଏବଂ ପୋଷ୍ଟର ପ୍ରଦର୍ଶନ କରି ଅଂଶଗ୍ରହଣ କରିଥିଲେ । ଠିକା ଶ୍ରମିକଙ୍କ ପାଇଁ ଅନଲାଇନ୍ ଏବଂ ଅଫ୍‌ଲାଇନ୍ କୁଇଜ୍, ସର୍ବୋତ୍ତମ ସୁରକ୍ଷା ଠିକା ଶ୍ରମିକ କର୍ମଚାରୀ, ସର୍ବୋତ୍ତମ ସୁରକ୍ଷା ଅଧିକାରୀ (ଠିକା), ସର୍ବୋତ୍ତମ ସୁପରଭାଇଜର (ଠିକା) ଏବଂ ସର୍ବୋତ୍ତମ ସୁରକ୍ଷା ଚେତନା କର୍ମଚାରୀ ପରି ଅନେକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଡିସେମ୍ବର ୧ ତାରିଖରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଜିଏମ ଇନ୍‌ଚାର୍ଜ ଆଶା କାର୍ଥା, ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଜିଏମ୍ ଅବକାଶ ବେହେରା, ସିସିଡି ବିଭାଗ ଜିଏମ୍, ବାଲୁକେଶ୍ୱର ନାୟକ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ଡିସେମ୍ବର ୨ ତାରିଖ କୋଇଲା ଏବଂ ରାସାୟନିକ ବିଭାଗର ନୂତନ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟରେ ବିପଜ୍ଜନକ କେମିକାଲ ଲିକେଜ (ସଲଫ୍ୟୁରିକ୍ ଏସିଡ୍) ଭଳି ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତିକୁ ସୁଦୃଢ଼ କରିବା ଏବଂ କାର୍ଯ୍ୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାର କାର୍ଯ୍ୟକାରିତାକୁ ଆକଳନ କରିବା ଉଦ୍ଦେଶ୍ୟରେ ଏକ ମକ୍‌ଡ୍ରିଲ୍ ଆୟୋଜିତ ହୋଇଥିଲା । ବୈଧାନିକ ଆବଶ୍ୟକତା ଅନୁଯାୟୀ ଏହି ଡ୍ରିଲ୍ କାରଖାନାରେ ଯେକୌଣସି ସମ୍ଭାବ୍ୟ ଘଟଣାର ମୁକାବିଲା ନିମନ୍ତେ ଆରଏସପିର ଅନସାଇଟ ଡିଜାଷ୍ଟର ମ୍ୟାନେଜମେଣ୍ଟ ସିଷ୍ଟମର କାର୍ଯ୍ୟଦକ୍ଷତା ତଥା ସମ୍ପୃକ୍ତ ବିଭାଗୀୟ କର୍ମଚାରୀଙ୍କ ପ୍ରସ୍ତୁତିର ଆକଳନ ନିମନ୍ତେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ମକ୍‌ଡ୍ରିଲରେ କାର୍ମିକମାନେ କମ୍ବାଟ ଦଳ, ରେସକ୍ୟୁ ଦଳ ଓ ଆନୁଷଙ୍ଗିକ ଦଳ ରୂପେ ଅଂଶଗ୍ରହଣ କରିଥିଲେ । ସମସ୍ତ ଦଳ ସମନ୍ୱୟ ରକ୍ଷା ପୂର୍ବକ ନିପୁଣ ରୂପେ କାର୍ଯ୍ୟ କରିଥିଲେ ଏବଂ ସମ୍ପୂର୍ଣ୍ଣ ଡ୍ରିଲକୁ ୧୮ ମିନିଟରେ ସମ୍ପନ୍ନ କରିଥିଲେ । ସିସିଡି ବିଭାଗ ଜିଏମ୍ ବି ନାୟକ ସାଇଟ କଣ୍ଟ୍ରୋଲର ଦାୟିତ୍ୱ ନିର୍ବାହ କରିଥିଲେ । ମକଡ୍ରିଲରେ ସିଓ, ସିସିଡି, ପରିବେଶ ଏବଂ ଉପଯୋଗିତା ବିଭାଗ ସିଜିଏମ ଆଇ ରାଜନ ଏବଂ ସୁରକ୍ଷା, ପର୍ସନାଲ ଏବଂ ସିସିଡି ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ବିଭାଗର ଡିଜିଏମ୍ ସଞ୍ଜୀବ ବେହେରା ସମ୍ପୂର୍ଣ୍ଣ ଅଞ୍ଚଳକୁ କର୍ଡନ କରି ଏହି ମକ୍‌ଡ୍ରିଲ୍‌ର ସଫଳ ସମ୍ପାଦନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ଏହି କାର୍ଯ୍ୟକ୍ରମ ପରେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ମକ୍‌ଡ୍ରିଲ୍‌ର ସମୀକ୍ଷା କରାଯାଇଥିଲା ଏବଂ ସମ୍ପୂର୍ଣ୍ଣ ଅଧିବେଶନର ପ୍ରଶଂସା କରଯାଇଥିଲା । ଏଥିସହିତ ସାମର୍ଥ୍ୟ ଓ ଉନ୍ନତିସାଧ ବିଷୟବସ୍ତୁ ସମ୍ବନ୍ଧରେ ଆଲୋଚନା ହୋଇଥିଲା । ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଜିଏମ ଇନଚାର୍ଜ ଆଶା କାର୍ଥା ଏବଂ ସିସିଡି ବିଭାଗ ଜିଏମ୍ ବାଲୁକେଶ୍ୱର ନାୟକଙ୍କ ମାର୍ଗଦର୍ଶନରେ ସିସିଡି ବିଭାଗର ଡିଏସଓ ଏମକେ ପାଣିଗ୍ରାହୀ ଓ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ସହାୟକ ପ୍ରବନ୍ଧକ ଆରଏନ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୋଇଲା ଏବଂ ରାସାୟନିକ ବିଭାଗ ଓ ସମସ୍ତ ସହଯୋଗୀ ବିଭାଗଗୁଡ଼ିକ ଏହି ଅଧିବେଶନରେ ଉତ୍ସାହର ସହ ଭାଗ ନେଇଥିଲେ । ସିସିଡି ବିଭାଗର ଡିଏସଓ ଏମକେ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।









## ପ୍ରଥମ ଇସ୍ପାତ ନାଟକ ମହୋତ୍ସବର ପଞ୍ଚମ ସନ୍ଧ୍ୟା

# ନାଟକ 'ୟୁ ଆର୍ ଅଣ୍ଡର ଆରେଷ୍ଟ' ମଞ୍ଚସ୍ଥ

**ରାଉରକେଲା, ୫ ।୧୨(ସମିସ):**

ଏକତ୍ର ରାଉରକେଲା ଦ୍ୱାରା ସ୍ଥାନୀୟ ସିଭିକ ସେଣ୍ଟରଠାରେ ଆୟୋଜିତ ପ୍ରଥମ ଇସ୍ପାତ ନାଟ୍ୟ ମହୋତ୍ସବ-୨୦୨୩ ପଞ୍ଚମ ସନ୍ଧ୍ୟାରେ ନାଟ୍ୟାନୁଷ୍ଠାନ କଳିଙ୍ଗ କଳା ପରିଷଦ ପକ୍ଷରୁ ମଙ୍ଗଳବାର ମଞ୍ଚସ୍ଥ ହୋଇଛି ନାଟକ 'ୟୁଆର୍ ଅଣ୍ଡର ଆରେଷ୍ଟ' । ପ୍ରଭାକର ପାତ୍ର ନାଟକର ରଚନା କରିଥିବା ବେଳେ ମଞ୍ଚ ସଜ୍ଜା ଏବଂ ନିର୍ଦ୍ଦେଶନା ଦେଇଥିଲେ ଉମାକାନ୍ତ ବିଶୋଇ । ଏହି ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ଅବସରରେ ଶତପଥୀ କହିଲେ, ସାମାଜ ପ୍ରତି କେବଳ ଅଙ୍ଗୀକାରବଦ୍ଧତା ରହିଲେ ନାଟକର ପ୍ରକୃତ ଲକ୍ଷ୍ୟ ହାସଲ ହୋଇପାରିବ । ଅବାଟରେ ଯାଉଥିବା ସମାଜକୁ ସଠିକ୍ ମାର୍ଗଦର୍ଶନ କରିବାରେ ନାଟକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଡା. ପ୍ରଫୁଲ୍ଲ ମହାପାତ୍ର ଯୋଗଦେଇ କହିଲେ, ନାଟକ ହେଉଛି ସମାଜର ଦର୍ପଣ ସଦୃଶ, ଯେଉଁଥିରେ ସମାଜର ସବୁ ଦୋଷ ଦୁର୍ବଳତା ପ୍ରତିବିମ୍ବିତ ହୋଇଥାଏ । ସମାଜ ସଂସ୍କାର କ୍ଷେତ୍ରରେ ନାଟକ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବୋଲି ସେ କହିଥିଲେ । ସରୋଜ ଶଙ୍ଖୁଆ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସଦସ୍ୟ ମୁରଲୀଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ରାଜୀବ ପାଣି, ସୁଦେଶ ନାୟକ, ଆଲୋକ ବୋଷ, ମହେନ୍ଦ୍ର ପଟ୍ଟନାୟକ, ଡା. କୃପାସିନ୍ଧୁ ନାୟକ, ପ୍ରଜ୍ଞାନନ୍ଦ ମହାନ୍ତି, କନକଲତା ଦାସ, ଆନନ୍ଦ ଚନ୍ଦ୍ର ମହାନ୍ତି, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ଶରତ ଦାସ, ରମେଶ ମହାନ୍ତି, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଝିଲିମା ମହାପାତ୍ର ମଞ୍ଚ ସଂଯୋଜନା କରିଥିଲେ । କଲ୍ୟାଣୀ ଦାସ ଓ କ୍ଷୀରୋଦା ବାରିକ ସହଯୋଗ କରିଥିଲେ ।

ପରେ ମଞ୍ଚସ୍ଥ ହୋଇଥିଲା ନାଟକ 'ୟୁ ଆର୍ ଅଣ୍ଡର ଆରେଷ୍ଟ' । ରକ୍ଷକ ଯେଉଁଠି ଭକ୍ଷକ ହୁଏ ସେଇଠି ସାଧାରଣ ମଣିଷଟିଏ କ'ଣ କରିବ? ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ପାଖରେ ଅର୍ଥ ହିଁ ସବୁକିଛି । ସାଧାରଣ ଜନତାଙ୍କୁ ନ୍ୟାୟ ଦେବା ବଦଳରେ ଅର୍ଥ ପିପାସୁ ଅଫିସର ନିଜର ଦାୟିତ୍ୱ କର୍ତ୍ତବ୍ୟ ସବୁକିଛି ଭୁଲିଯାଇଛନ୍ତି । ସେମାନେ କ'ଣ ସତରେ ନିଜ ଭୁଲ ବୁଝିପାରିବେ? କିଏ ସେମାନଙ୍କୁ ଶାସ୍ତି ଦେବ? ଚନ୍ଦ୍ରମଣି, ସୁଚରିତା, ଧୂମକେତୁ ବାବା ନା ନିର୍ମଳ.... ଏମିତି ଅନେକ ପ୍ରଶ୍ନର ଉତ୍ତରର ନାଟକ 'ୟୁ ଆର୍ ଅଣ୍ଡର ଆରେଷ୍ଟ' । ଏହାକୁ ନେଇ ଗତିଶୀଳ ହୋଇଥିଲା ନାଟକର କାହାଣୀ । ଏହି ନାଟକରେ ମନୋଜ ଓ ଅମିତ ସଙ୍ଗୀତ ଦେଇଥିବା ବେଳେ କ୍ଷଣପ୍ରଭା ଷଡ଼ଙ୍ଗୀ କଣ୍ଠଦାନ କରିଥିଲେ । ମଞ୍ଚ ପରିଚାଳନାରେ ହରୀଶ ମହାନ୍ତି, ବିଭୁ ନାୟକ, କ୍ରିଷ୍ଣା ନାୟକ ଓ ଅଭିନୟରେ ଉମାକାନ୍ତ ବିଶୋଇ, ଜୟନ୍ତ ମହାପାତ୍ର, ଅଭିରାମ ପ୍ରଧାନ, ନରେନ ଦାସ, ସୁରେନ୍ଦ୍ର ପତ୍ରି, ଦ୍ୱିବେନ୍ଦୁ କୁଣ୍ଡୁ, ଶ୍ୱେତାଂଶୁ ଷଡ଼ଙ୍ଗୀ, ସୌମ୍ୟ ଜେନା, ପ୍ରମିଳା ଜେନା, ସୁପ୍ରଭା ସାହୁ ପ୍ରମୁଖଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା ।



# କୃଷି ଋଣ ପ୍ରଦାନ ପ୍ରସଙ୍ଗରେ କେନ୍ଦ୍ରକୁ ଘେରିଲେ ସାଂସଦ ମାନସ

**ଭୁବନେଶ୍ୱର,୫ ।୧୨(ସମିସ):** ଅର୍ଥନୀତି ଉପରେ ପରିବେଶ ପ୍ରଦୂଷଣର ପ୍ରଭାବ ଓ ଗ୍ରାମାଞ୍ଚଳରେ ବ୍ୟାଙ୍କଗୁଡ଼ିକର କୃଷି ଋଣ ପ୍ରଦାନ ସମ୍ପର୍କରେ ରାଜ୍ୟସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ସାଂସଦ ମାନସ ମଙ୍ଗରାଜ। ଏ କ୍ଷେତ୍ରରେ କେନ୍ଦ୍ର ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଉଲ୍ଲେଖ କରି ଅର୍ଥନୈତିକ ସର୍ଭେ ରିପୋର୍ଟରେ ପରିବେଶ ପ୍ରଦୂଷଣର ପ୍ରଭାବ କ'ଣ ରହିଛି ବୋଲି ପ୍ରଶ୍ନ କରିଛନ୍ତି।





ପରିବେଶ ପ୍ରଦୂଷଣର ପ୍ରଭାବ ଅତ୍ୟନ୍ତ ସାଂଘାତିକ ହେବାକୁ ଯାଉଛି। ଏ ସଂକ୍ରାନ୍ତରେ ୨୦୨୩ ଅର୍ଥନୈତିକ ସର୍ଭେରେ କଣ ଉଲ୍ଲେଖ କରାଯାଇଛି। ଗ୍ରୀନ୍ ଜିଡିପି ଓ ବ୍ଲୁ ଜିଡ଼ିପି ପ୍ରସ୍ତୁତ କ୍ଷେତ୍ରରେ କେନ୍ଦ୍ର ସରକାର କ'ଣ ପଦକ୍ଷେପ ନେଉଛନ୍ତି ବୋଲି ମାନସ ରାଜ୍ୟସଭାରେ ପ୍ରଶ୍ନ କରିଛନ୍ତି। ଶ୍ରୀ ମଙ୍ଗରାଜଙ୍କ ସହ ବିଜେଡିର ଅନ୍ୟ ଦୁଇ ସାଂସଦ ସୁଜିତ୍ କୁମାର ଓ ମୁନ୍ନା ଖାଁ ମଧ୍ୟ ଏହି ପ୍ରସଙ୍ଗରେ ରାଜ୍ୟସଭାରେ ପ୍ରଶ୍ନ ଉଠାଇଛନ୍ତି। ଏହାର ଉତ୍ତରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଯେ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରତିବର୍ଷ ଭାରତୀୟ ଅର୍ଥନୀତିର ବିଭିନ୍ନ ଦିଗକୁ ନେଇ ରିପୋର୍ଟ ଉପସ୍ଥାପନ ହୋଇଥାଏ। ଅର୍ଥନୈତିକ ଅଭିବୃଦ୍ଧି ସହ ବିଭିନ୍ନ କ୍ଷେତ୍ର ବିଶେଷ କରି କୃଷି, ଶିଳ୍ପ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ନେଇ ମଧ୍ୟ ରିପୋର୍ଟ ଦେଇଥାଏ। ଜଳବାୟୁ ପରିବର୍ତ୍ତନ ଦ୍ୱାରା ପଡୁଥିବା ପ୍ରଭାବର ମଧ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ ସମୀକ୍ଷା କରିଥାଏ। କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ

■ ଋଣ ହାର ବୃଦ୍ଧି ନେଇ କେନ୍ଦ୍ରର ପଦକ୍ଷେପକୁ ନେଇ ପ୍ରଶ୍ନ
■ ଅର୍ଥନୀତି ଉପରେ ପ୍ରଦୂଷଣର ପ୍ରଭାବକୁ ନେଇ ଉଦ୍‌ବେଗ
■ ମାନସଙ୍କ ସହ ସ୍ୱର ମିଳାଇଲେ ସୁଜିତ କୁମାର, ମୁଜିବୁଲ୍ଲା ଖାନ୍

ପ୍ରବର୍ତ୍ତନ ମନ୍ତ୍ରଣାଳୟ ୨୦୧୮ ରେ ଏନଭାଇରନମେଣ୍ଟ ଇକୋନୋମିକ ଆକାଉଣ୍ଟିଂ ଫ୍ରେମୱାର୍କ ପ୍ରସ୍ତୁତ କରିଛନ୍ତି ବୋଲି କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।

ସେହିପରି ଶ୍ରୀ ମଙ୍ଗରାଜଙ୍କ ସମେତ ମୁଜିବୁଲ୍ଲା ଖାନ ରାଜ୍ୟରେ ରାଷ୍ଟ୍ରାୟତ ବ୍ୟାଙ୍କ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଗୁଡିକ ଆବଶ୍ୟକୀୟ ଓ ସଠିକ ସମୟରେ କୃଷି ଋଣ ଯୋଗାଇଦେବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବେ କି ବୋଲି ପ୍ରଶ୍ନ କରିଛନ୍ତି। ରାଷ୍ଟ୍ରାୟତ ବ୍ୟାଙ୍କଗୁଡିକର ଋଣ ପ୍ରଦାନ ହାର ବୃଦ୍ଧି ଦିଗରେ କେନ୍ଦ୍ର ସରକାର କି ପଦକ୍ଷେପ ନେଉଛନ୍ତି ସେ ନେଇ ବିଜେଡିର ଦୁଇ ସାଂସଦ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଭଗବତ କରଡ କହିଛନ୍ତି ଯେ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡିକୁ ଋଣ ପ୍ରଦାନ ହାର ବଢ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୩ ସେପ୍ଟେମ୍ବର ସୁଦ୍ଧା ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ୫୨.୨୬ ପ୍ରତିଶତ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ୫୪.୨୩ ପ୍ରତିଶତ ଏବଂ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ୫୩.୫୩ ପ୍ରତିଶତ ଋଣ ପ୍ରଦାନ କରିଛନ୍ତି। ରାଷ୍ଟ୍ରାୟତ ବ୍ୟାଙ୍କଗୁଡିକର ମଧ୍ୟ ଋଣ ପ୍ରଦାନ ହାର ବିଶେଷ କରି ଫସଲ ଋଣ ହାର ବଢ଼ାଇବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏବେ ସୁଦ୍ଧା ରାଷ୍ଟ୍ରାୟତ ବ୍ୟାଙ୍କଗୁଡିକ ୫୬.୩ ପ୍ରତିଶତ ଲକ୍ଷ୍ୟ ହାସଲ କରିଛନ୍ତି ବୋଲି କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।

### ନବୀନଙ୍କ ପ୍ରିୟ 'ବିଜୁ ବାହନ' କଳିଙ୍ଗ ରଥ

# ଦଳ ଓ ଲୋକଙ୍କ ପାଇଁ ଐତିହାସିକ ଗାଡ଼ି: ନବୀନ



**ଭୁବନେଶ୍ୱର,୫ ।୧୨(ସମିସ):** ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରସିଦ୍ଧ ବାହନ ଷ୍ଟେସନ ୱାଗନ 'କଳିଙ୍ଗ ରଥ' ପୁଣିଥରେ ଆବିର୍ଭାବ ହୋଇଛି। ନୂତନ ରୂପରଙ୍ଗରେ 'କଳିଙ୍ଗ ରଥ' ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫଟୋ ଉଠାଇବା ସହ ଗାଡ଼ିଟିକୁ ଐତିହାସିକ ଏବଂ ଆମ ଦଳ ଓ ଲୋକଙ୍କର ପ୍ରିୟ ବୋଲି କହିଥିବା ଭିଡ଼ିଓ ସୋସିଆଲ ମିଡ଼ିଆରେ ଛାଇ ଯାଇଛି। ନବୀନ ନିବାସରେ ଥିବା ଏହି ଐତିହାସିକ ଗାଡ଼ି ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ହେଉଛି ସେହି ଷ୍ଟେସନ୍ ୱାଗନ୍ ଗାଡ଼ି ଯେଉଁଥିରେ ବିଜୁ ବାବୁ ନିର୍ବାଚନ ପ୍ରଚାର କରିବାକୁ ଯାଉଥିଲେ। ତାଙ୍କର ଅବର୍ତ୍ତମାନରେ ସ୍ମୃତି ସନ୍ତକ ସାଜିଥିବା ଏହି ଗାଡ଼ିଟି ଆଜି ମଧ୍ୟ ପୂର୍ବ ଭଳି ଆମସମସ୍ତଙ୍କ ପାଇଁ ବେଶ୍ ଆକର୍ଷଣୀୟ ହୋଇ ରହିଛି। ଏହି ଗାଡ଼ି ଆମ ଦଳ ତଥା ଲୋକଙ୍କ ପାଇଁ ଏକ 'ଲେଜେଣ୍ଡାରୀ ଭେହିକିଲ୍' ଅବା ଐତିହାସିକ ଗାଡ଼ି ଭାବେ ସ୍ୱତନ୍ତ୍ର ପରିଚୟ ପାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଓଡ଼ିଶା ମଣ୍ଡପକୁ ଗୋଲ୍ଡ ଆୱାର୍ଡ

# ଭୂୟସୀ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୫ ।୧୨(ସମିସ):** ନୂଆଦିଲ୍ଲୀରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା (ଆଇଆଇଟିଏଫ୍-୨୦୨୩)ରେ ଗୋଲ୍ଡ ଆୱାର୍ଡ ପାଇଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଏବଂ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୂୟସୀ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ଆଜି ସଂଧ୍ୟାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ ଏବଂ ନିର୍ଦ୍ଦେଶକ ସରୋଜ ସାମଲ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭଲ କାମ ଜାରି ରଖିବା ସହ ଉନ୍ନତ ଯୋଗାଯୋଗ ରଣନୀତି ଆଧାରରେ ରାଜ୍ୟର ଲୋକସମ୍ପର୍କ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରନ୍ତୁ। ସୂଚନାଯୋଗ୍ୟ ଯେ ମେଳାରେ ଆକର୍ଷଣୀୟ ଓଡ଼ିଶା ମଣ୍ଡପ ନିର୍ମାଣ କରିଥିବାରୁ ବିଭାଗକୁ ଏହି ପୁରସ୍କାର ମିଳିଥିଲା। ଓଡ଼ିଶାକୁ ମଣ୍ଡପକୁ ୫ ଲକ୍ଷରୁ ଅଧିକ ଦର୍ଶକ ବୁଲି ଦେଖିଥିବା ବେଳେ ବିଭିନ୍ନ ରାଜ୍ୟର ବରିଷ୍ଠ ଅଧିକାରୀ ତଥା ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଲୋକ ସମ୍ପର୍କ ବିଭାଗକୁ ପ୍ରଶଂସା କରିଥିଲେ। ଓଡ଼ିଶା ମଣ୍ଡପରେ ଐତିହାସିକ ନୌ-ବାଣିଜ୍ୟ ପରମ୍ପରା ବିଷୟକୁ ନେଇ ବେଶ୍ ଆକର୍ଷଣୀୟ କଳାକୃତି ପ୍ରସ୍ତୁତ କରାଯାଇଥିଲା। ଏଥିରେ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ଉଦ୍‌ଭାସିତ ହୋଇପାରିଥିଲା। ଶେଷରେ ମେଳାର ବିଚାରକମଣ୍ଡଳୀ ମଧ୍ୟ ଏହି ସୌନ୍ଦର୍ଯ୍ୟ ଉପରେ ମୋହର ମାରିଥିଲେ।

# ଥିରୁମାଳା ନାଏକ ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ନିଯୁକ୍ତ

**ଭୁବନେଶ୍ୱର, ୫ ।୧୨(ସମିସ):** ୨୦୦୯ ବ୍ୟାଚ୍ ଆଇଏଏସ୍ ଡ. ଏନ୍ ଥିରୁମାଳା ନାଏକଙ୍କୁ ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ(ଅତିରିକ୍ତ ସିଇଓ) ଭାବେ ବଦଳି କରାଯାଇଛି। ରାଜ୍ୟ ଶ୍ରମ କମିଶନର ତଥା ଓଡ଼ିଶା ଜୀବିକା ମିଶନ ନିର୍ଦ୍ଦେଶକ ଥିବା ଡ. ନାଏକଙ୍କୁ ମଙ୍ଗଳବାର ରାଜ୍ୟ ସରକାର ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ବଦଳି କରିଛନ୍ତି। ଥିରୁମାଳାଙ୍କ ବଦଳି ପରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ପଦବୀକୁ ରାଜ୍ୟ ସରକାର ଆଇଏଏସ୍ କ୍ୟାଡର୍‌ରେ ଅତିରିକ୍ତ ସଚିବଙ୍କୁ ମିଳୁଥିବା ସୁବିଧା ଓ ଦାୟିତ୍ୱ ସମକକ୍ଷ ଘୋଷଣା କରିଛନ୍ତି। ସେହିପରି ଓପେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ତଥା ୨୦୧୨ ବ୍ୟାଚ୍ ଆଇଏଏସ୍ ଅନୁପମ ଶାହଙ୍କୁ ଅତିରିକ୍ତ ଭାବେ ଶ୍ରମ କମିଶନର ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ଶାହ ପୂର୍ବଭଳି 'ମୋ ସ୍କୁଲ' କାର୍ଯ୍ୟକ୍ରମର ସଦସ୍ୟ ସଚିବ ଦାୟିତ୍ୱ ତୁଲାଇବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି। ଏହି ବିଜ୍ଞପ୍ତି ସମ୍ପର୍କରେ ରାଜ୍ୟ ସରକାର ଜାତୀୟ ନିର୍ବାଚନ କମିଶନଙ୍କ ପ୍ରମୁଖ ସଚିବ ରାହୁଲ ଶର୍ମାଙ୍କୁ ଅବଗତ କରାଇଛନ୍ତି। ଆଗାମୀ ସାଧରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବର୍ତ୍ତମାନ ରାଜ୍ୟରେ ବିଭିନ୍ନ ବିଭାଗରେ ଅଦଳ ବଦଳ କରାଯାଉଛି। ଏହାସହ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଧିକାରୀଙ୍କ ସଂଖ୍ୟାବୃଦ୍ଧି ଓ ଦକ୍ଷ ଅଧିକାରୀ ନିଯୁକ୍ତିକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି।

ସୂଚନାଯୋଗ୍ୟ, ଏବେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଭାବେ ବରିଷ୍ଠ ଆଇଏଏସ୍ ନିକୁଞ୍ଜ ବିହାରୀ ଧଳ କାର୍ଯ୍ୟ କରୁଛନ୍ତି। ସେହିପରି ବରିଷ୍ଠ ଓଏଏସ୍ ଅଫିସର୍ ଶତ୍ରୁଘ୍ନ କର ଓ ମିହିର ପ୍ରସାଦ ମହାନ୍ତି ଉଭୟ ଅତିରିକ୍ତ ସିଇଓ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଓଏଏସ୍ ଅଫିସର୍ ପ୍ରମୋଦ କୁମାର ସାହୁ ଯୁଗ୍ମ ସିଇଓ ଏବଂ ଓଏଏସ୍ ଲକ୍ଷ୍ମୀପ୍ରସାଦ ସାହୁ ଓ ପଦ୍ମଜା ଦାଶ ଡେପୁଟି ସିଇଓ ଭାବେ କାର୍ଯ୍ୟ କରୁଛନ୍ତି।

# ବିଜୟଶଙ୍କରଙ୍କ ବିବାହ ଆବେଦନ ଖାରଜ

**କଟକ,୫।୧୨(ସମିସ):** ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ବିବାହ ଆବେଦନକୁ କଟକ ଜିଲ୍ଲା ସବ୍-ରେଜିଷ୍ଟ୍ରାର ତଥା ମ୍ୟାରେଜ ଅଫିସର ଖାରଜ କରିଛନ୍ତି। ଏହି ଆବେଦନରେ ଦିଆଯାଇଥିବା ତଥ୍ୟ ତ୍ରୁଟିପୂର୍ଣ୍ଣ ଥିବାରୁ ଏହାକୁ ଖାରଜ କରାଯାଇଥିବା ଜଣାପଡ଼ିଛି। ଯେଉଁ ଯୁବତୀଙ୍କ ସହ ସେ ବିବାହ ପାଇଁ ଆବେଦନ କରିଥିଲେ ସେଥିରେ ସମ୍ପୃକ୍ତ ଯୁବତୀ ଅବିବାହିତ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟପଟରେ ବିଜୟଶଙ୍କରଙ୍କ ବିବାହ ଆବେଦନ ଉପରେ ସୋମାଲିକା ଦାଶ ଆପତ୍ତି ଅଭିଯୋଗ କରିଥିଲେ। ପୂର୍ବରୁ ବିଜୟଶଙ୍କର ତାଙ୍କ ସହ ବିବାହ ପାଇଁ ଆବେଦନ କରି ବିବାହ କରି ନ ଥିଲେ ଓ ଏବେ ଯେଉଁ ଯୁବତୀଙ୍କୁ ବିବାହ ପାଇଁ ଆବେଦନ କରିଛନ୍ତି ସେ ବିବାହିତ ବୋଲି ସୋମାଲିକା ଦର୍ଶାଇଥିଲେ। ବିଜୟଶଙ୍କର ସହିତ ବିବାହ ପାଇଁ ଦରଖାସ୍ତ କରିଥିବା ଯୁବତୀଙ୍କ ପୂର୍ବତନ ସ୍ୱାମୀ ତୃପ୍ତିରଞ୍ଜନ ରାଉଳ ମ୍ୟାରେଜ ଅଫିସରଙ୍କ ନିକଟରେ ହାଜର ହୋଇଥିଲେ। ସମ୍ପୃକ୍ତ ଯୁବତୀଙ୍କ ସହିତ ତାଙ୍କର ବିବାହ ବିଚ୍ଛେଦ ହୋଇ ସାରିଥିବା ଶ୍ରୀ ରାଉଳ ଦର୍ଶାଇଥିଲେ।

# ଦୁଇ ଗୋଷ୍ଠୀ ମାରପିଟ୍

**ଘସିପୁରା,୫ ।୧୨(ସମିସ):** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଆଗର୍ଦା ଗାଁ ଏକ ବର୍ଷ ବ୍ୟବଧାନ ପରେ ପୁଣି ଅଶାନ୍ତ ହୋଇପଡ଼ିଛି। ଗାଁର ଦୁଇ ଗୋଷ୍ଠି ମଧ୍ୟରେ କିଛି ଦିନ ତଳେ ବିବାଦ ଲାଗି ଗଣ୍ଡଗୋଳ ଘଟି ଉଭୟ ପକ୍ଷରୁ ଅନେକ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପରେ ଉଭୟ ପକ୍ଷରୁ ଥାନାରେ ପୃଥକ ମାମଲା ରୁଜୁ ହୋଇଥିଲା। ସେହି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆଜି ସନ୍ଧ୍ୟାରେ ପୁଣି ଗାଁରେ ଉତ୍ତେଜନା ପ୍ରକାଶ ପାଇଛି।

# ରେଳ ଧାରଣାକୁ ଖସିଲା ପଥର

**କୋରାପୁଟ, ୫।୧୨(ସମିସ):** ପ୍ରବଳ ବର୍ଷା ଯୋଗୁଁ କୋତାବାଲସା-କିରଣ୍ଡୁଲ କେକେ ଲାଇନ୍‌ର ତ୍ୟାଡା ଓ ଶିବଲିଙ୍ଗପୁରମ୍ ଷ୍ଟେସନ୍ ମଧ୍ୟରେ ରେଳ ଧାରଣା ଉପରକୁ ପଥର ଖସି ପଡ଼ିବାରୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ସେହି ସମୟରେ ଆସୁଥିବା ଏକ ମାଲବାହୀ ଟ୍ରେନ୍‌ର ଇଞ୍ଜିନ୍‌ରେ ପଥର ମାଡ଼ ହୋଇଛି। ଏହି ଦୁର୍ଘଟଣାରେ କାହାରି କିଛି କ୍ଷତି ହୋଇ ନଥିଲେ ମଧ୍ୟ ଇଞ୍ଜିନ୍‌ଟି ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି। ଏଥିଯୋଗୁଁ କିରଣ୍ଡୁଲ ଓ ବିଶାଖାପାଟଣା ମଧ୍ୟରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏହି ପଥ ଦେଇ ଯିବାକୁ ଥିବା ୪ଟି ଟ୍ରେନ୍‌କୁ ବାତିଲ କରାଯାଇଛି। ସେଗୁଡ଼ିକ ହେଲା, ବିଶାଖାପଟଣା-କିରଣ୍ଡୁଲ ନାଇଟ୍ ଏକ୍ସପ୍ରେସ, କିରଣ୍ଡୁଲ-ବିଶାଖାପଟଣା ନାଇଟ୍ ଏକ୍ସପ୍ରେସ, ବିଶାଖାପଟଣା-କିରଣ୍ଡୁଲ ପାସେଞ୍ଜର ଓ କିରଣ୍ଡୁଲ-ବିଶାଖାପଟଣା ଏକ୍ସପ୍ରେସ୍। ରେଳ ବିଭାଗ ଦ୍ୱାରା ଜାରୀ ବିଜ୍ଞପ୍ତି ଅନୁଯାୟୀ, ମଙ୍ଗଳବାର ବିଶାଖାପାଟଣାରୁ କିରଣ୍ଡୁଲକୁ ଆସୁଥିବା ରାତ୍ର ଏକ୍ସପ୍ରେସ୍ ଆର୍‌କୁ ପରିବର୍ତ୍ତେ ରାୟଗଡ଼ା ବାଟ ଦେଇ ଚଳାଚଳ କରିବ। ଘଟଣାସ୍ଥଳରେ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ପହଞ୍ଚି ଟ୍ରାକ୍ ସଫା କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି।



■ ଟ୍ରେନ ଚଳାଚଳ ବାଧାପ୍ରାପ୍ତ
■ ୪ ଟ୍ରେନ୍ ବାତିଲ

### ● ହାଇକୋର୍ଟରେ ବ୍ରାହ୍ମଣୀ ଓ ଶାଖା ନଦୀ ପ୍ରଦୂଷଣ ମାମଲା

# କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସତ୍ୟପାଠ ଦାଖଲ

**କଟକ, ୫।୧୨(ସମିସ):** ବ୍ରାହ୍ମଣୀ ଓ ଏହାର ଶାଖା ନଦୀଗୁଡ଼ିକର ଜଳ ପ୍ରଦୂଷଣ ପ୍ରସଂଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସତ୍ୟପାଠ ଦାଖଲ ହୋଇସାରିଥିବାବେଳେ ଏହା ଉପରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏକ ସତ୍ୟପାଠ ଦାଖଲ କରିଛି। ଏହି ସତ୍ୟପାଠର କପି ଆମିକସ୍‌କ୍ୟୁରୀଙ୍କୁ ପ୍ରଦାନ ପାଇଁ ହାଇକୋର୍ଟ କହିଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଥାଉକି, ୨୦୧୪ ମେ' ୧୪ର ନିର୍ଦ୍ଦେଶ ଅନୁସାରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବୈଜ୍ଞାନିକ ଦଳ ଉକ୍ତ ବ୍ରାହ୍ମଣୀ ଓ ଶାଖା ନଦୀ ଅଞ୍ଚଳ ପରିଦର୍ଶନ କରି ମୁଦ୍ରା ଲଫାପାରେ ରିପୋର୍ଟ ଦାଖଲ କରିଥିଲେ। ଦେଶର ପ୍ରମୁଖ ନଦୀମାନଙ୍କର ଜଳର ମାନ ପରୀକ୍ଷା ସମ୍ପୃକ୍ତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ନ୍ୟାସ୍‌ନାଲ ୱାଟର କ୍ୱାଲିଟି ମନିଟରିଂ ପ୍ରୋଜେକ୍ଟ ଦ୍ୱାରା କରାଯାଉଛି ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ସେହିପରି ନଦୀଗୁଡ଼ିକର ଜଳରେ କ୍ରୋମିଅମ୍ ମାତ୍ରାର ନିୟମିତ ପରୀକ୍ଷଣ କରାଯିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଛି। ଖଣି ଅଞ୍ଚଳ ଦ୍ୱାରା ପ୍ରଦୂଷଣ ମାତ୍ରା କେତେଦୂର ବୃଦ୍ଧି ପାଉଛି ତାହାର ଭିତ୍ତିଭୂମି ଯାଞ୍ଚ ସ୍ୱତନ୍ତ୍ର କମିଟି ଦ୍ୱାରା କରାଯିବା ପାଇଁ ସତ୍ୟପାଠରେ ଉଲ୍ଲେଖ ରହିଛି। ପ୍ରକାଶ ଥାଉକି, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସୁପାରିସ୍ କାର୍ଯ୍ୟକାରୀ କରାଯାଉଥିବା ନେଇ ଗତ ଫେବୃଆରୀରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଏକ ସତ୍ୟପାଠ ଦେଇଥିଲେ। ବ୍ରାହ୍ମଣୀ ଜଳ ବ୍ୟବହାର ଅନୁପଯୋଗୀ ତଥା 'ଗ' ଶ୍ରେଣୀଭୁକ୍ତ ହୋଇଥିବା ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏକ ସତ୍ୟପାଠ ପୂର୍ବରୁ ଦାଖଲ ହୋଇଥିଲା। ଏହି ସତ୍ୟପାଠ ଅନୁସାରେ ବ୍ରହ୍ମଣୀ ନଦୀର ଜଳ ମାନ ପରୀକ୍ଷା ତଥା ମନିଟରିଂ ମୋଟ୍ ୪୧ଟି ଷ୍ଟେସନରେ କରାଯାଉଛି ବୋଲି କୁହାଯାଇଛି।

### ପ୍ରକ୍ସି ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରସଂଗ

# ପଞ୍ଚାୟତିରାଜ ସଚିବଙ୍କ ସତ୍ୟପାଠକୁ ହାଇକୋର୍ଟଙ୍କ ଅଗ୍ରାହ୍ୟ

**କଟକ,୫।୧୨(ସମିସ):** ପତ୍ନୀ ସରପଞ୍ଚ ହୋଇଥିବାବେଳେ ସ୍ୱାମୀ କିନ୍ତୁ ବାସ୍ତବରେ ଏହି ପଦବୀ ଉପଭୋଗ କରି କାର୍ଯ୍ୟ କରୁଥିବା ଅଭିଯୋଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ହେଲେ ଏହି ପ୍ରସଂଗରେ ରାଜ୍ୟ ପଞ୍ଚାୟତିରାଜ ବିଭାଗର ସଚିବଙ୍କ ପକ୍ଷରୁ ଦାଖଲ ସତ୍ୟପାଠକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ ଏହି ସତ୍ୟପାଠରେ ଅଦାଲତ ଚାହୁଁଥିବା ତଥ୍ୟ ଉଲ୍ଲେଖ ହୋଇ ନ ଥିବାରୁ ଏହାକୁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଏଣୁ ପରବର୍ତ୍ତୀ ଶୁଣାଣି ସୁଦ୍ଧା ସାନି ତଥା ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ କହିଛନ୍ତି। ମନୋଜ କୁମାର ମଙ୍ଗରାଜଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟରେ ମାମଲାରେ ରହିଥିବା ଅନ୍ତରୀଣ ଆଦେଶ ବଳବତ୍ତର ରହିଛି। ପ୍ରକ୍ସି ସରପଞ୍ଚର ଆବରଣ ଭିତରେ ପୁରୁଷପ୍ରଧାନ ମନୋଭାବ ମହିଳାଙ୍କ ଅଂଶଗ୍ରହଣ କ୍ଷେତ୍ରରେ ବାଧକ ହୋଇଛି। ଏଣୁ ପ୍ରକ୍ସି ସରପଞ୍ଚଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଓ ମହିଳା ସରପଞ୍ଚଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି, ସେ ନେଇ ହାଇକୋର୍ଟ ପୂର୍ବରୁ ପଞ୍ଚାୟତିରାଜ ବିଭାଗ ସଚିବଙ୍କ ନିକଟରୁ ଜବାବ ତଲବ କରିଥିଲେ। ସେହିପରି ଆବେଦନକାରୀଙ୍କୁ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚପର ଗ୍ରାମ ପଞ୍ଚାୟତରେ ଗାଁ ସାଥୀ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ଦିଆଯିବ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁଆରୀ ୩କୁ ଧାର୍ଯ୍ୟ ହୋଇଛି।

ସାନି ବିସ୍ତୃତ ସତ୍ୟପାଠ ଦେବାକୁ ନିର୍ଦ୍ଦେଶ

ପ୍ରକାଶ ଯେ, ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚପର ପଞ୍ଚାୟତରେ ଆବେଦନକାରୀ ଗାଁ ସାଥୀ ଭାବେ କାର୍ଯ୍ୟ କରୁଥିବାବେଳେ ମହିଳା ସରପଞ୍ଚଙ୍କ ସ୍ୱାମୀଙ୍କ ନିର୍ଦ୍ଦେଶ ଅମାନ୍ୟ କରିବାରୁ ତାଙ୍କୁ ହଇରାଣ ହରକତ କରାଯାଉଥିବା ଅଭିଯୋଗ ହୋଇଥିଲା। ଏକ ମନରେଗା କାର୍ଯ୍ୟରେ ବେଆଇନ ଭାବେ ୩୦ଜଣ ଜବ୍‌କାର୍ଡଧାରୀଙ୍କ ଉପସ୍ଥାନ ଦର୍ଶାଇବାକୁ ସରପଞ୍ଚଙ୍କ ସ୍ୱାମୀ ଆବେଦନକାରୀଙ୍କୁ ବାଧ୍ୟ କରିଥିଲେ। ତେବେ ସେ ତାଙ୍କ କଥା ଶୁଣି ନ ଥିଲେ। ଏଣୁ ଆବେଦନକାରୀଙ୍କୁ ଗାଁ ସାଥୀ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ସରପଞ୍ଚଙ୍କ ସ୍ୱାମୀ ଅନୁମତି ଦେଇ ନ ଥିଲେ। ଉପରିସ୍ଥ ଅଧିକାରୀଙ୍କଠାରୁ ସୁଫଳ ନ ମିଳିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ■ ଚାର୍ଜସିଟ୍‌ରେ ଭୁଲ ଧାରା ଉଲ୍ଲେଖ

# ଏସିପି ଯତ୍ନବାନ ହେବାକୁ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

**କଟକ, ୫।୧୨(ସମିସ):** ସମ୍ବେଦନଶୀଳ ମାମଲାରେ ଏସିପି ପାହ୍ୟାର ଜଣେ ଅଧିକାରୀ ଯେତେବେଳେ ଚାର୍ଜସିଟ୍ ଦାଖଲ କରୁଛନ୍ତି, ତଦନ୍ତ ଉନ୍ମୁକ୍ତ ରଖିବା ପାଇଁ ଅନୁମତି ଦେଉଥିବା ଆଇନଗତ ବ୍ୟବସ୍ଥା ଠିକ୍ ଭାବେ ଉଲ୍ଲେଖ କରିବା ପ୍ରସଂଗରେ ସେ ଯଥେଷ୍ଟ ଯତ୍ନବାନ ହେବା ଉଚିତ୍ ବୋଲି ହାଇକୋର୍ଟ କହିଛନ୍ତି। କଟକ ନୟାସଡ଼କ 'ଆଇଆଇଏଫ୍‌ଏଲ୍ ସୁନା ଲୁଟ୍' ମାମଲାରେ ଯେଉଁ ଚାର୍ଜସିଟ୍ ଦାଖଲ ହୋଇଥିଲା ସେଥିରେ ତଦନ୍ତକୁ ଉନ୍ମୁକ୍ତ ରଖିବା ପାଇଁ ଉଲ୍ଲେଖ କରାଯାଇଥିବା ଆଇନର ଧାରା ଭୁଲ୍ ଥିବା ହାଇକୋର୍ଟରେ ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ପରେ ବି ତଦନ୍ତ ଜାରି ରଖିବା କ୍ଷେତ୍ରରେ ସିଆର୍‌ପିସିର ଧାରା ୧୭୩(୮)ରେ ଅନୁମତି ମିଳିପାରିବ। ଆଇୟୁସିଏଡବ୍ଲୁ ଏସିପି ଆଶୁତୋଷ ରଣା କିନ୍ତୁ ଅଭିଯୁକ୍ତ ସତ୍ୟମ୍ ପ୍ରଧାନଙ୍କ ବିରୋଧରେ ଦାଖଲ କରିଥିବା ଚାର୍ଜସିଟ୍‌ରେ ସିଆର୍‌ପିସିର ଧାରା ୧୭୩(୮) ବଦଳରେ ୧୭୮(୩)ରେ ତଦନ୍ତ ଉନ୍ମୁକ୍ତ ରଖାଯାଇଥିବା ଉଲ୍ଲେଖ କରିଥିଲେ। ଏଣୁ ସମ୍ପୃକ୍ତ ଏସିପିଙ୍କୁ ହାଇକୋର୍ଟ ଯତ୍ନବାନ ହେବାକୁ କହିଛନ୍ତି। ଜଷ୍ଟିସ ସଙ୍ଗମ କୁମାର ସାହୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ତଦନ୍ତକାରୀ ଅଧିକାରୀ ଏସିପି ଶ୍ରୀ ରଣାଙ୍କୁ ଡିସେମ୍ବର ୮ରେ ଚାର୍ଜସିଟ୍ ଓ ତଥ୍ୟ ସହିତ ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଲାଲା ଅମୃତ ସାଗର ରାୟଙ୍କ ଅନ୍ତରୀଣ ଜାମିନ ମିଆଦ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ଅଦାଲତ। ଡିସେମ୍ବର ୮ରେ ଅନ୍ୟ ଅଭିଯୁକ୍ତମାନଙ୍କ ସହ ଜାମିନ ଆବେଦନର ଏକତ୍ର ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଲାଲା ଅମୃତ ସାଗରଙ୍କ ତରଫରୁ ଆଇନଜୀବୀ ଦେବସ୍ମାନ ଦାସ ମାମଲା ପରିଚାଳନା କରୁଛନ୍ତି। ଏହି ମାମଲାରେ ମୂଳ ଚାର୍ଜସିଟ ୨୦୨୧ ମାର୍ଚ୍ଚ ୨୩ରେ ୧୩ ଜଣ ଅଭିଯୁକ୍ତଙ୍କ ବିରୋଧରେ ଦାଖଲ ହୋଇଥିଲା। ପ୍ରମାଣ ସଂଗ୍ରହ ପାଇଁ ତଦନ୍ତ ଉନ୍ମୁକ୍ତ ରଖାଯାଇଥିବା ସେତେବେଳେ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ଉପସ୍ଥାପନ କରାଯାଇଥିବା ୨୦୨୨ ଜାନୁଆରୀ ୧୩ର ଚାର୍ଜସିଟ୍ କେବଳ ସତ୍ୟମ ପ୍ରଧାନଙ୍କ ପାଇଁ ସୀମିତ ଥିଲା।

### ଲୋକକଥା



ମଣିପୁର ହିଂସା ଏଯାଏ ଥମୁନି
କେଡ଼େ ପାରିବାର ସରକାର,
ବିଦେଶୀ ବିଦ୍ରୋହୀ କରୁଛନ୍ତି କାଳେ
ଏଭଳି ଜଘନ୍ୟ କାରବାର !
ନାହିଁ କି ଏଥିକୁ ଉପଚାର,
ରାଜନୀତି କୂଟକପଟରେ ଏଠି
ନିରୀହ ଯାଆନ୍ତି ଯମପୁର !!

### ବିଶେଷଜ୍ଞ ମହଲର ମତ

# ଛତିଶଗଡ଼ରେ ବଦଳିଲା ସରକାର, ବଦଳିବନି ମହାନଦୀ ଭାଗ୍ୟ

**ଭୁବନେଶ୍ୱର,୫ ।୧୨(ସମିସ):** ଛତିଶଗଡ଼ ବିଧାନସଭା ନିର୍ବାଚନରେ କଂଗ୍ରେସର ପରାଜୟ ଏବଂ ବିଜେପିର ବିଜୟ ପରେ ମହାନଦୀ ଜଳ ବିବାଦକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲରେ ଏଯାବତ୍ ୪୧ଟି ଶୁଣାଣି ସରିଥିଲେ ମଧ୍ୟ ଏନେଇ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ତେବେ ଛତିଶଗଡ଼ରେ ସରକାର ବଦଳିବା ପରେ ମହାନଦୀ ବିବାଦରେ ସମାଧାନ ନେଇ ପୁଣି ଆଲୋଚନାର ସମ୍ଭାବନା ନେଇ ବିଭିନ୍ନ ମହଲରେ ଆଶା ସୃଷ୍ଟି ହୋଇଥିବା ବେଳେ ବିଶେଷଜ୍ଞମାନେ ଏହାକୁ ନେଇ ଭିନ୍ନ ମତ ରଖିଛନ୍ତି। ଛତିଶଗଡ଼ରେ ବିଜେପି ମୁଖ୍ୟମନ୍ତ୍ରୀ ରମଣ ସିଂ ଥିବାବେଳେ ମହାନଦୀ ବିବାଦ ଆରମ୍ଭ ହୋଇଥିଲା। ପରେ ୨୦୧୮ ରେ କଂଗ୍ରେସ କ୍ଷମତାକୁ ଆସିବା ପରେ ସମାନ ନୀତି ବଜାୟ ରଖିଲା। ତେଣୁ ଛତିଶଗଡ଼ରେ ସରକାର ବଦଳିଥିଲେ ମଧ୍ୟ ମହାନଦୀର ଭାଗ୍ୟ ବଦଳିବା ସମ୍ଭାବନା କ୍ଷୀଣ ବୋଲି ମତପ୍ରକାଶ ପାଇଛି।

ମହାନଦୀକୁ ନେଇ ପଡ଼ୋଶୀ ଛତିଶଗଡ଼ ସବୁବେଳେ ଓଡ଼ିଶା ସହ ଛଳ କରି ଆସିଛି। ଛତିଶଗଡ଼ର ବେଆଇନ୍ ନିର୍ମାଣ ଓଡ଼ିଶାର ସ୍ୱାର୍ଥକୁ ଗଭୀର ଭାବେ ପ୍ରଭାବିତ କରି ଆସିଛି। ପ୍ରାରମ୍ଭରେ ବିବାଦର ସମାଧାନ ପାଇଁ ଓଡ଼ିଶା ପକ୍ଷରୁ ବାରମ୍ବାର ପ୍ରୟାସ କରାଯାଇଥିଲେ ହେଁ ଛତିଶଗଡ଼ ଏଥିରେ ଆଦୌ ସହଯୋଗ କରି ନ ଥିଲା। ଫଳରେ ବାଧ୍ୟ ହୋଇ ଓଡ଼ିଶା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏହାପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଟ୍ରିବ୍ୟୁନାଲ ଗଠନ ହୋଇ ୪୧ଟି ଶୁଣାଣି ସରିଛି। ଏପରିକି ଶୁଣାଣିରେ ମଧ୍ୟ ଛତିଶଗଡ଼ ଉଦ୍ଦେଶ୍ୟମୂଳକ ଭାବେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ବିଳମ୍ବ କରିବାକୁ ବିଭିନ୍ନ ସମୟରେ ଅପଚେଷ୍ଟା କରିଛି। ମାତ୍ର ଛତିଶଗଡ଼ ନିଜ ବ୍ୟବହାରରେ ଆଦୌ ପରିବର୍ତ୍ତନ ଆଣିପାରି ନାହିଁ। ଉଭୟ ବିଜେପିର ମୁଖ୍ୟମନ୍ତ୍ରୀ ରମଣ ସିଂ ଏବଂ କଂଗ୍ରେସର ଭୂପେଶ ବଘେଲ ମହାନଦୀ ପ୍ରସଙ୍ଗରେ ଓଡ଼ିଶାକୁ ନିରାଶ କରି ଆସିଛନ୍ତି। ଯାହାଫଳରେ ଓଡ଼ିଶାର ଦେଢ଼ କୋଟି ଲୋକ ଏହାଦ୍ୱାରା ସିଧାସଳଖ ଭାବେ ପ୍ରଭାବିତ ହୋଇ ଆସିଛନ୍ତି। ତେଣୁ ମହାନଦୀ ବିବାଦକୁ ନେଇ ଛତିଶଗଡ଼ଠାରୁ ବିଶେଷ ଆଶା ରଖିବା ବୃଥା ବୋଲି ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଅଭିଯାନର ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି। ସେ କହିଛନ୍ତି ଯେ ମହାନଦୀ ବିବାଦ ଆରମ୍ଭରେ ଛତିଶଗଡ଼ରେ ବିଜେପି ସରକାର ଥିବାବେଳେ ଅନୁରୂପ ଭାବେ କେନ୍ଦ୍ରରେ ମଧ୍ୟ ବିଜେପି ସରକାର ଥିଲେ। ମାତ୍ର ଛତିଶଗଡ଼ ବେଆଇନ ପରେ ବେଆଇନ ନିର୍ମାଣ କରୁଥିବା ବେଳେ କେନ୍ଦ୍ର ସରକାର କେବଳ ନିରବଦ୍ରଷ୍ଟା ସାଜିଥିଲା। ଛତିଶଗଡ଼ର ମନୋମୁଖୀ କାର୍ଯ୍ୟକଳାପ ବିରୁଦ୍ଧରେ ପଦୁଟିଏ ମଧ୍ୟ କହି ନ ଥିଲା। ଛତିଶଗଡ଼ ସବୁବେଳେ ମହାନଦୀକୁ ନେଇ ନିଜ ରାଜ୍ୟର ସ୍ୱାର୍ଥ ଏବଂ କମ୍ପାନୀ ପ୍ରୀତିକୁ ଅଗ୍ରାଧିକାର ଦେଇ ଆସିଥିବା ଉଭୟ ବିଜେପି ଓ କଂଗ୍ରେସ ଉଭୟ ସରକାର ପ୍ରମାଣ କରିଛନ୍ତି। ତେଣୁ ସେମାନଙ୍କ ନିକଟରୁ କୌଣସି ଆଶା ରଖିବା ବୃଥା ବୋଲି ଶ୍ରୀ ଛୋଟରାୟ କହିଛନ୍ତି।

ସେହିପରି ବିଜେଡି ଉପ ସଭାପତି ତଥା ବରିଷ୍ଠ ବିଧାୟକ ଦେବୀପ୍ରସାଦ ମିଶ୍ର ମଧ୍ୟ ସମାନ ମତ ରଖିଛନ୍ତି। ଛତିଶଗଡ଼ରେ ବିଜେପିର ଡ. ରମଣ ସିଂଙ୍କ ସରକାର ବେଳେ ହିଁ ମହାନଦୀ ବିବାଦ ଆରମ୍ଭ ହୋଇଥିଲା। ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଏଥିରେ କୌଣସି ହସ୍ତକ୍ଷେପ କଲେନାହିଁ। ବାରମ୍ବାର ବିରୋଧ ସତ୍ତ୍ୱେ ଛତିଶଗଡ଼ ବେଆଇନ ନିର୍ମାଣ ମଧ୍ୟ ବନ୍ଦ କଲାନାହିଁ। ଯାହାଫଳରେ ଓଡ଼ିଶା ବାଧହୋଇ ଆଇନର ଆଶ୍ରୟ ନେଇଥିଲା। ତେଣୁ ତାଙ୍କଠାରୁ ଅଧିକ କିଛି ଆଶା କରାଯାଇ ନପାରେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ତେବେ ଟ୍ରିବ୍ୟୁନାଲରେ ବର୍ତ୍ତମାନ ସାକ୍ଷ୍ୟଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଓଡ଼ିଶାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଟ୍ରିବ୍ୟୁନାଲ ତୁରନ୍ତ କୌଣସି ମଧ୍ୟବର୍ତ୍ତୀକାଳୀନ ରାୟ ଦେବାକୁ ବିଶେଷଜ୍ଞ ମହଲରେ ଦାବି ହୋଇଛି।

● ବିଜେପି ଓ କଂଗ୍ରେସ ସରକାର ଓଡ଼ିଶା ସ୍ୱାର୍ଥ ପ୍ରତି ବିମୁଖ
● ଓଡ଼ିଶାର ହକ୍ ପଛ, କମ୍ପାନୀ ସ୍ୱାର୍ଥକୁ ଅଗ୍ରାଧିକାର

- ବିଦେଶୀ ଜାହାଜରୁ ୨୨୦ କୋଟିର କୋକେନ୍ ଜବତ ଘଟଣା

## ଫାଷ୍ଟଏଡ୍ ବକ୍ସରୁ ଗୋଟିଏ ପ୍ୟାକେଟ୍ କୋକେନ୍ ନେଇଗଲେ

**ପାରାଦୀପ, ୫ ।୧୨(ସମିସ):** ପାରାଦୀପ ବନ୍ଦରର ଏକ ଘରୋଇ ପିଆଇସିଟି ବର୍ଥରୁ ୨୨୦ କୋଟି ଟଙ୍କାର ୨୨ଟି ମାରାତ୍ମକ କୋକେନ ପ୍ୟାକେଟ ମିଳିବା ଆଶ୍ଚର୍ଯ୍ୟ କରିଛି । ତେବେ ଏହି କୋକେନ୍ ପ୍ୟାକେଟ ଜବତ ବେଳେ ପାରାଦୀପ ଅଞ୍ଚଳର ଜଣେ ବ୍ୟକ୍ତି ଜାହାଜ ଭିତରେ ପଶି ସେଠାରେ ଥିବା ଏକ ଫାଷ୍ଟଏଡ୍ ବାକ୍ସ ମଧ୍ୟରେ ରହିଥିବା ଏକ କୋକେନ୍ ପ୍ୟାକେଟକୁ ସାର୍ଟରେ ପୂରେଇ ନେଇ ଯାଉଥିବାର ଦୃଶ୍ୟ ଜାହାଜ ଭିତରେ ଥିବା ସିସିଟିଭିରୁ କଏଦ ହୋଇଛି । ତେବେ ଏ ବ୍ୟକ୍ତି ଜଣକ କିଏ, କେଉଁଠୁ ଆସିଲା, କିଏ ତାକୁ ପଠାଇ ଥିଲା ଓ ସେ ପ୍ୟାକେଟ ନେଇ ବ୍ୟକ୍ତି କୁଆଡେ ଗଲା ଏ ସବୁକୁ ନେଇ ଏବେ ପ୍ରଶ୍ନ ଉଠିଛି । ତଦନ୍ତକାରୀ ସଂସ୍ଥା ସମ୍ପୃକ୍ତି ଥିବା ଏହି ବ୍ୟକ୍ତିଙ୍କର ସନ୍ଧାନ ପାଇ ପାରୁ ନ ଥିବା ଜଣାପଡ଼ିଛି । ଗୋଟିଏ ପ୍ୟାକେଟର ମୂଲ୍ୟ ୧୦ କୋଟି ଟଙ୍କା ହୋଇଥିବା ବେଳେ ଏହା ପାରାଦୀପରେ ରହି ଯାଇଥିବା ଚର୍ଚ୍ଚା ହେଉଛି । ପାରାଦୀପ ଅଞ୍ଚଳର ଜଣେ ବ୍ୟକ୍ତି ମାଛ ଦେବାକୁ ଜାହାଜକୁ ଯାଇଥିବା ବେଳେ ସେ ଏହାକୁ ଆଣିଥିବା ନେଇ ସନ୍ଦେହ ପ୍ରକାଶ ପାଇଛି । ମାଛ ଦେବାକୁ ଯାଇ ଏହି ବ୍ୟକ୍ତି ଜଣଙ୍କ କିଭଳି ସାହସ କରି ପାରିଲେ ତାକୁ ନେଇ ପ୍ରଶ୍ନ ଉଠିଛି । ଏତେ ସୁରକ୍ଷା ବ୍ୟବସ୍ଥା ଥାଇ ମଧ୍ୟ ବ୍ୟକ୍ତି ଜଣଙ୍କ କିଭଳି କୋକେନ୍ ପ୍ୟାକେଟକୁ ସାର୍ଟ ଭିତରେ ପୂରେଇ ବାହାରକୁ ଆଣି ପାରିଲେ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି । ଆଣିଲା ବେଳେ କେହି କେମିତି ଦେଖି ପାରିଲେ ନାହିଁ ବା କେମିତି ଜାଣି ପାରିଲେ ନାହିଁ ତାହା ତଦନ୍ତ ସାପେକ୍ଷ । ଏଥିରେ ସମ୍ପୃକ୍ତ ସଂସ୍ଥା ଓ ବ୍ୟକ୍ତିବିଶେଷକୁ ତୁରନ୍ତ ଗିରଫ କରିବାକୁ ଦାବି ହେଉଛି । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଜେଏମ୍ ବକ୍ସି ଷ୍ଟିଭେଡର ସଂସ୍ଥାର ପିଆଇସିଟି ବର୍ଥ ସମ୍ପୂର୍ଣ୍ଣ ଘରୋଇ ବର୍ଥ । ଏହାର ନିଜସ୍ୱ ସୁରକ୍ଷା ସଂସ୍ଥା ରହିଛି । ତେଣୁ ଏହି ଷ୍ଟିଭେଡର ସଂସ୍ଥାର କାର୍ଯ୍ୟକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି ।

## ଭିନ୍ନକ୍ଷମ ଦିବସ ପାଳନରେ ମଧ୍ୟ ଛଳନା

**ରାଜକନିକା, ୫ ।୧୨(ସମିସ):** ରାଜକନିକା ବ୍ଲକରେ ଜାରି ରହିଥିବା ସିଡବ୍ଲ୍ୟୁଏସଏନ (ଚାଇଲଡ ଉଇଥ ସ୍ପେଶାଲ ନିଡ୍) କାର୍ଯ୍ୟକ୍ରମରେ ବହୁ ଅନିୟମିତତା ଲାଗି ରହିଛି । ଦାୟିତ୍ୱରେ ଥିବା ବିଆରଟି ଦ୍ୱୟ ନିଜ ମର୍ଜି ଚଳାଇଛନ୍ତି । ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ନାଁରେ ଆସୁଥିବା ବିଭିନ୍ନ ଯୋଜନା ଫଳପ୍ରସୂ ହେବାରେ ବାଧକ ସୃଷ୍ଟି ହୋଇଛି । ସାଧାରଣ ଛାତ୍ରଛାତ୍ରୀଙ୍କଠାରୁ ବିଭିନ୍ନ ଦିଗରେ ଶାରୀରିକ ଓ ମାନସିକ ଦିଗରେ କମ୍ ଅକ୍ଷମ ବା ବାଧିତ ପିଲାଙ୍କୁ ସ୍ୱତନ୍ତ୍ର ଯତ୍ନରେ ଶିକ୍ଷାଦାନ ଦେବାର ବ୍ୟବସ୍ଥା ପାଇଁ ବ୍ଲକ ସ୍ତରକୁ ଲକ୍ଷ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମିଳି ଚାଲିଛି; ମାତ୍ର ଏଠାରେ ଅବସ୍ଥାପିତ ପଶ୍ଚିମ କନିକା ପାଇଁ ଥିବା ଅମର କୁମାର ବେହେରା ଅଫିସ ଆସୁଥିବା ବେଳେ ପୂର୍ବ କନିକା ପାଇଁ ଥିବା ପିଙ୍କୁଲି ମହାନ୍ତି ବିଆରଟି ନିୟମିତ ଅଫିସ ଆସୁ ନ ଥିବା ଦେଖିବାକୁ ମିଳିଛି । ବିଇଓ ଅଫିସର ଅଭୟ ପାଇଥିବା ଏହି ମହିଳା ବିଆର୍‌ଟି ଜଣକ କେତେବେଳେ ଅଫିସ ଆସନ୍ତି ଓ କେମିତି ନିୟମିତ ଭାବେ ଦରମା ପାଆନ୍ତି ତାହା ସନ୍ଦେହ ସୃଷ୍ଟି କରିଛି । ତେବେ ସ୍ଥାନୀୟ କେଶବାନନ୍ଦ ନୋଡାଲ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବ୍ଲକସ୍ତରୀୟ ଭିନ୍ନକ୍ଷମ ଦିବସ ପାଳନ ବେଳେ ହାତ ଗଣତି ଛାତ୍ରଛାତ୍ରୀ ଭାଗ ନେଇଥିଲେ । ପ୍ରତ୍ୟେକ ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କ ସହ ସେମାନଙ୍କ ଅଭିଭାବକ ଆସିବାର ନିୟମ ଅଛି । ସେମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ଥିବାବେଳେ ଏଠାରେ ତାହା କରାଯାଇନାହିଁ । ବିଇଓ ଅଫିସର ଜଣେ ଆଉଟସୋର୍ସିଂ କର୍ମଚାରୀ ଏହି କାର୍ଯ୍ୟକ୍ରମର ଅଘୋଷିତ ଠିକା ନେଇ ସବୁ ପରିଚାଳନା କରୁଥିବାରୁ ଅଭିଭାବକମାନେ ମଧ୍ୟ ଏ ବାବଦରେ କେତେ ଅର୍ଥ ଆସିଛି ଓ କେଉଁ ବାବଦରେ କେତେ ଖର୍ଚ୍ଚ ହେବ ତାହାର ହିସାବ ପାଇବା କଷ୍ଟ ହେଉଛି । ତେବେ ସୁରଭି କାର୍ଯ୍ୟକ୍ରମ ଭଳି ଗୁରୁତ୍ୱ ବହନ କରୁଥିବା ସିଡବ୍ଲ୍ୟୁଏସଏନ ପିଲାଙ୍କ ଏହି କାର୍ଯ୍ୟକ୍ରମରେ ବ୍ଲକର ଥିବା ୩ ଶହରୁ ଅଧିକ ପିଲାଙ୍କ ସ୍ଥାନରେ ମାତ୍ର ୩୦ ଜଣରୁ କମ୍ ଛାତ୍ର ଛାତ୍ରୀ ଭାଗ ନେବା ଏହି ଯୋଜନା ଓ କାର୍ଯ୍ୟକ୍ରମର ବାସ୍ତବ ସ୍ଥିତି ସମ୍ପର୍କରେ ପ୍ରମାଣ ଦେଇଛି । ବ୍ଲକର ସମୁଦାୟ ସିଡବ୍ଲ୍ୟୁଏସେନ ପିଲାଙ୍କୁ ଅନ୍ଧକାରରେ ରଖି ଚାଲି ଆସୁଥିବା ପ୍ରତି କାର୍ଯ୍ୟକ୍ରମ ଭଳି ଏହି ବ୍ଲକସ୍ତରୀୟ କାର୍ଯ୍ୟକ୍ରମ କରାଯାଇଛି । ଏ ବାବଦରେ ବିଇଓ ବାବାଜୀ ଚରଣ ବାରିକ ଙ୍କୁ ପଚାରିବାରୁ କ'ଣ ହୋଇଛି ବୁଝିକି କହିବେ ବୋଲି କହିଛନ୍ତି । ତେବେ ରାଜକନିକା ବ୍ଲକ ଶିକ୍ଷା କାର୍ଯ୍ୟାଳୟର ବହ ଅନିୟମିତତା ସମ୍ପର୍କରେ ବାରବାର ଖବର ପ୍ରକାଶ ପାଉଥିବାରୁ ଖବର ତ ବାହାରୁଛି । ଆମକୁ କ'ଣ ପାଇଁ ପଚାରୁଛ ବୋଲି କହିବା ଅନିୟମିତତାକୁ ଖୋଦ ଅଫିସ ପ୍ରଶ୍ରୟ ଦେଉଥିବା ଜଣାପଡ଼ିଛି । ରାଜକନିକା ବ୍ଲକ ଶିକ୍ଷା ବ୍ୟବସ୍ଥାର ଅନିୟମିତତା ଓ ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କ ଅନୁଦାନ, କାର୍ଯ୍ୟକ୍ରମ ରାଶି ହଡ଼ପ କରି ଚାଲୁଥିବା ବ୍ୟବସ୍ଥା ସମ୍ପର୍କରେ ଡିଇଓ ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ବାଳିକୁଦା ବ୍ଲକ: ୨ ଘଣ୍ଟାରେ ସରିଗଲା ଅଭିଯୋଗ ଶୁଣାଣି

- ବିଳମ୍ବରେ ସୂଚନା ମିଳିଲା
- ଲୋକେ ନିରାଶ ହୋଇ ଫେରିଲେ
- ଜନପ୍ରତିନିଧି ବି କ୍ଷୁବ୍ଧ

**ବାଲିକୁଦା, ୫।୧୨(ସମିସ)**

ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ତେବେ ମାଳ ମାଳ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିବା ବେଳେ ବ୍ଲକ ପ୍ରଶାସନର ଦାୟିତ୍ୱହୀନତା ପାଇଁ ଲୋକେ ସମସ୍ୟା ଜଣାଇ ପାରି ନ ଥିଲେ । ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଦିନ ୧୧ଟାରୁ ଆରମ୍ଭ ହୋଇ ଏହି ଶିବିର ଗୋଟାଏ ପୂର୍ବରୁ ଶେଷ ହୋଇଯାଇଥିଲା । ଅନେକ ଲୋକେ ବିଳମ୍ବରେ ସୂଚନା ପାଇ ଦୂରଦୂରାନ୍ତରୁ ଆସି ନିରାଶ ହୋଇ ଫେରିଥିଲେ । ଏପରିକି ୩୦ ପଞ୍ଚାୟତର ଜନପ୍ରତିନିଧିମାନଙ୍କୁ ବିଳମ୍ବରେ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା । ଏଣୁ ସେମାନେ ଏହାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇ ପାରି ନ ଥିବା ଅଭିଯୋଗ ଆଣିଛନ୍ତି । ବାରମ୍ବାର ବ୍ଲକ ପ୍ରଶାସନ ବିରୋଧରେ ଏଭଳି ଅଭିଯୋଗ ଆସୁଛି । ବ୍ଲକ ପ୍ରଶାସନର କିନ୍ତୁ ଏଥିପ୍ରତି ଖାତିର ନାହିଁ । ବ୍ଲକ ପ୍ରଶାସନ ନିଜର ଦୋଷ ଦୁର୍ବଳତାକୁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଗୋଚରରୁ ଦୂରେଇ ରଖିବା ପାଇଁ ଏଭଳି ହୀନ ପ୍ରୟାସ କରୁଥିବା ସରପଞ୍ଚ ଉର୍ମିଳା ସାହୁ, ରାଜକିଶୋର ସାହୁ, ରାଜଶ୍ରୀ ଖଟୁଆ, ସମିତିସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, ସମିତି ସଭ୍ୟ ନାଥ କାଣ୍ଡି, ସମିତି ସଭ୍ୟ ନିରଞ୍ଜନ ଦାସଙ୍କ ସମେତ ଅନେକ ସରପଞ୍ଚ ଓ ସମିତି ସଭ୍ୟ ଅଭିଯୋଗ କରିଛନ୍ତି । ୨ ମାସ ତଳେ ଅଳାଭର ସମିତି ସଭ୍ୟ ଜିଲ୍ଲା ପ୍ରଶାସନ ନିକଟରେ ତାଙ୍କ ଅନୁଦାନ ପାଣ୍ଠି ବ୍ଲକ ପ୍ରଶାସନ କାଟି ନେଇଥିବା ଅଭିଯୋଗ କରିଥିଲେ । ଏହାର ସମାଧାନ ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ; ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି । ଏଣୁ ୧୪ ତାରିଖ ମଧ୍ୟରେ ଏହାର ସମାଧାନ ନ ହେଲେ ୧୫ ତାରିଖଠାରୁ ସେ ବ୍ଲକ କାର୍ଯ୍ୟାଳୟ ପରିସର ଗାନ୍ଧୀ ପ୍ରତିମୂର୍ତ୍ତି ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି । ବ୍ଲକ ପ୍ରଶାସନର ଏଭଳି ଚରମ ଅବହେଳାକୁ ନେଇ ଅନେକ ଜନ ପ୍ରତିନିଧି ଆନ୍ଦୋଳନ ଚେତାବନୀ ଦେଇଛନ୍ତି । ସୂଚନାଯୋଗ୍ୟ, ଜିଲ୍ଲାପାଳ ପାରୁଲ ପଟ୍ଟଆରୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏସ୍‌ପି ରାହୁଲ ପିଆର, ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠି, ଉପ ଜିଲ୍ଲାପାଳ ପ୍ରଦୀପ ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରଶ୍ମି ରଞ୍ଜନ ସାହୁ, ବିଡ଼ିଓ ବିକାଶ ମହାନ୍ତି, ତହସିଲଦାର ଅଂଶୁମାନ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଏହାର ସମାଧାନ ପାଇଁ ଉଦ୍ୟମ କରିଥିଲେ । ୪୬ଟି ଅଭିଯୋଗରୁ ୯ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା । ୩୭ ବ୍ୟକ୍ତିଗତ ଓ ୯ଟି ଗୋଷ୍ଠୀ ବା ଗ୍ରାମ୍ୟ ସମସ୍ୟା ଉପରେ ଅଭିଯୋଗ ରହିଥିଲା । ବ୍ୟକ୍ତିଗତ ସମସ୍ୟା ଭିତରେ ୫ଟି ରାସନ କାର୍ଡ ଓ ୨ଟି ଆବାସ ଯୋଜନା ସହ ଭତ୍ତା ଓ ଜମିଜମା ସମସ୍ୟା ଉପରେ ଅଭିଯୋଗ ଆସିଥିଲା ।



## ୨୨ରେ ଜଗତସିଂହପୁର ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ



**ଜଗତସିଂହପୁର, ୫।୧୨(ସମିସ)**

ଡିସେମ୍ବର ୨୨ରେ ଜଗତସିଂହପୁର ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହେବ । ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହାର ସୁପରିଚାଳନା ନିମନ୍ତେ ଜିଲ୍ଲପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ପାରୁଲ ପଟାୱରିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ପ୍ରଥମେ ବ୍ଲକସ୍ତରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପରେ ଜିଲ୍ଲାସ୍ତରରେ କରାଯିବ । ଗୋଷ୍ଠୀ ନୃତ୍ୟ (ଲୋକ ନୃତ୍ୟ, ଶାସ୍ତ୍ରୀୟ, ଆଧୁନିକ), ଏକକ ନୃତ୍ୟ (ଲୋକ ନୃତ୍ୟ, ଶାସ୍ତ୍ରୀୟ, ଆଧୁନିକ), ଗୋଷ୍ଠୀ ଓ ଏକକ ସଙ୍ଗୀତ (ଦେଶାତ୍ମବାଧକ), ଏକକ ଅଭିନୟ/ଡ୍ରାମା (ସାମାଜିକ ବିଷୟ ବସ୍ତୁ, ୧୦ରୁ ୧୫ ମିନିଟ୍), ରଙ୍ଗୋଲି, (ସର୍ବନିମ୍ନ ୫ ଜଣ), ଚିତ୍ରାଙ୍କନ (ବିଷୟ ଇଣ୍ଡିଆ-୨୦୪୭), କମେଡି, ଫ୍ୟାସନ ସୋ ଏବଂ କ୍ରୀଡା ବିଭାଗରେ ହକି, ଫୁଟବଲ୍, ଭଲିବଲ୍, କ୍ରିକେଟ, କବାଡ଼ି ରହିବ । ୧୧ ତାରିଖ ସୁଦ୍ଧା ବ୍ଲକସ୍ତରରେ ଓ ୧୪ ଏବଂ ୧୫ ତାରିଖରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ସମାପନ ହେବ । ଜିଲ୍ଲାସ୍ତରରେ ପ୍ରଥମ ହୋଇଥିବା ଦଳ ବା ପ୍ରାର୍ଥୀ ୨୨ ତାରିଖ କଳା ପରିବେଷଣ କରିବେ । ଜିଲ୍ଲାରେ ଥିବା ୬୭ଟି ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ୭ ତାରିଖ ସୁଦ୍ଧା ଛାତ୍ରଛାତ୍ରୀଙ୍କ ନାଁ ଦାଖଲ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ଚୟନ ପ୍ରକ୍ରିୟାରେ ୫୦ ପ୍ରତିଶତ ପୁଅ ଏବଂ ୫୦ ପ୍ରତିଶତ ଝିଅ ରହିବେ । ପ୍ରତ୍ୟେକ ମହାବିଦ୍ୟାଳୟରେ ପିଲାଙ୍କ ସହ ୨ ଜଣ ଗାଇଡ୍ ଶିକ୍ଷକ ଆସିବେ । ୨୨ ତାରିଖରେ ହେବାକୁ ଥିବା ଏହି ଉତ୍ସବରେ ୧୦ ହଜାର ପ୍ରତିଯୋଗୀ ଭାଗ ନେବେ । ସେଥିପାଇଁ କଲେଜ କର୍ତ୍ତୃପକ୍ଷ ଚୟନ ସମୟରେ ଧ୍ୟାନ ଦେବେ । କଲେଜର ସିଟ୍ ଅନୁଯାୟୀ କେଉଁ କଲେଜରୁ କେତେ ଜଣ ଆସିବେ ତାହା ଜିଲ୍ଲାସ୍ତରୀୟ କମିଟି ନିଷ୍ପତ୍ତି ନେବ । ସମସ୍ତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାଙ୍କୁ ସମୟ ଅନୁସାରେ ଆଣି ପହଞ୍ଚାଇବା ପାଇଁ ଆବଶ୍ୟକ ବସ୍‌ର ସୁବିଧା କରିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ୨୨ ତାରିଖ ଏହି ଯୁବ ଉତ୍ସବ ସକାଳ ୯ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଚାଲିବ; ଯେଉଁଥିରେ ପାରମ୍ପରିକ ପ୍ରତିଯୋଗିତା ସହ ଅତ୍ୟାଧୁନିକ ତଥା ସୃଜନାତ୍ମକ ପ୍ରତିଯୋଗିତା ଯେପରି କି ଲେଜର ସୋ, କୁକିଂ, ପାରାଗ୍ଲାଇଡିଂ, ହ୍ୟୁମାନ ଚେନ, ପ୍ରିଣ୍ଟିଂ ଅନ୍ କପ୍, ମ୍ୟାଜିକ ସୋ ଆଦି ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଯୁବପିଢିଙ୍କୁ ଆହୁରି ଉତ୍ସାହିତ କରିବା ପାଇଁ ଯୁବ ପ୍ରତିଭାମାନଙ୍କ ସହିତ ସାକ୍ଷାତ ଆଲୋଚନା ମଧ୍ୟ କରାଯିବ; ଯେଉଁଥିରେ ସେହି ମହାନ ପ୍ରତିଭାମାନେ ନିଜର ଅଭିଜ୍ଞତା ବାଣ୍ଟିବେ ଓ ଭାଗ ନେଇଥିବା ଯୁବକ ଯୁବତୀ ସେମାନଙ୍କଠାରୁ କିଛି ଶିକ୍ଷା ଲାଭ କରିବେ । ଜିଲ୍ଲାପାଳ ଶ୍ରୀମତି ପଟାୱରି କହିଲେ ଯେ, ଯୁବପିଢ଼ିଙ୍କ ପ୍ରତିଭା ଅନ୍ୱେଷଣ କରିବାରେ ଏହା ଏକ ଅଭିନବ ପଦକ୍ଷେପ ଏବଂ ଓଡ଼ିଶା ସରକାରଙ୍କ ନୂଆ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମର ସୁପରିଚାଳନା କରି ଏହାକୁ ସଫଳ କରିବା ପାଇଁ ସେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସେ କହିଥିଲେ । ଏହି ଉତ୍ସବରେ ଅନେକ ଜନସମାଗମକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟସେବା, ଆମ୍ବୁଲାନ୍ସ, ଫାଷ୍ଟ ଏଡ୍ ସହ ଅଗ୍ନିଶମ ବିଭାଗକୁ ମଧ୍ୟ ସମସ୍ତ ଉପକରଣ ସହ ତତ୍ପର ରହିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ପ୍ରଶାସନକୁ ଦାୟିତ୍ୱ ଦିଆଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ୍ ରାଉତ, ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଦୀପ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. କ୍ଷେତ୍ରବାସୀ ଦାଶ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ସୁନୀଲ ନାୟକ, ଜଗତସିଂହପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ, ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ଉପ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କେରକେଟା, ଜଳ ଯୋଗାଣ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ ନାୟକଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ ।

## ଶିଶୁମନ୍ଦିର ପ୍ରତିଷ୍ଠା ଦିବସ, ଅଭିଭାବକ ସମ୍ମିଳନୀ

**ବାଲିକୁଦା, ୫।୧୨(ସମିସ):** ଖାଲଗାଁ ପଞ୍ଚାୟତ ଶୋଭାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୯ତମ ପ୍ରତିଷ୍ଠା ଦିବସ ଓ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଜେନା ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେକୃଷ୍ଣଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତିର ସଭାପତି ଅପର୍ତ୍ତି ଚରଣ ମହାନ୍ତି, ଭାରତୀ ପରିଡ଼ା, ତପସ୍ୱିନୀ ମୁଦୁଲି, ସମ୍ପାଦକ ବାସୁଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନ ଆଚାର୍ଯ୍ୟା ନମିତା ମହାନ୍ତି ଅଧ୍ୟକ୍ଷତା କରିଥିଲେ । ସୁଶାନ୍ତ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଭିମନ୍ୟୁ ପାଳ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସରୋଜ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।




## ଏଣ୍ଡର, ମାର୍ଶାଘାଇରେ 'ପଲ୍ଲୀରେ ପ୍ରଶାସନ

**ଡେରାବିଶ, ୫।୧୨(ସମିସ)**



କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ 'ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବିଡ଼ିଓ ଦାସରଥି ଜେନା ଶୁଭାରମ୍ଭ କରିଥିଲେ । ଅତିରିକ୍ତ ବିଡ଼ିଓ ଭଞ୍ଜକିଶୋର ନାୟକ, ସରପଞ୍ଚ ଦୁର୍ଯ୍ୟୋଧନ ମଲିକ ଉପସ୍ଥିତ ରହି ୭୮ଟି ଅଭିଯୋଗର ଶୁଣାଣି କରିଥିଲେ । ଆଧାର ପଞ୍ଜିକରଣ, ଅଣସଂଗଠିତ କ୍ଷେତ୍ର ଶ୍ରମିକ ପଞ୍ଜିକରଣ, ମାଗଣା ମୃତ୍ତିକା ପରୀକ୍ଷା ଓ ପରାମର୍ଶ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ବୀମା, ଋଣ ଯୋଜନା ପ୍ରସ୍ତୁତି, ପଟ୍ଟା ବଣ୍ଟନ, ଇ-ପାଉତି, ଛାତ୍ରୀଛାତ୍ରୀଙ୍କ ଜାତିଗତ ପ୍ରମାଣପତ୍ର ଆବେଦନ, ନିର୍ମାଣ ଶ୍ରମିକ ପଞ୍ଜିକରଣ ଓ ନବୀକରଣ, ବଳରାମ ଯୋଜନାରେ ଆବେଦନ, ମାଛ ଚାଷ ନିମନ୍ତେ ପାଣି ପରୀକ୍ଷା ଓ ପରାମର୍ଶ ସହ ମୋ' ଘର ଯୋଜନାରେ ସାମିଲ ହେବା ପାଇଁ ଅଧିକାଂଶ ଦରଖାସ୍ତ ରହିଥିଲା । ସେହିପରି ବାସଗୃହ ଯୋଜନା ଏବଂ ରାଶନ କାର୍ଡ଼ ତଥା ଭତ୍ତାରୁ ବଞ୍ଚିତ ଥିବା ହିତାଧିକାରୀ ସେମାନଙ୍କ ଅଭିଯୋଗ ପ୍ରଦାନ କରିଥିଲେ । ମୋ' ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବିଭିନ୍ନ ଗ୍ରାମରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ମଠମନ୍ଦିରର ଉନ୍ନତିକରଣ ପାଇଁ ଦରଖାସ୍ତ ଆସିଥିଲା । ଏହି ଅଭିଯୋଗଗୁଡ଼ିକରୁ କେତେକର ତ୍ୱରିତ ସମାଧାନ କରାଯିବା ସହ ଅନ୍ୟ ଅଭିଯୋଗଗୁଡ଼ିକ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବିଡ଼ିଓ ଜେନା ପଠାଇଥିଲେ । ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ଦାସ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ବିଭୁଦତ୍ତ ଦାସ, ପ୍ରମୋଦ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗ ଗ୍ରହଣ କରିଥଲେ । ଏହି ଶିବିରରେ ୧୦ରୁ ଅଧିକ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇଥିଲା । ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର କ୍ରିଷ୍ଣା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଖୋଲାଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଫାର୍ମାସିଷ୍ଟ ସଲିଳା ତ୍ରିପାଠୀ, ସ୍ୱାସ୍ଥ୍ୟ ସେବିକା ଶୁଭଶ୍ରୀ ପ୍ରିୟଦର୍ଶିନୀ ଲେଙ୍କା, ପ୍ରୀତିନନ୍ଦା ଦାସ, ପ୍ରଶାନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ପ୍ରସନ୍ନଜିତ ନାୟକ, ଜିଆରଏସ୍ ଗଦାଧର ଜଗତି ଓ ଅନିଲ ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।

**ମାର୍ଶାଘାଇ:** ମାର୍ଶାଘାଇ ବ୍ଲକ ମାର୍ଶାଘାଇ ପଞ୍ଚାୟତ ପରିସରରେ ମଧ୍ୟ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାର୍ଶାଘାଇ ସରପଞ୍ଚ ଭାଗବତ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟ ପ୍ରସନ୍ନ ସାହୁ, ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରମେଶଚନ୍ଦ୍ର ସ୍ୱାଇଁ, ବ୍ଲକ ଯୋଗାଣ ନିରୀକ୍ଷିକା ରଶ୍ମିପ୍ରଭା ସାହୁ, ଉଦ୍ୟାନ କୃଷି ଅଧିକାରୀ ପ୍ରଭାସ ମଲିକ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ । ରାସନ କାର୍ଡରେ ନୂଆ ହିତାଧିକାରୀଙ୍କ ନାମ ସଂଯୋଗ, ଆବାସ ଯୋଜନା ପାଇଁ ଆବେଦନ ନେଇ ୨୦ଟି ଅଭିଯୋଗ ହୋଇଥିଲା । ରାଜସ୍ୱ, ସ୍ୱାସ୍ଥ୍ୟ, ମହିଳା ଶିଶୁ ବିକାଶ, ଜୀବିକା ମିଶନ ମିଶନ ଶକ୍ତି, ପ୍ରାଣୀଧନ ପ୍ରଭୃତି ବିଭାଗର ଅଧିକାରୀ ଅନୁପସ୍ଥିତ ଥିଲେ । ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟଗୁରୁ ନିହାରକାନ୍ତ, ଗ୍ରାମ ରୋଜଗାର ସେବକ ପ୍ରିୟବ୍ରତ ପଣ୍ଡା, ମତ୍ସ୍ୟ ବିଭାଗର ଝାନ୍ସିରାଣୀ ସାହୁ, କୃଷି ବିଭାଗର ସୁକାନ୍ତ ପାତ୍ର, ମହିଳା ଶିଶୁ ବିଭାଗ, ପ୍ରାଣୀଧନ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ । ୱାର୍ଡସଭ୍ୟ ରାଜେନ୍ଦ୍ର ରାଉତ, ବୈକୁଣ୍ଠ ପ୍ରଧାନ, ଗୋବର୍ଦ୍ଧନ ଜେନା, ପୂଜାରାଣୀ ଜେନା, ହରେକୃଷ୍ଣ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ୭ରେ ଜଗତସିଂହପୁର ବନ୍ଦ ଡାକରା

- ଗାଡି ଚଳାଚଳ, ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିବାକୁ ଆହ୍ୱାନ
- କୋର୍ଟ, କଚେରି ସମେତ ସରକାରୀ କାର୍ଯ୍ୟାଳୟ ନ ଆସିବାକୁ ନିବେଦନ
- ଛାତ୍ରଛାତ୍ରୀଙ୍କୁ ସ୍କୁଲ, କଲେଜ ନ ଯିବାକୁ ଅନୁରୋଧ

**ଜଗତସିଂହପୁର, ୫।୧୨(ସମିସ)**

ଜଗତସିଂହପୁରରେ ମେଡିକାଲ କଲେଜ ଖୋଲିବା ଓ ପଲ୍ଲୀ ସ୍ୱାସ୍ଥ୍ୟ କେନ୍ଦ୍ର କଟକକୁ ସ୍ଥାନାନ୍ତର ନ କରିବା ଦାବିରେ ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ୭ ତାରିଖ ଜଗତସିଂହପୁର ବନ୍ଦ ପାଇଁ ଡାକରା ଦିଆଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନର ଆବାହକ ଆଇନଜୀବୀ ବାସୁଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି ।

ଜଗତସିଂହପୁରରେ ମେଡିକାଲ କଲେଜ ଖୋଲିବା ଓ ୧୯୫୫ରୁ ପ୍ରତିଷ୍ଠିତ ପଲ୍ଲୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ କଟକ ସ୍ଥାନାନ୍ତର କରିବା ପ୍ରତିବାଦରେ ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ସହରରେ ବିଭିନ୍ନ ସମୟରେ ଆନ୍ଦୋଳନ ଓ ଦାବି କରାଯାଉଛି । ତେବେ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ଜଗତସିଂହପୁର ବନ୍ଦ କରିବାକୁ ଅଭିଯାନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଡିସେମ୍ବର ୭ ତାରିଖ ସକାଳ ୫ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜଗତସିଂହପୁର ସହରରେ ଏହି ବନ୍ଦ ପାଳିନ ହେବ ବୋଲି ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସଂଗଠନ, ରାଜନୈତିକ ଦଳ ଓ ବ୍ୟକ୍ତି ବିଶେଷ ସାମିଲ ହେବେ ବୋଲି କୁହାଯାଇଛି । ଏହି ବନଦ ପାଳନକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରାଯିବାକୁ ସମିତି ପକ୍ଷରୁ ଆହ୍ୱାନ ଦିଆଯାଇଛି । ବନ୍ଦ ପାଳନ ସମୟରେ ଜିଲ୍ଲା ହସ୍ପିଟାଲରେ ଚାଲିଥିବା ଚିକିତ୍ସା ସେବା ଉପରେ କୌଣସି ବାଧା ସୃଷ୍ଟି କରାଯିବ ନାହିଁ । ବନ୍ଦ ପାଳନ ସମୟରେ ଆମ୍ବୁଲାନ୍ସ ପରି ଜରୁରୀ ସେବା ଚାଲୁ ରହିବ । ଏଥିରେ କୌଣସି ବାଧା ସୃଷ୍ଟି କରାଯିବ ନାହିଁ ବୋଲି ବାସୁଦେବ ପ୍ରକାଶ କରିଛନ୍ତି । ତେବେ ବନ୍ଦପାଳନ ସମୟରେ ଗାଡି ଚଳାଚଳ ବନ୍ଦ ରହିବା ସହ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନକୁ ବନ୍ଦ ରଖିବାକୁ ଆହ୍ୱାନ ଦିଆଯାଇଛି । ଜନସାଧାରଣଙ୍କୁ କୋର୍ଟ, କଚେରି ସମେତ ସରକାରୀ କାର୍ଯ୍ୟାଳୟକୁ ଆସିବାକୁ ନିବେଦନ କରାଯାଇଛି । ସେହିଦିନ ଛାତ୍ର ଛାତ୍ରୀଙ୍କୁ ସ୍କୁଲ କଲେଜ ନ ଆସିବାକୁ ଅନୁରୋଧ କରାଯାଇଛି । ଅନ୍ୟପକ୍ଷରେ ସହରର କିଛି ବ୍ୟକ୍ତି ନିପୁର ବଦଳରେ ଜଗତସିଂହପୁର ସହରାଞ୍ଚଳରେ ମେଡିକାଲ କଲେଜ ଖୋଲିବାକୁ ଦାବି କରୁଥିବାରୁ ଜିଲ୍ଲାରେ ଯେଉଁଠି ବି ହେଉ ମେଡିକାଲ କଲେଜ ହେଉ ବୋଲି ସମିତି ପକ୍ଷରୁ ସ୍ପଷ୍ଟ କରାଯାଇଛି । ସେଭେନ ହିଲ୍ ମଣ୍ଡପରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନର ହେମନ୍ତ ରଥ, ନଟବର ବାରିକ, ଦିଲ୍ଲୀପ ରଥ, ରଶ୍ମି ରଞ୍ଜନ ସ୍ୱାଇଁ, ଗଣେଶ ପ୍ରସାଦ ମହାନ୍ତି, ଦେବି ପ୍ରସାଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।



## ବିଜେପି କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ମହାକାଳପଡ଼ା/ମାର୍ଶାଘାଇ, ୫ ।୧୨(ସମିସ):** ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅଙ୍ଗୁଳାଇ ଖୁସି ମଣ୍ଡପରେ ବିଜେପି କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଯୋଗ ଦେଇଥିଲେ । କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି କିଶୋର ପଣ୍ଡା, ଯତୀନ ମହାନ୍ତି, ଜ୍ଞାନଦେବ ବେଉରା, ସରୋଜ କର, ବିଷ୍ଣୁ ପ୍ରସାଦ ଦାସ, ବିନୋଦ ଦାସ, ସୁନାକର ବେହେରା, ସଞ୍ଜୟ ରଥ, ଉମାକାନ୍ତ ପଟ୍ଟନାୟକ, ବିକ୍ରମ ରାଉତରାୟ, ସରୋଜ କାନ୍ତ ସାହୁ, ଅମିତାଭ ସୁଆର, ବିକ୍ରମାଦିତ୍ୟ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଶାନ୍ତ ସେଠୀ, ପ୍ରକାଶ ଦାସ, ପ୍ରକାଶ ପ୍ରଧାନ, କଳ୍ପତରୁ ବେହେରା, ଶରତ ମହାନ୍ତି ପ୍ରମୁଖ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଦୁର୍ଗା ପ୍ରସନ୍ନ ନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଅଙ୍ଗୁଳାଇ ଛକଠାରୁ ଅତିଥିଙ୍କୁ ପାଛୋଟି ନେଇଥିଲେ । ଡ. ସୌଭାଗ୍ୟ ପରିଡ଼ା, ଜୀବନ ସାହୁ, ପ୍ରଦୀପ ସେଠୀ, ରଶ୍ମି କାନ୍ତ ପଲାଇ, ରାମଚନ୍ଦ୍ର ରାଉତ, ସତ୍ୟ ପ୍ରକାଶ ସାମଲ, ତପନ ପ୍ରଧାନ, ସନାତନ ଭୋଳ, ରାଜଲକ୍ଷ୍ମୀ ଦାସ, ଗୋବିନ୍ଦ ଦାସ, ନିର୍ମଳ ସାହୁ, ସରୋଜ ରାଉତ, ମହେନ୍ଦ୍ର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।




Not Just Mining Minerals...

MINING
HAPPINESS

Odisha_mining | OmcOdisha



ପୃଥିବୀରେ ଯଦି କେଉଁଠାରେ ସ୍ୱର୍ଗ ଥାଏ; ଏଇଠି ଅଛି, ଏଇଠି ଅଛି ଏଇଠି ଅଛି !
-ଅମୀର ଖୁସ୍ରୁ
(କାଶ୍ମୀର ବିଷୟରେ)

ସକାଳ
THE SAKALA

## ରାଜ୍ୟ ନିର୍ବାଚନ ଫଳାଫଳ ଘୋଷଣା

# ଇଣ୍ଡିଆ ମେଣ୍ଟର ଦୁଃସ୍ଥିତି

ଗଣତନ୍ତ୍ରର ସଫଳ ପରିଚାଳନା ପାଇଁ ଉଭୟ ଶାସକ ଓ ବିରୋଧୀ ଦଳଙ୍କ ମଧ୍ୟରେ ସ୍ଥିରତା ଆବଶ୍ୟକ। ବିଶେଷକରି ସଂସଦୀୟ ଗଣତନ୍ତ୍ରରେ ଶାସକ ଦଳ ସଂଖ୍ୟାଗରିଷ୍ଠତା ଆଧାରରେ କ୍ଷମତାକୁ ଆସୁଥିବାରୁ ସଂସଦରେ ଦଳୀୟ ପ୍ରତିନିଧିଙ୍କ ସଂଖ୍ୟା ସନ୍ଦେହାସ୍ପଦ ହେବା ଉଚିତ ନୁହେଁ। ବହୁଦଳୀୟ ମେଣ୍ଟ କ୍ଷମତାକୁ ଆସିଲେ ସେମାନଙ୍କ ମଧ୍ୟରେ ସର୍ବନିମ୍ନ କାର୍ଯ୍ୟକ୍ରମର ରାଜିନାମା ଓ ଦଳୀୟ ସ୍ୱାର୍ଥ ମଧ୍ୟରେ ଆନୁପାତିକ ଅଗ୍ରାଧିକାର ରହିବା ମଧ୍ୟ ଆବଶ୍ୟକ। ବାରମ୍ବାର ଦଳ ପରିବର୍ତ୍ତନ ଫଳରେ ଶାସକ ମେଣ୍ଟ ଦୁର୍ବଳ ହେଲେ ସରକାର କ୍ଷମତାଚ୍ୟୁତ ହୋଇଥାଏ ଏବଂ ଶାସନକଳରେ ଏହାର ପ୍ରତିଫଳନ ଘୋର ଅନିଶ୍ଚିତତା ସୃଷ୍ଟି କରେ। ସେହିଭଳି ବିରୋଧୀ ଦଳର ସଂସଦୀୟ ପ୍ରତିନିଧି ସଂଖ୍ୟା ଏକ ନିର୍ଦ୍ଦିଷ୍ଟ ସୀମା ତଳକୁ ରହିଲେ ସେମାନେ କ୍ଷମତାସୀନ ଦଳକୁ ପ୍ରଭାବଶାଳୀ ଢଙ୍ଗରେ ଉତ୍ତରଦାୟୀ କରିପାରନ୍ତି ନାହିଁ। ଅନ୍ୟପକ୍ଷରେ ବହୁଦଳୀୟ ବିରୋଧୀ ମେଣ୍ଟରେ ମଧ୍ୟ ଦଳୀୟ ସ୍ୱାର୍ଥ ସହିତ କିଛି ପରିମାଣରେ ସାଲିସ୍ କରିବାକୁ ପଡ଼େ। ଏପରି ନ ହୋଇପାରିଲେ ବିରୋଧୀ ଦଳ ସେମାନଙ୍କର ଉପଯୁକ୍ତ ସାମ୍ବିଧାନିକ ଭୂମିକା ନିର୍ବାହ କରିପାରନ୍ତି ନାହିଁ। ପରିଣତି ସ୍ୱରୂପ କ୍ଷମତାସୀନ ଦଳ ବା ମେଣ୍ଟ ମନମୁଖି ଶାସନ କରିବସେ ଓ ଜନସାଧାରଣଙ୍କ ସ୍ୱାର୍ଥ ତଥା ଜାତୀୟ ସ୍ୱାର୍ଥ ପ୍ରତି ଦୃଷ୍ଟି ଦିଏ ନାହିଁ। ଏହି ନୀତିଗତ ପୃଷ୍ଠଭୂମିରେ ଆମେ ଯଦି ୨୦୧୪ ମସିହାଠାରୁ ଜାତୀୟ ଦୃଶ୍ୟପଟ୍ଟରେ କ୍ଷମତା ରାଜନୀତିର ଆକଳନ କରିବା ତେବେ ଦେଖିବା ଯେ ବିଜେପି ଓ ଏନ୍‌ଡିଏ ମେଣ୍ଟ ଐତିହାସିକ ସଂଖ୍ୟାଗରିଷ୍ଠତା ଲାଭ କରି କେନ୍ଦ୍ର ସରକାରରେ ଦୃଢ଼ ଭାବେ କ୍ଷମତାସୀନ ଅଛନ୍ତି। ଦୁଇଟି ଯାକ ସାଧାରଣ ନିର୍ବାଚନରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଢ଼ ନେତୃତ୍ୱରେ ଶାସନ ପରିଚାଳନା କରୁଛନ୍ତି। ଗତ ଦଶବର୍ଷ ଧରି ସଂସଦରେ ବିରୋଧୀ ଦଳଙ୍କର ସ୍ଥିତି ଯେ ଅତ୍ୟନ୍ତ ଦୁର୍ବଳ ଏହା ସମସ୍ତେ ଜାଣନ୍ତି। ଏପରିକି ସାମ୍ବିଧାନିକ ସ୍ଥିତିରେ ବିରୋଧୀ ନେତା ପଦ ପାଇଁ କେହି ଉପଯୁକ୍ତ ହୋଇପାରିନାହାନ୍ତି। ତେବେ କହିବା ବାହୁଲ୍ୟ ଯେ ସୁସ୍ଥ ଗଣତନ୍ତ୍ର ପାଇଁ ଉଭୟ ସ୍ଥିର ଶାସକ ଦଳ ସ୍ଥିର ବିରୋଧୀ ଦଳର ବହୁତ ଆବଶ୍ୟକତା ରହିଛି। ପରୋକ୍ଷ ଗଣତନ୍ତ୍ରର ପ୍ରତିନିଧିମୂଳକ ଶାସନ ପ୍ରଣାଳୀରେ ବିରୋଧୀ ଦଳଙ୍କ ନଗଣ୍ୟ ଉପସ୍ଥିତି ମଧ୍ୟ ଗଣତାନ୍ତ୍ରିକ ଶାସନରେ ସଙ୍କଟ ଆଣିପାରେ।

୨୦୧୪ ମସିହା ଏନ୍‌ଡିଏ ମେଣ୍ଟ ଶାସନ ଆସିବା ପରଠାରୁ ଜାତୀୟ ରାଜନୈତିକ ଦୃଶ୍ୟପଟ୍ଟରେ ଦୁଇଟି ବିରୋଧୀ ସାମ୍ମୁଖ୍ୟର ଆବିର୍ଭାବ ହୋଇଥିଲା। ଗୋଟିଏ କଂଗ୍ରେସ ଦଳର ନେତୃତ୍ୱରେ ଓ ଅନ୍ୟଟି ବାମପନ୍ଥୀ ତଥା ଅନ୍ୟ ବିଜେପି ବିରୋଧୀ ଦଳମାନଙ୍କର ଏକତ୍ର ହେବାର ସମ୍ଭାବନାରେ। ବିଭିନ୍ନ ପ୍ରାଦେଶିକ ଦଳମାନେ ଏହି ଦୁଇ ଏନ୍‌ଡିଏ ବିରୋଧୀ ସାମ୍ମୁଖ୍ୟକୁ ପ୍ରୋତ୍ସାହନ ଦେଉଥିଲେ ସୁଦ୍ଧା ପଞ୍ଚାୟତ ନିର୍ବାଚନ ଓ ବିଭିନ୍ନ ରାଜ୍ୟ ନିର୍ବାଚନମାନଙ୍କରେ ଦୁଇଟି ବିରୋଧୀ ସାମ୍ମୁଖ୍ୟ ମଧ୍ୟରେ ଜନମତ ଆବଣ୍ଟିତ ହୋଇଯିବା ଫଳରେ ଅଧିକାଂଶ ସ୍ଥଳରେ ବିଜେପି ପାଇଁ ବିଜୟ ସୁନିଶ୍ଚିତ ହୋଇଯାଉଥିଲା। କେରଳ ଓ ପଶ୍ଚିମବଙ୍ଗ ଭଳି ରଜ୍ୟମାନଙ୍କରେ ଏହାର ବ୍ୟତିକ୍ରମ ଦେଖାଯାଉଥିଲେ ମଧ୍ୟ ଯେହେତୁ ଏକ ଦୃଢ଼ ଦ୍ୱିତୀୟ ବା ତୃତୀୟ ସାମ୍ମୁଖ୍ୟ ଗଠନ ବିଭିନ୍ନ କାରଣରୁ ହୋଇପାରୁନଥିଲା ସେଥିପାଇଁ ଜାତୀୟ ସ୍ତରରେ ବିଜେପି ଓ ତାଙ୍କର ଏନ୍‌ଡିଏ ମେଣ୍ଟ ଲାଭାନ୍ୱିତ ହେଉଥିଲେ। ଉଭୟ ବିହାର ଓ ଉତ୍ତର ପ୍ରଦେଶରେ କଂଗ୍ରେସ ଓ ସମାଜବାଦୀ ପାର୍ଟି ବିରୋଧୀ ସାମ୍ମୁଖ୍ୟର ପ୍ରୟୋଗ କରିଥିଲେ ମଧ୍ୟ ଏକ ଦୃଢ଼ ତୃତୀୟ ବିଜେପି-ବିକଳ୍ପ ସୃଷ୍ଟି କରିପାରି ନଥିଲେ। ସେହିପରି ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ, ତେଲୁଗୁ ଦେଶମ୍ ପାର୍ଟି ନେତା ଚନ୍ଦ୍ରବାବୁ ନାଇଡୁ, ତେଲଙ୍ଗାନା ରାଷ୍ଟ୍ର ସମିତି ମୁଖ୍ୟ କେସିଆର ଏବଂ କଂଗ୍ରେସ ନେନା ସୋନିଆ ଓ ରାହୁଲ୍ ଗାନ୍ଧୀ ବିଭିନ୍ନ ସମୟରେ ବିରୋଧୀ ରାଷ୍ଟ୍ରୀୟ ସାମ୍ମୁଖ୍ୟ ଗଠନ ପାଇଁ ଆହ୍ୱାନ ଦେଇଥିଲେ ଏବଂ ଗୋଟିଏ ମଞ୍ଚରେ ଠିଆ ହୋଇଥିଲେ। ତେବେ ଦଳୀୟ ନେତାମାନଙ୍କର ବ୍ୟକ୍ତିଗତ ଉଚ୍ଚାଭିଳାଷ ଓ ସେମାନେ ସମସ୍ତେ ନିଜକୁ ପ୍ରଧାନମନ୍ତ୍ରୀ ପଦର ହକ୍‌ଦାର ଭଳି ମନେ କରୁଥିବା ଭାବମୂର୍ତ୍ତି ସୃଷ୍ଟି କରିଚାଲିଥିଲେ, ସେଥିଯୋଗୁଁ ଏହି ସାମ୍ମୁଖ୍ୟଗୁଡ଼ିକ ଆଦୌ କାର୍ଯ୍ୟକ୍ଷମ ହୋଇପାରୁନଥିଲା। ଗତ ଦଶବର୍ଷର ରାଜନୈତିକ ସମୀକ୍ଷାରେ ଏକପକ୍ଷରେ ବିଜେପି ଓ ଏନ୍‌ଡିଏ ମେଣ୍ଟର ସୁଦୃଢ଼ୀକରଣ ଓ ଅନ୍ୟପକ୍ଷରେ ଦ୍ୱିତୀୟ ବା ତୃତୀୟ ସାମ୍ମୁଖ୍ୟ ଗଠନର ବାରମ୍ବାର ବିଫଳତା ସ୍ପଷ୍ଟ ଜଣାପଡୁଥିଲା।

ସାମ୍ପ୍ରତିକ ପରିସ୍ଥିତିରେ କଂଗ୍ରେସର ବାରମ୍ବାର ନିର୍ବାଚନୀ ବିଫଳତା ଏବଂ ଅନ୍ୟ ବିରୋଧୀ ଦଳଙ୍କ ସହ ରାଜନୈତିକ ଆଦର୍ଶର ଅମେଳ ସତ୍ତ୍ୱେ ଆଉଥରେ ରାଷ୍ଟ୍ରୀୟ ବିରୋଧୀ ସାମ୍ମୁଖ୍ୟର ପ୍ରାଥମିକ ସଂରଚନା ଯେତେବେଳେ ଗତ ଜୁନ୍ ମାସରେ ପାଟ୍‌ନାଠାରେ ମୁଖ୍ୟ ବିରୋଧୀଙ୍କ ସମ୍ମିଳନୀର 'ଇଣ୍ଡିଆ' ମେଣ୍ଟର ଘୋଷଣା କରାଗଲା ଏବଂ ପରେ ପରେ ବେଙ୍ଗାଲୁରୁ ଓ ମୁମ୍ବାଇଠାରେ ମଧ୍ୟ ଏହି ସାମ୍ମୁଖ୍ୟ ଆଉ ଟିକେ ଦାନା ବାନ୍ଧିବାର ଦେଖାଗଲା, ସେତେବେଳେ ସାରା ଦେଶରେ ଏକ ନୂତନ ବିଜେପି ବରୋଧୀ ଆବହାୱା ସୃଷ୍ଟି ହେବା ପରି ମନେ ହେଉଥିଲା। ଯଦିଓ ଭବିଷ୍ୟତରେ ସମ୍ଭାବ୍ୟ ପ୍ରଧାନମନ୍ତ୍ରୀ କିଏ ହେବ ସେଥିପାଇଁ ଚିତ୍ର ଅସ୍ପଷ୍ଟ ଥିଲା, ତଥାପି ରାଜନୈତିକ ପର୍ଯ୍ୟବେକ୍ଷକମାନେ ଆଶା କରୁଥିଲେ ଏଇ ନିକଟରେ ଶେଷ ହୋଇଥିବା ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନରେ 'ଇଣ୍ଡିଆ' ମେଣ୍ଟର ସଦସ୍ୟଙ୍କ ମଧ୍ୟରେ ନିର୍ବାଚନୀ ବୁଝାମଣା ହେବ ଏବଂ ଅନେକ ଜାଗାରେ ବିରୋଧୀ ସାମ୍ମୁଖ୍ୟ ଏକତ୍ର ହୋଇ ବିଜେପି ବିରୁଦ୍ଧରେ ନିର୍ବାଚନ ଲଢ଼ିବେ। ତେବେ ପୁଣି ଥରେ କଂଗ୍ରେସ ଦଳର ଉଚ୍ଚପଦସ୍ଥ ନେତାମାନଙ୍କର ଉଚ୍ଚାଭିଳାଷ ଏହି ନିର୍ବାଚନୀ ବୁଝାମଣା ହୋଇପାରିଲା ନାହିଁ। ଏହି ରାଜ୍ୟ ନିର୍ବାଚନ ପୂର୍ବରୁ 'ଇଣ୍ଡିଆ' ମେଣ୍ଟ ଯେ ଶକ୍ତିହୀନ ହୋଇସାରିଛି ତାହା ଖୋଲାଖୋଲି ଜଣାପଡ଼ିଗଲା। ମଧ୍ୟପ୍ରଦେଶ ନିର୍ବାଚନରେ ଅଖିଳେଶ ଯାଦବଙ୍କ ଦଳ ସହ କଂଗ୍ରେସ ବୁଝାମଣା କରିବାକୁ ରାଜି ନ ହେବାରୁ ଅଖିଳେଶ ଯାଦବ 'ଇଣ୍ଡିଆ' ମେଣ୍ଟର ଅସଫଳତା ଘୋଷଣା କଲେ।

ଏବେ ରାଜ୍ୟଗୁଡ଼ିକର ନିର୍ବାଚନ ଫଳାଫଳ ଘୋଷଣା ପରେ ଏକଥା ଅଛପା ରହିଲା ନାହିଁ ଯେ ବିପକ୍ଷ ଏକତା ସାମ୍ମୁଖ୍ୟ କେବଳ ଏକ ସ୍ଲୋଗାନ୍ ହୋଇ ରହିଯାଇଛି। ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ କଂଗ୍ରେସର ବିପୁଳ ପରାଜୟର ଏକ ବଡ଼ କାରଣ ଯେ ବିରୋଧୀ ସାମ୍ମୁଖ୍ୟକୁ କଂଗ୍ରେସ ଅଗ୍ରାଧିକାର ଦେଲା ନାହିଁ। ବର୍ତ୍ତମାନ ନେଡ଼ିଗୁଡ଼ କହୁଣୀକୁ ବୋହିଲା ପରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଡିସେମ୍ବର ୬ ତାରିଖରେ ଯେଉଁ 'ଇଣ୍ଡିଆ' ମେଣ୍ଟ ନେତାଙ୍କ ବୈଠକ ଡାକିଥିଲେ ତାହା ମଧ୍ୟ ଫସର ଫାଟିଗଲା। 'ଇଣ୍ଡିଆ' ମେଣ୍ଟ ଦଳମାନଙ୍କର ପ୍ରାୟ ସବୁ ମୁଖ୍ୟ ନେତା ଏହି ବୈଠକରେ ଯୋଗ ଦେବେ ନାହିଁ ବୋଲି ଘୋଷଣା କରିବାରୁ 'ଇଣ୍ଡିଆ' ମେଣ୍ଟ ଯେ ଶକ୍ତିହୀନ ତାହା ସଫା ଜଣାପଡ଼ିଗଲା। ବୋଧହୁଏ ଏହି ମେଣ୍ଟର ଆଜି ପର୍ଯ୍ୟନ୍ତ ସବୁଠାରୁ ବଡ଼ ସଫଳତା ହୋଇଛି କେବଳ ସାମ୍ମୁଖ୍ୟ ପାଇଁ ଗୋଟିଏ ଆକର୍ଷଣୀୟ ନାଁ ବାଛିବା। ତେବେ ନାଁଟି ଯେତେ ଆକର୍ଷଣୀୟ ହେଲେ ସୁଦ୍ଧା ସେହି ଅନୁରୂପରେ ନିଷ୍ଠାପର ସହଯୋଗ ଧର୍ମୀ କାର୍ଯ୍ୟକଳାପ ମଧ୍ୟ ଆବଶ୍ୟକ। ବିଜେପି ଓ ଏନ୍‌ଡିଏର 'ଭାରତ'ନାମ ପ୍ରତି ଆଗ୍ରହ ବିରୋଧ କରିବା ପାଇଁ 'ଇଣ୍ଡିଆ' ମେଣ୍ଟର ପ୍ଲାକାର୍ଡଟିଏ ଧରି ବୁଲିଲେ ତ ହେବ ନାହିଁ ମେଣ୍ଟ ରାଜନୀତିର ସଫଳତା ପାଇଁ ଯାହା ଯାହା ଆବଶ୍ୟକ ସେ ସବୁକୁ ଯୋଜନାବଦ୍ଧ ଭାବେ କରିବାକୁ ପଡ଼ିବ। ଯାହା ଜଣାପଡୁଛି। କଂଗ୍ରେସ ନେତୃମଣ୍ଡଳୀ ବାସ୍ତବ ସ୍ଥିତିକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। କଂଗ୍ରେସକୁ ନେଇ ଜାତୀୟ ବିରୋଧୀ ସାମ୍ମୁଖ୍ୟ ଗଠନ ଏବେ ଏକ ଦୁଃସ୍ୱପ୍ନ ଭଳି ଲାଗିଲାଣି।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# କାଶ୍ମୀରୀ ପଣ୍ଡିତଙ୍କ କଷଣ



**ଅଶୋକ ଓଗ୍ରା**
ନୂଆଦିଲ୍ଲୀ, ମୋ: ୯୮୧୦୫୦୨୬୭୪

ଆପଣ ପଛକୁ ଯାଇ ଇତିହାସ ବଦଳାଇ ପାରିବେ ନାହିଁ। କିନ୍ତୁ ଆପଣ ଯେଉଁଠାରେ ଅଛନ୍ତି ସେଠାରୁ ଇତିହାସ ଲେଖିବା ଆରମ୍ଭ କରିପାରିବେ ଏବଂ ଉପସଂହାରକୁ ବଦଳାଇ ପାରିବେ। ସୋମାଲିଆ ଶରଣାର୍ଥୀଙ୍କ ଏହି ଉକ୍ତି ଏବେ କାଶ୍ମୀରର ଦେଶାନ୍ତର ପଣ୍ଡିତମାନଙ୍କ କ୍ଷେତ୍ରରେ ସତ ସାବ୍ୟସ୍ତ ହେବାକୁ ଯାଉଛି।

ଦେଶାନ୍ତରର ଜୀବନ ଜିଇଁବାର ଅନୁଭୂତି ଅନେକ ଯନ୍ତ୍ରଣାଦାୟକ। ନିଜ ବାସସ୍ଥାନ ନଷ୍ଟ ହେବା ବା ଛାଡ଼ିବାର କଷ୍ଟର ଆଘାତ ଅବର୍ଣ୍ଣନୀୟ। ୧୯୯୦ ରେ ଗଣସ୍ଥାନାନ୍ତର କରିବାକୁ ବାଧ୍ୟ ହୋଇଥିବା କାଶ୍ମୀରୀ ପଣ୍ଡିତମାନଙ୍କ ପାଇଁ 'ନିଖୋଜ'ର ଯନ୍ତ୍ରଣା ଅତ୍ୟଧିକ ମର୍ମନ୍ତୁଦ। ସାଧାରଣତଃ ସ୍ଥାନାନ୍ତରଣରେ ତିନୋଟି ପର୍ଯ୍ୟାୟ ଅନ୍ତର୍ଭୁକ୍ତ - ଯନ୍ତ୍ରଣା, ସଂଘର୍ଷ ଏବଂ ସ୍ଥିରତା। ଅଧିକାଂଶ କାଶ୍ମୀରୀ ପଣ୍ଡିତମାନଙ୍କ ପାଇଁ ୧୯୯୦ରୁ ଏ ପର୍ଯ୍ୟନ୍ତ ଦେଶାନ୍ତରର ପ୍ରଥମ ଦଶ ବର୍ଷ ଦୁଃଖ ଓ ନିରାଶାରେ ଅତିବାହିତ ହୋଇଥିଲା। ନିଜ ଜନ୍ମମାଟିରୁ ନିଖୋଜ ହେବାର ବେଦନା ଯେତେ ନ ଥିଲା ତା'ଠାରୁ ଅଧିକ ଚିନ୍ତାଜନକ ଥିଲା ସେମାନେ ଉଭୟ ଘରୋଇ ଓ ପାକିସ୍ତାନୀ ଆତଙ୍କବାଦୀଙ୍କ ଶିକାର ହେବା। ସେମାନେ ନିଜ ଘରକୁ ଫେରିବେ ବୋଲି ଯେଉଁ ଆଶା ବାନ୍ଧିଥିଲେ ତାହା ପରବର୍ତ୍ତୀ ଦଶନ୍ଧି ମଧ୍ୟରେ (୨୦୦୦-୨୦୧୦) କ୍ଷୀଣ ହେବାକୁ ଲାଗିଲା। ତେଣୁ ସେମାନେ ପୁନର୍ବାସ ଓ ଥଇଥାନ ସହିତ ସେମାନଙ୍କ ପିଲାମାନଙ୍କ ପାଇଁ ଶିକ୍ଷା ସୁନିଶ୍ଚିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଲାଗିଲେ। ୨୦୧୦ ପରବର୍ତ୍ତୀ ସମୟରେ ଅଧିକାଂଶ ବିସ୍ଥାପିତ କାଶ୍ମୀରୀ ପଣ୍ଡିତଙ୍କ ପରିବାର ନୂଆ କରି ଜୀବନ ଜିଇଁବା ଆରମ୍ଭ କରିଦେଇଥିଲେ। ଏପରିକି ସେମାନଙ୍କ ପିଲାମାନେ ଦେଶବିଦେଶର ବିଭିନ୍ନ ସ୍ଥାନରେ ଭଲ ଚାକିରିରେ ଅବସ୍ଥାପିତ ହୋଇସାରିଥିଲେ। ତଥାପି, ଦେଶ ହେଉ ଅବା ବିଦେଶ ଦୂରସ୍ଥାନକୁ ଯିବାରେ ଯେତିକି ସୁଯୋଗ ଓ ସମ୍ଭାବନା ଥାଏ ସେତିକି କ୍ଷତି ମଧ୍ୟ ହୋଇଥାଏ, ଏହାକୁ ଅସ୍ୱୀକାର କରାଯାଇ ନ ପାରେ। ଆମେରିକାର ବୈଜ୍ଞାନିକ ଲେଖକ ଡକ୍ଟର ଅଶୋକ ରାଇନାଙ୍କ ଦ୍ୱାରା ସମ୍ପାଦିତ 'ହିଷ୍ଟୋରୀ ଅଫ୍ କାଶ୍ମୀରୀ ଏବଂ ଆଇଟିସ୍ ପଣ୍ଡିତ' ପୁସ୍ତକରେ କାଶ୍ମୀରୀ ପଣ୍ଡିତ ସମ୍ପ୍ରଦାୟ ସମ୍ମୁଖୀନ ହେଉଥିବା ଦ୍ୱନ୍ଦ୍ୱକୁ ସଫଳତାର ସହ ଉପସ୍ଥାପିତ ହୋଇଛି। ବିଗତ ଛଅ ଶତାବ୍ଦୀ ମଧ୍ୟରେ କାଶ୍ମୀରୀ ପଣ୍ଡିତମାନେ ଆତ୍ମସଂରକ୍ଷଣର କୌଶଳ ଶିଖି ସାରିଛନ୍ତି। ଅତ୍ୟଧିକ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସେମାନେ ନିଜ ବଳରେ ତିଷ୍ଠି ପାରିଛନ୍ତି। ଶିକ୍ଷା, କଠିନ ପରିଶ୍ରମ, ଆନ୍ତରିକ ଉଦ୍ୟମ ବଳରେ ଯେକୌଣସି ନିଯୁକ୍ତି କ୍ଷେତ୍ରରେ ସଫଳତା ଜରିଆରେ ସେମାନେ ନିଜ ଦକ୍ଷତାର ପରାକାଷ୍ଠା ପ୍ରତିଷ୍ଠା କରିପାରିଛନ୍ତି।

ତଥାପି, ପଣ୍ଡିତମାନେ କେବେ ନିଜ ଦେଶକୁ ଫେରିବାକୁ ସମର୍ଥ ହେବେ କି? ଏହି ପ୍ରଶ୍ନର ଉତ୍ତର ହେଉଛି ଯେପର୍ଯ୍ୟନ୍ତ କାଶ୍ମୀରର ଅଧିକାଂଶ ସମ୍ପ୍ରଦାୟ ପଣ୍ଡିତମାନଙ୍କୁ କାଶ୍ମୀରର ସମାନ ଅଂଶୀଦାର ଭାବରେ ଗ୍ରହଣ ନକରନ୍ତି ଏବଂ ଦୁଇ ସମ୍ପ୍ରଦାୟ ଏକତ୍ର ଶାନ୍ତିରେ ରହିବାକୁ ଚାହାନ୍ତି। ଏହା ନ ହେବା ପର୍ଯ୍ୟନ୍ତ କାଶ୍ମୀର ଉପତ୍ୟକା ସେହିଭଳି ଅଶାନ୍ତ ରହିଥିବ ଏବଂ ପଣ୍ଡିତମାନେ ନିଜ ଜନ୍ମମାଟିରୁ ବିସ୍ଥାପିତ ହୋଇରହିଥିବେ। ଉଲ୍ଲେଖନୀୟ ହେଉଛି ଏହି ପୁସ୍ତକରେ ଡକ୍ଟର ଅଶୋକ ରାଇନା ସମଗ୍ର ବିଶ୍ୱର ଭିନ୍ନ ଭିନ୍ନ ସ୍ଥାନରେ ବସବାସ କରୁଥିବା ପଣ୍ଡିତମାନଙ୍କ ସ୍ୱରକୁ ଏକାଠି କରିପାରିଛନ୍ତି। ତେବେ କାଶ୍ମୀର ଉପତ୍ୟକାରେ ରାଜନୈତିକ ସ୍ଥିତିରେ ସୁଧାର ଆସିବ ଏବଂ ବିସ୍ଥାପିତ କାଶ୍ମୀରୀ ପଣ୍ଡିତମାନେ ନିଜ ଜନ୍ମଭୂମିକୁ ଫେରି ଆସିବେ ବୋଲି ପଦ୍ମଶ୍ରୀ ଡକ୍ଟର ସୁବାସ କାକ ଆଶା କରିଛନ୍ତି।

ତେବେ କାଶ୍ମୀର ଉପତ୍ୟକାରେ ଶାନ୍ତି କେବଳ ଦୁଇ ସମ୍ପ୍ରଦାୟର ଇଚ୍ଛା ଉପରେ ନିର୍ଭର କରେ - ମୁସଲମାନ ଓ ପଣ୍ଡିତ। ଏ ଦିଗରେ ପାକିସ୍ତାନର ଭୂମିକାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। ଜଣାଶୁଣା ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ କର୍ଣ୍ଣେଲ୍ ଡ. ତେଜ୍ ଟିକୁ ୧୮୪୬ ରୁ ୧୯୪୭ ମଧ୍ୟରେ ଡୋଗ୍ରା ରାଜ୍ ଉପରେ ଇତିହାସକାରମାନେ ଦେଇଥିବା ତଥ୍ୟ ଉପରେ କେତେକ ଟୀପ୍ପଣି କରିଛନ୍ତି। ଡୋଗ୍ରା ରାଜତ୍ୱ ସମୟରେ ଜମି ସଂସ୍କାରଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ଗଠନ, ଜଳସେଚନ ପ୍ରଣାଳୀକୁ ଦୃଢ଼ୀକରଣ, ଡାକ୍ତରଖାନା ପ୍ରତିଷ୍ଠା ପର୍ଯ୍ୟନ୍ତ ଅନେକ କାର୍ଯ୍ୟ ସମ୍ପାଦିତ ହୋଇଛି। ସେତେବେଳେ ଅନ୍ୟ



ରାଜ୍ୟର ଶାସକଙ୍କ ତୁଳନାରେ ଡୋଗ୍ରା ଶାସକମାନେ ବିକାଶ କ୍ଷେତ୍ରରେ ଅଗ୍ରଣୀ ଥିଲେ। ଲେଖକ ୧୯୩୦ ଦଶକର ରାଜନୈତିକ ବିକାଶ ଓ ୧୯୪୭ ପର୍ଯ୍ୟନ୍ତ କାଶ୍ମୀର ଇତିହାସ ବିଷୟରେ ଗଭୀର ଅନୁଶୀଳନ କରିଛନ୍ତି।

ବିଶିଷ୍ଟ ଲେଖକ ପ୍ରଫେସର ତେଜ ଏନ ଧର ଶୈବ ଦାର୍ଶନିକ ଓ ବୌଦ୍ଧମାନଙ୍କ ସହିତ ସେମାନଙ୍କର ବିତର୍କର ଏକ ଆକର୍ଷଣୀୟ ବିବରଣୀ ପ୍ରଦାନ କରିଛନ୍ତି। ଅଭିନଭଗୁପ୍ତଙ୍କ ଶିଷ୍ୟ ଖେମରା କହିଛନ୍ତି ଯେ ବୌଦ୍ଧ ଧର୍ମାବଲମ୍ବୀଙ୍କ ସହ ବିତର୍କରେ ଭାଗ ନେବା ପାଇଁ ଯେତେବେଳେ ଭାସଗୁପ୍ତ ଶିବଙ୍କ ସାହାଯ୍ୟ ଲୋଡ଼ିଥିଲେ, ସେତେବେଳେ ଶିବ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ମହାଦେବ ପର୍ବତର ପାଦଦେଶକୁ ଯାଇ ଶିବସୂତ୍ର ପଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ତୁରନ୍ତ ପରାମର୍ଶକୁ ଅନୁସରଣ କରି ବୌଦ୍ଧଧର୍ମାବଲମ୍ବୀମାନଙ୍କୁ ତର୍କରେ ପରାସ୍ତ କରିଥିଲେ। 'ହିନ୍ଦୁ ଶାସକ' ଶୀର୍ଷକ ଅନ୍ୟ ଏକ ପ୍ରବନ୍ଧରେ ପ୍ରଫେସର ଧର କାଶ୍ମୀରର ବିଶିଷ୍ଟ ରାଜା ଲଳିତାଦିତ୍ୟ ମୁକ୍ତପିଦ (୭୨୪-୭୬୧) ବିଷୟରେ ବର୍ଣ୍ଣନା କରିଛନ୍ତି, ଯାହାଙ୍କର ଶାସନକୁ ସେ କାଶ୍ମୀରର 'ସୁବର୍ଣ୍ଣ ଯୁଗ' ଭାବେ ବର୍ଣ୍ଣନା କରିଛନ୍ତି। ଲଳିତାଦିତ୍ୟ କେବଳ ଜଣେ ମହାନ ଯୋଦ୍ଧା ନଥିଲେ, ବରଂ ଜଣେ ଦୟାଳୁ ଶାସକ ତଥା ବିଜ୍ଞାନ, କଳା ଏବଂ ସ୍ଥାପତ୍ୟର ଜଣେ ମହାନ ପୃଷ୍ଠପୋଷକ ଥିଲେ। ସେ ବୁଦ୍ଧଙ୍କ ପାଇଁ ମନ୍ଦିର ନିର୍ମାଣ କରିଥିଲେ ଏବଂ ଶିବ, ବିଷ୍ଣୁ ଏବଂ ବିହାରସ ପରି ଦେବତାମାନଙ୍କ ପାଇଁ ମଧ୍ୟ ମନ୍ଦିର ନିର୍ମାଣ କରିଥିଲେ, ଯେଉଁଠାରେ ଉଭୟ ଧର୍ମର ପଣ୍ଡିତମାନେ ରାଜ ପୃଷ୍ଠପୋଷକତାରେ ଉପକୃତ ହେଉଥିଲେ।

କାଶ୍ମୀରରେ ଜମି କିଣାବିକା ଉପରେ ପ୍ରତିବନ୍ଧକ ଲାଗୁ ହୋଇଥିବା ସମୟରେ ଇସଲାମ ଧର୍ମାବଲମ୍ବୀମାନଙ୍କର ଆଗମନକୁ ପଦ୍ମଶ୍ରୀ ଡକ୍ଟର କାଶୀନାଥ ପଣ୍ଡିତଙ୍କ ପ୍ରବନ୍ଧ 'ମୁସଲିମ୍ ନିୟମ'ର କେନ୍ଦ୍ରବିନ୍ଦୁ ପାଲଟିଛି। ସେ ଉଲ୍ଲେଖ କରିଛନ୍ତି ଯେ କାଶ୍ମୀରକୁ ଏକ ଇସଲାମିକ ଅଞ୍ଚଳ ରୂପେ ପରିଚୟ ପ୍ରଦାନ କରିବାର ଚେଷ୍ଟା କେବଳ ସାମ୍ପ୍ରତିକ ଧର୍ମ ଯୋଦ୍ଧାମାନଙ୍କ ନୁହେଁ ବରଂ ଚତୁର୍ଦ୍ଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଇରାନୀ ଏବଂ ତୁର୍କସ୍ତାନ ମିଶନାରୀମାନଙ୍କ କାର୍ଯ୍ୟ ଥିଲା। ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ ଇସଲାମକୁ ଆଦିବାସୀ ଆରବ ନୁହେଁ, ଧର୍ମ ଗ୍ରହଣ କରିଥିବା ଜୋରାଷ୍ଟ୍ରିଆର ବଂଶଧରମାନେ କାଶ୍ମୀରକୁ ଆଣିଥିଲେ। ଲେଖକ ନୂତନ ଚିନ୍ତାଧାରାକୁ ଉତ୍ସାହିତ କରିବାରେ ଏବଂ ଅତୀତର ଅନୁସନ୍ଧାନ ଜାରି ରଖିବାକୁ ପାଠକମାନଙ୍କୁ ପ୍ରେରଣା ଦେବାରେ ସଫଳ ହୋଇଛନ୍ତି। ସ୍ୱାଧୀନତା ପରେ କାଶ୍ମୀରରେ ଡକ୍ଟର ବଂଶୀଲାଲ୍ କୌଲ୍ ୧୯୪୭ ପରଠାରୁ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଘଟଣା ଉପରେ ସଂକ୍ଷେପରେ ବର୍ଣ୍ଣନା କରିଛନ୍ତି। ସିମ୍ଲା ଚୁକ୍ତିନାମା ଅନୁଯାୟୀ ସେ ତତ୍କାଳୀନ ନେତୃତ୍ୱର ତ୍ରୁଟିକୁ ଉଲ୍ଲେଖ କରି କହିଛନ୍ତି ଯେ ଭାରତ ପାକିସ୍ତାନୀ ଯୁଦ୍ଧ ବନ୍ଦୀମାନଙ୍କୁ ମୁକ୍ତ କରିବା ପରେ ଭୁଟ୍ଟୋ ତାଙ୍କ ଦେଶର ଅପମାନଜନକ ପରାଜୟ ଏବଂ ପୂର୍ବ ପାକିସ୍ତାନର ଅପୂରଣୀୟ କ୍ଷତିର ପ୍ରତିଶୋଧ ନେବା ପାଇଁ ଭାରତ ସହ ଏକ ହଜାର ବର୍ଷର ଯୁଦ୍ଧ ବିଷୟରେ ମନ୍ତବ୍ୟ ଦେଇଥିଲେ। ୧୯୪୭ରେ କାଶ୍ମୀର ଉପରେ ଆଦିବାସୀ ଆକ୍ରମଣ ଉପରେ ଡକ୍ଟର ପଣ୍ଡିତଙ୍କ ଆଲେଖ୍ୟରେ ପାକିସ୍ତାନୀ ଆକ୍ରମଣକାରୀଙ୍କ ଦ୍ୱାରା ହିନ୍ଦୁ ଏବଂ ଶିଖ ଜନସଂଖ୍ୟା ଉପରେ ଖୋଲାଖୋଲି ଭାବେ ଦିଆଯାଇଥିବା ବିବରଣୀ ପ୍ରଦାନ କରାଯାଇଛି। କାଶ୍ମୀର ଆଦିବାସୀ ଆତଙ୍କବାଦୀଙ୍କ ମନୋବଳ ବଢ଼ାଇବା ପାଇଁ ମନାକି ସରିଫ୍‌ର ଫକୀର, ଉର୍ଦ୍ଦୁ କବି ଫୈଜ ଅହମ୍ମଦ ଫୈଜ ବାରାମୁଲ୍ଲା ପରିଦର୍ଶନ କରିଥିଲେ। ଏହି ପୁସ୍ତକ ସାଂସ୍କୃତିକ ଇତିହାସ ଏବଂ ରାଜନୀତି ବିଜ୍ଞାନ ଆଧାରରେ କାଶ୍ମୀରୀ ପଣ୍ଡିତମାନଙ୍କର ବଞ୍ଚିବାର ପ୍ରବୃତ୍ତି ଉପରେ ଆଲୋକପାତ କରିଛି।

ଡକ୍ଟର ସତୀଶ ଗଞ୍ଜୁ, ଅଶ୍ୱନୀ ଚୁଙ୍ଗ୍ରୋ ଏବଂ ଡକ୍ଟର ଅଶୋକ ରାଇନା ପ୍ରମୁଖ ଲେଖକମାନେ କାଶ୍ମୀରୀ ପଣ୍ଡିତ ସମ୍ପ୍ରଦାୟର ଅବମାନନା, ଭେଦଭାବ ତଥା ହତ୍ୟା ବିଷୟରେ ବର୍ଣ୍ଣନା କରିଛନ୍ତି। ସୁଲତାନ ସିକନ୍ଦରଙ୍କଠାରୁ ଆରମ୍ଭ କରି ମୁସଲମାନ ଶାସକମାନଙ୍କ କାର୍ଯ୍ୟକଳାପକୁ ସେମାନେ ବର୍ଣ୍ଣନା କରିଛନ୍ତି। ୧୯୯୦ ରେ କାଶ୍ମୀରରେ ଆତଙ୍କବାଦ ଆରମ୍ଭ ବିଷୟରେ ବର୍ଣ୍ଣନା କରିବାବେଳେ ସେମାନେ ଏକ ଘୃଣ୍ୟ ଚିତ୍ର ପ୍ରଦାନ କରିଛନ୍ତି। ଲେଖକମାନେ ଏକାଧିକ ପ୍ରଶ୍ନ ଉଠାଇଛନ୍ତି। କେତେକ ପଣ୍ଡିତ ଧାରା ୩୭୦ ଏବଂ ୩୫ଇ ର ପ୍ରତ୍ୟାହାରକୁ ଏକ ସକାରାତ୍ମକ ସଙ୍କେତ ଭାବରେ ଗ୍ରହଣ କରି କାଶ୍ମୀର ଉପତ୍ୟକାକୁ ଫେରିବା ଆରମ୍ଭ କରିଥିବା ବେଳେ ଅନ୍ୟମାନେ ସରକାରୀ ଚାକିରିର ପ୍ରୋତ୍ସାହନ ଦ୍ୱାରା ଉତ୍ସାହିତ ହୋଇଥିଲେ। କିନ୍ତୁ ଏହା ଜେହାଦୀମାନଙ୍କ ପାଇଁ ଏକ ବିଫଳତା ହୋଇଥିଲା। ତେଣୁ ସେମାନେ ହତ୍ୟାର ପୁରୁଣା କୌଶଳକୁ ଆପଣେଇଲେ ଓ ହତ୍ୟା ଧମକ ଦେଲେ। ଏହି ପରିସ୍ଥିତିରେ କାଶ୍ମୀର ପଣ୍ଡିତମାନେ କାଶ୍ମୀରକୁ ଫେରିବା କେବେ ସମ୍ଭବ ହେବ କି?

ଏହି ପରିପ୍ରେକ୍ଷୀରେ ଯେଉଁ ଧାରଣା ସୃଷ୍ଟି ହେଉଛି ତାହା ହେଲା କାଶ୍ମୀର ପଣ୍ଡିତମାନେ ନିଜ ଘରକୁ ଫେରିବା ପାଇଁ ଯେତେ ଅଧିକ ଇଚ୍ଛୁକ ସେତେ ବୀତସ୍ପୃହ। ଏକ ସୁନ୍ଦର ଭବିଷ୍ୟତର ଅପେକ୍ଷା କରୁଥିବା ଅଧିକାଂଶ ପ୍ରବାସୀ କାଶ୍ମୀରୀ ପଣ୍ଡିତଙ୍କ ମନରୁ ଏ ପର୍ଯ୍ୟନ୍ତ ଇତିହାସର ସ୍ମୃତିଗୁଡ଼ିକ ଅପାସୋରା ହୋଇ ରହିଛି। ଡକ୍ଟର ବିଜୟ ସାଜାୱାଲଙ୍କ ମତରେ କାଶ୍ମୀର ବିନା ପଣ୍ଡିତମାନେ ବଞ୍ଚିପାରିବେ! ତାଙ୍କ ମତରେ କାଶ୍ମୀର ଉପତ୍ୟକାରେ ରହୁଥିବା ହିନ୍ଦୁମାନଙ୍କ ପାଇଁ ସବୁଠାରୁ ଖରାପ ସମୟ ବୋଧହୁଏ ଶେଷ ହୋଇଛି। ସେମାନଙ୍କର ପ୍ରାଥମିକ ଆହ୍ୱାନ ହେଉଛି ଅର୍ଥନୈତିକ ଦୃଷ୍ଟିରୁ ସଶକ୍ତୀକରଣ।

ବିଗତ ତିନି ଦଶନ୍ଧିରେ ଏହା ପ୍ରମାଣିତ ହୋଇଛି ଯେ ଶତ୍ରୁବେଷ୍ଟିତ ପରିବେଶରେ ସଫଳ ହେବା ପାଇଁ ଯେଉଁ ନୂତନ କୌଶଳ ହାସଲ କରିବା ଆବଶ୍ୟକ ତାହା ପଣ୍ଡିତମାନେ ଆବିଷ୍କାର କରିସାରିଛନ୍ତି। କାଶ୍ମୀରରେ ସନ୍ତ୍ରାସବାଦର କ୍ରମଶଃ ବିଲୋପ ଘଟୁଛି ଏବଂ ସୁଖ ସମୃଦ୍ଧି ଫେରିବାର ଆଶା ଉଜ୍ଜ୍ୱଳ ହେଉଛି। ତେଣୁ କାଶ୍ମୀର ପଣ୍ଡିତମାନଙ୍କ ସଂଖ୍ୟା ଉପତ୍ୟକାରେ ବୃଦ୍ଧି ପାଇବାର ସମ୍ଭାବନା ଦେଖାଦେଇଛି। ଏହା ହିଁ ସେମାନଙ୍କୁ ପୁଣି ଥରେ କାଶ୍ମୀର ଫେରିବାର ରାସ୍ତା ତିଆରି କରିବ, ବିଶେଷକରି ଯେଉଁମାନେ ଉପତ୍ୟକାର ଗ୍ରାମାଞ୍ଚଳରେ ରହିଛନ୍ତି। ଉପତ୍ୟକା ବାହାରେ ରହୁଥିବା ସେହି କାଶ୍ମୀରୀ ପଣ୍ଡିତମାନେ ମଧ୍ୟ ସେମାନଙ୍କ ପିତୃପୁରୁଷଙ୍କ ସ୍ମୃତିରୁ ଅଧିକ ଦିନ ଦୂରରେ ରହିପାରିବେ ନାହିଁ। ଏହି ଯୁକ୍ତି ସହିତ କେହି ଦ୍ୱିମତ ହେବେ ନାହିଁ। ତେବେ ଅଧିକାଂଶ କାଶ୍ମୀରୀ ପଣ୍ଡିତ ଏକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ପଟେ ପଣ୍ଡିତମାନେ ଏକ ଜୀବନ ଜିଉଁଛନ୍ତି ଓ ତିକ୍ତ ଇତିହାସକୁ ଭୁଲିବାରେ ଲାଗିଛନ୍ତି। ସେମାନଙ୍କ ପାଇଁ କାଶ୍ମୀର ଉପତ୍ୟକା ଏକ ହତ୍ୟାର ଇଲାକା ଭାବେ ସ୍ମୃତିପଟରେ ରହିଛି। ଅପରପକ୍ଷରେ ସ୍ୱେନର ମାନସିକ ରୋଗ ବିଶେଷଜ୍ଞ ଜୋସେବା ଆଖୋଟେଗୁଇଙ୍କ ମତରେ ଏହା ହେଉଛି 'ସ୍ଥାନାନ୍ତରଣ ଶୋକ', ଯାହା ସ୍ଥାନାନ୍ତରଣ ଦ୍ୱାରା ହୋଇଥିବା କ୍ଷତି ସହିତ ଜଡ଼ିତ? ତେବେ ପ୍ରଶ୍ନ ଉଠେ ସ୍ଥାନାନ୍ତରଣ କେବଳ କ'ଣ ଜନ୍ମଭୂମିକୁ ଛାଡ଼ିବା? ନା କର୍ମଭୂମିକୁ ଛାଡ଼ି ଜନ୍ମଭୂମିକୁ ପ୍ରତ୍ୟାବର୍ତ୍ତନ କରିବା?

ସ୍ଥାନାନ୍ତରଣ କେବଳ ଶରୀରକୁ ସ୍ଥାନାନ୍ତର କରିଥାଏ, କିନ୍ତୁ ଚିନ୍ତା ଚେତନତାରେ ଦୀର୍ଘବର୍ଷ ଧରି ରହିଯାଏ। ଆମେ ଜାଣୁ ଆମେ କେଉଁଠାକୁ ଯାଉଛୁ। ତଥାପି, ଆମର ଆଧାର ଆମଠାରୁ ଦୂରେଇ ଯାଉଛି। ଦୁର୍ଭାଗ୍ୟବଶତଃ ପଣ୍ଡିତମାନଙ୍କ କ୍ଷେତ୍ରରେ ଏହା ହିଁ ଘଟୁଛି।

**(କାଶ୍ମୀର ପଣ୍ଡିତଙ୍କ ଗଣସ୍ଥାନାନ୍ତର ସମ୍ପର୍କିତ ଅଶୋକ ରାଇନାଙ୍କ ଦ୍ୱାରା ସଂପାଦିତ ସଦ୍ୟ ପ୍ରକାଶିତ ପୁସ୍ତକ 'ହିଷ୍ଟ୍ରି ଅଫ୍ କାଶ୍ମୀର ଆଣ୍ଡ ଇଟ୍‌ସ ପଣ୍ଡିତ୍‌ସ'ର ତଥ୍ୟ ଓ ତର୍କର ସଂକ୍ଷିପ୍ତ ସାରାଂଶ)**

# ଡାକ ଆଇନରେ ସଂଶୋଧନ

ଦୀର୍ଘ ୧୨୫ ବର୍ଷର ପୁରୁଣା ଭାରତୀୟ ଡାକ ଆଇନ ବଦଳିବାକୁ ଯାଉଛି। ଏ ସଂକ୍ରାନ୍ତ ଏକ ବିଲ୍ ରାଜ୍ୟସଭାର ଅନୁମୋଦନ ଲାଭ କରିଛି। ବଡ଼ଲାଟ୍ ୱାରେନ୍ ହେଷ୍ଟିଂସ୍‌ଙ୍କ ଶାସନକାଳ (୧୭୭୩-୧୭୮୪)ରେ ୧୭୭୪ ମାର୍ଚ୍ଚରେ ଭାରତରେ ଡାକ ସେବା ବ୍ୟବସ୍ଥାକୁ ସର୍ବସାଧାରଣଙ୍କ ନିମନ୍ତେ ଉନ୍ମୁକ୍ତ କରାଯାଇଥିଲା। ତା'ପୂର୍ବରୁ ଏହା ଇଷ୍ଟ ଇଣ୍ଡିଆ କମ୍ପାନୀର ବ୍ୟାବସାୟିକ ଓ ବାଣିଜ୍ୟିକ ଆବଶ୍ୟକତା ପୂରଣ କରିବାକୁ ଉଦ୍ଦିଷ୍ଟ ଥିଲା। ତେବେ ଭାରତରେ ସର୍ବପ୍ରଥମେ ଲର୍ଡ କ୍ଲାଇବ୍ ହିଁ ଡାକ ସେବା ଆରମ୍ଭ କରିଥିଲେ। ୧୮୯୮ରେ ସମଗ୍ର ବ୍ରିଟିଶ ଇଣ୍ଡିଆ ପାଇଁ ଭାରତୀୟ ଡାକ ଆଇନ ପ୍ରବର୍ତ୍ତନ କରାଯାଇଥିଲା। ଏଥିରେ ଭାରତ ବାହାରେ ରହୁଥିବା ଭାରତୀୟମାନଙ୍କୁ ମଧ୍ୟ ଦେଶ ସହିତ ତାଙ୍କ ସେବାର ସୁଯୋଗ ମିଳିଥିଲା। ମୋଟାମୋଟି ଭାବେ ବ୍ରିଟିଶ ଶାସନ କାଳରେ ଡାକ, ତାର (ଟେଲିଗ୍ରାଫ୍) ଓ ରେଳ ସେବା ଆଦି ଯେତେ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା, ତାହାର ମୂଳ ଉଦ୍ଦେଶ୍ୟ ଥିଲା ଉପନିବେଶବାଦୀ ଶାସକଙ୍କ ସ୍ୱାର୍ଥ ରକ୍ଷା। ତେବେ ସମୟକ୍ରମେ ଏହି ବ୍ୟବସ୍ଥା ସବୁକୁ ମୂଳ ଭାରତୀୟମାନଙ୍କ ପାଇଁ ମୁକ୍ତ କରାଯାଇ ସେଥିପାଇଁ ଆଇନ ପ୍ରଣୟନ କରାଯାଇଥିଲା।

ତେବେ ଏହି ୧୨୫ ବର୍ଷ ମଧ୍ୟରେ ଭାରତରେ ବ୍ୟାପକ ପରିବର୍ତ୍ତନ ଘଟିଛି। ସ୍ୱାଧୀନ ଭାରତ ଇତିମଧ୍ୟରେ ୭୭ ବର୍ଷରେ ପଦାର୍ପଣ କରି ଏହାର ଡାକସେବା ଆବଶ୍ୟକତା ଓ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଘଟିଛି। ଡାକ ସେବା ଚିଠି, ଟଙ୍କା, ପାର୍ସଲ ଓ ତାର ପ୍ରେରଣର ପ୍ରମୁଖ ମାଧ୍ୟମ ଆଉ ହୋଇ ନାହିଁ। ନୂଆ ବ୍ୟବସ୍ଥା, ନୂତନ ଉଦ୍‌ଭାବନ ଏସବୁକୁ ଏବେ ଅନାବଶ୍ୟକ କରି ଦେଇଥିବାରୁ ଡାକ ଘରର କାର୍ଯ୍ୟ ପରିସର ବଦଳିଛି। ଏହା କ୍ରମଶଃ ମିନିବ୍ୟାଙ୍କ ବା ଡାକ ବ୍ୟାଙ୍କରେ ପରିଣତ ହୋଇ ବ୍ୟାଙ୍କ ସେବା ଯୋଗାଣ ଆରମ୍ଭ କଲାଣି। ମୋବାଇଲ, ଇଣ୍ଟରନେଟ୍, ଘରୋଇ କ୍ୟୁରିୟର ସେବା, ପେଟିୟମ, ଇଲେକ୍‌ଟ୍ରୋନିଂ ଟ୍ରାନ୍‌ଜାକସନ ବ୍ୟବସ୍ଥା ଯେତେବେଳେ ଅଧିକ ଲୋକପ୍ରିୟ ହେଉଛି, ସେତେବେଳେ ଡାକ ବିଭାଗ ତାହାର ପୁରୁଣା ମୌଳିକ ଦାୟିତ୍ୱ ନିର୍ବାହରେ ସୀମିତ ରହିବା ଅର୍ଥ ସମ୍ପୂର୍ଣ୍ଣ ବ୍ୟବସ୍ଥାର ମୃତ୍ୟୁ ଘଟିବା। ତେଣୁ ଏଥିରେ ପରିବର୍ତ୍ତନ ଅପରିହାର୍ଯ୍ୟ ଥିଲା ଏବଂ ଏହା




ଆହୁରି ଆଗରୁ ସଂଶୋଧିତ ହେବାର ଆବଶ୍ୟକତା ରହିଥିଲା।

ସବୁ ବ୍ୟବସ୍ଥା ସମୟ ଉପଯୋଗୀ ଓ ଲୋକାଭିମୁଖୀ ହୋଇ ଅଦ୍ୟତନ (ଅପଟୁଡେଟ୍) ନ ହେଲେ ତାହା ଅନାବଶ୍ୟକ ପାଲଟିଥାଏ। ଡାକ ଘରଗୁଡ଼ିକ ଏବେ ନାଗରିକ କୈନ୍ଦ୍ରିକ ସେବା ଯୋଗାଣର ନେଟ୍‌ୱାର୍କରେ ପରିଣତ ହେଉଥିବାରୁ ଡାକ ଆଇନର ସଂଶୋଧନ ଅପରିହାର୍ଯ୍ୟ। ତେଣୁ ସରକାରଙ୍କ ଏହି ବିଲ୍‌କୁ କେହି ବିରୋଧ କରିବାର ପ୍ରଶ୍ନ ଉଠୁନାହିଁ। ତେବେ ଡାକ ସଂଶୋଧନ ବିଲ୍ ୨୦୨୩ରେ ଯେଉଁ କିଛି ଚିଠା ନିୟମ ରହିଛି, ସେଥିରୁ କେତେକକୁ ନେଇ ଆପତ୍ତି ଉଠିବା ସ୍ୱାଭାବିକ। ଉଦାହରଣ ସ୍ୱରୂପ ଡାକରେ ଯାଉଥିବା ସାମଗ୍ରୀ, ଚିଠିପତ୍ର, ନଥି ଆଦିକୁ ଆବଶ୍ୟକ ସ୍ଥଳେ ଜାତୀୟ ସ୍ୱାର୍ଥ ଏବଂ ବିଦେଶ ରାଷ୍ଟ୍ରଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଦୃଷ୍ଟିରୁ ସରକାର ତନଖି କରିପାରିବେ। ଆବଶ୍ୟକ ପଡ଼ିଲେ ଏଥିପାଇଁ ଅଧିକୃତ ଅଧିକାରୀ ସେସବୁ ଡାକକୁ ଖୋଲି ତାହାକୁ ଦେଖିବା ସହ ଜବତ କରିପାରିବେ। ଏହା ଛଡ଼ା ଜରୁରୀ ଆବଶ୍ୟକତା ଓ ସର୍ବସାଧାରଣ ନିରାପତ୍ତା ଦୃଷ୍ଟିରୁ ଡାକ ଅଧିକାରୀ ବା କର୍ମଚାରୀ ସନ୍ଦିଗ୍ଧ ଡାକକୁ ତନଖି କରିବାକୁ ଅଧିକୃତ ହେବେ। ଏହି ତନଖି କାମ କରିବାକୁ ଡାକ ବିଭାଗର ମହାନିର୍ଦ୍ଦେଶକ ନିଜ ବିଭାଗର ଅଧିକାରୀମାନଙ୍କୁ କ୍ଷମତା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଭାର ପ୍ରଦାନ କରିବେ।

ଏ ସମ୍ପର୍କରେ ବିରୋଧୀ ଦଳର ସଦସ୍ୟମାନେ ପ୍ରଶ୍ନ ଉଠାଇବା ସ୍ୱାଭାବିକ; କାରଣ ଏଥିରେ ବ୍ୟକ୍ତି ବିଶେଷଙ୍କ ଗୋପନୀୟତା ଓ ଏକାନ୍ତତା ଅଧିକାର ଉପରେ ସରକାରୀ ହସ୍ତକ୍ଷେପର ଆଶଙ୍କା ରହିଛି। ବେଳେବେଳେ ସରକାରୀ ଅଧିକାରୀ ଓ ସରକାର ଉଦ୍ଦେଶ୍ୟମୂଳକ ଭାବେ ଏହି ନିୟମର ଦୁରୁପଯୋଗ କରିପାରନ୍ତି। ତେବେ ପ୍ରଶ୍ନ ଉଠୁଛି ଯେ ଭାରତ ଭଳି ଏକ ଜଟିଳ ଓ ବିବିଧତା ପୂର୍ଣ୍ଣ ଦେଶରେ ନିୟମକାନୁନରେ ଢ଼ିଲା ହେଲେ ନ୍ୟସ୍ତସ୍ୱାର୍ଥ ଏବଂ ସମାଜ ବିରୋଧୀ ଏହାର ଫାଇଦା ନେବେ। ତେଣୁ ତଦାରଖ ବ୍ୟବସ୍ଥା ରହିବା ଆବଶ୍ୟକ। ଏହାଛଡ଼ା ସମୟ ସବୁବେଳେ ସବୁ ବ୍ୟବସ୍ଥା ପାଇଁ ଗୁରୁତ୍ୱପୂର୍ଣ୍ଣ। କେତେବେଳେ କେଉଁ ପରିସ୍ଥିତି ଆସିବ, ତାହା କଳନା କରିବା କଷ୍ଟ। ଅତଏବ ଆଇନରେ ଜାତୀୟ ସୁରକ୍ଷା ଓ ସର୍ବସାଧାରଣ ନିରାପତ୍ତା ରକ୍ଷା ପାଇଁ ବ୍ୟବସ୍ଥା ରହିବା ଉଚିତ। ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି ଯେ କଠୋର ବ୍ୟବସ୍ଥା ସତ୍ତ୍ୱେ ଏହାର ଦୁରୁପଯୋଗ ଯେପରି ନ ହୁଏ, ସେଥିପାଇଁ ଅଧିକାରୀମାନଙ୍କୁ ଦାୟୀ କରାଯିବାର ବ୍ୟବସ୍ଥା ଅଛି। ମନିଅର୍ଡର ଅର୍ଥନୀତିକ ଯୁଗ ବଦଳିଛି। ଏବେ ଦେଶର ଦୂର ଦୂରାନ୍ତ ଗ୍ରାମାଞ୍ଚଳରେ ଯେଉଁଠି ବ୍ୟାଙ୍କ ସୁବିଧା ନାହିଁ ଏବଂ ନିକଟ ଭବିଷ୍ୟତରେ ଏହାର ମିଳିବା ସମ୍ଭାବନା କ୍ଷୀଣ, ସେଠାରେ ଥିବା ଡାକଘର ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ସେବା ଯୋଗାରର ବ୍ୟବସ୍ଥା କରାଯାଉଛି। ଏଭଳି କ୍ଷେତ୍ରରେ ପୁରୁଣା ଡାକ ଆଇନର ସଂଶୋଧନ ସମୟର ଏକ ଚରମ ଆବଶ୍ୟକତା।

**(ସକାଳ ମିଡିଆ ସର୍ଭିସ୍)**

ସକାଳ THE SAKALA



■ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବଡ଼ ଆହ୍ୱାନ

# ବଢୁଛି ସାପକାମୁଡ଼ା, ପାଣିରେ ବୁଡ଼ି ଓ ଅଗ୍ନିକାଣ୍ଡଜନିତ ମୃତ୍ୟୁ

**■ ୨୦୨୨ରେ ପ୍ରମୁଖ ତିନି କାରଣ ପାଇଁ ଯାଇଛି ୪୨୩୧ ଜୀବନ**
**■ ଅଗ୍ନିକାଣ୍ଡରେ ପ୍ରଥମ ଓ ସାପକାମୁଡ଼ାରେ ଓଡ଼ିଶା ଦେଶରେ ଦ୍ୱିତୀୟ**

**ଭୁବନେଶ୍ୱର, ୫ ।୧୨(ସମିସ):** ବିପର୍ଯ୍ୟୟ ମୁକାବିଲାରେ ଉତ୍କର୍ଷ ହାସଲ କରିଥିବା ଓଡ଼ିଶା ପାଇଁ ନୂଆ ଆହ୍ୱାନ ମୁଣ୍ଡ ଟେକିଛି । ଗତ କିଛି ବର୍ଷ ହେବ, ମୁଖ୍ୟତଃ ୩ଟି କାରଣ ଯଥା ସାପକାମୁଡ଼ା, ପାଣିରେ ବୁଡ଼ିବା ଓ ଅଗ୍ନିକାଣ୍ଡ ଭଳି



ଅଘଟଣରେ ହଜାରହଜାର ଲୋକଙ୍କ ପ୍ରାଣ ଯାଉଛି । ୨୦୨୨ରେ ଏହି ୩ କାରଣ ପାଇଁ ୪ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବା ବେଳେ କ୍ରମାଗତ ଭାବେ ଏହି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସଫଳତାର ସହ ମୁକାବିଲା ପାଇଁ ଓଡ଼ିଶା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି । ଶୂନ୍ୟ ଜୀବନ ହାନିକୁ ନୀତି କରି ଓଡ଼ିଶା ଏ କ୍ଷେତ୍ରରେ ସଫଳତା ହାସଲ କରି ଚାଲିଛି । ମାତ୍ର ଉପରୋକ୍ତ ୩ଟି ଘଟଣା ପାଇଁ ବଢୁଥିବା ମୃତ୍ୟୁସଂଖ୍ୟାରେ ରୋକ୍ ଲଗାଇବା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା) ପାଇଁ ଏକ ବଡ଼ ଆହ୍ୱାନ ଠିଆ କରିଛି ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ତଥ୍ୟ ଅନୁଯାୟୀ, ୨୦୨୨ ମସିହାରେ ରାଜ୍ୟରେ ପାଣିରେ ବୁଡ଼ି ୧୯୬୦ ଲୋକଙ୍କର ଜୀବନ ଯାଇଛି । ଏମାନଙ୍କ ମଧ୍ୟରେ ୧୮୧୪ଜଣ ପୁରୁଷ ରହିଥିବା ବେଳେ ୧୪୬ଜଣ ମହିଳା ରହିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ସେହିପରି ଅଗ୍ନିକାଣ୍ଡ ଜନିତ ଘଟଣାରେ ୧୨୧୯ଜଣ ଲୋକଙ୍କ ଜୀବନ ଯାଇଛି । ଏହା ଦେଶରେ ସର୍ବାଧିକ । ଓଡ଼ିଶା ତଳକୁ ମଧ୍ୟପ୍ରଦେଶରୁ ୮୩୯ଜଣ ପ୍ରାଣ ହରାଇଛନ୍ତି । ଓଡ଼ିଶାରେ ପ୍ରାଣ ହରାଇଥିବା ୧୨୧୯ ଜଣଙ୍କ ମଧ୍ୟରେ ୯୦୬ଜଣ ପୁରୁଷ ରହିଥିବା ବେଳେ ୩୧୩ ଜଣ ମହିଳା ରହିଥିବା ଜଣାପଡ଼ିଛି । ବୈଦ୍ୟୁତିକ ସର୍ଟସର୍କିଟ୍ ଯୋଗୁଁ ହୋଇଥିବା ଅଗ୍ନିକାଣ୍ଡରେ ୪୪୬ ଜଣଙ୍କ ଜୀବନ ଯାଇଥିବା ବେଳେ ଅନ୍ୟ ଅଗ୍ନିକାଣ୍ଡଜନିତ ଦୁର୍ଘଟଣା ପାଇଁ ଶତାଧିକ ଲୋକ ପ୍ରାଣ ହରାଇଛନ୍ତି । ଏହାବ୍ୟତୀତ ସାପକାମୁଡ଼ାରେ ୧୦୫୨ଜଣ ଲୋକ ପ୍ରାଣ ହରାଇଛନ୍ତି । ଏହି ତାଲିକାରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି । ୨୪୮୭ ଜଣଙ୍କ ମୃତ୍ୟୁ ସହ ମଧ୍ୟପ୍ରଦେଶ ତାଲିକାର ପ୍ରଥମରେ ରହିଥିବା ଏନ୍‌ସିଆରବି ତଥ୍ୟରୁ ଜଣାପଡ଼ିଛି ।

ରାଜ୍ୟ ସରକାର ଅଗ୍ନିକାଣ୍ଡ ଜନିତ ଘଟଣାରେ ହେଉଥିବା ମୃତ୍ୟୁ ରୋକିବାକୁ ବିୟୋଣ୍ଡ କାର୍ଲଟନ୍ ନାମକ ଏକ ସଂସ୍ଥା ସହ କାର୍ଯ୍ୟ କରୁଛନ୍ତି । ବଡ଼ ଅଗ୍ନିକାଣ୍ଡ ଜନିତ ଘଟଣା ବେଳେ କିପରି ଲୋକେ ବର୍ତ୍ତିପାରିବେ, ସେନେଇ ଖସଡ଼ା ପ୍ରସ୍ତୁତ କରିବା ସହ ମାର୍କେଟ୍, ବଡ଼ ବିଲ୍ଡିଂ ଓ ସରକାରୀ କାର୍ଯ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନର ସୁରକ୍ଷା ପାଇଁ ଯୋଜନା ପ୍ରସ୍ତୁତି କରୁଛି । ଏହି ସଂସ୍ଥା ପ୍ରାଥମିକ ଭାବେ କଟକ ଓ ଭୁବନେଶ୍ୱରରେ ତା'ର କାର୍ଯ୍ୟାରମ୍ଭ କରିଛି । ଏହାସହ ଲୋକଙ୍କ ସଚେତନତା ପାଇଁ ମଧ୍ୟ ଏହି ସଂସ୍ଥା ଗୁରୁତ୍ୱ ଦେଉଛି ।

ସେହିପରି ଅଧିକାଂଶ ସମୟରେ ନଦୀ ଓ ପୋଖରୀରେ ବୁଡ଼ି ଲୋକଙ୍କର ପ୍ରାଣ ଯାଉଛି । ବିଶେଷକରି ଯୁବକମାନେ ନଦୀରେ ଜଳକ୍ରୀଡ଼ା କରିବା ବେଳେ ଭାସି ନିଖୋଜ ହୋଇଯାଉଛନ୍ତି । ଅସାବଧାନତାବଶତଃ ଛୋଟଛୋଟ ପିଲା ମଧ୍ୟ ଗାଡ଼ିଆ, ପୋଖରୀ ଭଳି ଜଳାଶୟରେ ପଡ଼ି ଜୀବନ ହରାଉଛନ୍ତି । ଏହାକୁ ରୋକିବାକୁ କୌଣସି ଦୀର୍ଘମିଆଦି ଯୋଜନା କରାଯାଉ ନ ଥିବାରୁ ଏହି ଘଟଣା ଜନିତ ମୃତ୍ୟୁ ରାଜ୍ୟବାସୀଙ୍କ ପାଇଁ ବଡ଼ ଦୁଃଖ ସାଜିଛି । ସମାନ ଭାବେ ସାପକାମୁଡ଼ା ଜନିତ ଘଟଣାରେ ଲୋକେ ହସ୍ପିଟାଲ ପରିବର୍ତ୍ତେ ଗୁଣିଆମାନଙ୍କ ପାଖରେ ସମୟ ନଷ୍ଟ କରୁଛନ୍ତି । ଫଳରେ ଅଧିକାଂଶ ଲୋକଙ୍କ ଜୀବନ ଯିବା ସହ ବହୁ ପରିବାର ଉଜୁଡ଼ି ଯାଉଛି ।

## ବାତ୍ୟା ପାଇଁ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ

● ଅଦିନିଆ ବର୍ଷା ଯୋଗୁଁ ବ୍ୟାପକ ଫସଲ ହାନି

**ପାରଳାଖେମୁଣ୍ଡି, ୫।୧୨ (ସମିସ):** ବାତ୍ୟା ପ୍ରଭାବରେ ଗଜପତି ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୁଇ ଦିନ ହେଲା ଝିପିଝିପି ବର୍ଷା ଲାଗି ରହିଛି । ଆସନ୍ତା ୨୪ ଘଣ୍ଟାରେ ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପ୍ରସ୍ତୁତ ରହିଥିବା ବେଳେ ଓଡ୍ରାଫ ଟିମ୍ ସଜାଗ ରହିଛନ୍ତି । ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖାଯାଇଛି । ପ୍ରଭାବିତ ହେବାକୁ ଥିବା ସ୍ଥାନରେ ଲୋକଙ୍କୁ ସଚେତନ କରାଯିବା ସହ ସୁରକ୍ଷା ନିମନ୍ତେ ସମସ୍ତ ବନ୍ଦୋବସ୍ତ କରାଯାଇଛି । ସେହିପରି ୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଛି । ଅନ୍ୟପକ୍ଷରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାର ୭ ବ୍ଲକ ଆର.ଉଦୟଗିରି, ରାୟଗଡ଼, ମୋହନା, ନୂଆଗଡ଼, ଗୋଷାଣୀ, କାଶୀନଗର, ଗୁମ୍ମା ବ୍ଲକ ଓ ପାରଳାଖେମୁଣ୍ଡିରେ ସହରରେ ଝିପିଝିପି ବର୍ଷା ଲାଗି ରହିଥିବାରୁ ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି ।

## ବିବେକାନନ୍ଦ ଦାସ ବିଜେଡିରୁ ବହିଷ୍କୃତ

**ଭୁବନେଶ୍ୱର, ୫ ।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକର ବିଜେଡି ସଂଯୋଜକ ବିବେକାନନ୍ଦ ଦାସଙ୍କୁ ଦଳରୁ ବହିଷ୍କାର କରାଯାଇଛି । ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଶ୍ରୀ ଦାସଙ୍କୁ ବହିଷ୍କାର କରାଯାଇଥିବା ଓ ଏହି ଆଦେଶ ତତ୍‌କ୍ଷଣାତ୍ କାର୍ଯ୍ୟକାରୀ କରାଯିବାକୁ ଶ୍ରୀ ଦାସ ପ୍ରେସ ବିବୃତିରେ ଉଲ୍ଲେଖ କରିଛନ୍ତି ।

## ଅବଶିଷ୍ଟାଂଶ...

### ଓଡ଼ିଶା ହେବ...

ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ସହ ଅର୍ଥନୈତିକ ବିକାଶ ଦିଗରେ ଏକ ନୂତନ ଅଧ୍ୟାୟ ସୃଷ୍ଟିକରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି ।

ଅନ୍ୟ ଏକ ନିଷ୍ପତ୍ତିକ୍ରମେ ଗୋପାଳପୁର ବନ୍ଦର ଓ ଗୋପାଳପୁରଠାରେ ଟାଟା ଇଣ୍ଡଷ୍ଟ୍ରିଆଲ୍ ପାର୍କ ଅଞ୍ଚଳକୁ ବର୍ତ୍ତମାନଥିବା ଶିଳ୍ପ ଓ ଆଗାମୀ ଦିନରେ ଆସିବାକୁ ଥିବା ଶିଳ୍ପଗୁଡ଼ିକର ସଂଯୋଗୀକରଣ ପଥ ନିର୍ମାଣ କାର୍ଯ୍ୟ ପାଇଁ ଇପିସି ଟେଣ୍ଡରକୁ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପର ଟେଣ୍ଡର ମୂଲ୍ୟ ପ୍ରାୟ ୧୨୮.୮୮ କୋଟି ଟଙ୍କା । ୧୮ ମାସ ମଧ୍ୟରେପ୍ରକଳ୍ପ କାର୍ଯ୍ୟକାରୀ ହେବ ଏବଂ ନିୟୋଜିତ କମ୍ପାନୀ ୧୨୦ ମାସ ପର୍ଯ୍ୟନ୍ତ ପ୍ରକଳ୍ପର ରକ୍ଷଣାବେକ୍ଷଣ କରିବ । ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳର ସର୍ଭେ, ଆଭ୍ୟନ୍ତରୀଣ ଓ ବାହ୍ୟ ଉନ୍ନତିକରଣ, ରାସ୍ତାନିର୍ମାଣ, ପମ୍ପ ହାଉସ୍, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଫ୍ଲାଏ ଓଭର ରାସ୍ତା, ଉଜ୍ଜ୍ୱଳ ଆଲୋକୀକରଣ, ମୃତ୍ତିକା ସଂରକ୍ଷଣ ଇତ୍ୟାଦି କାର୍ଯ୍ୟ କରାଯିବ । ଅନ୍ୟ ଏକ ପ୍ରମୁଖ ନିଷ୍ପତ୍ତି ଅନୁଯାୟୀ ରାଜ୍ୟ କ୍ୟାବିନେଟ ଅଣୁ, କ୍ଷୁଦ୍ର ଓ ମଧ୍ୟ ଉଦ୍ୟୋଗ ବିକାଶ ନୀତି-୨୦୨୨ ଓ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୨୨ରେ ମଧ୍ୟ କିଛି ସଂଶୋଧନ ପ୍ରସ୍ତାବକୁ ମୋହର ଲାଗିଛି । ଏହି ସଂଶୋଧନ ଫଳରେ ଏଣିକି ଉଦ୍ୟୋଗୀମାନେ କୌଣସି ଉଦ୍ୟୋଗ ପ୍ରତିଷ୍ଠା କ୍ଷେତ୍ରରେ ଭାରତ ସରକାରଙ୍କ ଆର୍ଥିକ ପ୍ରୋତ୍ସାହନ ସହ ଏହାଠାରୁ ରାଜ୍ୟ ସରକାର ଅଧିକ ପ୍ରୋତ୍ସାହନ ରାଶି ପ୍ରଦାନ କରୁଥିଲେ ତାହାର ଲାଭ ଉଠାଇ ପାରିବେ । ଏହା ବ୍ୟତୀତ ପ୍ରୋତ୍ସାହନ ପାଇଁ ବିଳମ୍ବରେ ଆବେଦନ ପତ୍ର ଦାଖଲ କରିବାର ସମୟ ସୀମାକୁ ସମନ୍ୱୟ କରିବା ପାଇଁ ଏହାକୁ ୬୦ ଦିନରୁ ୯୦ ଦିନକୁ ବୃଦ୍ଧି କରାଯାଇଛି । ଏହାବ୍ୟତୀତ ପ୍ୟାକେଜ୍‌ଡ ପାନୀୟ ଜଳ କ୍ଷେତ୍ରରେ ବୃହତ୍ ପୁଞ୍ଜି ବିନିଯୋଗ(୧ କୋଟି ଏବଂ ଊର୍ଦ୍ଧ୍ୱ) ଉଦ୍ୟୋଗଗୁଡ଼ିକୁ ମଧ୍ୟ ପ୍ରୋତ୍ସାହିତ କରାଯାଇଛି ।

### ତୁଷୁରା ଏୟାରଷ୍ଟ୍ରିପ୍...

ସହିତ ରାଜ୍ୟ ସରକାର ଭିତ୍ତିଭୂମି ନିର୍ମାଣ ପାଇଁ ଅର୍ଥ ବ୍ୟୟ କରୁଛନ୍ତି । ରାଜ୍ୟ ସରକାରଙ୍କ ନିଜସ୍ୱ ଉଦ୍ୟମରେ ଚଳିତ ବର୍ଷରୁ ଦୁବାଇ, ସିଙ୍ଗାପୁର ଏବଂ ବ୍ୟାଙ୍ଗକକ୍‌କୁ ସିଧାସଳଖ ଅନ୍ତର୍ଜାତୀୟ ଉଡ଼ାଣ ଆରମ୍ଭ ହୋଇଛି । ଉଭୟ ଅନ୍ତର୍ଜାତୀୟ ଏବଂ ଘରୋଇ ରୁଟ୍‌ରେ ବିମାନ କମ୍ପାନୀଙ୍କ କ୍ଷତି ଭରଣା ପାଇଁ ରାଜ୍ୟ ସରକାର ଭାୟାବଲ୍ ଗ୍ୟାପ୍ ଫଣ୍ଡିଂ (ଭିଜିଏଫ୍) ଦେଉଛନ୍ତି ।

### ମକା ଉତ୍ପାଦନରେ...

କରାଯାଉଛି । ଏହି ମିଶନରେ ଚାଷୀମାନଙ୍କ ସହିତ ମିଶନ ଶକ୍ତିର ମା'ମାନେ ମଧ୍ୟ ଅଂଶଗ୍ରହଣ କରୁଛନ୍ତି ।

ସେହିପରି ୫-ଟି ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ଜନଅଭିଯୋଗ ଶୁଣାଣିରେ ମିଳିଥିବା ପାନ, କିଆଫୁଲ ଓ ଲେମନ୍ ଗ୍ରାସ ଚାଷୀମାନେ ସେମାନଙ୍କର ବିଭିନ୍ନ ସମସ୍ୟା ଉତ୍ଥାପନ କରିଥିଲେ । ତଦନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ସରକାର ପାନ ଚାଷୀ, କିଆଫୁଲ ଓ ଲେମନ୍ ଗ୍ରାସ ଚାଷୀଙ୍କ କଲ୍ୟାଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଘୋଷଣା କରିଥିଲେ । ପାନ ଚାଷୀଙ୍କ ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଣ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ସେହିପରି ଆପିକଲ୍ ଜରିଆରେ କିଆଫୁଲ ପ୍ରୋସେସିଂ ୟୁନିଟ୍ କରିବା ପାଇଁ ମଧ୍ୟ ଘୋଷଣା କରାଯାଇଥିଲା । କୋରାପୁଟରେ ଲେମନ୍ ଗ୍ରାସ୍ ଚାଷର ବିଶେଷ ଆଦର ରହିଥିବାରୁ ସେଠାରେ ଏହାକୁ ଅଧିକ ବ୍ୟାପକ କରିବା ପାଇଁ 'ହର୍ଟିକଲଚର ମିଶନ ପ୍ଲସ୍' ଅଧୀନରେ ୮୪ ହଜାର ଟଙ୍କା ଏବଂ ଏନ୍‌ଏଚ୍‌ଏମରେ ୧୬ ହଜାର ଟଙ୍କା ଏହିପରି ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ନିଷ୍ପତ୍ତି ହୋଇଥିଲା । ଏହି ପରିପ୍ରେକ୍ଷୀରେ ଆଜିର ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ସହାୟତାଗୁଡ଼ିକୁ ୨୬ ଜାନୁୟାରୀ ପୂର୍ବରୁ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ହୋଇଛି । ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ସୁରେଶ କୁମାର ମହାପାତ୍ର, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଓ ସମବାୟ ସଚିବଙ୍କ ସମେତ ନବରଙ୍ଗପୁର, ଗଞ୍ଜାମ, ପୁରୀ ଓ କୋରାପୁଟର ଜିଲ୍ଲାପାଳ ଉପସ୍ଥିତ ଥିଲେ ।

### ଜରିମାନା କୋହଳ...

ଟିକସ ଆଦାୟ ପାଇଁ ନୋଟିସ୍ କରିବା ଏବଂ ସ୍ୱତନ୍ତ୍ର ଅଭିଯାନ ସତ୍ତ୍ୱେ ୨୦୨୨ରେ ମାତ୍ର ୪୬୬୮ ଜଣ ଗାଡ଼ି ମାଲିକଙ୍କ ଠାରୁ ବକେୟା ଟିକସ ସଂଗ୍ରହ ହୋଇଛି । ଏକ ସଙ୍ଗରେ ଟିକସ ପଇଠ ପାଇଁ ଅଧିକାଂଶ ଗାଡ଼ି ମାଲିକ ଅସମର୍ଥ ହେଉଥିବା ପରିବହନ ବିଭାଗର ଦୃଷ୍ଟିଗୋଚର ହୋଇଥିଲା । ସେହିପରି କିଛି କ୍ଷେତ୍ରରେ ଗାଡ଼ି ମାଲିକ ଟିକସ ଛାଡ଼ ପାଇଁ ଅଦାଲତରେ ମାମଲା ରୁଜୁ କରୁଛନ୍ତି ଏବଂ ବର୍ଷ ବର୍ଷ ଧରି ଅଦାଲତରେ ମାମଲା ଗଡୁଛି । ଅପରପକ୍ଷେ ବାୟୁ ପ୍ରଦୂଷଣ ସୃଷ୍ଟି କରୁଥିବା ପୁରୁଣା ଗାଡ଼ିକୁ ରାସ୍ତାରୁ ହଟାଇବା ପାଇଁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରାଳୟ ସ୍କ୍ରାପ୍ କରିବା ଲାଗି ପରାମର୍ଶ ଦେଇଛନ୍ତି । ଏସବୁକୁ ବିଚାର କରି କ୍ୟାବିନେଟ୍ ଗୁରୁତ୍ୱପୂର୍ଣ୍ଣର୍ ନିଷ୍ପତ୍ତି ନେଇଛି । ଫଳରେ ଅଧିକରୁ ଅଧିକ ଲୋକ ପ୍ରଦୂଷଣ ସୃଷ୍ଟିକାରୀ ଗାଡ଼ିକୁ ରାସ୍ତାରୁ ହଟାଇବା ପାଇଁ ସରକାରୀ ପଞ୍ଜିକୃତ ସ୍କ୍ରାପ୍ ୟୁନିଟ୍‌ରେ ବୈଜ୍ଞାନିକ ପଦ୍ଧତିରେ ସ୍କ୍ରାପ୍ କରାଯାଇ ପାରିବ । ସେହିପରି ପୁରୁଣା ଗାଡ଼ିର ମାଲିକମାନେ ଗାଡି ସ୍କ୍ରାପ୍ ଏବଂ ପଞ୍ଜୀକରଣ ରଦ୍ଦ କରିବା ଲାଗି ଆଗ୍ରହ ପ୍ରକାଶ କରିବେ । ସେହିପରି ଅନ୍ୟ ଯାନଗୁଡ଼ିକର ମାଲିକମାନେ, ଯେଉଁମାନେ ସେମାନଙ୍କ ବ୍ୟବସାୟ କରିବାକୁ ଚାହୁଁଛନ୍ତି, ସେମାନେ ଟିକସ ରିହାତି ହାରରେ ଜମା କରିପାରିବେ । ଏହା ଦ୍ୱାରା ପର୍ଯ୍ୟାପ୍ତ ପରିମାଣର ଅନାଦେୟ ଟିକସ ଆଦାୟ ହେବା ସହିତ ଗାଡ଼ି ମାଲିକମାନେ ଅଧିକ ଲାଭବାନ୍ ହେବେ ।

### ୨ ଜିଲ୍ଲାରେ...

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏହି ବାତ୍ୟା ଧୀରେ ଧୀରେ ଦୁର୍ବଳ ହେବା ସହ ଆଗକୁ ଗତି କରିବ । ତେବେ ବାତ୍ୟାର ପ୍ରଭାବ ଓଡ଼ିଶା ଉପରେ କମ୍ ରହିବ । ବୁଧବାର ସୁଦ୍ଧା ବାତ୍ୟା ଦୁର୍ବଳ ହୋଇ ଅବପାତରେ ପରିଣତ ହେବ । ତେଣୁ ଗଞ୍ଜାମ, ଗଜପତି, ନବରଙ୍ଗପୁର, କଳାହାଣ୍ଡି, ମାଲକାନଗିରି, କନ୍ଧମାଳ, କୋରାପୁଟ ଓ ରାୟଗଡ଼ାର କିଛି ସ୍ଥାନରେ ବର୍ଷା ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି ।

### ଦୁଇ ପୃଥକ...

ସୁଦ୍ଧା ପର୍ଶୁରାମଙ୍କ ଠିକଣା ମିଳିପାରିନଥିଲା । ସୂଚନା ଅନୁସାରେ, ରାଧୁ ଓ ତାଙ୍କ ପୁତୁରା ନୀଳାଞ୍ଚଳ ଆଜି ଅପରାହ୍ଣରେ ଏକ ବାଇକ୍‌ରେ ଖୁଣ୍ଟଣାପାଣିରୁ ନିଜ ଗାଁକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା । ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ସଂକୀର୍ଣ୍ଣ ରାସ୍ତା ଦେଇ ଯିବା ବେଳେ ସେମାନଙ୍କ ବାଇକ୍ ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡ଼ିଥିଲା । ଘଟଣାସ୍ଥଳରେ ନୀଳାଞ୍ଚଳଙ୍କ ମୃତ୍ୟୁ ହୋଇଯାଇଥିଲା । ସ୍ଥାନୀୟ ଲୋକ ରାଧୁଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାଧୁଙ୍କ ମୃତ୍ୟୁ ହୋଇଯାଇଥିଲା । ବୁଧବାର ଦୁହିଁଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ୍ କହିଛି ।

ସେହିପରି ବଲାଙ୍ଗିର ଜିଲ୍ଲା ରାନୀମାଲ ଗାଁ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ପର୍ଶୁରାମ ନାଏକ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମଙ୍ଗଳବାର ସନ୍ଧ୍ୟାରେ ପର୍ଶୁରାମ, ପବନ ବିଶ୍ୱାଳ ଓ ଟୁଟୁ ନାଏକ ଏକ ବାଇକ୍‌ରେ ରାନୀମାଲ ଆଡ଼କୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା । ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସେମାନଙ୍କୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ ସେମାନଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଇଥିଲେ । ସେଠାରେ ପର୍ଶୁରାମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ପବନ ଓ ଟୁଟୁ ଚିକିତ୍ସିତ ହେଉଛନ୍ତି ।

## ସୁନାବେଡ଼ା ଥାନାରୁ ତିନି ଅଭିଯୁକ୍ତ ଫେରାର୍

**ସୁନାବେଡ଼ା, ୫।୧୨(ସମିସ):** ଏକ ଚୋରି ମାମଲାରେ ଅଟକ ଥିବା ତିନି ଅଭିଯୁକ୍ତ ସୁନାବେଡ଼ା ଥାନାରୁ ଫେରାର୍ ହୋଇଯାଇଛନ୍ତି । ଥାନାଧିକାରୀ ରମଣି ରଞ୍ଜନ ଦଳେଇଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଭେଜାପୁଟ ଅଞ୍ଚଳରେ ବାରମ୍ବାର ଚୋରି ହେଉଥିଲା । ଏହି ଘଟଣାରେ ତିନି ଅଭିଯୁକ୍ତଙ୍କୁ ମଙ୍ଗଳବାର ଦିନ ଥାନାକୁ ପଚରାଉଚରା ପାଇଁ ଅଣାଯାଇଥିଲା । ତେବେ ଥାନା କର୍ମଚାରୀମାନେ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଛନ୍ତି ।

**AFFIDAVIT**

An Affidavit before the Executive Magistrate Jaleswar,I Pitambar Jena S/o Jiban Jena, Vill-Baghmari, Po-Rayaramachandrapur, PS-Jaleswar, Dist-Balasore.That while I serving at Gujarat ,I have prepared passport no L4235658 issued by Republic India, Where in my name has been mentioned as Jena Pitambar Jiban as per the state rule of Gujarat.But now I am residing at my permanent residence as per my Adhar no 416418601301.Iwant to correct my name and Address as Pitambar Jena,S/o Jiban in my Passport to avoid future litigation.

**AFFIDAVIT**

By virtue of an affidavit before the Executive Magistrate, Bhubaneswar, I Jitu Patnaik, S-o- Late B D Patnaik, R/o- At Joda, Po/Ps-Banaikela, Odisha-758038. Declare by this affidavit No-65AA 174298 dated 05.12.2023 that now onwards, I shall be known as **Jitendra Nath Patnaik** for all future purposes.

**AFFIDAVIT**

By virtue of an Affidavit sworn before the Executive Magistrate, Bhubaneswar on 18.03.2023, I Sujata Panda@Nanda, W/o Ganga Prasad Panda, At: Sadeipali, Burla, Dist- Sambalpur have changed my surname from Panda@Nanda to Panda. Henceforth I will be Known as Sujata Panda for all purposes.

**AFFIDAVIT**

I, Benudhara Sahoo, S/o- Late Chakradhar Sahoo, resident of AT/PO- Baradandi, PS-Bolagarh, Dist-Khordha, Pin-752066, Odisha declared by this affidavit No.2147, dated- 02/12/2023, that now onwards I shall be known as **BENUDHAR SAHOO** for all future purposes.

**AFFIDAVIT**

I, Bhagabata Sahoo, S/o- Benudhar Sahoo, resident of AT- QTRS No.C/35, IMFA Colony, Kapaleswar, VTC Cho-udwar, Dist-Cuttack, Pin-754025, Odisha declared by this affid-avit No.2146, dated- 02/12/2023, that now onwards I shall be known as **BHAGABAT SAHOO** for all future purposes.

GOVERNMENT OF ODISHA OFFICE OF THE EXECUTIVE ENGINEER KEONJHAR IRRIGATION DIVISION, KEONJHAR
Notice Invitation of Tenders, e-Procurement Notice
No. - 03 / 2023-24 on Dated 05.12.2023, E-mail Id: eekjrirrdivn@gmail.com

| | | | |
|---|---|---|---|
| 1 | Nature of the work | : | Canal Works |
| 2 | No.of Works | : | 6(Six) no's |
| 3 | Value of Works | : | Ranges from Rs 6.44 to 13.76 Lakhs |
| 4 | Tender paper cost | | Refer to DTCN |
| 5 | EMD/Bid Security | | Refer to DTCN |
| 6 | Period of Completion | | Refer to DTCN |
| 7 | Class of Conctractors | : | Refer to DTCN |
| 8 | Procurement officer | : | Executive Engineer, Keonjhar Irrigation Division, Keonjhar |
| 9 | Bid Identification no. | | KIDN-11/2023-24 to KIDN-16/2023-24 |
| 10 | Availability of Tender for Online Bidding | : | From 10 AM Dt 07.12.2023 to 5.30 PM Dt 18.12.2023 |
| 11 | Date and Time for Tender Opening | : | Dt. 19.12.2023 @ 11 AM onwards in O/o the Executive Engineer, Keonjhar Irrigation Division, Keonjhar |
| 12 | Date and Time for lottery (If required) | : | Dt 22.12.2023 @ 11 AM onwards in O/o the Executive Engineer, Keonjhar Irrigation Division, Keonjhar |

The Bidders have to participate in ONLINE bidding only. Further details can be seen from the e-procurement portal: www.tendersodisha.gov.in .Any addendum/corrigendum/cancellation of tenders can be seen from the above portal.

Sd/- Executive Engineer
Keonjhar Irrigation, Division, Keonjhar

OIPR - 32476/11/0006/2324 A-939

MM-346

ଆମ ଶିମିଳିପାଳ ଆମ ଗର୍ବ
OUR SIMILIPAL OUR PRIDE

OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION
AT-MATIAGARH CHHAKA, PO-K. JASHIPUR,
DIST-MAYURBHANJ, ODISHA-757091
Tel: - 06797-295030, Email- dfo.similipalnorthwl@odisha.gov.in / ddsimilipalnorth@gmail.com

Office Order No. 109 Date: 04.12.2023

*TENDER CANCELLATION NOTICE*

The Tender Call Notice No.93, dtd.17.11.2023 floated by the Deputy Director, Similipal North WL Division, Jashipur for construction of Range Officer Quarter is hereby cancelled due to unavoidable circumstances.

The participates bidders may collects their paper cost DD in original from the office of the undersigned in the office hour of working days within 15 days from publishing of this notice.

Sd/- Deputy Director,
Similipal (North) WL Division, Jashipur

OIPR - 08133/11/0014/2324

भारत सरकार / Government of India
पर्यावरण, वन एवं जलवायु परिवर्तन मंत्रालय / Ministry of Environment, Forest & Climate Change
क्षेत्रीय कार्यालय, भुवनेश्वर / Regional Office, Bhubaneswar
ए 3, चंद्रशेखरपुर / A/3, Chandrasekharpur
भुवनेश्वर - 751 023 / Bhubaneswar - 751 023
G20 LiFE
Telephone: 0674 - 2301213, 2301248, 2302452, 2302453. E-mail: roez.bsr-mef@nic.in

No. 5-ORC574/2023-BHU 10th November, 2023

To
The Addi. Chief Secretary,
Forest & Environment Deptt.,
Govt. of Odisha,
Bhubaneswar.

Sub:- Permission under Section 2 (iii) of Forest (Conservation) Act, 1980 for grant of lease over 32.02 ha of forest land within the total mining lease area of 54.585 ha of Ghusuria Iron Ore, Soap Stone and Quartzite Mines under Rairangpur Forest Division of Mayurbhanj District, Odisha.

Sir,

I am directed to refer to the State Govt. letter No.FE-DIV-FLD-0048-2023-10385/FE&CC dated 20.05.2023 and PCCF & Ho FF, Odisha letter No. I 7 I 99/9F(MG)-335/2023 dated 24.08.2023 on the subject mentioned above seeking prior approval of the Ministry of Environment, Forest & Climate Change under Section 2 (iii) of the Forest (Conservation) Act, 1980 and to say that the proposal has been examined by Regional Empowered Committee constituted by the Central Govt. under Section-3 of the aforesaid Act. 2. After careful examination of the proposal of the State Govt. and on the basis of recommendation of the Regional Empowered Committee held on 07.09.2023 and approval of the same by the competent authority of the MoEF&CC, New Delhi, *approval* the Ministry of Environment, Forest and Climate Change is hereby granted under Section 2 (iii) of the Forest (Conservation) Act, 1980 over 32.02 ha of forest land within the total mining lease area of 54.585 ha of Ghusuria Iron Ore, Soap Stone and Quartzite Mines under Rairangpur Forest Division of Mayurbhanj District, Odisha, subject to the fulfillment of the following conditions:- i) Legal status of the forest land shall remain unchanged. ii) The user agency shall transfer online, the Net Present Value (NPV) of 32.02 ha forest land being considered for approval under the Forest (Conservation) Act, 1980, as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/ 1995 and the guidelines issued by this Ministry vide its letter No.5- 3/2011-FC (Vol-I) dated 06.01.2022 and 22.03.2022. The requisite funds shall be transferred through on line portal in CAMPA account of the State concerned. iii) At the time of payment of the Net Present Value (NPV) at the then prevailing rate, the user agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India. iv) All the funds received from the user agency under the project shall be transferred on line to the Ad-hoc CAMPA in the Saving Bank Account pertaining to the State concerned through e-portal (https://parivesh.nic.in/). v) This approval under Section 2 (iii) will automatically lapse within a period of two years from the date of in-principle approval by the Central Government, unless the user agency applies for approval under Section 2 (ii) of FC Act, 1980. vi) The approval under Section 2 (iii) does not, in any manner, exempt the user agency from obtaining prior approval under Section 2 (ii) of the Forest (Conservation) Act, 1980 in regard to such area of forest land which is to be used for non-forest purpose. vii) Grant of approval under Section 2 (iii) does not in any manner create any right or equity in favour of the user agency for grant of approval under Section 2 (ii) of Forest (Conservation), 1980 and decision on proposal under Section 2 (ii) will be taken purely on the merit of the case. viii) The State Govt. shall ensure that breaking up of land or mining operations within the lease area are not allowed without prior approval of the Central Govt. under Section 2 (ii) of Forest (Conservation) Act, 1980. The user agency shall be responsible fo the protection of the forest land located in the mining lease. However, administrative and management control of such forest land will remain with the State Forest Department o other forest land owing agencies. ix) The State Govt. shall, within a period 30 days from the date of issue of his letter, realize from the user agency, NPV of the entire forest land falling in the mining 1 ase, in case NPV of such forest land has not already been realized. x) Jn case State Government fa ils to realize NPV from the user agency, PV of the entire forest land falling in a mining lease within a period of 30 days from the date of issue of this letter, this approval in respect of such mining lease, shall be kept abeyance, and shall be deemed to have been kept in abeyance, and all mining activities in such mining lease shall be stopped, till such time, the NPV of such forest land is realized by the State Govt. xi) The approval under Section 2 (iii) of the Forest (Conservation) Act, 1980 shall be valid for a period co-terminus with the period of mining lease in accordance with the provisions of the Mines and Minerals (Development and Regulation) Act, 1957, as amend d and the Rules framed thereunder. xii) The Forest Department will be free to manage the forest area as per nor al management practice and working plan prescription. xiii) State Govt. to confirm complete compliance of the provision of F , 2006 prior to executing/granting forest area on lease. xiv) Grant of this approval does not in any manner, exonerate the concerned authorities in the State Govt. or in any other authority, form the proceedings under Section 3A and 3B of the FC Act, liable to be initiated for violation, if any, of the FC Act committed by them by assigning such forest land on mining lease without obtaining prior approval of the Central Govt. under Section-2 of FC Act. xv) This permission does not confer any right to user agency for physical di rsion/mining or any other activity on the forest land. xvi) No staff/labourer shall be allowed to enter inside forest area without val d permission of competent local forest authority. xvii) Demarcation of mining lease will be done on the ground at project cost using four feet high concrete pillars with serial numbers, bearing, distance from pillar to pillar and GPS coordinates. xviii)The user agency shall submit the annual self-compliance report in respect of above conditions to the State Govt. and to the concerned Regional Office of the Ministry regularly. xix) Any other conditions that the Ministry of Environment, Forest & Climate Change may stipulate, from time to time, in the interest of conservation, protection and development of forests and wildlife, which shall be complied by the user agency. xx) Veri~cation .of dep?~its of NPV in St~te CAMPA ~c~ount by Ad-hoc q AMPA must be obtained. This cond1t1on must be compiled before assign mg lease by State Govt. in favour of holder of Letter of Intent (Loi) for Mining Lease. xxi) The user agency and the State Government shall ensure compliance to provisions of the all Acts, Rules, Regulations and Guidelines, for the time being in force, as applicable to the project. xxii) The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. xxiii) Violation of any of these conditions will amount to violation of Forest (Conservation) Act, 1980 and action would be taken as prescribed in Para I .2 I of Chapter 1 of the Handbook of comprehensive guidelines of Forest (Conservation) Act, 1980 as issued by this Ministry's letter No.5-2/2017-FC dated 28.03.20 19. 3. The above approval under Section 2 (iii) of Forest (Conservation) Act, 1980 is subject to verification of deposit of NPV in State CAMPA Account by the National Authority (CAMPA) and complete compliance of settlement of right, in terms of the Scheduled Tribes and Other Traditional Forest Dwellers (Recognition of Forest Rights) Act, 2006, as prescribed by this Ministry in its letter No. II-9/1998-FC (Pt.) dated 03 .08 .2009 read with 05.07.2013.

Yours faithfully
(Padma Mahanti)
Dy. Inspector General of Forests (C)

# ସୁନ୍ଦରଗଡ଼ ଜିଲ୍ଲାରେ ୫୧.୨ ମିମି ବର୍ଷା



**ସୁନ୍ଦରଗଡ଼, ୫ ।୧୨(ସମିସ)**

ସୁନ୍ଦରଗଡ଼ ଜିଲ୍ଲାରେ ମେଘୁଆ ପାଗ ଲାଗି ରହିଛି। ଏପରିକି ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ମୋଟ ୫୧.୨ ମିମି ବର୍ଷା ହୋଇଛି। ବାଲିଶଙ୍କରା ବ୍ଲକରେ ୬.୦ ମିମି, ବଡ଼ଗାଁରେ ୧.୪ ମିମି, ବିଶ୍ରାରେ ୪.୧ ମିମି, ହେମଗିରି ଓ କୁଆଁରମୁଣ୍ଡାରେ ୪.୨ ମିମି ଲେଖାଏଁ, କୁତ୍ରାରେ ୭.୪ ମିମି, ନୂଆଗାଁରେ ୪.୩ ମିମି, ରାଜଗାଙ୍ଗପୁରରେ ୬ ମିମି, ସବଡେଗାରେ ୮.୨ ମିମି, ସୁନ୍ଦରଗଡ଼ ସଦର ବ୍ଲକରେ ୩.୨ ମିମି ଓ ଟାଙ୍ଗରପାଲି ବ୍ଲକରେ ୧.୨ ମିମି ବର୍ଷା ରେକର୍ଡ କରାଯାଇଛି। ଆଗାମୀ ସମୟରେ ମଧ୍ୟ ବର୍ଷା ସମ୍ଭାବନା ରହିଛି। ଧାନ ଅମଳ ସମୟରେ ଏପରି ଅଦିନିଆ ବର୍ଷା ଯୋଗୁଁ ପାଚିଲା ଧାନରୁ ଗଜା ହେବା ଆଶଙ୍କା ଦେଖାଦେଇଛି। ବିଲରେ ଅନେକ କଟାଧାନ ଗଛ ପଡ଼ିଥିବାରୁ ଚାଷୀଙ୍କ ପ୍ରଭୁତ କ୍ଷତି ସାଧନ ହେଉଛି। ସେହିପରି ଜିଲ୍ଲାରେ ଧାନ ମଣ୍ଡି ଖୋଲି ନ

## ବ୍ୟାପକ ଫସଲହାନି ଆଶଙ୍କା

ଥିବାରୁ ହାର୍ଭେଷ୍ଟର ଯୋଗେ ଧାନ ଅମଳ କରି ଖରାରେ ଶୁଖାଇଥିବା ଚାଷୀମାନେ ଘୋର ହନ୍ତସନ୍ତ ହେଉଛନ୍ତି। ଧାନ ନ ଶୁଖିବା କାରଣରୁ ବେରଙ୍ଗ ହେବାର ଭୟ ଘାରିଛି। କ୍ଷେତରେ ପାଚି ଝୁଲୁଥିବା ଧାନ ମଧ୍ୟ ମେଘୁଆ ପାଗ ଓ ବର୍ଷା ଯୋଗୁଁ ଚାଷୀ ଅମଳ କରିପାରୁନାହାନ୍ତି। ଏଣୁ ଧାନ କଟା ସମୟ ଅତିକ୍ରାନ୍ତ ହେଉଥିବା ଧାନ କେଣ୍ଡାଗୁଡ଼ିକରୁ ଧାନ ଝଡ଼ିଯାଉଛି। ଏତଦବ୍ୟତୀତ, ବର୍ଷା ସହ ମେଘୁଆ ପାଗ ଲାଗି ରହିବା ଯୋଗୁଁ ପନିପରିବା ଫସଲରେ ମଧ୍ୟ ରୋଗପୋକ ଦେଖାଦେଉଛନ୍ତି। ଫଳରେ ଚାଷୀକୁଳ ଘୋର ଚିନ୍ତିତ ହୋଇ ପଡ଼ିଛନ୍ତି।

# ଧାନ ସଂଗ୍ରହରେ କଟ୍‌ନୀ ଛଟ୍‌ନୀ ବନ୍ଦ ଦାବିକଲା ବିଜେଡି



**ସୁନ୍ଦରଗଡ଼, ୫ ।୧୨(ସମିସ):** ଜିଲ୍ଲାରେ ଆଗାମୀ ଖରିଫ ଧାନ ସଂଗ୍ରହରେ କଟନୀ ଛଟନୀକୁ ବନ୍ଦ କରିବାକୁ ଦାବି ସୁନ୍ଦରଗଡ଼ ଜିଲ୍ଲା ବିଜେଡି। ଜିଲ୍ଲା ଉପସଭାପତି ଜୟନାରାୟଣ ତ୍ରିପାଠୀ ଏବଂ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଜିଲ୍ଲାପାଳ ପରାଗ ହର୍ଷଦ ଗାଭାଲିଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏ ନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ ଚାଷୀଙ୍କଠାରୁ ଧାନ କିଣିବା ସମୟରେ ଲ୍ୟାମ୍ପସ କର୍ମଚାରୀମାନେ କଟନୀ ଛଟନୀ ନାମରେ କ୍ୱିଣ୍ଟାଲ ପିଛା ତିନିରୁ ଚାରି କେଜି ଲେଖାଏଁ ଧାନ ଓଜନରେ କାଟି ଦେଉଛନ୍ତି। ଧାନ କିଣିବା ସମୟରେ ମିଲର୍ସମାନେ ସେଠାରେ ଉପସ୍ଥିତ ରହୁଛନ୍ତି ଏବଂ ତାଙ୍କ ଇଚ୍ଛା ଅନୁସାରେ ଲ୍ୟାମ୍ପସ କର୍ମଚାରୀମାନେ ଚାଷୀଙ୍କ ବସ୍ତାରୁ ଧାନ କଟନୀଛଟନୀ କରୁଛନ୍ତି। ଏହାକୁ ଜିଲ୍ଲା ବିଜେଡି ପକ୍ଷରୁ ତୀବ୍ର ବିରୋଧ କରାଯିବା ସହ ଏହି ବେଆଇନ କାର୍ଯ୍ୟ ବନ୍ଦ କରିବାକୁ ଦାବି କରାଯାଇଛି। ଏ ନେଇ ବିଭାଗୀୟ ଅଧିକାରୀ, ସିଏସଓ ଏବଂ ଡିଆରସିଏସଙ୍କୁ ନିର୍ଦ୍ଦେଶ ଦେବାକୁ ସେମାନେ ଜିଲ୍ଲାପାଳଙ୍କଠାରେ ଦାବି କରିଛନ୍ତି। ସ୍ମାରକପତ୍ରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ତଳସରା ବିଧାୟକ ପ୍ରଫୁଲ୍ଲ ମାଝୀ, ସଦର (ଖ) ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଲତା ନାଏକ, ଜିଲ୍ଲା ବିଜେଡି ଉପସଭାପତି ଗୋପବନ୍ଧୁ ମହାନ୍ତି, ଟାଉନ ବିଜେଡି ସଭାପତି ତଥା ଉପନଗରପାଳ ଲଟାଟେନ୍ଦୁ ପରିଡ଼ା, ବରିଷ୍ଠ ଆଇନଜୀବୀ ପ୍ରହଲ୍ଲାଦ ଅଗ୍ରୱାଲ, କାଉନସିଲର ଅନିଲ ମହାପାତ୍ର, ଆଝାର ହୁସେନ, କୈଳାସ ତନ୍ତି, ଜ୍ଞାନ ଠାକୁର ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

# ୭ ଦଫା ଦାବିରେ କୋଶଳ ସମାଜ ପକ୍ଷରୁ ଧାରଣା





**ସୁନ୍ଦରଗଡ଼, ୫ ।୧୨(ସମିସ):** ସାତ ଦଫା ଦାବିରେ କୋଶଳ ସମାଜ ଆନ୍ଦୋଳନକୁ ଓହ୍ଲାଇଛି। ସ୍ଥାନୀୟ ଡିଆରଡିଏ ଛକରେ ଧାରଣା ଦେବା ପରେ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣକୁ ଜିଲ୍ଲାପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୋଶଳ ସମାଜ ଅନ୍ତର୍ଗତ ୧୭ ଜିଲ୍ଲାର ବୃଦ୍ଧବୃଦ୍ଧା, ବିଧବା, ଭିନ୍ନକ୍ଷମ, ଛେଉଣ୍ଡ ନାବାଳକ ନାବାଳିକାମାନଙ୍କୁ ମାସିକ ତିନି ହଜାର ଟଙ୍କା ଭତ୍ତା ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିପରି ସୁନ୍ଦରଗଡ଼ ଜିଲ୍ଲାରେ ଆସନ୍ତା ୧୫ ତାରିଖରୁ ଖରିଫ ଧାନ ସଂଗ୍ରହ ଆରମ୍ଭ ହେବାକୁ ଥିବାରୁ ମଣ୍ଡିରେ କଟନି ଛଟନି ବନ୍ଦ କରିବା, କ୍ୱିଣ୍ଟାଲ ପ୍ରତି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ତିନି ହଜାର ଟଙ୍କା ତୁରନ୍ତ ଘୋଷଣା କରିବା, ଶଙ୍କରା ମୁଖ୍ୟ ରାସ୍ତାରୁ ବାଇପାସ୍ ମଝି କୋଶଳ

## ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ନଗର ରାସ୍ତା ତୁରନ୍ତ ନିର୍ମାଣ କରିବା, ବଡ଼ଗାଁ ବ୍ଲକର ଲିଜ ଏବଂ ସିଲିଂ ଜମି ପାଇଥିବା ଚାଷୀଙ୍କୁ ଅନଲାଇନ ପଟ୍ଟା ପ୍ରଦାନ, କୁତ୍ରା ବ୍ଲକ ଖଡଖୁରବାହାଲ ଜିନ୍ଦଲ ଖଣି ଦ୍ୱାରା ଜମି ଯାଉଥିବା ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ସହ ଚାକିରି ପ୍ରଦାନ, ବଡ଼ଗାଁ ବ୍ଲକ ବାମଡେରା ପଞ୍ଚାୟତରେ ମୋବାଇଲ ଟାୱାର ସ୍ଥାପନ ଆଦି ଦାବି କରାଯାଇଛି। ପରେ କୋଶଳ ନଗର ରାସ୍ତା ନିର୍ମାଣ ଦାବିରେ ସୁନ୍ଦରଗଡ଼ ପୌର କାର୍ଯ୍ୟାଳୟ ପ୍ରାଙ୍ଗଣରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କୋଶଳ ସମାଜ ମହାସଚିବ ଦିଲୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ ଆନ୍ଦୋଳନରେ ମହିଳା ସଚିବ ପଦ୍ମା ଦେବୀ, ସୁନ୍ଦରଗଡ଼ ପୌରାଞ୍ଚଳ ସଚିବ ସାବିତ୍ରୀ ପଟେଲ, ମୀରା ପୃଷ୍ଟେଠ, ଜ୍ୟୋସ୍ନାମୟୀ ପୃଷ୍ଟେଠ, ସରୋଜିନୀ ରଣା, ଗୀତାଞ୍ଜଳି ସେଠ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

**ସୁନ୍ଦରଗଡ଼, ୫ ।୧୨(ସମିସ):** ସୁନ୍ଦରଗଡ଼ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ-୨୦୨୩ ସ୍ଥାନୀୟ ରାଣୀବଗିଚାସ୍ଥିତ କୃଷି ତାଲିମ ଏବଂ ଦକ୍ଷତା ବିକାଶ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ସ୍ଥାନୀୟ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି, ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ସୁନ୍ଦରଗଡ଼ ସମବାୟ ସମିତି ଯୋଗଦେଇଥିଲେ।

ଏହି ଦିବସ ପାଳନ ଉପଲକ୍ଷେ ଆୟୋଜିତ ବୈଷୟିକ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା ଯୋଗଦେଇ ମୃତ୍ତିକା ଓ ଜଳ-ଜୀବନର ଉତ୍ସ, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ମାଟି ପରୀକ୍ଷା, ଜଳବାୟୁ ଅନୁକୂଳ କୃଷି, ଜୈବିକ କୃଷି, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼, ସମନ୍ୱିତ ଖାଦ୍ୟ ସାର ପରିଚାଳନା ଆଦି ସମ୍ପର୍କରେ ବୁଝାଇଥିଲେ। ସୁନ୍ଦରଗଡ଼ର ମୃତ୍ତିକା ରସାୟନବିତ୍ ଦୀପ୍ତି ପଟେଲ ସଭା ପରିଚାଳନା କରିଥିଲେ। ମୃତ୍ତିକା ଦିବସ



ସମୂହ ଉପନିବନ୍ଧକ ଉମାଶଙ୍କର ଦାସ, ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ପ୍ରଧାନ, ଆଞ୍ଚଳିକ କୃଷି ଗବେଷଣା ଉପକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଜୀବ କୁମାର ବିଶ୍ୱାସୀ, କୃଷି ଜିଲ୍ଲା ଅଧିକାରୀ ଜଗନ୍ନାଥ ଦାଶ, ଇଣ୍ଡିଆନ ପଟାସ ଲିମିଟେଡ୍ କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ଅମୀୟ କାନ୍ତ ପଟ୍ଟନାୟକ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡେଭିଡ୍ ଜେମ୍ସ ବାଗେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୃତ୍ତିକା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୦ ଜଣ ଅଗ୍ରଣୀ ଚାଷୀଙ୍କୁ ଅତିଥିମାନଙ୍କ ଦ୍ୱାରା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ପ୍ରଦାନ କରାଯାଇଥିଲା। ଏଥିରେ ପ୍ରାୟ ୬୦ ଜଣ କୃଷି ଅଧିକାରୀ ଓ କର୍ମଚାରୀ ଉପଲକ୍ଷେ ପୂର୍ବରୁ ଆୟୋଜିତ 'ମୃତ୍ତିକା ଓ ଜଳ-ଜୀବନର ଉତ୍ସ' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଧର୍ମଶାଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଟାଉନ ଉଚ୍ଚ ବିଦ୍ୟାଳୟ, ବ୍ଲକ କଲୋନୀ ଉଚ୍ଚ ବିଦ୍ୟାଳୟ, ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟ, ରାଣୀବଗିଚା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗର ୨୦ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ କୃଷି ଓଭରସିୟର ପଦ୍ମିନୀ ସାଥୁଆ ଧନ୍ୟବାଦ ଅର୍ପଣ କରିଥିଲେ। କୃଷି ବିଭାଗର ସମସ୍ତ କର୍ମଚାରୀଙ୍କ ସମେତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଆଶିଷ କୁମାର ମହାନ୍ତି, କର୍ମଚାରୀ କମଳ ଲୋଚନ ମହାନ୍ତ, ଭ୍ରମରବର ସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ମୁଁ ବି ହେବି ନବୀନ ଓଡ଼ିଶାର ସାରଥି' କାର୍ଯ୍ୟକ୍ରମ




**ରାଉରକେଲା, ୫ ।୧୨(ସମିସ):** ରାଜ୍ୟ ବିଜୁ ଯୁବଛାତ୍ର ଜନତା ଦଳ ତରଫରୁ 'ମୁଁ ବି ହେବି ନବୀନ ଓଡ଼ିଶାର ସାରଥି' କାର୍ଯ୍ୟକ୍ରମ ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ କୁମାର ନାୟକଙ୍କ ସଭାପତିତ୍ୱରେ ସୁନ୍ଦରଗଡ଼ ଏବଂ ରାଉରକେଲା ଜିଲ୍ଲା ଯୁବ ଓ ଛାତ୍ରମାନଙ୍କ ମହାସମ୍ମିଳନୀ ଛେଣ୍ଡ କଲୋନୀସ୍ଥିତ ମଧୁସୂଦନ ଭବନରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ଯୁବ ସଭାପତି ଡ. ବ୍ୟୋମକେଶ ରାୟ, ରାଜ୍ୟ ଯୁବ ଓ ଛାତ୍ର ଆବାହକ ବିଧାୟକ ପ୍ରଣବ ବଳବନ୍ତରାୟ, ଛାତ୍ର ସଭାପତି ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପୁନର୍ବାର ମୁଖ୍ୟମନ୍ତ୍ରୀ କରିବା ପାଇଁ ଯୁବସମାଜକୁ ଶପଥ କରାଇବା ସଙ୍ଗେ ସଙ୍ଗେ ଦୀର୍ଘ ୨୪ ବର୍ଷର ଲୋକାଭିମୁଖୀ କାର୍ଯ୍ୟକ୍ରମର ବର୍ଣ୍ଣନା କରିବା ସହିତ ଯୁବପିଢ଼ିଙ୍କୁ ଦଳରେ ଯୋଗଦାନ କରାଇବା, ଦଳର କାର୍ଯ୍ୟକ୍ରମକୁ ସୋସିଆଲ ମିଡିଆରେ ପ୍ରଚାର ପ୍ରସାର କରିବା, କ୍ୟାମ୍ପସ କମିଟି ଗଠନ କରି ଛାତ୍ରଛାତ୍ରୀମାନଙ୍କୁ 'ମୁଁ ବି ହେବି ନବୀନ ଓଡ଼ିଶାର ସାରଥି' କାର୍ଯ୍ୟକ୍ରମରେ ସାମିଲ କରିବା, ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବା ଯୁବ କଲ୍ୟାଣ ଯୋଜନା, ଖେଳ ପ୍ରତିଯୋଗିତା ବିଷୟରେ ଅଧିକ ସଚେତନ କରାଇବା ପାଇଁ ଅତିଥିମାନେ ଯୁବ ଓ ଛାତ୍ର ନେତୃବର୍ଗଙ୍କୁ ପରାମର୍ଶ ଦେଇଥିଲେ। ବିଧାୟକ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଏହି ଅବସରରେ ଯୁବ ସମାଜକୁ ଉତ୍ସାହିତ କରି କହିଲେ, ରାଉରକେଲା ମୃତ ସହରରୁ ଆଜି ବିଶ୍ୱ ପରିଚିତ ସହର ହେବାର ସମସ୍ତ ଶ୍ରେୟ ମୁଖ୍ୟମନ୍ତ୍ରୀଙ୍କୁ ଯାଉଛି। ଯୁବକମାନେ ଦେଶର ଭବିଷ୍ୟତ, ନିଷ୍ଠାର ସହକାରେ କାର୍ଯ୍ୟକ୍ରମ ଜାରି ରଖିଲେ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ ବୋଲି କହିଥିଲେ। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ କହିଲେ, ମୁଖ୍ୟମନ୍ତ୍ରୀ ଯାହା କରିଛନ୍ତି ତାହା ଜନମାନସରେ ଆଦୃତ ହୋଇରହିଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଉପାଧ୍ୟକ୍ଷ କମଳ ଲାକ୍ରା, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଦୃତି ମାର୍ଥା, ଜିଲ୍ଲା ସଭାପତି ବିନୟ ଟପ୍ପୋ, ହାଲୁ ମୁଣ୍ଡାରୀ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ ମାଝି, ଆନନ୍ଦ ଚନ୍ଦ୍ର ମହାନ୍ତି, ଶ୍ରୀଚରଣ ମହାନ୍ତି, ଜିଲ୍ଲା ମୁଖପାତ୍ର ଜୟନ୍ତ କୁମାର ମିଶ୍ର, ନଗର ସଭାପତି ଗଗନ ପଣ୍ଡା, ଜ୍ୟୋତ୍ସ୍ନା ନାୟକ, ଛବି ମହାନ୍ତି, ବେନେଡିକ ତିର୍କୀ, ରାଜ୍ୟ ଆଇନଜୀବୀ ଉପସଭାପତି ସନ୍ତୋଷ ନାୟକ, ଜିଲ୍ଲା ଯୁବ ସଭାପତି ଦେବେନ୍ଦ୍ର ମାଝି, ଅବିନାଶ ବାଗେ, ରାଉରକେଲା ଯୁବ ସଭାପତି ସୁଶାନ୍ତ ରାଉତ, ରଘୁନାଥପାଲି ଯୁବ ସଭାପତି ପ୍ରଭାକର ଚୌଧୁରୀ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ବିଭୂତି ପୁହାଣ, ସୁବାସ ସ୍ୱାଇଁ, କମଳାକାନ୍ତ ନାୟକ, ରାଜ୍ୟ ଯୁବ ସମ୍ପାଦକ ମୁକେଶ ପୁରୋହିତ, ଜିଲ୍ଲା ଛାତ୍ର ସଭାପତି ସେହୱାଜ ହୁସେନ, ରାଣା ପ୍ରତାପ ସିଂହ, କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମାଝି, ରାଉରକେଲା ଛାତ୍ର ସଭାପତି ରାକେଶ ସ୍ୱାଇଁ, ରାଜ୍ୟ ଛାତ୍ର ସମ୍ପାଦକ ବାବୁ ଖାନ, ଅଭିକ କୁମାର, ଦୁଷ୍ମନ୍ତ ରାଉତରାୟ, ଶିବାଜୀ ନାୟକ, ରାଜ୍ୟ ଉପସମ୍ପାଦକ ହିମାଂଶୁ ପଣ୍ଡା, ସୌମ୍ୟରଞ୍ଜନ ଜେନା ଉପସ୍ଥିତ ଥିଲେ। ରଞ୍ଜନ ନାୟକ, ସୁଶାନ୍ତ ଦାସ, କାବୁଲି ପ୍ରତିହାରୀ, ଜର୍ଜ ଆନନ୍ଦ, ତାପସ ରାଉତରାୟ, ପ୍ରଶାନ୍ତ ନାୟକ, ବନୋଜ ଦାସ, ନିତ୍ୟାନନ୍ଦ ବାରିକ ପ୍ରମୁଖ ସହଯୋଗ କାରିଥିଲେ।

# ହେମଗିରି କନିକା ଷ୍ଟେସନରେ ପାସେଞ୍ଜର ଟ୍ରେନ୍ ରହଣି ଆରମ୍ଭ

**ସୁନ୍ଦରଗଡ଼, ୫ ।୧୨(ସମିସ):** ହେମଗିରି କନିକା ରେଳ ଷ୍ଟେସନରେ ପାସେଞ୍ଜର ଟ୍ରେନ୍ ରହଣି ଦାବିରେ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ଚାଲିଥିବା ଆନ୍ଦୋଳନରେ ଯବନିକା ପଡ଼ିଛି। ମଙ୍ଗଳବାରଠାରୁ ବିଭିନ୍ନ ପାସେଞ୍ଜର ଟ୍ରେନ ରହଣି ଆରମ୍ଭ ହୋଇଛି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ରେଳ ବିଭାଗର ଏହି ନିଷ୍ପତ୍ତିକୁ ହେମଗିରି ରେଲୱେ ସଂଗ୍ରାମ ସମିତି ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଅବସରରେ ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ, ସଂଗ୍ରାମ ସମିତିର ଶାନ୍ତ ଧୁଆ, ମୁସ୍ତାକ ଅହମଦ, ଅଜୟ ବାଜପେୟୀ, ଅବଦୁଲ ମଜିଦଙ୍କ ସମେତ ରେଳ ବିଭାଗ କର୍ମଚାରୀ ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ରେଳ ଷ୍ଟେସନ ଦେଇ ଚାଲିଥିବା ପାସେଞ୍ଜର ଟ୍ରେନଗୁଡ଼ିକୁ ମହାମାରୀ କରୋନା ସମୟରେ ବାତିଲ କରି ଦିଆଯାଇଥିବା ବେଳେ ଅବଶିଷ୍ଟ ଟ୍ରେନଗୁଡ଼ିକର ଏହି ଷ୍ଟେସନରେ ରହଣି ନ ଥିଲା। ଫଳରେ ଏହି ରେଳ ଷ୍ଟେସନ ଉପରେ ନିର୍ଭର କରୁଥିବା ହେମଗିରି ଓ ଲେଫ୍ରିପଡ଼ା ବ୍ଲକର ଲକ୍ଷାଧିକ ଯାତ୍ରୀ ହନ୍ତସନ୍ତ ହୋଇ ଆସୁଥିଲେ। ଛୋଟ ବ୍ୟବସାୟୀମାନେ ପାସେଞ୍ଜର ଟ୍ରେନରେ ଝାରସୁଗୁଡ଼ା, ରାୟଗଡ଼, ରାୟପୁର ଆଦି ସ୍ଥାନକୁ ଯାଇ ନିଜ ବ୍ୟବସାୟ ଚଳାଉଥିବାରୁ ତାଙ୍କ ଜୀବନ ଜୀବିକା ଗୁରୁତର ପ୍ରଭାବିତ ହୋଇଥିଲା। ଏ ନେଇ ଅଞ୍ଚଳବାସୀ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଲିଖିତ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ଏଣୁ ପରିଶେଷରେ ଅଞ୍ଚଳବାସୀ ରେଲରୋକ ଆନ୍ଦୋଳନକୁ ଓହ୍ଲାଇଥିଲେ। ରେଲରୋକ ସମୟରେ ବିଳାସପୁର ଜୋନ ଏଆରଏମ ପୁଲିସ ପ୍ରଶାସନ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଦାବି ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ତେବେ ଲିଖିତ ପ୍ରତିଶ୍ରୁତି ପରେ ବି ରେଳ ବିଭାଗ ଦାବି ପୂରଣ କରିବାରେ ଟାଳଟୁଳ ନୀତି କରୁଥିବାରୁ ଅଞ୍ଚଳବାସୀ ପୁନର୍ବାର ରେଲରୋକ ଆନ୍ଦୋଳନକୁ ଓହ୍ଲାଇଥିଲେ। ପରେ ରେଳ ବିଭାଗର ଚେତା ପଶିଥିଲା।

# ପ୍ରାକ୍ ଐତିହାସିକ ଯୁଗର ଶିଳାଲେଖ ଅସୁରକ୍ଷିତ







**ସୁନ୍ଦରଗଡ଼, ୫ ।୧୨(ସମିସ)**

ରାଜନୈତିକ ତଥା ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ସୁନ୍ଦରଗଡ଼ ଜିଲ୍ଲାର ପ୍ରାକ ଐତିହାସିକ ଯୁଗର ଶିଳାଲେଖ ଅସୁରକ୍ଷିତ ହୋଇପଡ଼ିଛି। କେଉଁ ଆଦିମ ଯୁଗରୁ ଜିଲ୍ଲାରେ ମାନବ ସଭ୍ୟତା ଗଢ଼ିଉଠିଛି। ପୁରାତନ ପ୍ରସ୍ତର ଯୁଗରୁ ଆରମ୍ଭ କରି ଓଡ଼ିଶାର କେଶରୀ ସାମ୍ରାଜ୍ୟର ଇତିହାସର ଝଲକ ଏଠାରେ ବିଦ୍ୟମାନ ହୋଇଛି। ସେହି ପ୍ରାକ୍ ଐତିହାସିକ ଯୁଗର ଶିଳାଲେଖ, ପ୍ରସ୍ତର କଳାକୃତି ସାଙ୍ଗକୁ ବିଭିନ୍ନ ସଭ୍ୟତାର ଭଗ୍ନାବଶେଷ ପାର୍ବତ୍ୟଗଡ଼ ମୂକସାକ୍ଷୀ ଭାବେ ଅଦ୍ୟାବଧି ରହିଛି। ମାତ୍ର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଏହା କ୍ରମଶଃ ଲୋପ ପାଇବାକୁ ବସିଛି। ଜିଲ୍ଲାର ହେମଗିର ବ୍ଲକ ପ୍ରାଚୀନ ଇତିହାସର ଗନ୍ତାଘର ସାଜିଛି। ଏଠାରେ ଥିବା ମାଣିକମୋଡ଼ା ପ୍ରାକ୍ ଐତିହାସିକ ଗୁମ୍ଫା ଚିତ୍ର ପାଇଁ ବେଶ୍ ପ୍ରସିଦ୍ଧ। ଏହି ଶୈଳାଶ୍ରୟର ଲମ୍ବ ୮୯ ମିଟର ଓ ଉଚ୍ଚତା ୮ ମିଟର ରହିଛି। ଏହାର ବନ୍ଧୁର କାନ୍ଥରେ ଅନେକ ରଙ୍ଗୀନ ରେଖାଚିତ୍ର ଦେଖିବାକୁ ମିଳୁଛି। ଲାଲ ଗେରୁ ମାଟି ରଙ୍ଗରେ ଅଙ୍କିତ ରେଖାଚିତ୍ରରେ ମଣିଷଠାରୁ ଆରମ୍ଭ କରି ହରିଣ, ବୃଷଭ ପରି ବିଭିନ୍ନ ଜୀବଜନ୍ତୁଙ୍କ ଚିତ୍ର ରହିଛି। ପଥର ଚଟାଣରେ ଅନେକ ଛିଦ୍ର ରହିଛି। ପ୍ରାୟ ୨.୩ ମିଟର ଲମ୍ବର ଏକ ଅଦ୍ଭୁତ ସର୍ପର ଚିତ୍ର ବେଶ୍ ଆକର୍ଷଣୀୟ ହୋଇଛି। ସେହିପରି ଲେଖାମୁଡ଼ାଠାରେ ଧଳା ଓ ଲାଲ ରଙ୍ଗ ସହ ହଳଦିଆ ରଙ୍ଗର ଚିତ୍ର ବିଶେଷ ଭାବେ ରହିଛି। ବେଙ୍ଗ, ହରିଣ, ବଜ୍ରକାପ୍ତା ଆଦି ଜୀବଜନ୍ତୁଙ୍କ ଚିତ୍ର ରହିଛି। କରତ ଏବଂ ଝାଡୁ ଆଦି ଗୃହୋପକରଣର ଚିତ୍ର ଦେଖଣାହାରୀଙ୍କୁ ଆକୃଷ୍ଟ କରୁଛି। କନିକା ନିକଟ ଟଙ୍ଗୋଠାରେ ଥିବା ଶୈଳାଶ୍ରୟର ପଥର କାନ୍ଥରେ ଯୋନି ଓ ମହୁଫେଣା

## ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି

ସଦୃଶ ଅଗଣିତ ରହସ୍ୟମୟ ଚିତ୍ରଲେଖା ଦେଖିବାକୁ ମିଳୁଛି। ଉଚ୍ଚକୋଟୀର ଗୁମ୍ଫା ଭାବେ ପରିଚିତ ଜୁନାଗଡ଼ରେ ଏକ ବୃହତ୍ ଭଗ୍ନଦୁର୍ଗ ରହିଛି। ଏହି ଗଡ଼ରେ ମଧ୍ୟ ଅନେକ ଚିତ୍ର ଓ ଖୋଦେଇ କଳାର ନିଦର୍ଶନ ଶୋଭା ପାଉଛି। ଲେଫ୍ରିପଡ଼ା ବ୍ଲକ ଉଷାକୋଠି ଗୁମ୍ଫା ଐତିହାସିକ ପୀଠ ଭାବେ ବେଶ୍ ପରିଚିତ। ଏଠାରେ ପଥର ଦେହରେ ଅନେକ ଶିଳାଲେଖ ରହିଥିବା ବେଳେ ଯୋନି ଓ ମହୁଫେଣା ସଦୃଶ ରେଖାଚିତ୍ର ମଧ୍ୟ ଦେଖିବାକୁ ମିଳୁଛି। ଅନେକ ଖୋଦେଇ କଳାର ନିଦର୍ଶନ ରହଛି। ପ୍ରତ୍ୟେକ ସ୍ଥାନର କିମ୍ବଦନ୍ତୀ, ଲୋକକାହାଣୀ ଏବଂ ଲୋକସଂସ୍କୃତି ରହିଆସିଛି। ଏସବୁ ଗୁମ୍ଫା ଓ ଆଶ୍ରୟସ୍ଥଳୀଗୁଡ଼ିକ ଆଦିମ ମାନବର ସ୍ଥିତି ଉପରେ ଲେଖାହୋଇଛି। ଏଠାରେ ପ୍ରାୟ ୫୩ ପ୍ରକାରର ଚିତ୍ର ଓ ୧୯୦ ପ୍ରକାରର ଖୋଦେଇ କଳାର ନିଦର୍ଶନ ରହିଛି। ଏହିସବୁ ସ୍ଥାନରୁ ଭିନ୍ନ ଭିନ୍ନ ସମୟରେ ଅସ୍ତ୍ରଶସ୍ତ୍ର, ପ୍ରାଚୀନ ମୂର୍ତ୍ତି ଆଦି ଠାବ ହୋଇଛି। ତେବେ ଏସବୁ ଐତିହାସିକ ଶିଳାଲେଖ ଏବଂ କଳାକୃତି ରକ୍ଷଣାବେକ୍ଷଣ ଅଭାବରୁ ହଜିବାକୁ ବସିଛି। ଏଗୁଡ଼ିକ ଧୀରେ ଧୀରେ ଲୋପ ପାଉଛି। ଫଳରେ ସୁନ୍ଦରଗଡ଼ର ପ୍ରାଚୀନ ତଥା ପ୍ରାକ୍ ଐତିହାସିକ ତଥ୍ୟ ଲୋକଲୋଚନରୁ ଦୂରେଇଯିବା ସହ ଇତିହାସ ପୃଷ୍ଠାରୁ ନିଶ୍ଚିହ୍ନ ହେବା ଆଶଙ୍କା ରହିଛି। ଏଗୁଡ଼ିକର ପ୍ରତ୍ନତାତ୍ତ୍ୱିକ ଗବେଷଣା, ପ୍ରତ୍ୟେକ ସ୍ଥାନର ଇତିହାସ ଓ କିମ୍ବଦନ୍ତୀକୁ ଲୋକଲୋଚନକୁ ଆଣି ପର୍ଯ୍ୟଟନର ମାନ୍ୟତା, ସୁନ୍ଦରଗଡ଼ବାସୀଙ୍କ ଲୋକ ସଂସ୍କୃତି ସହ ଓତଃପ୍ରୋତ ଭାବେ ଜଡ଼ିତ ପାହାଡ଼ି ସଭ୍ୟତାର ସୁରକ୍ଷା ଓ ବିକାଶ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ମାତ୍ର ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଏଣୁ ରାଜ୍ୟ ସରକାର ଏଥିପ୍ରତି ସ୍ୱତନ୍ତ୍ର ଦଷ୍ଟି ଦେଇ ଏହାର ସୁରକ୍ଷା ଓ ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ଗଜପତି ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

# ମୃତ୍ତିକା ସଂରକ୍ଷଣ ପାଇଁ ଗଛ ଲଗାଇବାକୁ ଆହ୍ୱାନ

**ପାରଳାଖେମୁଣ୍ଡି, ୫ ।୧୨(ସମିସ)**




ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବଳରାମ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ କୁମାର ପଟ୍ଟନାୟକ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା.ରମାକାନ୍ତ ରଣା, ଜିଲ୍ଲା ମତ୍ସ୍ୟ ଅଧିକାରୀ ଲିସା ବେହେରା, ଆର୍. ଉଦୟଗିରିସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ.ସୁଶ୍ରୀ ଚୌଧୁରୀ ମଞ୍ଚାସୀନ ଥିଲେ। ଏଥିରେ ମୃତ୍ତିକା ଓ ଜଳ ଜୀବନର ଉତ୍ସ ବିଷୟରେ ଆଲୋଚନା କରାଯିବା ସହ ମୃତ୍ତିକା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ଦିଗଦର୍ଶନ ଦିଆଯାଇଥିଲା। ମୃତ୍ତିକାର ସୁରକ୍ଷା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡର ଆବଶ୍ୟକତା, ମୃତ୍ତିକା ସଂରକ୍ଷଣ ଏବଂ ପରୀକ୍ଷା ଉପରେ ବିବରଣୀ ପ୍ରଦାନ କରାଯାଇଥିଲା। ଏହି ସବୁକୁ ସଠିକ୍ ଭାବେ କାର୍ଯ୍ୟକାରୀ କରି ଚାଷୀ କିଭଳି ଭାବେ ଅଧିକରୁ ଅଧିକ ଶସ୍ୟ ଉତ୍ପାଦନ କରିପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୃତ୍ତିକା ସଂରକ୍ଷଣ ପାଇଁ ସମସ୍ତେ ଏକ ହୋଇ ଗଛ ଲଗାଇବା ସହ ପଲିଥିନ ବ୍ୟବହାର ନ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ଜିଲ୍ଲାର ୮ ଜଣ କୃଷକଙ୍କୁ ମୃତ୍ତିକା ସଂରକ୍ଷଣ ନିମନ୍ତେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ଇରନୀୟସ୍ ପ୍ରଧାନ, ସହକାରୀ କୃଷି ଅଧିକାରୀ ସୁରୋଜ କୁମାର ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକର କୃଷି ଅଧିକାରୀ, ବିଭିନ୍ନ ପଞ୍ଚାୟତର ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ। ସହକାରୀ ଜିଲ୍ଲା କୃଷି ଅଧିକାରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ବର୍ଷା ପାଇଁ ପ୍ରଶାସନିକ ତତ୍ପରତା

# ଚିହ୍ନଟ ଭୂସ୍ଖଳନ ସ୍ଥାନ ପରିଦର୍ଶନ କଲେ ଜିଲ୍ଲାପାଳ



**ଗୁମ୍ମା, ୫ ।୧୨(ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟାର ପ୍ରଭାବ ଗଜପତି ଜିଲ୍ଲାରେ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ଗୁମ୍ମା ବ୍ଲକରେ ଦୁଇ ଦିନ ହେଲା ଝିପି ଝିପି ବର୍ଷା ଲାଗି ରହିଛି। ଅଧିକ ବର୍ଷା ଓ ପବନ ନେଇ ପୂର୍ବାନୁମାନ କରାଯାଇଛି। ଏନେଇ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଚିହ୍ନଟ ଭୂସ୍ଖଳନ ସ୍ଥାନ ତଥା ପାହାଡ଼ିଆ ଗ୍ରାମାଞ୍ଚଳ ଓ ଚାଷୀଙ୍କ ଅମଳ ଅବସ୍ଥା ପରିଦର୍ଶନ କରିଛନ୍ତି। ପୂର୍ବେ ବାତ୍ୟା ଓ ବର୍ଷା ବେଳେ ଗୁମ୍ମା ବ୍ଲକର ବି.କଲାକଟ, ରେଗିଡ଼ି, ଅଜୟଗଡ଼ ଓ ତୁମୁଲ ପଞ୍ଚାୟତର ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଉକ୍ତ ସ୍ଥାନ ଚିହ୍ନଟ କରି ଆଗୁଆ ସଜାଗ ରହିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସିଡିପିଓ, ଅଗ୍ନିଶମ ବିଭାଗ ଓ ପୁଲିସ ଅଧିକାରୀଙ୍କୁ କୁହାଯାଇଛି। ସେହିପରି ବାତ୍ୟା ଆଶ୍ରୟସ୍ଥଳ ଭାବେ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର ଓ ଚର୍ଚ୍ଚ ଗୃହ ପ୍ରସ୍ତୁତି କରି ରଖିବାକୁ କୁହାଯାଇଛି। ପାହାଡ଼ିଆ ଅଞ୍ଚଳରେ ଥିବା ଲୋକଙ୍କୁ ଆଶ୍ରୟସ୍ଥଳୀରେ ରହିବା ସହ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ମଧ୍ୟ ଆବଶ୍ୟକ ହେଲେ ସ୍ଥାନାନ୍ତର କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ବିଡିଓ ଶରତ କୁମାର ପାତ୍ର, ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଏସ୍‌ଡିସି ଅଧ୍ୟକ୍ଷା ମୋରୀୟମ ରଇତ, ସହକାରୀ ଯନ୍ତ୍ରୀ ବିଭୁ ଚରଣ ପୂଜାରୀ, କନିଷ୍ଠ ଯନ୍ତ୍ରୀ କେ.ଏନ ସାହୁ ଓ ପ୍ରଶାନ୍ତ କୁମାର ମିଶ୍ର ଉପସ୍ଥିତ ଥିଲେ।

# ବିଜେଡି ପକ୍ଷରୁ ପ୍ରଶିକ୍ଷଣ ଶିବିର



**ବାଲିଗୁଡ଼ା, ୫।୧୨(ସମିସ):** ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ବିଜେଡିର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏଥିରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ସାଂସଦଙ୍କ ବାଲିଗୁଡ଼ା ପ୍ରତିନିଧି ତଥା ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ସଂଯୋଜକ ଟୁନା ଦାସ, ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲିକ ଯୋଗ ଦେଇଥିଲେ। ଶିବିରରେ ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ଚାରୋଟି ବ୍ଲକ କୋଟଗଡ଼, ତୁମୁଡ଼ିବନ୍ଧ, କ.ନୂଆଗାଁ ଓ ବାଲିଗୁଡ଼ା ସମେତ ବାଲିଗୁଡ଼ା ଏନ୍‌ଏସିର ସକ୍ରିୟ ସଦସ୍ୟ ଅଂଶଗ୍ରହଣ କରିଛନ୍ତି। ତିନି ଦିନ ଧରି ସେମାନେ ତାଲିମ ନେବେ। ପ୍ରଥମ ଦିନରେ ବାଲିଗୁଡ଼ା ବ୍ଲକର ୧୫ ଓ ୧୬ ନମ୍ବର ଜିଲ୍ଲାପରିଷଦ ଜୋନ୍ ଏବଂ ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ୧୩ଟି ୱାର୍ଡର ୧୦୮୦ ଜଣ ବିଜେଡି ସଦସ୍ୟ ତାଲିମ ନେଇଥିଲେ। 'ଆମ ଓଡ଼ିଶା ନବୀନ ଓଡ଼ିଶା' ଗଠନ ନେଇ ସମସ୍ତ ବିଜେଡି କର୍ମୀ କିପରି ଜଣେ ଜଣେ ସାରଥୀ ହୋଇ ଦଳକୁ ଆଗେଇ ନେବେ ସେନେଇ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ନଗର ବିଜେଡି ସଭାପତି ଅବନୀକାନ୍ତ ନାୟକ, ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଲୋକନାଥ ପାଢ଼ୀ, ନଗର ଯୁବ ସଭାପତି ଏମଡି ସାବେଜଉଦ୍ଦିନ, ଜିଲ୍ଲା ସାଧାରଣ ସମ୍ପାଦକ ସେକ୍ ସୋନୁଙ୍କ ସମେତ ଦଳୀୟ କର୍ମୀ ସହଯୋଗ କରିଥିଲେ।

# ପ୍ରାଥମିକ ବିଦ୍ୟାଳୟରେ ପାଠାଗାର ଉଦ୍‌ଘାଟିତ



**ଫିରିଙ୍ଗିଆ, ୫।୧୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତର ବାବଡ଼ିଙ୍ଗିଆ ପ୍ରାଥମିକ ବିଦ୍ୟାଳୟରେ ପିରାମଲ ଫାଉଣ୍ଡେସନ ତରଫରୁ ତୃତୀୟ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ଏବଂ ମାନସିକ ଓ ଜ୍ଞାନର ଅଭିବୃଦ୍ଧି ପାଇଁ ପ୍ରଥମ ଥର ନିମନ୍ତେ ପାଠାଗାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ଦିଲୀପ ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ସୁରଥ କୁମାର ବେହେରା, ପିରାମଲ ଫାଉଣ୍ଡେସନର ସଦସ୍ୟା ସୁବର୍ଣ୍ଣା ସାହାନ ଏବଂ ଦିଲୀପ ପଟେଲ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନିତା କହଁରଙ୍କ ସହ ଶିକ୍ଷକ ବିକ୍ରମସିଂ କହଁର, ଦୁଃଖିଶ୍ୟାମ ଦାସ, ବିଜୟ କୁମାର ମଲିକ, ଦିଲୀପ କୁମାର ବିଶୋଇ, ଲାଲସିଂ ଦିଗାଲ ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଦିନତମାମ କୋହଲା ପାଗ ଓ ଝିପିଝିପି ବର୍ଷା

**ଜି.ଉଦୟଗିରି, ୫ ।୧୨(ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ପ୍ରଭାବରେ ଜି.ଉଦୟଗିରି ସହର ସହିତ ଏହାର ଆଖପାଖ ଅଞ୍ଚଳରେ ଦିନତମାମ କୋହଲା ପାଗ ସହ ଝିପିଝିପି ବର୍ଷା ଲାଗି ରହିଛି। ଏଥିଯୋଗୁଁ ଜୀବନ ଯାତ୍ରା ପ୍ରଭାବିତ ହୋଇଥିବା ବେଳେ ବଜାର ଶୂନଶାନ ରହିଛି। ରାସ୍ତାକଡ଼ରେ ପନିପରିବା ବିକ୍ରି କରୁଥିବା ଚାଷୀ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ଏହିଭଳି ଆଉ ଗୋଟିଏ ଦିନ ବର୍ଷା ପବନ ଲାଗି ରହିବା ବୋଲି କୁହାଯାଇଥିବାରୁ ସେମାନଙ୍କ ଚିନ୍ତା ବୃଦ୍ଧି ପାଇଛି। ବିଲରେ ଧାନ ପଡ଼ି ରହିଥିବା କାରଣରୁ ଚାଷୀଙ୍କ ଚିନ୍ତା ବଢ଼ିଥିବା ବେଳେ ଅଧିକ ବର୍ଷା ଲାଗି ରହିଲେ ଧାନ ଫସଲ କ୍ଷତିଗ୍ରସ୍ତ ହେବା ଆଶଙ୍କା ପ୍ରକାଶ ପାଉଛି।

## ବର୍ଷାର ମୁକାବିଲା ପାଇଁ ପ୍ରଶାସନ ସଜାଗ

# ୫ ପଞ୍ଚାୟତର ୨୦ ଗ୍ରାମ ଉପରେ ନଜର

**ରାୟଗଡ଼, ୫ ।୧୨(ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ପ୍ରଭାବରେ ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକରେ ସୋମବାର ରାତିରୁ ବର୍ଷା ଆରମ୍ଭ ହୋଇଛି। ଦିନତମାମ ବର୍ଷା ଲାଗି ରହିଛି। ବାତ୍ୟା ଓ ବର୍ଷାର ମୁକାବିଲା ପାଇଁ ପ୍ରଶାସନିକସ୍ତରରେ ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ଲକ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଘନଘନ ବୈଠକ କରାଯାଇଛି। ବର୍ଷା ଦାଉରୁ ଧନଜୀବନ ଓ ଫସଲ କିଭଳି ସୁରକ୍ଷିତ ରହିବ ସେ ନେଇ ଗୁରୁତ୍ୱାରୋପ କରାଯାଇଛି। ବିଶେଷ କରି ରାୟଗଡ଼ ବ୍ଲକର ପାହାଡ଼ିଆ ଅଞ୍ଚଳରେ ଥିବା ଗଙ୍ଗାବାଡ଼, କଇଁପୁର, କେରାଣ୍ଡି, ଲକ୍ଷ୍ମୀପୁର ଓ ଲାଇଲାଇ ଆଦି ପାଞ୍ଚ ପଞ୍ଚାୟତର ବାରଘର, ବଡ଼ଦେଉଳା, ସାନ ଦେଉଳା, ଗୁରୁଙ୍ଗୀ, କଣ୍ଟାଖମ୍ବ, କେରାଣ୍ଡି, ଛଣଗାଁ, ଲକିଡା, ଉପର ଏଲାସର, ବଳଦା, ସୁଆବା, ଲାଙ୍ଗାସାହି, ମାଡା, ମାଡ଼ବା, ବୁରସୁଣ୍ଡା, ସିଣ୍ଡିଲିଙ୍ଗ, ଆତଙ୍ଗପୁର, ଲାଇଲାଇ ଉପର ସାହି, ମର୍କଡା ଓ ଝାଲିଆ ସାହି ଆଦି କୋଡ଼ିଏ ଗ୍ରାମ ଉପରେ ପ୍ରଶାସନ ବିଶେଷ ନଜର ରଖିଛି। ଲୋକଙ୍କୁ ଅଧିକ ସଚେତନତା କରାଯାଉଛି। ପ୍ରତି ପଞ୍ଚାୟତରେ ନୋଡାଲ ଅଫିସର ଉପସ୍ଥିତ ରହି ତଦାରଖ କରୁଛନ୍ତି। ସେହିଭଳି ଅଗ୍ନିଶମ ବାହିନୀ ପ୍ରସ୍ତୁତ ରହିଥିବା ଜଣାପଡ଼ିଛି। ଯେଉଁ ସ୍ଥାନରେ ବର୍ଷା ପ୍ରଭାବରେ ସମସ୍ୟା ଦେଖାଯାଏ ତେବେ ସେଠାରେ ତୁରନ୍ତ ବିକଳ୍ପ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ ସୁଧୀର ସିଂ କହିଛନ୍ତି।

# ସମନ୍ୱିତ ଯୁବ ବିକାଶ କ୍ରୀଡ଼ା ଓ ସମାରୋହ ଉଦ୍‌ଯାପିତ




**ଦାରିଙ୍ଗବାଡ଼ି, ୫।୧୨ (ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ପକ୍ଷରୁ ଅନୁଷ୍ଠିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଜରିଆରେ ସମନ୍ୱିତ ଯୁବ ବିକାଶ କ୍ରୀଡ଼ା ଏବଂ ସମାରୋହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଆଇଟିଆଇ ଅଧ୍ୟକ୍ଷ ଇଂ.ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଉପବାଚସ୍ପତି ସାଲୁଗା ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଗଦାଧର ପାତ୍ର, ତହସିଲଦାର ଶରତ ଶବର ଓ ସରପଞ୍ଚ ଚନ୍ଦ୍ରିକା ମଲ୍ଲିକ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ରାଜ୍ୟ ସରକାର 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏଥିରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ପ୍ରାୟ ୨୦୦ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଆଇଟିଆଇ ଶିକ୍ଷକ ଭୁପେନ ସେଠୀ ଏବଂ ଶେଲି ଡାକୁଆ ମଞ୍ଚ ସଂଯୋଜନା କରିଥିବା ବେଳେ ବନାନୀ ସାରସ୍ୱତୀ ପରିଷଦ ସଭାପତି ପତିତପାବନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିଧାୟକ ପ୍ରତିନିଧି ଦୀପକ କୁମାର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଆଇଟିଆଇ ତାଲିମ କେନ୍ଦ୍ରର ଶିକ୍ଷକ ଲିଙ୍ଗରାଜ ସାହୁ, ପ୍ରକାଶ ବେହେରା ଓ ଅଲିଭ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

# ଭ୍ୟାନ୍ ଓ ବାଇକ୍ ଧକ୍କା; ଜଣେ ମୃତ

**ପାରଳାଖେମୁଣ୍ଡି, ୫।୧୨(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ କଣ୍ଡ୍ରାଗଡ଼ ଗ୍ରାମ ନିକଟରେ ମଙ୍ଗଳବାର ଏକ ଭ୍ୟାନ୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ବାଇକ୍ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ସକାଳ ସାଢ଼େ ୯ଟା ବେଳେ ପାରଳାଖେମୁଣ୍ଡି ସହର ପଟରୁ ଏକ ଭ୍ୟାନ୍ ଓ ସମାନ ଦିଗ ପଟେ ନୂଆଗଡ଼ ଅଭିମୁଖେ ବାଇକ୍ ଯୋଗେ ଘରୋଇ ଫାଇନାନ୍ସ କର୍ମଚାରୀ ଦୁଃଖୀଶ୍ୟାମ ପରିଛା ଯାଉଥିବା ସମୟରେ କୌଣସି କାରଣରୁ ଦୁର୍ଘଟଣା ଘଟିଥିଲା। ଦୁଃଖୀଶ୍ୟାମ ରାସ୍ତା ଉପରେ ପଡ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡି ସହ ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ମୃତଦେହ ପଠାଯାଇଛି। ଗୁରାଣ୍ଡି ଥାନାରେ ଏନେଇ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି। ମୃତକ ଦୁଃଖୀଶ୍ୟାମଙ୍କ ଘର ଗଞ୍ଜାମ ଜିଲ୍ଲା ମଶାବାଡି ଗ୍ରାମ ବୋଲି ଜଣାପଡ଼ିଛି। ସେ ପାରଳାଖେମୁଣ୍ଡି ସହରର ଏକ ବେସରକାରୀ ଅର୍ଥଲଗାଣ ସଂସ୍ଥାରେ କାର୍ଯ୍ୟରତ ଥିଲେ। ଋଣ ଟଙ୍କା ଅସୁଲ କରିବା ପାଇଁ ନୂଆଗଡ଼ ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

# ଗଞ୍ଜେଇ ଗଛ ନଷ୍ଟକଲା ପୁଲିସ

**ବାଲିଗୁଡ଼ା, ୫।୧୨(ସମିସ):** ବେଆଇନ ଗଞ୍ଜେଇ ଗଛକୁ କାଟିଲା ବାଲିଗୁଡା ପୁଲିସ। ୪୫ଏକର ସରକାରୀ ଜମିରେ ବେଆଇନ ଭାବେ ଗଞ୍ଜେଇ ଚାଷ ଉପରେ ଚଢ଼ଉ କରି କାଟି ପୋଡ଼ି ନଷ୍ଟ କରିଛି ପୁଲିସ। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ମାଜିଷ୍ଟ୍ରେଟ ତଥା ତହସିଲଦାର ଓ ବାଲିଗୁଡ଼ା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ମିଳିତ ଉଦ୍ୟମରେ ମଙ୍ଗଳବାର ବାଲିଗୁଡା ଥାନା ଅନ୍ତର୍ଗତ କିଲୁଗାଁ, ଅଣ୍ଡାରିଗାଁ, ପାଦେରିପଡ଼ା, କିଲୁପଡ଼ା ଅଞ୍ଚଳରେ ବେଆଇନ ଭାବରେ ହୋଇଥିବା ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରାଯାଇଛି। ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ୪୫ ଲକ୍ଷରୁ ଅଧିକ ହେବ ବୋଲି ବାଲିଗୁଡ଼ା ଥାନା ଅଧିକାରୀ କହିଛନ୍ତି।



# ବର୍ଷା ପାଇଁ ସ୍ଥାନୀୟ ପ୍ରଶାସନ ସଜାଗ

**କାଶୀନଗର, ୫ ।୧୨(ସମିସ):** ଗଜପତି ଜିଲ୍ଲା କାଶୀନଗରରେ ବାତ୍ୟା ଜନିତ ସମ୍ଭାବ୍ୟ ବର୍ଷା ପାଇଁ ସ୍ଥାନୀୟ ପ୍ରଶାସନ ସଜାଗ ରହିଛି। ଗଜପତି ଜିଲ୍ଲାରେ ୭ ତାରିଖ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଥିବା ଦର୍ଶାଯାଇଥିବା ବେଳେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିବା ନେଇ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର କାଶୀନଗରରେ ସାମାନ୍ୟ ବର୍ଷା ଲାଗି ରହିଥିବା ବେଳେ ତହସିଲଦାର ଅଶୋକ ପ୍ରଧାନ, ବିଡିଓ ଅନୁପ ପଣ୍ଡା ଓ ଥାନା ଅଧିକାରୀ ଗୋବିନ୍ଦ ଗୌଡ଼ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କୁ ସତର୍କ କରାଇଥିଲେ। ବର୍ଷା ଲାଗି ରହିଥିବା ଯୋଗୁଁ ଆବଶ୍ୟକ ହେଲେ କେବଳ ଲୋକେ ବାହାରକୁ ବାହାରିବା ନିମନ୍ତେ ପରାମର୍ଶ ଦେଇଥିଲେ। ନଦୀ ଉପକୂଳରେ ବସବାସ କରୁଥିବା ଲୋକଙ୍କୁ ନିରାପଦ ସ୍ଥାନ ତଥା ଆଶ୍ରୟସ୍ଥଳୀରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀଙ୍କୁ ଅତ୍ୟଧିକ ସତର୍କ ରହିବା ନିମନ୍ତେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ ସତନ୍ତ୍ର ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଜମିରୁ କଟାଯାଇଥିବା ଧାନ ସୁରକ୍ଷିତ ସ୍ଥାନରେ ସାଇତି ରଖିବା ଓ ଅମଳ ଧାନକୁ ପଲିଥିନରେ ଘୋଡ଼ାଇ ରଖିବା ପାଇଁ ପରାମର୍ଶ ଦିଆଯାଇଛି। କୃଷକଙ୍କୁ ସତର୍କ କରିବା ନିମନ୍ତେ ପ୍ରତି ପଞ୍ଚାୟତ ଓ ଗ୍ରାମରେ ଏହା ପ୍ରଚାର କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ କାଶୀନଗର ବ୍ଲକରେ ଥିବା ଆଶ୍ରୟସ୍ଥଳୀ, ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଞ୍ଚ କରି ପ୍ରସ୍ତୁତ କରାଯାଇଥିବା ତହସିଲଦାର କହିଛନ୍ତି। ବର୍ଷା ଯୋଗୁ ଚାଷୀ କଷ୍ଟକର ସ୍ଥିତିରେ ରହିଛନ୍ତି।



## ଗୋଷାଣୀ ପଞ୍ଚାୟତ ସମିତି ବୈଠକ

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**ଗୋଷାଣି, ୫।୧୨(ସମିସ)**



ଗଜପତି ଜିଲ୍ଲା ଗୋଷାଣି ପଞ୍ଚାୟତ ସମିତିର ୮ମ ବୈଠକ ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଅଜୟ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଏସ୍.ଅନୁସୂୟା ଦେବୀ, ଜିଲ୍ଲା ପରିଷଦ ସଭ୍ୟ ଏସ୍.ବାଲାରାଜୁ, ଜିଲ୍ଲା ପରିଷଦ ସଭ୍ୟା ଏନ୍. ପାରିଗା, ସାଂସଦ ପ୍ରତିନିଧି ଏସ୍.ଲିଙ୍ଗରାଜୁ, ପାରଳାଖେମୁଣ୍ଡି ବିଧାୟକ ପ୍ରତିନିଧି ଦିଲ୍ଲୀଶ୍ୱର ରାଓ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ଯୋଗ ଦେଇଥିଲେ। ବୈଠକରେ କୃଷି, କ୍ଷୁଦ୍ର ଜଳସେଚନ, ଶିକ୍ଷା, ଉନ୍ନୟନ କାମ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପାନୀୟ ଜଳ, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପୂର୍ତ୍ତ ବିଭାଗ, ରାଜସ୍ୱ ବିଭାଗ, ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ, ଜଙ୍ଗଲ ଓ ପରିବେଶ, ଉଦ୍ୟାନ, ପଶୁ ପାଳନ, ମହିଳା ଓ ଶିଶୁ ବିଭାଗ, ଖାଉଟି ଓ ଯୋଗାଣ ବିଭାଗ, ମତ୍ସ୍ୟ ବିଭାଗ, ଉଠା ଜଳସେଚନ ଆଦି ସହ ଅନ୍ୟାନ୍ୟ ବିଷୟରେ ଆଲୋଚନା ଓ ସମୀକ୍ଷା କରାଯାଇଥିଲା।

ପ୍ରାରମ୍ଭରେ ବଡ଼ଗୋଷାଣି ସରପଞ୍ଚ ବି. ମୋହନ ରାଓ, ବାଘଶଳା ସମିତିସଭ୍ୟ ଜି.ଶ୍ରୀଧର ନାଇଡୁ, ଲାବାଣ୍ୟଗଡ଼ ସରପଞ୍ଚ ଝୁନି ଶବର, ଗୁରାଣ୍ଡି ସରପଞ୍ଚ ଶିଳ୍ପା ପାତ୍ର, ଉପଲଡ଼ା ସମିତିସଭ୍ୟ ବି.ଧନଞ୍ଜୟଲୁ ପଞ୍ଚାୟତ ସମିତିରେ ସରପଞ୍ଚ ଓ ସମିତିସଭ୍ୟଙ୍କ ଅଜାଣତରେ କାର୍ଯ୍ୟ ସମ୍ପାଦନ କରାଯାଉଛି ଅଭିଯୋଗ କରି ବୈଠକ ବର୍ଜନ କରିଥିଲେ। ପରେ ଗୁରାଣ୍ଡି ସରପଞ୍ଚ ଓ ଉପଲଡା ସମିତିସଭ୍ୟ ବୈଠକରେ ଯୋଗ ଦେଇଥିଲେ। ଗୁରାଣ୍ଡି ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାରେ ବିଳମ୍ବ ହେଉଥିବା ସରପଞ୍ଚ ଅଭିଯୋଗ କରିଥିଲେ। ସେହିପରି ଉପଲଡା ସମିତି ସଭ୍ୟ ଭୁଷୁକୁଡି ଗ୍ରାମରେ ପାନୀୟ ଜଳ ସମସ୍ୟାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଜିଲ୍ଲା ଶିଳ୍ପ ଅଧିକାରୀ ସୁନାରାମ ସିଂ ପ୍ରଧାନମନ୍ତ୍ରୀଙ୍କ ବିଶ୍ୱକର୍ମା ଯୋଜନା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ରମ୍ଭା ସମିତିସଭ୍ୟ ନୀର ଭୂୟାଁ ଏବଂ ଗାରବନ୍ଧ ସରପଞ୍ଚ ପି.ଅଶୋକ କୁମାର ଗାରବନ୍ଧରେ ଡାକ୍ତରଙ୍କ ନିଯୁକ୍ତିକୁ ନେଇ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ।

ଅସମ୍ପୂର୍ଣ୍ଣ କାମକୁ ଶେଷ କରିବା, ବିଶେଷ କରି ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ କରିବା, ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ କର୍ମଚାରୀ ତଥା ଡାକ୍ତରଙ୍କ ଉପସ୍ଥିତ ରହିବା ସମ୍ପର୍କରେ ବୈଠକରେ କୁହାଯାଇଥିଲା। ଆଗାମୀ ବୈଠକ ପୂର୍ବରୁ ବିଭିନ୍ନ ସମସ୍ୟାର ସମାଧାନ ଯେପରି ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ବ୍ଲକ ଅଧ୍ୟକ୍ଷ ଏବଂ ବିଡିଓ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପରିଶେଷରେ ବିଡିଓ ଗୋଷାଣୀ ବ୍ଲକ ପ୍ରେସ କ୍ଲବ ନିମନ୍ତେ ସ୍ଥାୟୀ କୋଠା ନିର୍ମାଣ କରିବାକୁ ଗୃହରେ ସହମତି ଲୋଡ଼ିଥିଲେ। ଯାହାକୁ ନେଇ ଗୃହରେ ଆଗାମୀ କିଛି ଦିନ ମଧ୍ୟରେ ଏ ସମ୍ପର୍କରେ ନିଷ୍ପତ୍ତି ନେବାକୁ ସହମତି ପ୍ରକାଶ ପାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ବିନୋଦ ଗୌଡ଼ ବୈଠକ ପରିଚାଳନା କରିଥିବା ବେଳେ ଉନ୍ନୟନ କାମର ସବିଶେଷ ବିବରଣୀ ବ୍ଲକ ଉପନିର୍ବାହୀ ଯନ୍ତ୍ରୀ ନିହାର ନାୟକ ପଠନ କରିଥିଲେ।

## ପୋଖରୀରେ ବୁଡ଼ି ଜଣେ ମୃତ

**ଟିଟିଲାଗଡ଼ ୫ା୧୨(ସମିସ):** ଟିଟିଲାଗଡ଼ ଥାନା ପଦ୍ମନାଭପୁର ନିବାସୀ ପଦ୍ମନ ହାତୀ (୫୦)ଙ୍କ ମୃତ୍ୟୁ ଘଟିଛି। ରବିବାର ଅଭିମନ୍ୟୁ କଲ୍ୟାଣ ମଣ୍ଡପରେ ହେଉଥିବା ଏକ ଭୋଜି ଖାଇବା ପରେ ନିକଟରେ ଥିବା ଦେବବନ୍ଧକୁ ପଦ୍ମନ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟଧରି ସେ ନ ଫେରିବାରୁ ସ୍ଥାନୀୟ ଯୁବକ ପୋଖରୀରେ ପଶି ଖୋଜାଖୋଜି କରିବା ପରେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଡ଼ାକ୍ତରଖାନାକୁ ଅଣାଯାଇଥିବା ବେଳେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରଛି। ଘଟଣାକୁ ନେଇ ସ୍ଥାନୀୟ ଥାନାରେ ଏକ ଅପମୃତ୍ୟୁ ମାମଲା ଦାୟରୁଜୁ ହୋଇଛି।

## ଭ୍ୟାନ୍ ଓଲଟି ୧୫ରୁ ଅଧିକ ଆହତ

**ଟିଟିଲାଗଡ଼, ୫ା୧୨(ସମିସ):** ମଙ୍ଗଳବାର ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଅନ୍ତର୍ଗତ ହଳଦୀ ଗ୍ରାମରୁ ୨୫ ଜଣ ଲୋକ ଗୋଟିଏ ପିକଅପ ଭ୍ୟାନରେ କଳାହାଣ୍ଡି ଜିଲ୍ଲା ଗୁରୁଜୀମୁଣ୍ଡା ଗ୍ରାମକୁ ବଣଭୋଜି କରିବାକୁ ଯାଉଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। କଟେରକେଲା ଗ୍ରାମ ରେଳଫାଟକ ନିକଟରେ ଉକ୍ତ ଗାଡ଼ି ଭାରସାମ୍ୟ ହରାଇ ଓଲଟି ଯିବାରୁ ୧୫ ଜଣରୁ ଅଧିକ ଲୋକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଆମ୍ବୁଲାନସ ମାଧ୍ୟମରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ସୂଚନା ରହିଛି।

## ଏଟିଏମ୍‌ରୁ ଆପେ ଉଠିଯାଉଛି ଟଙ୍କା ! ମହିଳା ଥାନାର ଦ୍ୱାରସ୍ଥ

**ବଲାଙ୍ଗିର, ୫ା୧୨(ସମିସ):** ଏଟିଏମ କାର୍ଡ ମେସିନରେ ଲାଗିନି, ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠୁଛି। କଥାଟା ଆପଣଙ୍କୁ ଅଡୁଆ ଲାଗିଥାଉପାରେ; କିନ୍ତୁ ଏଭଳି ଘଟଣା ଘଟିଛି ଭୀମଭୋଇ ମେଡିକାଲର କଲେଜ ହସ୍ପିଟାଲ ପରିସରରେ ଥିବା ଏଟିଏମ ମେସିନରେ। ବଲାଙ୍ଗିର ସହର ସୁଦପଡ଼ାର ଜଣେ ମହିଳାଙ୍କ



ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କଟୁଥିବା ମୋବାଇଲକୁ ବାରମ୍ବାର ମେସେଜ ଆସୁଛି। ଗତ ଏକମାସ ମଧ୍ୟରେ ତାଙ୍କ ଆକାଉଣ୍ଟରୁ ପ୍ରାୟ ୯୫ ହଜାର ଟଙ୍କା ଉଠିଛି। ଏନେଇ ମହିଳା ଜଣକ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଏଭଳି ଟଙ୍କା ଲୁଟ୍‌ର ଶିକାର ହୋଇଥିବା ମହିଳା ଜଣକ ହେଲେ ବଲାଙ୍ଗିର ସହର ସୁଦପଡ଼ାର ଅଞ୍ଜନା ବାରିକ। ଅଞ୍ଜନାଙ୍କ ବଲାଙ୍ଗିର ଷ୍ଟେଟ ବ୍ୟାଙ୍କ ମୁଖ୍ୟଶାଖା ଆକାଉଣ୍ଟରୁ ଏକ ଏଟିଏମ କାର୍ଡ ରହିଛି। ଦେଢମାସ ତଳେ ଭୀମଭୋଇ ମେଡିକାଲ ଏଟିଏମରୁ କିଛି ଟଙ୍କା ଉଠାଇଥିଲେ। ଏହାର କିଛି ସପ୍ତାହ ପରେ ଅର୍ଥାତ ଗତ ନଭେମ୍ବର ୬ ତାରିଖରୁ ତାଙ୍କ ଆକାଉଣ୍ଟରୁ ଟଙ୍କା କଟିବା ଆରମ୍ଭ ହେଲା। ପ୍ରତି ଦୁଇତିନି ଦିନରେ ଥରେ ଏଟିଏମରୁ ଟଙ୍କା ଉଠୁଥିବା ତାଙ୍କର ମୋବାଇଲକୁ ମେସେଜ ଆସୁଥିଲା। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଟ୍ରାନଜକ୍ସନ ତଥ୍ୟ ମାଗିବାରୁ ସେ ନଭେମ୍ବର ୬ ତାରିଖରୁ ଅଦ୍ୟାବଧି ତାଙ୍କ ଏଟିଏମ କାର୍ଡ ୯ ଥର ବ୍ୟବହାର ହୋଇଥିବା କହିଥିଲେ। ଯେଉଁଥିରେ ୮ ଥର ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଲାଗିଥିବା ଏଟିଏମରୁ ଉଠାଣ ହୋଇଥିବାବେଳେ ଆଉ ଥରେ ଚନ୍ଦନଭାଟିରୁ ଉଠାଣ ହୋଇଛି ବୋଲି ଜଣାପଡ଼ିଥିବା ଅଭିଯୋଗରେ ଦର୍ଶାଯାଇଛି। ଏଟିଏମ କାର୍ଡ ନ ହଜି କିମ୍ବା ଏଟିଏମର ପିନ ନମ୍ବର କାହାକୁ କହି ନଥିବା ବେଳେ ଟଙ୍କା କେମିତି ଉଠୁଛି ତାକୁ ନେଇ ସମସ୍ତ ଆଶ୍ଚର୍ଯ୍ୟ ଅଛନ୍ତି। ଅଞ୍ଜନା ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ସାଇବର ପୁଲିସ ଏହି ଘଟଣାର ତଦନ୍ତ କରିବାକୁ ଦାବି ହୋଇଛି।

## ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

**ବଲାଙ୍ଗିର, ୫ା୧୨(ସମିସ):** ଜିଲ୍ଲା କୃଷି କାର୍ଯ୍ୟାଳୟରେ ବିଶ୍ୱ ମୃତ୍ତିକା ଦିବସ କୃଷିବିଭାଗ ଦ୍ୱାରା ପାଳିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମାଟିର ସ୍ୱାସ୍ଥ୍ୟରକ୍ଷା ଏବଂ ନିରନ୍ତର ଫସଲ ନିମନ୍ତେ ମାଟି ପରୀକ୍ଷା ଫଳ ଅନୁଯାୟୀ ଅନୁମୋଦିତ ଖାଦ୍ୟସାର ପ୍ରୟୋଗ କରିବାକୁ କହିଥିଲେ। କେ ବି କେ ମୁଖ୍ୟ ବୈଜ୍ଞାନିକ ସତ୍ୟମୟ ଶତପଥୀ ସଂପୂର୍ଣ୍ଣ ଭାବେ ରସାୟନିକ ସାର ପ୍ରୟୋଗ ଉପରେ ନିର୍ଭର ନକରି ସେହି ଉପାଦାନ ମିଳୁଥିବା ଜୈବିକ ସାର ଉପରେ ନିର୍ଭର ହେବାକୁ ପରାମର୍ଶ ଦେଇଥିଲେ। ଚାଷୀ ମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ପାଟଣାଗଡ କୃଷି ଅଧିକାରୀ ବାବୁଲି ଚରଣ ଶେଠୀ, ରାଇଟ କଲେଜର ଅଧ୍ୟକ୍ଷ ଲଟ ବିହାରୀ ମଲ୍ଲିକ, ଅତିରିକ୍ତ ପିଡ଼ି (ୱାଟରସେଡ଼) ସନ୍ତୋଷ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ବାତ୍ୟାଜନିତ ବର୍ଷାରେ ଧାନ ଅମଳ ପ୍ରଭାବିତ

**ଭବାନୀପାଟଣା/ଥୁଆମୂଳ ରାମପୁର, ୫ା୧୨(ସମିସ)**



ବାତ୍ୟା ଜନିତ ବର୍ଷା ସହିତ କୋହଲିଆ ପାଗ ଯୋଗୁଁ ଚିନ୍ତାରେ ଚାଷୀ ପରିବାର। ନିଜ ଉତ୍ପାଦିତ ଧାନ କିଭଳି ସୁରକ୍ଷିତ ରଖିବେ ସେନେଇ ଆଶଙ୍କାରେ ଚାଷୀକୂଳ। ଅନ୍ୟପଟେ ବାତ୍ୟା ପ୍ରଭାବ ଯୋଗୁଁ ବର୍ଷା ଜାରି ରହିଥିବାରୁ ମଣ୍ଡିକୁ ଧାନ ନେବା ପାଇଁ ଧାନ କ୍ରୟ ସଂସ୍ଥା ପକ୍ଷରୁ ବାରଣ କରାଯାଉଛି। ଯାହା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଅନ୍ୟପଟେ ଜମିରେ ଅମଳ ହେବାକୁ ଥିବା ଧାନ ଚାଷ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା କରାଯାଉଛି। କଳାହାଣ୍ଡି ଜିଲ୍ଲାରେ ମୋଟ ୩, ୮୩, ୭୨୧ ହେକ୍ଟର ଜମିରେ ଧାନ ଚାଷ ହେଉଥିବା ବେଳେ ତନ୍ମଧ୍ୟରୁ ଅଣଧାନ ୧, ୯୬, ୭୬୦ହେକ୍ଟର ଏବଂ ୧, ୮୬, ୯୬୧ ହେକ୍ଟର ଧାନ ଚାଷ ହେଉଛି। ଯେଉଁଥିପାଇଁ ୨୧୯ ମଣ୍ଡିର ବ୍ୟବସ୍ଥା ରହିଛି। ଗତ ୨୯ ତାରିଖରେ ମଣ୍ଡି ଖୋଲାଯିବାର ଶୁଭାରମ୍ଭ ହୋଇଥିଲା। ପର୍ଯ୍ୟାୟ କ୍ରମେ ଅଧିକାଂଶ ମଣ୍ଡି ଖୋଲିଥିଲେ ମଧ୍ୟ କିଛି ମଣ୍ଡି ବନ୍ଦ ରହିଥିଲା। ଏବେ ପ୍ରକୃତିର ଅସନ୍ତୁଳିତ ପରିସ୍ଥିତି ତଥା ଝିପିଝିପି ବର୍ଷା ଓ କୋହଲା ପାଗକୁ ଲକ୍ଷ୍ୟ ରଖି ପ୍ରଶାସନ ମଙ୍ଗଳବାର ଠାରୁ ଗୁରୁବାର ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ୨୧୯ ଟି ମଣ୍ଡିକୁ ବନ୍ଦ କରାଯିବା ନେଇ ଘୋଷଣା ହୋଇଛି। ପୂର୍ବରୁ ଖୋଲାଯାଇଥିବା ମଣ୍ଡି ରେ ପ୍ରାୟ୧୯ ହଜାର କ୍ୱିଣ୍ଟାଲ ଧାନ ବିକ୍ରି ହୋଇଥିବା ଯୋଗାଣ ବିଭାଗ କହୁଥିବା ବେଳେ ଚାଷୀ ନିକଟରେ ପହଞ୍ଚି ଦଲାଲ ଧାନ କିଣି ପାର୍ ହୋଇଯାଇଥିବା ନଜର ରହିଛି। ବର୍ଷ ତମାମ ଚାଷୀ ତା ପରିଶ୍ରମ ର ଫଳକୁ ଅନାଇ ରହିଥିବା ବେଳେ କୋହଲା ପାଗ ନିଦ ହଜାଇଦେଇଛି। କିଛି ଚାଷୀ ଫସଲ କାଟି ଖଳାରେ ରଖିଥିବା ବେଳେ ଅଧିକାଂଶ ଧାନ ଜମିରୁ ଖଳା ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ। କୋହଲା ପାଗ ଯୋଗୁଁ ଆଜି ଠାରୁ ମଣ୍ଡି ବନ୍ଦ ରହିଥିବା ବେଳେ ଏହି ସୁଯୋଗରେ ଦଲାଲ ମଧ୍ୟ ସକ୍ରିୟ ରହିଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ; ଗାଁରେ ଶୋକାକୁଳ ପରିବେଶ

**ଜୁନାଗଡ଼, ୫ା୧୨ (ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ଚିଲକପୁର ଠାରେ ସୋମବାର ସନ୍ଧ୍ୟାରେ ଏକ ଘରୋଇ ବସ୍ ଦୁର୍ଘଟଣାରେ ୨ ବାଇକ ଆରୋହୀ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ବାଇକରେ ଦୁଇଜଣ ଯୁବକ ଜୁନାଗଡ଼ ରୁ ନିଜ ଗାଁ କୁ ଯାଉଥିବା ବେଳେ କଲମପୁରରୁ କଟକ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ଲକି ନାମକ ଏକ ଘରୋଇ ବସ୍ କଲମପୁର ପଟୁ ଆସୁଥିଲା। ଚିଲକପୁରଠାରେ ବସ୍ ବାଇକକୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ଦୁଇଜଣ ବାଇକ ଆରୋହୀ ଯୁବକ ଦ୍ୱୟ କଲମପୁର ବ୍ଲକର ଗୁମାବାହଲ ଗ୍ରାମର ଚିନ୍ମୟ ମାଝୀ (୨୦) ଓ ତୋତ୍ରାଗୁଡାର ଜଗନ୍ନାଥ ନାଏକ(୨୦) ବୋଲି ଜଣାପଡ଼ିଛି। ମଙ୍ଗଳବାର ଉଭୟ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶବ ଗ୍ରାମରେ ପହଁଚିଲା ପରେ ପରିବାର ବନ୍ଧୁ ବର୍ଗ ସହିତ ଗ୍ରାମରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା।। ଜୁନାଗଡ଼ ପୁଲିସ ଏହି ଘଟଣା ନେଇ ଅଧିକ ତଦନ୍ତ ଚଳାଇଛି।

## କଣ୍ଟାବାଞ୍ଜିକୁ ସ୍ୱତନ୍ତ୍ର ଜିଲ୍ଲା ଦାବି ନେଇ ବନ୍ଦ ଶାନ୍ତିପୂର୍ଣ୍ଣ



**କଣ୍ଟାବାଞ୍ଜି, ୫ା୧୨(ସମିସ):** ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜିକୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ଦାବି ନେଇ ମଙ୍ଗଳବାର ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ ଡକରା ଦିଆଯାଇଥିଲା। ଜିଲ୍ଲା ସଙ୍ଘର୍ଷ ସମିତିର ଆହ୍ୱାନକ୍ରମେ ଏହି ବନ୍ଦ ପାଳନ ଶାନ୍ତପୂର୍ଣ୍ଣ ଭାବେ ଶେଷ ହୋଇଛି। ଇନ୍ଦିରା ଛକ ନିକଟରେ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବନ୍ଦ ପାଳନରେ ସହରର ୨୦ରୁ ଅଧିକ ସଂଗଠନ ସାମିଲ ହୋଇ ବିଭିନ୍ନ ନାରାବାଜୀ କରିଥିଲେ। କର୍ମକର୍ତ୍ତାମାନେ ପିକେଟିଂ କରି କଣ୍ଟାବାଞ୍ଜିକୁ ରାଜସ୍ୱ ଜିଲ୍ଲା ମାନ୍ୟତା ଦାବିକୁ ଅଣଦେଖା କରାଯାଉଥିବାରୁ ଅସନ୍ତୋଷ ପ୍ରକଟ କରିଥିଲେ। ଜିଲ୍ଲା ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲ, ସମ୍ପାଦକ ଦୁଃଖୀଶ୍ୟାମ ଗୁରୁ, କାର୍ଯ୍ୟକାରୀ ସଭାପତି ବ୍ରଜଶ୍ୟାମ ଗୁରୁ, ଅମରଚନ୍ଦ ଶର୍ମା, ସମାଜସେବୀ ସଞ୍ଜୟ ଗାନ୍ଧୀ, ନରେନ୍ଦ୍ର ସୁନା, ଓକିଲ ସଙ୍ଘ ତରଫରୁ ଆଇନଜୀବୀ ଶେଷଦେବ ନାଗ, ଅଶୋକ ଦାସ, ଶୈଳେନ୍ଦ୍ର ବେହେରା, ସତ୍ୟ ରାୟ, ଆର ଜଗନ୍ନାଥ ନାଗ, ଶୈଳେନ୍ଦ୍ର ବେହେରା, ନଗରପାଳ ବାରିୟାମ ସିଂ ସାଲୁଜା, ଅମରେନ୍ଦ୍ର ତାଣ୍ଡି, ପ୍ରଦୀପ ବାଗ, ବେଦବ୍ୟାସ ନାଗ, ଅଜୟ ଅଗ୍ରୱାଲ, କୁଞ୍ଜବିହାରୀ ବେହେରା, ବିସର୍ବ ବେହେରା, କୈଳାସ ଅଗ୍ରୱାଲ, ଅଜୟଅଗ୍ରୱାଲ, ଗୋବିନ୍ଦ ବର୍ଗେ, ମହେଶ ଖଣ୍ଡେଲୱାଲ, ଦୀପକ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମୁରିବାହାଲ, ବଙ୍ଗୋମୁଣ୍ଡା, ତୁରେକେଲା ବ୍ଲକ୍‌କୁ ନେଇ ଏହି ଦାବି କରାଯାଉଥିବା ବେଳେ ଆଗାମୀ ଦିନରେ ଏହାକୁ ହାସିଲ କରିବା ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ଜିଲ୍ଲା ସଂଘର୍ଷ ସମିତି ପକ୍ଷରୁ କୁହାଯାଇଛି।

## ଆଦିବାସୀ ଭବନର ଶିଳାନ୍ୟାସ

**କଣ୍ଟାବାଞ୍ଜି, ୫ା୧୨(ସମିସ):** ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ୍ ସମରସିଂ ଭୁଏପଡ଼ାରେ ଏକ ଆଦିବାସୀ ଭବନ ନିର୍ମାଣ ପାଇଁ ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ବରିଷ୍ଠ ବିଜେଡି ନେତା ଅଜୟ ଦାସଙ୍କ ଉତ୍ସବସ୍ଥଳରେ ପୂଜାର୍ଚ୍ଚନା କରିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଶତାଧିକ ଗ୍ରାମବାସୀ ଏହି ସଭାରେ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ସହ ମହିଳାଙ୍କ ପାଇଁ ମିଶନ ଶକ୍ତି ଯୋଜନାକୁ ପ୍ରଶଂସା କରିଥିଲେ।



## କାକାର ଦାଆ ଚୋଟରେ ପୁତୁରା ଘାଇଲା

**ନୂଆପଡ଼ା, ୫ା୧୨(ସମିସ):** ନୂଆପଡ଼ା ଜିଲ୍ଲା ଖରିଆରରୋଡ ଜୋଙ୍କ ଥାନା ଅନ୍ତର୍ଗତ ବୁଢିପାଲି ଗାଁରେ ଏକ ଜମିଜମା ମାମଲାକୁ ନେଇ କାକାର ଦାଆ ଚୋଟରେ ପୁତୁରା ଗୁରୁତର ଭାବେ ଆହତ ହୋଇପଡ଼ିବା ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ଗାଁର ସଞ୍ଜୟ କୁମାର ସାହୁ(୧୯) ଏବଂ ତାଙ୍କ କାକା ଭୁପେନ୍ଦ ସାହୁ(୪୫)ଙ୍କ ମଧ୍ୟର ଜମିଜମାକୁ ନେଇ କଳହ ଲାଗି ରହିଥିଲା। ସଞ୍ଜୟ ନିଜ କ୍ଷେତରୁ ଏକ ଟ୍ରାକ୍ଟର ଯୋଗେ ଧାନ ସଂଗ୍ରହ କରି ଘର ଅଭିମୁଖେ ନେଉଥିବା ସମୟରେ ବାଟରେ କାକା ଭୁପେନ୍ଦ ଅଟକାଇ ଝଗଡ଼ା କରିଥିଲେ। ଭୁପେନ୍ଦ୍ର ରାଗ ସମ୍ଭାଳି ନ ପାରି ନିଜେ ଧରିଥିବା ଏକ ଦାଆରେ ମାରିଥିଲେ। ଏହା ଯାଇ ସଞ୍ଜୟ ବେକରେ ଲାଗିଥିଲା। ସ୍ଥାନୀୟ ଲୋକେ ହସ୍ତକ୍ଷେପ କରି ଛଡାଇଥିବାବେଳେ ସଞ୍ଜୟଙ୍କର ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରେ ସଞ୍ଜୟଙ୍କୁ ଉଦ୍ଧାର କରି ଖରିଆରରୋଡ ହସପିଟାଲରେ ଭର୍ତି କରାଯାଇଥିଲା। ସେଠାରୁ ନୂଆପଡ଼ା ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଦାଆକୁ ବାହାର କରିଥିଲେ। ଏହାକୁ ନେଇ ଖରିଆରରୋଡ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଭୁପେନ୍ଦ ଫେରାର ମାରିଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

**ଭବାନୀପାଟଣା, ୫ା୧୨(ସମିସ) :** ସ୍ଥାନୀୟ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର, ଭବାନୀପାଟଣା ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ ହୋଇଯାଇଛି। ଏହି ସଭାରେ ମୁଖ୍ୟଅତିଥି ରୂପେ ବିଧାୟକ ନର୍ଲା ଭୁପିନ୍ଦର ସିଂ ଯୋଗଦେଇ ଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱେଶ୍ୱର ସାହୁ ଏହି ଦିବସର ତାତ୍ପର୍ଯ୍ୟ ତଥା କୃଷି ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ମୃତ୍ତିକା ସ୍ୱାସ୍ଥ୍ୟ ସମ୍ପର୍କିତ ଯୋଜନା ଉପରେ ଆଲୋକପାତ କରିଥିଲେ। ସଭାରେ ବିଧାୟକ ଭବାନୀପାଟଣାଙ୍କର ପ୍ରତିନିଧି ମନୋଜ ସାହୁ, ଭବାନୀପାଟଣା ବ୍ଲକ ଆତ୍ମା ଅଧ୍ୟକ୍ଷ, ଉଦ୍ୟାନ ଉପ ନିର୍ଦ୍ଦେଶକ କିଶୋର ମହାଲିଂ, କୃଷି ବିଜ୍ଞାନ କେନ୍ଦ୍ରର ତଥା ଆଞ୍ଚଳିକ ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକଗଣ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। କୃଷି ବିଭାଗ ତରଫରୁ ଅନୁଷ୍ଠିତ ପୋଷ୍ଟର ପ୍ରତିଯୋଗିତା ରେ ସଫଳ ହୋଇଥିବା ଗଣନାଥପୁର ଉନ୍ନୀତ ସରକାରୀ ହାଇସ୍କୁଲର ୬ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସଭାରେ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର ପରିସରରେ ଇଫକୋ, କରମଣ୍ଡଳ ଓ ପାରାଦୀପ ଫସଫେଟ ଲିମିଟେଡ ସାରା କମ୍ପାନୀ ତରଫରୁ ଷ୍ଟଲର ବ୍ୟବସ୍ଥା କରାଯାଇଥିଲା।




**■ ଲଡୁଗାଁ ପଞ୍ଚାୟତ ପିଡିଏସ୍ ଚାଉଳ ହେରଫେର ଘଟଣା**

# ପିଇଓ-ଯୋଗାଣ ସହାୟକ ତୁ ତୁ 'ମେଁ ମେଁ', ଘାଣ୍ଟି ହେଉଛନ୍ତି ହିତାଧିକାରୀ

**କୋକସରା, ୫ା୧୨(ସମିସ) :** ଦୀର୍ଘ ଏକ ମାସରୁ ଅଧିକ ହେବ କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଆଁଇଲି ଗ୍ରାମର ହିତାଧିକାରୀ ମାନେ ୩ ମାସର ପିଡିଏସ ଚାଉଳ ପାଇ ନଥିବା ଅଭିଯୋଗ କରି ଆସୁଛନ୍ତି। ପୂର୍ବରୁ ବ୍ଲକ ଯୋଗାଣ ନିରୀକ୍ଷକ ଓ ଗତକାଲି ଜିଲ୍ଲାପାଳଙ୍କ ପାଖରେ ହିତାଧିକାରୀମାନେ ଫେରାଦ ହୋଇ ଅଭିଯୋଗ କରି ଫେରିଥିବାବେଳେ ମଙ୍ଗଳବାର ସେମାନେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଚାଉଳ ଦେବାକୁ ଜିଦ ଧରିଥିଲେ। ହେଲେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଯୋଗାଣ ସହାୟକଙ୍କ ପରସ୍ପର ଆରୋପ ପ୍ରତ୍ୟାରୋପ ସହ ତୁ' ତୁ' ମେଁ ମେଁ ଯୋଗୁଁ ଚାଉଳ ନପାଇ ହିତାଧିକାରୀ ଗାଁରୁ ପଞ୍ଚାୟତ କାର୍ଯ୍ୟାଳୟ କୁ ଆସି ବାରମ୍ବାର ଘାଣ୍ଟି ହେଉଛନ୍ତି। ଦୀର୍ଘ ମାସେ ହେବ ଆଁଇଲି ଗ୍ରାମର ପ୍ରାୟ ୧୪୪ ଜଣ ହିତାଧିକାରୀ ୩ ମାସର ପିଡିଏସ ଚାଉଳ ପାଇ ନ ଥିବା ଅଭିଯୋଗ ହୋଇ ଆସୁଛି। ଅଭିଯୋଗ ଦିନ ପରେ ଦିନ ଗଡୁଛି ହେଲେ କୌଣସି ସମାଧାନ ହୋଇ ପାରୁନାହିଁ। ଏଣେ ଚାଉଳ ନ ପାଇ ହିତାଧିକାରମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇ ଭୋକ ଉପାସରେ ଦିନ କାଟୁଛନ୍ତି। ଚାଉଳ ପାଇବା ଆଶାନେଇ ପୁନର୍ବାର ଆଜି ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀମାନେ ପହଞ୍ଚି ଚାଉଳ ଦେବାକୁ ଅଡ଼ି ବସିଥିଲେ। ହେଲେ ଚାଉଳ ପାଇ ନଥିଲେ ହିତାଧିକାରୀ। ଏହାପରେ ସରପଞ୍ଚଙ୍କ ଉପସ୍ଥିତିରେ ପିଇଓ, ଯୋଗାଣ ସହାୟକ ଓ ହିତାଧିକାରୀ ମାନଙ୍କ ମଧ୍ୟରେ ଏକ ଆଲୋଚନା ହୋଇଥିଲା। ପଞ୍ଚାୟତ କାର୍ଯ୍ୟାଳୟରେ ୧୪୦ ଜଣ ହିତାଧିକାରୀଙ୍କ ରାସନ୍ କାର୍ଡରେ ୩ମାସର ଚାଉଳ ନିମନ୍ତେ ଏଣ୍ଟ୍ରି ହୋଇଥିବା ସବୁ କାର୍ଡରେ ଚାଉଳ ଦେବାକୁ ଜିଦି କରିଥିଲେ। ହେଲେ ସେମାନଙ୍କୁ ଚାଉଳ ନ ଦେବାରୁ କିଛି ସମୟ ପାଇ ପଞ୍ଚାୟତ କାର୍ଯ୍ୟାଳୟଠାରେ ହୋ ହାଲ୍ଲା ମଧ୍ୟ ହୋଇଥିଲା। ଏହାପରେ ପରିସ୍ଥିତିର ମୋଡ଼ ବଦଳାଇବା ପାଇଁ ଏକ ୪୦୭ ଗାଡ଼ିରେ ପ୍ରାୟ ୩୦ କୁଇଣ୍ଟାଲ ଚାଉଳ ପଞ୍ଚାୟତକୁ ଆଣା ଯାଇ ହିତାଧିକାରୀଙ୍କୁ ଚାଉଳ




ବଣ୍ଟନ କରୁଥିବାବେଳେ ହିତାଧିକାରୀ ମାନେ ୩ ମାସର ଚାଉଳ ଦେବାକୁ କହିଥିଲେ। ହେଲେ ସେମାନେ ୩ମାସର ଚାଉଳ ସମସ୍ତଙ୍କୁ ନଦେବା ଫଳରେ ପୁନର୍ବାର ହିତାଧିକାରୀ ମାନେ ନିରାଶ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ଚାଉଳ ହେରଫେର ଅଭିଯୋଗକୁ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ବେଣୁପାଣି ଓ ଯୋଗାଣ ସହାୟକ ଅଜିତ କୁମାର ଠାକୁରଙ୍କୁ ପଚାରିବାରୁ ଉଭୟ ଉଭୟଙ୍କ ଉପରେ ଆରୋପ ପ୍ରତ୍ୟାରୋପ ଲଗାଇଛନ୍ତି। ତେବେ ପିଇଓ, ଯୋଗାଣ ସହାୟକ ଓ ନାଏକ ସରପଞ୍ଚଙ୍କ ନାଁରେ ୩ମାସର ପିଡିଏସ ଚାଉଳ ହେରଫେର କରିଥିବା ହିତାଧିକାରୀ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଓ ହିତାଧିକାରୀ ମାନଙ୍କୁ ଚାଉଳ ଯୋଗାଇ ନଦେବା ଆହୁରି ଅନେକ ହେରଫେର କରିଥିବା ସନ୍ଦେହ ଘେରକୁ ନେଇଛି। କଳାହାଣ୍ଡି ଜିଲ୍ଲାପାଳ ତୁରନ୍ତ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନ ସାଧାରଣରେ ଦାବି ହୋଇଛି।

# ପୁଣି କାର୍ଯ୍ୟକ୍ଷମ ହେବ କି ଦେଓଗାଁ ବିଜୟାନନ୍ଦ ଚିନିକଳ !

**ବଲାଙ୍ଗିର, ୫ା୧୨(ସମିସ)**

ପୁଣି କାର୍ଯ୍ୟକ୍ଷମ ହେବ କି ଦେଓଗାଁ ବିଜୟାନନ୍ଦ ଚିନିକଳ ! ଚିନିକଳ ଚାଲିବ ନା ସେହି ସ୍ଥାନରେ ଆଉ କିଛି କରିବାକୁ ଯୋଜନା ! କିଛି ଏହିଭଳି ଚର୍ଚ୍ଚାକୁ ଖୋରାକ ଯୋଗାଇଛି ଜାତୀୟ ସୁଗର ପ୍ରତିଷ୍ଠାନର ଏକ ବୈଷୟିକ ଟିମର ପରିଦର୍ଶନ। ଦୀର୍ଘବର୍ଷ ହେଲା ବନ୍ଦ ପଡ଼ିଥିବା ଏହି ଚିନିକଳ ପୁନଃଆରମ୍ଭ ପାଇଁ ଦାବି ହେଉଥିବା ବେଳେ ଆନେକ ଆର୍ଥିକ ସମସ୍ୟା ଯୋଗୁ ଏହା ବନ୍ଦ ପଡ଼ିଛି। ୨୦୧୩ରୁ ତତକାଳୀନ ପରିଚାଳନା ସଭାପତି ତଥା ବର୍ତ୍ତମାନର କଂଗ୍ରେସ ନେତାଙ୍କ ନାମରେ ଆର୍ଥିକ ହେରାଫେରି ଅଭିଯୋଗ ଆସିବା ପରେ ଏହା ବନ୍ଦ ପଡ଼ିଥିଲା।

ବଲାଙ୍ଗିର ଜିଲ୍ଲା ଦେଓଗାଁରେ ଥିବା ବିଜୟାନନ୍ଦ ଚିନିକଳକୁ ଗତ ରବିବାର ଏକ ବୈଷୟିକ ଟିମ ଯାଞ୍ଚ କରିଥିବା ଜଣାପଡ଼ିଛି। ଯାହାକି ଏହି ଚିନିକଳ ପୁନଃ ଆରମ୍ଭ ହେବାର ଆଶା ପୁଣିଥିରେ ଉଜ୍ଜିବୀତ ହୋଇଥିବା ଚର୍ଚ୍ଚା ହେଉଛି। ଜାତୀୟ ସୁଗର ଇନଷ୍ଟିଚ୍ୟୁଟରୁ ଆସିଥିବା ଏହି ଟିମରେ ଅଭିଜ୍ଞ ଇଲେକ୍ଟ୍ରିକାଲ, ମେକାନିକାଲ ଇଞ୍ଜିନିୟର ଓ ଅନ୍ୟ ଅଧିକାରୀ ରହିଥିଲେ। ଯେଉଁମାନେ କି ଚିନିକଳରେ ଥିବା ବିଭିନ୍ନ ଉପକରଣର ଯାଞ୍ଚ କରିଥିଲେ। ଏହାସହ ଅନ୍ୟସବୁ ବିଷୟରେ ତଦାରଖ କରି ଏକ ରିପୋର୍ଟ ପ୍ରସ୍ତୁତ କରିବେ ବୋଲି ଜଣାପଡ଼ିଛି। ତେବେ ଏହି ଟିମ ପରିଦର୍ଶନ କରିବା ପରେ ଦୀର୍ଘବର୍ଷ ହେଲା ବନ୍ଦ ପଡ଼ିଥିବା ଚିନିକଳ ଆରମ୍ଭ ହେବା ପାଇଁ ଆଶା ସଞ୍ଚାର ହୋଇଛି। କେବଳ ଏତିକି ନୁହଁ ଏଠାରେ ଚିନିକଳ ଆରମ୍ଭ ହେବ ନା ଆଉ କିଛି ନୂତନ ୟୁନିଟ ସ୍ଥାପନ ହେବ ତାକୁ ନେଇ ମଧ୍ୟ ଆଲୋଚନା ଆରମ୍ଭ ହୋଇଛି। ବର୍ତ୍ତମାନ ସମୟରେ ଇଥାନଲ କାରଖାନା ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଏନେଇ ମଧ୍ୟ ଦେଓଗାଁରେ ସୁଯୋଗ ଥିବା ଚର୍ଚ୍ଚା ହେଉଛି।



**ଏନ୍‌ଏସ୍‌ଆଇ ଟିମ୍ ପରିଦର୍ଶନ ପରେ ବଢ଼ିଲା ଚର୍ଚ୍ଚା**

ଗତ ୨୦୧୩ରେ ଏହି ଚିନିକଳ ବନ୍ଦ ପଡ଼ିଥିଲା। ୨୦୦୩ରେ ପୋନି ସୁଗର କଂପାନୀ କ୍ଷତି ଦେଖାଇ ଏହାକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲା। ରାଜ୍ୟ ସରକାର ଚାଷୀ ଓ କର୍ମଚାରୀଙ୍କ ସ୍ୱାର୍ଥ୍ୟକୁ ଦେଖି ୨୦୦୩ରେ ଏହାକୁ ନିଜ ଅଧୀନକୁ ନେଇଥିଲେ। ସମବାୟ ବିଭାଗ ଅଧୀନରେ ଏହି ଚିନିକଳ ପରିଚାଳିତ ହୋଇଥିଲା। ଏହି ଚିନିକଳ ଦାୟିତ୍ୱରେ ଥିବା ତତକାଳୀନ ସମବାୟ ସଭାପତି ତଥା ବର୍ତ୍ତମାନର କଂଗ୍ରେସ ନେତା ଯଜ୍ଞେଶ୍ୱର ବାବୁଙ୍କ ନାମରେ ଆର୍ଥିକ ଅନିୟମିତତା ଅଭିଯୋଗ ଆସିଥିଲା। ଏହି ଅଭିଯୋଗ ଆସିବା ପରେ ଶେଷରେ ଏହି ଚିନିକଳରେ ତାଲା ଝୁଲିଥିଲା। ଦୀର୍ଘବର୍ଷ ହେଲା ବନ୍ଦ ପଡ଼ିଥିବା ଏହି ଚିନିକଳକୁ କାର୍ଯ୍ୟକ୍ଷମ କରିବା ପାଇଁ ଉଦ୍ୟମ ହୋଇଥିବା ବେଳେ କ୍ଷତି ଆଶଙ୍କାରେ ଏହା ଆରମ୍ଭ ହୋଇପାରିନାହିଁ। ବର୍ତ୍ତମାନ ସମୟରେ ଏହି ଚିନିକଳର ଉନ୍ନତିକରଣ କରାଯିବା ସହିତ ଇଥାନଲ, ସ୍ପିରିଟ, ବାୟୋ ପ୍ରଡକ୍ଟର କଂପାନୀ ଲଗାଇଲେ ଉଭୟ କାରଖାନା ଚାଲପାରିବ। ଅନ୍ୟ ସ୍ଥାନରେ ଏହିଭଳି ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଢେଙ୍କାନାଳରେ ଥିବା ବର୍ତ୍ତମାନର ଆଇପିଏଲ ବା ପୁରାତନ ଶକ୍ତି ସୁଗର ଏହାର ଏକ ଉଦାହରଣ। ଏହି ସ୍ଥାନରେ ବିକଳ୍ପ ବ୍ୟବସ୍ଥାରେ ଚାଲିଥିବା ବେଳେ ଦେଓଗାଁରେ ସେହିଭଳି କିଛି କରିବା ପାଇଁ ଯୋଜନା ଚାଲିଥିବା ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏ ବିଷୟରେ ବିଜୟାନନ୍ଦ ଚିନିକଳ ଜିଏମ ସାତଦଳ ମିଶ୍ରଙ୍କୁ ପଚାରିବାରୁ, ନିହାତି ଭାବେ କିଛି ନା କିଛି ଯୋଜନା ରହିଥାଇପାରେ କିନ୍ତୁ ସେ ବିଷୟରେ କିଛି କହିହେବ ନାହିଁ। ଅନ୍ୟ ସ୍ଥାନରେ ଚିନିକଳ ସହ ଲିଙ୍କରେ ଥିବା ଅନ୍ୟ କାରଖାନା ଚାଲିଛି। ଏଠାରେ ସେହିଭଳି କିଛି ଯୋଜନା ଥିବା ସେ କହିଛନ୍ତି। ଯଦି ଜିଏମଙ୍କ କହିବା ସତ ତେବେ ଖୁବଶୀଘ୍ର ବିଜୟାନନ୍ଦ ଚିନିକଳକୁ ନେଇ ଖୁସି ଖବର ଆସିପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି।

## ଲୋଇସିଂହାରେ ବିଜେଡି ପ୍ରଶିକ୍ଷଣ ଶିବିର



**ଲୋଇସିଂହା, ୫ା୧୨ (ସମିସ):** ବିଜେଡି ସଂଗଠନକୁ ତୃଣମୂଳ ସ୍ତରରେ ଆହୁରି ସଂଗଠିତ କରିବା ପାଇଁ ସମସ୍ତ ନିର୍ବାଚନମଣ୍ଡଳୀରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି। ବିଜେଡି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଚାଲୁଥିବା ଏହି ପ୍ରଶିକ୍ଷଣ ଶିବିର ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା ବ୍ଲକର ୩୩ ଓ ୩୪ ନମ୍ବର ଜୋନର ସକ୍ରିୟ ସଦସ୍ୟ, ଦଳୀୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ବିଜେଡି ରାଜ୍ୟ ପରିଷଦ ସଦସ୍ୟ ତଥା ସ୍ଥାନୀୟ ଯୁବନେତା ନିହାର ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ପ୍ରବକ୍ତା ତଥା ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦିକା ମହେକ୍ଷିତା ମିଶ୍ର ଓ ରାଜ୍ୟ ସାଧାରଣ ସମ୍ପାଦିକା ପ୍ରୀତି ପ୍ରିୟଙ୍କା ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବ୍ରଜ ମୋହନ ବିଶୋଇ, ଲୋଇସିଂହା ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ବିଜେଡି ବ୍ଲକ ସଭାପତି ହୃଦୟାନନ୍ଦ ବେହେରା, ଜିଲ୍ଲା ପରିଷଦ ସଭ୍ୟା ଲିଲିମା ବେହେରା, ସଂଯୁକ୍ତା ବରିହା,ମହିଳା ସଭାପତି ଜ୍ୟୋସ୍ନାମୟୀ ନାଗ, ବଲାଙ୍ଗିର ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ସୁଶାନ୍ତ ସିଂଙ୍କ ପ୍ରତିନିଧି ପ୍ରଦ୍ୟୁମ୍ନ ତ୍ରିପାଠୀ, ଯୁବ ସଭାପତି ପ୍ରକାଶ ମହାରଣା, ଛାତ୍ର ସଭାପତି ଫିରୋଜ ସତୁଆ ପ୍ରମୁଖ ଉପସ୍ଥିତ ଥିଲେ। ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକର ୭ଟି ଜିଲ୍ଲା ପରିଷଦ ଜୋନର ସମସ୍ତ ସକ୍ରିୟ କର୍ମକର୍ତା ତିନିଦିନ ଧରି ସାମିଲ ହୋଇଛନ୍ତି।



# ୨୦୨୫ରେ 'ହାଉସ୍‌ଫୁଲ୍-୫'

ବଲିଉଡ୍ ଅଭିନେତା ଅକ୍ଷୟ କୁମାର କିଛିଦିନ ପୂର୍ବରୁ 'ହାଉସ୍‌ଫୁଲ୍-୫' ଫିଲ୍ମ ବିଷୟରେ ଘୋଷଣା କରିଥିଲେ। ଅକ୍ଷୟଙ୍କ ଅଭିନୀତ 'ମିଶନ୍ ରାଣୀଗଞ୍ଜ' ଫ୍ଲପ୍ ହେବା ପରେ 'ହାଉସ୍‌ଫୁଲ୍-୫'କୁ ନେଇ ସେ ବେଶ୍ ଆଶାବାଦୀ ଅଛନ୍ତି। ତରୁଣ ମନସୁଖାନିଙ୍କ ନିର୍ଦ୍ଦେଶିତ ସାଜିଦ୍ ନାଡିୟାଡୱାଲାଙ୍କ ପ୍ରଯୋଜିତ ଏହା ବଲିଉଡ୍‌ର ଏକ ବିଗ୍ ବଜେଟ୍‌ର ଫିଲ୍ମ ବୋଲି ଚର୍ଚ୍ଚା ହେଉଛି। ଏବେ ଏହି ଫିଲ୍ମର ରିଲିଜ୍‌କୁ ନେଇ ଖବର ଆସିଛି। ଏହାର ରିଲିଜ୍‌କୁ ଏବେ କିଛିଦିନ ପାଇଁ ଟାଳି ଦିଆଯାଇଛି। ପୂର୍ବରୁ ଏହାକୁ ଦୀପାବଳି ୨୦୨୪ରେ ରିଲିଜ୍ କରିବା ପାଇଁ ଘୋଷଣା କରାଯାଇଥିଲା। ଏବେ ଏହା ଜୁନ୍ ୬, ୨୦୨୫ରେ ରିଲିଜ୍ ହେବ। ନିଜେ ଅକ୍ଷୟ କୁମାର ଫିଲ୍ମର ପୋଷ୍ଟର ସେୟାର୍ କରି ଏ ବିଷୟରେ ସୂଚନା ଦେଇଛନ୍ତି। ପୋଷ୍ଟରରେ ଫିଲ୍ମର ନୂଆ ରିଲିଜ୍ ଡେଟ୍ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏଥିରେ ଅକ୍ଷୟଙ୍କ ସହିତ ରୀତେଶ ଦେଶମୁଖ ଲିଡ୍ ରୋଲରେ ନଜର ଆସିବେ। ୨୦୧୦ରେ 'ହାଉସ୍‌ଫୁଲ୍' ଫିଲ୍ମ ଆସିଥିଲା। ଏହା ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା। 'ହାଉସ୍‌ଫୁଲ୍-୨'(୨୦୧୨), 'ହାଉସ୍‌ଫୁଲ୍-୩'(୨୦୧୬), 'ହାଉସ୍‌ଫୁଲ୍-୪'(୨୦୧୯)ରେ ଆସିଥିଲା। ଏହି ଫ୍ରାଞ୍ଚାଇଜ୍‌ର ସବୁ ଫିଲ୍ମ ବକ୍ସ ଅଫିସ୍‌ରେ ହିଟ୍ ହୋଇଛି।

## ଆଜିର ଇତିହାସ

- ୧୭୬୮ - ଏନ୍‌ସାଇକ୍ଲୋପିଡିଆ ବ୍ରିଟାନିଆର ପ୍ରଥମ ସଂସ୍କରଣ ପ୍ରକାଶିତ।
- ୧୯୪୬- ଗୃହରକ୍ଷୀ ବାହିନୀର ସ୍ଥାପନା।
- ୧୯୬୨- ରାଷ୍ଟ୍ରୀୟ ନିରାପତ୍ତା ପରିଷଦର ସ୍ଥାପନା।
- ୧୯୧୭-ଫିନ୍‌ଲ୍ୟାଣ୍ଡ ଋଷରୁ ସ୍ୱାଧୀନ ହେଲା।
- ୧୯୯୯-ଇଣ୍ଡୋନେସିଆ ଜେଲ୍‌ରୁ ୨୮୩ କଏଦୀ ଫେରାର୍।
- ୨୦୦୬-ମଙ୍ଗଳଗ୍ରହରେ ଜଳ ଥିବାର ପ୍ରମାଣ ସ୍ୱରୂପ କୃତ୍ରିମ ଉପଗ୍ରହ ମାର୍ସ ଗ୍ଲୋବାଲ ପଠାଇଥିବା ଫଟୋକୁ ନାସା ଉନ୍ମୋଚନ କଲା।

## ଆଜି ବାହୁଡ଼ିଥିଲେ

# ମହାନ୍ ସଂଗ୍ରାମୀ ଜୟୀ ରାଜଗୁରୁ



ଜୟୀ ରାଜଗୁରୁଙ୍କ ବଳିଦାନ ସ୍ୱାଧୀନତା ସଂଗ୍ରାମ ଇତିହାସର ଏକ ଅଭୁଲା ପୃଷ୍ଠା। ଓଡ଼ିଆ ଅସ୍ମିତା ଓ ବୀରତ୍ୱର ସେ ପ୍ରବାଦ ପୁରୁଷ। ତାଙ୍କ ଗରିମା, ବୀରତ୍ୱ ଓ ଦେଶପ୍ରେମକୁ ଆଜି କେବଳ ତାଙ୍କ ଜନ୍ମମାଟି ନୁହେଁ, ସାରା ଦେଶ ସଗର୍ବେ ସମ୍ମାନ ଦେଉଛି। ଆଜି ସେହି ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ ପୁଣ୍ୟତିଥି।

ଜୟୀରାଜଗୁରୁଙ୍କ ପ୍ରକୃତ ନାମ ହେଉଛି ଜୟକୃଷ୍ଣ ରାଜଗୁରୁ ମହାପାତ୍ର। ଇଂରେଜ ବିରୋଧୀ ଆନ୍ଦୋଳନରେ ଲଢ଼ି ସେ ପ୍ରାଣବଳି ଦେଇଥିଲେ। ସେ ଖୋର୍ଦ୍ଧା ରାଜା ଗଜପତି ମୁକୁନ୍ଦଦେବ ଦ୍ୱିତୀୟଙ୍କ ରାଜ ଦରବାରରେ ରାଜଗୁରୁ ହେବା ସହ ରାଜାଙ୍କ ସେନା ବାହିନୀର ମୁଖ୍ୟ ସେନାପତି ତଥା ପ୍ରଶାସନିକ ପ୍ରତିନିଧି ମଧ୍ୟ ଥିଲେ। ୧୭୩୯ ମସିହା ଅକ୍ଟୋବର ୨୯ ତାରିଖରେ ପୁରୀ ଜିଲ୍ଲା ଅନ୍ତର୍ଗତ ବୀରହରେକୃଷ୍ଣପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଥିଲେ ଚାନ୍ଦ ରାଜଗୁରୁ ଓ ମାତା ହାରାମଣି ଦେବୀ। ପିଲାଟି ଦିନରୁ ଜୟକୃଷ୍ଣ ଥିଲେ ନିର୍ଭୀକ ଏବଂ ସ୍ୱାଧୀନଚେତା। ସେ ଜଣେ ମେଧାବୀ ଛାତ୍ର ଥିଲେ। ବଂଶ ପରମ୍ପରା ଅନୁଯାୟୀ, ରାଜ ପୁରୋହିତ ଥିବା ଜୟକୃଷ୍ଣ ଜ୍ଞାନୀ, ମାନୀ, ନାନା ଶାସ୍ତ୍ର ବିଶାରଦ, ଭାଷାବିତ୍, ରାଜନୈତିକ ପରାମର୍ଶଦାତା, ନିପୁଣ ଗୁଣଗ୍ରାହୀ ରୂପେ ପ୍ରସିଦ୍ଧ ହୋଇଥିଲେ। ତାଙ୍କର ଏପରି ଦକ୍ଷତା ଦେଖି ଉତ୍କଳର ତତ୍କାଳୀନ ରାଜାମାନେ ତାଙ୍କୁ ନିଜର ମନ୍ତ୍ରୀ ଓ ଉପଦେଷ୍ଟା କରିବା ପାଇଁ ଚେଷ୍ଟିତ ଥିଲେ। ଆୟୁର୍ବେଦ ଚିକିତ୍ସାଶାସ୍ତ୍ର ତଥା ବିଭିନ୍ନ ଧର୍ମଶାସ୍ତ୍ର ଉପରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ପୁରୀର ଗଜପତି ମହାରାଜା ଦ୍ୱିତୀୟ ଦିବ୍ୟସିଂହ ଦେବ ତାଙ୍କୁ ରାଜଗୁରୁ ଭାବେ ନିଯୁକ୍ତ କରିଥିଲେ। ଏହାପରଠାରୁ ସେ ଜୟୀ ରାଜଗୁରୁ ଭାବେ ପରିଚିତ ହେଲେ। ଦିବ୍ୟସିଂହ ଦେବଙ୍କ ଅନ୍ତେ ତାଙ୍କ ନାବାଳକ ପୁତ୍ର ମୁକୁନ୍ଦଦେବ ଦ୍ୱିତୀୟଙ୍କୁ ସିଂହାସନରେ ବସାଇ ସେ ୧୭୯୮ରେ ପ୍ରକୃତ ରାଜକାର୍ଯ୍ୟ ନିଜ ହାତକୁ ନେଇଥିଲେ। ସେତେବେଳେ ଇଂରେଜମାନେ ଓଡ଼ିଶା ଅଧିକାର କରିବାକୁ ଚାହୁଁଥିଲେ ଏବଂ ଏଥିପାଇଁ ମରହଟ୍ଟାମାନଙ୍କୁ ଓଡ଼ିଶାରୁ ହଟାଇବା ଲାଗି ଖୋର୍ଦ୍ଧା ରାଜାଙ୍କ ସହାୟତା ଲୋଡ଼ିଥିଲେ। ଇଂରେଜ ସେନାଧ୍ୟକ୍ଷଙ୍କଠାରୁ ରାଜା ମୁକୁନ୍ଦଦେବଙ୍କୁ ମଧ୍ୟ ପ୍ରତିଶ୍ରୁତି ମିଳିଥିଲା ଯେ, ଯୁଦ୍ଧରେ ସହାୟତା କଲେ ମରହଟ୍ଟାମାନେ ଛଡ଼ାଇ ନେଇଥିବା ଖୋର୍ଦ୍ଧାର ରାହାଙ୍ଗ, ସରାଇ, ଚବିଶକୁଦ ଓ ଲିମ୍ବାଇ ନାମକ ଚାରିଟି ମୂଲ୍ୟବାନ ପ୍ରଗଣା ସେମାନେ ଫେରିପାଇବେ। ରାଜା ଯୁଦ୍ଧରେ ଇଂରେଜମାନଙ୍କୁ ସହାୟତା କରିବା ସତ୍ତ୍ୱେ ଇଂରେଜମାନେ ପ୍ରତିଶ୍ରୁତି ରକ୍ଷା କଲେ ନାହିଁ। ୧୮୦୪ରେ ଇଂରେଜମାନଙ୍କ ବିରୋଧରେ ରାଜା ଯୁଦ୍ଧ ଘୋଷଣା କରିଥିଲେ। ପରେ ରାଜା ଓ ଜୟୀ ରାଜଗୁରୁଙ୍କୁ ବନ୍ଦୀ କରାଯାଇଥିଲା। ବିଚାର ସମୟରେ ନାବାଳକ ରାଜାଙ୍କୁ ବଞ୍ଚାଇବା ଲାଗି ଜୟୀ ରାଜଗୁରୁ ସମସ୍ତ ଦୋଷ ନିଜେ ସ୍ୱୀକାର କରି ନେଇଥିଲେ। ତାଙ୍କୁ ଫାଶୀ ଦଣ୍ଡାଦେଶ ହୋଇଥିଲା। ୧୮୦୬ ମସିହା ଆଜିର ଦିନରେ ଇଂରେଜମାନେ ମେଦିନୀପୁର ନିକଟବର୍ତ୍ତୀ ବାଘିତୋଟାର ବରଗଛରେ ତାଙ୍କୁ ଅତି ଅମାନୁଷିକ ଭାବେ ଫାଶୀ ଦେଇଥିଲେ। ଜୟୀ ରାଜଗୁରୁ ତାଙ୍କର ମାଟି ମାଆ ଉଦ୍ଦେଶ୍ୟରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ତେଣୁ ଲୋକକଥାରେ କୁହା ଯାଇଛି – 'ଜଇଆ ପଛେ ଜୀବନ ଦେଲା, ନୂଆଇଁ ନାହିଁ ମଥା'।

# ଘୋଡ଼ାରେ ମାଛଧରା



ମତ୍ସ୍ୟଜୀବୀମାନେ ନଦୀ, ସମୁଦ୍ରରୁ ଡଙ୍ଗା ସାହାଯ୍ୟରେ ମାଛ ଧରନ୍ତି। କିନ୍ତୁ ଏମିତି ଏକ ସ୍ଥାନ ରହିଛି ଯେଉଁଠି ମତ୍ସ୍ୟଜୀବୀ ଘୋଡ଼ାରେ ପାଣି ଭିତରକୁ ଯାଇ ମାଛ ଧରନ୍ତି। ଉତ୍ତର ଫ୍ରାନ୍ସର ୨୦ କିଲୋମିଟର ଇଷ୍ଟ ଡନ୍‌କର୍କରେ ଏଭଳି ନିଆରା ଦୃଶ୍ୟ ଦେଖିବାକୁ ମିଳିଥାଏ। ଏହି ସ୍ଥାନରେ ମତ୍ସ୍ୟଜୀବୀମାନେ ଘୋଡ଼ା ସାହାଯ୍ୟରେ ସମୁଦ୍ର ମଧ୍ୟକୁ ପ୍ରବେଶ କରି ଏକପ୍ରକାର ସ୍ୱତନ୍ତ୍ର ଚିଙ୍ଗୁଡ଼ିକୁ ଧରିଥାନ୍ତି। ସ୍ଥାନୀୟ ଅଞ୍ଚଳରେ ଏହି ଚିଙ୍ଗୁଡ଼ି କ୍ରେଗନ୍ ନାମରେ ପରିଚିତ। ବେଲଜିୟମ୍‌ବାସୀ ଏହାକୁ ଖାଇବାକୁ ଖୁବ୍ ପସନ୍ଦ କରନ୍ତି। ବହୁ ବର୍ଷ ପୂର୍ବରୁ ଫ୍ରାନ୍ସ ଓ ନେଦରଲ୍ୟାଣ୍ଡରେ ଏଭଳି କୌଶଳରେ ଚିଙ୍ଗୁଡ଼ି ଧରାଯାଉଥିଲା। ବର୍ତ୍ତମାନ ଖୁବ୍ କମ୍ ସ୍ଥାନରେ ଏହି ପରମ୍ପରା ବଜାୟ ରହିଛି। ସାଧାରଣତଃ ଖରାଦିନେ ଏଠାରେ ଥିବା ସମୁଦ୍ରଗୁଡ଼ିକର ବରଫ ତରଳିଯାଇଥାଏ। ଏହି ସମୟରେ ମତ୍ସ୍ୟଜୀବୀମାନେ ଘୋଡ଼ା ଉପରେ ବସି ବଡ଼ ବଡ଼ ଜାଲ ବିଛାଇ ଚିଙ୍ଗୁଡ଼ି ଓ ଅନ୍ୟ ମାଛ ଧରିଥାନ୍ତି। ତେବେ ଘୋଡ଼ାଗୁଡ଼ିକୁ ଜାଲକୁଳ ଟାଣି ସମୁଦ୍ରରେ ଦୌଡ଼ିବା ବେଶ୍ କଷ୍ଟକର କାମ ହୋଇଥାଏ। ଏଥିପାଇଁ ମତ୍ସ୍ୟଜୀବୀମାନେ ଘୋଡ଼ାମାନଙ୍କୁ ବିଶ୍ରାମ ଦେବାକୁ ସମୁଦ୍ର କୂଳକୁ ପଳାଇ ଆସନ୍ତି। ଯଦିଓ ବିଂଶ ଶତାବ୍ଦୀ ଆରମ୍ଭରେ ଉତ୍ତରସାଗର ତଟରେ ଘୋଡ଼ା ଚଢ଼ି ଚିଙ୍ଗୁଡ଼ି ଧରିବା ଏକ ସାଧାରଣ କଥା ଥିଲା, ଏବେ କେବଳ ଇଷ୍ଟ ଡନକର୍କର ୧୨ଟି ପରିବାରର ଲୋକେ ଏଭଳି ପାରମ୍ପରିକ ପ୍ରଣାଳୀରେ ମାଛ ଧରିବା ଉପାୟକୁ ଚାଲୁ ରଖିଛନ୍ତି।

# ଟ୍ରେନ୍‌ର ସିଲିଂ ସିଟ୍

ସାଧାରଣତଃ ବସ୍ ତଥା ଟ୍ରେନ୍‌ରେ ଅଧିକ ଭିଡ଼ ହୋଇଗଲେ ଯାତ୍ରୀଙ୍କୁ ବସିବାରେ ଅସୁବିଧା ହୋଇଥାଏ। ଏପରିକି ବେଳେ ବେଳେ ଠେଲାପେଲା ସ୍ଥିତି ଉପୁଜିଥାଏ। ତେବେ ଆଜିକାଲି ଟ୍ରେନ୍‌ର ଭିଡ଼ ଭିତରେ ବସିବା ପାଇଁ ଲୋକେ ସ୍ମାର୍ଟ ତରିକା ଆପଣାଉଛନ୍ତି। ଏହି କ୍ରମରେ ଜାପାନରେ ମେଟ୍ରୋ ଟ୍ରେନ୍‌ରେ ଗହଳି ସମୟରେ ଏହାର ସିଲିଂରୁ ସିଟ୍ ବ୍ୟବସ୍ଥା କରାଯାଇଥିବା ଦେଖାଯାଇଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଭିଡିଓରୁ ଦେଖିବାକୁ ମିଳୁଛି, କେମିତି ଏହାର ସିଲିଂରୁ ସିଟ୍ ତଳକୁ ଆସି ଝରକା ପାଖରେ ଲାଗୁଛି। ଏହି ବ୍ୟବସ୍ଥା ଦ୍ୱାରା ଟ୍ରେନ୍ ଭିତରେ ଅତିରିକ୍ତ ସିଟ୍ ଯୋଡ଼ି ହୋଇଯାଉଛି। ଅବଶ୍ୟ ଜାପାନରେ ମେଟ୍ରୋ ଟ୍ରେନ୍‌ରେ ଯେତେବେଳେ ଲୋକଙ୍କ ଭିଡ଼ ବଢ଼ିଯାଏ, ଏହି ସିଟ୍ ତଳକୁ କରାଯାଏ। ସେହିପରି ମେଟ୍ରୋ ଟ୍ରେନ୍‌ରେ ଯାତ୍ରା କରିବା ସମୟରେ ଯାତ୍ରୀ ଯେଭଳି ବସିବା ପାଇଁ କୌଣସି ଅସୁବିଧାକୁ ସାମ୍ନା ନ କରିବେ, ସେଥିପାଇଁ ଟ୍ରେନ୍‌ରେ ସିଲିଂ ସିଟ୍‌ର ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ଟ୍ରେନ୍‌ରୁ ଗହଳି କମିଗଲେ ସିଟ୍‌କୁ ଉପରକୁ କରି ଦିଆଯାଏ। ତେବେ ମେଟ୍ରୋ ଟ୍ରେନର ଏଭଳି ବ୍ୟବସ୍ଥାକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ସମାଜରେ ମାନସମ୍ମାନର ଅଧିକାରୀ ହେବେ। କାର୍ଯ୍ୟକ୍ଷେତ୍ରରେ ସ୍ଥିତି ଆପଣଙ୍କ ସପକ୍ଷରେ ରହିବ। ପରିଶ୍ରମ ଅନୁଯାୟୀ ସଫଳତା ପାଇବେ। ବିଦ୍ୟାର୍ଥୀମାନେ ଖେଳକୁଦରେ ଧ୍ୟାନ ଦେବେ।

**ବୃଷ:** ସାହିତ୍ୟ ଓ କଳା ପ୍ରତି ରୁଚି ବଢ଼ିବ। ଦୀର୍ଘଦିନର ସ୍ୱପ୍ନ ସାକାର ହେବ। ପ୍ରିୟଜନଙ୍କୁ ପ୍ରାଧାନ୍ୟ ଦେଇ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅବହେଳା କରିପାରନ୍ତି। ମହିଳାମାନେ ଆତ୍ମନିର୍ଭରଶୀଳ ହେବେ। ଆୟ ଅନୁସାରେ ବ୍ୟୟ ହେବ।

**ମିଥୁନ:** ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ଆର୍ଥିକସ୍ଥିତିରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତିତ ରହିବେ।

**କର୍କଟ:** ଭାଇଭଉଣୀଙ୍କ ସହ ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟାବସ୍ଥା ଭଲ ରହିବ। ବ୍ୟବସାୟିକ କାର୍ଯ୍ୟରେ ଅନୁଭବୀଙ୍କ ପରାମର୍ଶ ଲୋଡ଼ିବେ। ପରିବାରର ଆଶା ଅନୁସାରେ କାର୍ଯ୍ୟ କରିବେ।

**ସିଂହ:** ନିଜ ପ୍ରତିଭାର ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ଭବିଷ୍ୟତ ପାଇଁ ଅନେକ ପ୍ରକାର ଚିନ୍ତା ଲାଗି ରହିବ। ନିଜ ଲକ୍ଷ୍ୟ ଉପରେ ଧ୍ୟାନ ରଖି କାର୍ଯ୍ୟ କରିବେ। ପୂର୍ବ ଅପେକ୍ଷା ସମ୍ପର୍କରେ ନିବିଡ଼ତା ବୃଦ୍ଧି ପାଇବ।

**କନ୍ୟା:** ପରିବାର ମଧ୍ୟରେ ତିକ୍ତତା ଉପୁଜିପାରେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ଉଦ୍ଧାର ଦେଇଥିବା ଟଙ୍କା ଫେରିପାଇବେ। ଜଗିରଖି ଦିନଟି ଚଳନ୍ତୁ।

**ତୁଳା:** କର୍ମକ୍ଷେତ୍ରରେ ଅବହେଳା କରି କଷ୍ଟ ପାଇବେ। ବ୍ୟବସାୟରେ ଉନ୍ନତି ପାଇଁ ଭିନ୍ନ ଦିଗନ୍ତ ବାଛିବେ। ଜୀବନସାଥୀଙ୍କ ସହ ଦୂରଯାତ୍ରାର ଯୋଗ ରହିଛି। ଦ୍ୱନ୍ଦ୍ୱରେ ପଡ଼ି କାର୍ଯ୍ୟ କରିବାରୁ ଦୂରେଇ ରୁହନ୍ତୁ।

**ବିଛା:** ଦିନଟିରେ ଉତ୍ସାହିତ ରହିବେ। ବିଭିନ୍ନ ପ୍ରକାର କୌଶଳ ଆପଣାଇ କାର୍ଯ୍ୟରେ ସଫଳତା ପାଇବେ। ନୂତନ ସମ୍ପର୍କ ଭିନ୍ନ ମୋଡ଼ ନେଇପାରେ। କର୍ମକ୍ଷେତ୍ରରେ ନିରନ୍ତର ପ୍ରୟାସ କରି ପ୍ରଶଂସାର ପାତ୍ର ହେବେ।

**ଧନୁ:** ପରିଶ୍ରମ ଅନୁସାରେ କମ୍ ଫଳ ପାଇବେ। ଭଲ ଭାବେ ଚିନ୍ତା କରି ଭବିଷ୍ୟତ ପାଇଁ ଯୋଜନା କରନ୍ତୁ। ନକାରାତ୍ମକ ଚିନ୍ତାଧାରାରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ ହାସଲ ପାଇଁ ମିଷ୍ଟଭାଷୀ ହୁଅନ୍ତୁ।

**ମକର:** ଧର୍ମକର୍ମରେ ନିୟୋଜିତ ରହିବେ। କଟୁ କଥା କୁହନ୍ତୁନାହିଁ। କର୍ମକ୍ଷେତ୍ରରେ ନିଜ ସୃଜନଶୀଳତା ପ୍ରକାଶ କରିବେ। ଦାମ୍ପତ୍ୟ ଜୀବନରେ ସ୍ଥିରତା ଦେଖାଦେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**କୁମ୍ଭ:** ଆଜି ଦିନଟି ହସଖୁସିରେ ବିତିବ। କୌଣସି ନୂତନ ସୁଯୋଗ ପାଇଁ ଉତ୍ସାହିତ ହେବେ। ପରିବାର ସହ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଆଲୋଚନା କରିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ।

**ମୀନ:** ଅସହାୟ ଲୋକଙ୍କୁ ସାହାଯ୍ୟ କରିବେ। ଧ୍ୟାନ ଧର୍ମ କରନ୍ତୁ। ସମାଜରେ ସମ୍ମାନ ବୃଦ୍ଧି ହେବ। ଜମି ବିବାଦ ଦେଖାଦେଇପାରେ। ନିଜର ଗୋପନୀୟ କଥା ଅନ୍ୟ ଆଗରେ ପ୍ରକାଶ କରନ୍ତୁ ନାହିଁ।

# ବିଶ୍ୱର ସବୁଠୁ ଅଣଓସାରିଆ ହୋଟେଲ୍



ସୋସିଆଲ ମିଡିଆରେ ଏକ ଅଜବ ହୋଟେଲର ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ଏହି ହୋଟେଲ ଇଣ୍ଡୋନେସିଆରେ ଅଛି। ଜାଭାର ସଲାଟିଗାରେ ଥିବା 'ପିଟୁରୁମ୍ପ' ହୋଟେଲ ବିଶ୍ୱର ସବୁଠୁ ପତଳା ହୋଟେଲ ଭାବେ ଜଣାଶୁଣା। ମାତ୍ର ୯ ଫୁଟ ଚଉଡ଼ାରେ ନିର୍ମିତ ଏହି ହୋଟେଲରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ। ପାଞ୍ଚ ମହଲା ବିଶିଷ୍ଟ ଏହି ହୋଟେଲର ଡିଜାଇନ୍ ଓ ଏହାର ଇଣ୍ଟେରିୟର୍ ଦେଖି ଯେକେହି ପ୍ରଶଂସା ନ କରି ରହିପାରିବେନି। ଏହି ହୋଟେଲଟି ସହରର ଗଳି ମଧ୍ୟରେ ଅଛି। ହୋଟେଲ ହେବା ପୂର୍ବରୁ ଏହି ସ୍ଥାନଟିରେ ଲୋକେ ଅଳିଆ ଆବର୍ଜନା ପକାଉଥିଲେ। ଏହି ହୋଟଲେକୁ ଏରି ଇନ୍ଦ୍ରା ଡିଜାଇନ୍ କରିଛନ୍ତି। ଏହି ହୋଟେଲ ଡିସେମ୍ବର ୨୦୨୨ରେ ଖୋଲିଥିଲା। ଏହା ଖୋଲିବା ପରେ ଏଥିରେ ୯୫% ଇଣ୍ଡୋନେସିଆର ଲୋକ ରହୁଥିଲେ। ସାତ କକ୍ଷ ବିଶିଷ୍ଟ ଏହି ହୋଟେଲର ନାମ 'ପିଟୁରୁମ୍ପ' ରଖାଯାଇଛି। ସ୍ଥାନୀୟ ଭାଷାରେ ପିଟୁର ଅର୍ଥ ସାତ। ଖାସ୍ ସେଥିପାଇଁ ଏହି ହୋଟେଲର ନାମ ଏପରି ରଖାଯାଇଛି। ହୋଟଲ୍‌ର ଉପରେ ଏକ ବାର୍ ଓ ରେଷ୍ଟୋରାଁ ରହିଛି।

# ନାକ ନ ଥିବା ମହିଳା



ଆମେରିକା ନିବାସୀ ଟିନା ଅଲର୍ସଙ୍କ ମୁହଁ ଅନ୍ୟମାନଙ୍କଠାରୁ ଭିନ୍ନ। କାରଣ ସେ ବିନା ନାକରେ ଜୀବନ ଜିଉଁଛନ୍ତି। ତାଙ୍କ ମୁହଁରେ ନାକ ସ୍ଥାନରେ ଏକ ବଡ଼ ଛେଦ ରହିଛି। ଯଦିଓ ଏହା ଦେଖିବାକୁ ଅନ୍ୟମାନଙ୍କୁ କୁତ୍ସିତ ମନେ ହୁଏ, ତଥାପି ଏହା ଏବେ ତାଙ୍କ ବ୍ୟକ୍ତିତ୍ୱର ଏକ ଅଂଶ ପାଲଟିଛି। ସେ ବିନା ନାକରେ ଅନ୍ୟମାନଙ୍କ ଭଳି ସହଜରେ ଜୀବନଯାପନ କରୁଛନ୍ତି। ୨୦୧୪ରେ ଟିନା ଷ୍ଟେଜ୍-୨ ନାଜାଲ କ୍ୟାନସରରେ ପୀଡ଼ିତ ଥିବା ଜାଣିଲେ। ଯଦି ସେ ରେଡିଓଥେରାପି କରାଇଥାନ୍ତେ, ସେ ଦୃଷ୍ଟିଶକ୍ତି ହରାଇଥାନ୍ତେ। ଏହାସହ ଏହା ଯୋଗୁଁ ମସ୍ତିଷ୍କ ଓ ମୁହଁରେ ମଧ୍ୟ ଖରାପ ପ୍ରଭାବ ପଡ଼ିଥାନ୍ତା। ସେଇଠୁ ସେ ନିଜ ନାକକୁ କାଟିବା ବା ସର୍ଜରି କରିବାର ବଡ଼ ନିଷ୍ପତ୍ତି ନେଲେ। ଅବଶ୍ୟ ଏହିପ୍ରକାର ସର୍ଜରି ପରେ ନକଲି ନାକ ଲଗାଯାଏ, କିନ୍ତୁ ଟିନା ନକଲି ନାକ ଲଗାଇଲେ ନାହିଁ। ତେବେ ଏହା ବଦଳରେ ସେ ନାକର ଛେଦ ବନ୍ଦ କରିବା ପାଇଁ କେବେ କେବେ ନାକରେ ପ୍ୟାଚ୍‌କୁ ବ୍ୟବହାର କରନ୍ତି। ସେହିପରି ସେ ଦୁଇ ବର୍ଷ ପର୍ଯ୍ୟନ୍ତ ନକଲି ନାକ ଲଗାଇବାରୁ ବହୁ ସମସ୍ୟା ସାମ୍ନା କରିବାକୁ ପଡ଼ିଥିଲା। ସେଇଠୁ ସେ ନାକରେ ପ୍ୟାଚ୍ ବ୍ୟବହାର କଲେ। ସେହିପରି ସେ ନାକର ବଡ଼ ଛେଦରେ ସହଜରେ ଶ୍ୱାସକ୍ରିୟା କରୁଥିବା କହନ୍ତି। ଅବଶ୍ୟ ଅଙ୍ଗୁଳିରେ ନାକର ଛେଦକୁ ସଫା କରିବା ସମୟରେ ଟିନାଙ୍କୁ ଯନ୍ତ୍ରଣା ହୋଇଥାଏ। ବିନାନାକରେ ତାଙ୍କୁ ଖାଦ୍ୟ ଖାଇବା, ସନ୍ତରଣ କରିବା କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁ ନ ଥିବା ସେ କହିଛନ୍ତି।

# ଶୀତଦିନେ ପିଅନ୍ତୁ ଗାଜର ଜୁସ୍



**ଶୀତଦିନେ ଗାଜର ବଜାରରେ ସହଜରେ ମିଳିଥାଏ। ଗାଜରକୁ ତରକାରି, ସାଲାଡ୍‌ରେ ଖାଇବା ସହ ଏହାର ଜୁସ୍ ମଧ୍ୟ ପିଇବାକୁ ଲୋକେ ଭଲପାଆନ୍ତି। ତେବେ ଗାଜର ଜୁସ୍‌କୁ ସୁପର୍‌ଫୁଡ୍ ବୋଲି ମଧ୍ୟ କୁହାଯାଏ। ଏଥିରେ ଭିଟାମିନ-ଏ, ଭିଟାମିନ୍-କେ, ଆଇରନ, ମ୍ୟାଗ୍ନେସିୟମ୍, ପୋଟାସିୟମ୍, ଫସଫରସ୍ ମିଳିଥାଏ। ତେବେ ଗାଜର ଜୁସ୍‌ରେ ଅନ୍ୟ କେଉଁ ସବୁ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି, ଆସନ୍ତୁ ଜାଣିବା ସେଗୁଡ଼ିକ ସମ୍ପର୍କରେ...**

- ଗାଜର ଜୁସ୍‌ରେ ଆଣ୍ଟି ଇନ୍‌ଫ୍ଲାମେଣ୍ଟାରି ଗୁଣ ଥିବାରୁ ଏହା ଶାରୀରିକ ଯନ୍ତ୍ରଣାକୁ କମ୍ କରିବା ଦିଗରେ ସାହାଯ୍ୟ କରେ। ଏହାବାଦ୍ ଏହା ମେନୋପଜ୍ ସମସ୍ୟାକୁ କମ୍ କରିବା ଦିଗରେ ସାହାଯ୍ୟ କରେ।
- ନିତିଦିନ ଗାଜର ଜୁସ୍ ପିଇବା ଦ୍ୱାରା ଶରୀର ହାଇଡ୍ରେଟ୍ ରହିବା ସହ ପାଚନ ସମ୍ବନ୍ଧୀୟ ସମସ୍ୟା ଦୂର କରିଥାଏ।
- ଏହା ଚିନ୍ତା, ଅବସାଦ, ଅନିଦ୍ରା ସମସ୍ୟାକୁ ଦୂର କରି ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖେ।
- ଏହା ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ଦିଗରେ ମଧ୍ୟ କାର୍ଯ୍ୟ କରେ।
- ଏଥିରେ ଭିଟାମିନ୍-ଏ ଥିବାରୁ ଦୃଷ୍ଟିଶକ୍ତି ପାଇଁ ମଧ୍ୟ ଉପକାରୀ।
- ଗାଜର ଜୁସ୍‌ରେ ଅଧିକ ପରିମାଣର ପୋଟାସିୟମ୍ ଥାଏ। ଏହାକୁ ପିଇବା ଦ୍ୱାରା ରକ୍ତଚାପ ସ୍ତର ନିୟନ୍ତ୍ରଣରେ ରହିଥାଏ।

# ଫେସିଆଲ୍‌ରେ ବିଦ୍ୟୁତ୍ ଝଟ୍‌କା



ସାଧାରଣତଃ ଫେସିଆଲ କରିବା ସମୟରେ ମୁହଁରେ କ୍ରିମ୍ ତଥା ଜେଲ୍ ବ୍ୟବହାର କରାଯାଏ। ତେବେ ଏବେ ଫେସିଆଲ୍ କରିବା ସମୟରେ ମୁହଁରେ କରେଣ୍ଟ ଦିଆଯାଉଛି। ଏହି ନୂତନ ପ୍ରକାର ଫେସିଆଲ୍‌କୁ କୁହାଯାଉଛି 'ହ୍ୟାନିବଲ ଲେକ୍ଟର ଫେସିଆଲ'। ଏହାବାଦ୍ ଏହା 'ଗ୍ୟାଲ୍‌ଭନିକ୍ ଫେସିଆଲ୍' ନାଁରେ ମଧ୍ୟ ପରିଚିତ। ଏହି ଫେସିଆଲ୍‌ରେ ମୁହଁରେ ହାଲ୍‌କା ବିଦ୍ୟୁତ୍ ଝଟକା ଦିଆଯାଇ ଫେସିଆଲ୍ କରାଯାଏ। ସେହିପରି ଏହାକୁ ଗୋଟିଏ ଥର କରିବା ପାଇଁ ୧୫ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ମୁହଁର ମାଂସପେଶୀକୁ ମଜଭୁତ୍ କରିବା ପାଇଁ ମୃଦୁ ବିଦ୍ୟୁତ୍ ଝଟ୍‌କା ଏଥିରେ ଦିଆଯାଏ। ତା'ସହ ଏହା ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିବା ସହ ଚର୍ମ କୁଞ୍ଚନ ପ୍ରଭାବକୁ କମ୍ କରିବା ଦିଗରେ କାର୍ଯ୍ୟ କରେ। ଅବଶ୍ୟ ଏହି ଫେସିଆଲ କେତେ ନିରାପଦ ତାହାକୁ ନେଇ ଲୋକଙ୍କ ମଧ୍ୟରେ ବିଚାରବିମର୍ଶ ସୃଷ୍ଟି ହୋଇଛି। ଗୋଟିଏ ପଟେ ଏହା ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରୁଥିବା ବେଳେ ଅନ୍ୟପଟେ ଏହା ସମସ୍ୟା ସୃଷ୍ଟି କରୁଥିବା ନ୍ୟୁୟର୍କ ଚର୍ମ ବିଶେଷଜ୍ଞ ଡ. ଏଥନି ରସି କହିଛନ୍ତି। ତେବେ ଆମେରିକାରେ ଏହି ଫେସିଆଲ୍ ଅଧିକ ପ୍ରଚଳିତ। ସମ୍ବେଦନଶୀଳ ତ୍ୱଚା, ଗର୍ଭବତୀ ମହିଳା ଓ କସ୍‌ମେଟିକ୍ ସର୍ଜରୀ କରାଉଥିବା ଲୋକେ କରେଣ୍ଟ ଫେସିଆଲ୍‌ର ନିବୃତ୍ତ ରହିବା ପାଇଁ ଚର୍ମବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ଏହି ଫେସିଆଲର ବାସ୍ତବିକ ପ୍ରଭାବ ବିଷୟରେ ଜାଣିବା ପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ଚର୍ମ ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଆଜିଠାରୁ ଇଂଲଣ୍ଡ ବିପକ୍ଷ ମହିଳା ଟି-୨୦ ସିରିଜ୍

# ଉନ୍ନତ ପ୍ରଦର୍ଶନ କରିବା ଭାରତର ଲକ୍ଷ୍ୟ

ମୁମ୍ବଇ, ୫।୧୨(ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ ଦଳ ଏବେ ଭଲ ଖେଳିବାକୁ ଆରମ୍ଭ କରିଛି। ଚଳିତବର୍ଷ ଭାରତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣପଦକ ଜିତିଥିଲାବେଳେ ବାଂଲାଦେଶରେ ୨-୧ରେ ସିରିଜ୍ ଜିତିଛି। ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକାକୁ ନେଇ ଖେଳାଯାଇଥିବା ତ୍ରିରାଷ୍ଟ୍ରୀୟ ସିରିଜ୍‌ରେ ମଧ୍ୟ ଭାରତ ବିଜୟୀ ହୋଇଥିଲା। ୱେଷ୍ଟଇଣ୍ଡିଜ୍ ଏଥିରେ ତୃତୀୟ ଦଳ ଭାବେ ଭାଗ ନେଇଥିଲା। ଏତେ ସବୁ ସଫଳତା ସତ୍ତ୍ୱେ ଇଂଲଣ୍ଡ ବିପକ୍ଷରେ ଭାରତୀୟ ମହିଳା ଟି-୨୦ ଦଳର ରେକର୍ଡ ଅତ୍ୟନ୍ତ ନୈରାଶ୍ୟଜନକ। ବିଶେଷ କରି ଘରୋଇ ମାଟିରେ ଏହା ସବୁଠାରୁ ଖରାପ। ଭାରତରେ ଦଳ ୭ଟି ମ୍ୟାଚ୍ ଖେଳି ମାତ୍ର ୨ଟିରେ ବିଜୟୀ ହୋଇଛି। ଦଳ ଶେଷଥର ମାର୍ଚ୍ଚ ୨୦୧୮ରେ ଟି-୨୦ ମୁକାବିଲା ଜିତିଥିଲା। ମୋଟ ଉପରେ ମଧ୍ୟ ଦଳର ରେକର୍ଡ ସେତେଟା ଉତ୍ସାହ ଜନକ ନୁହେଁ। ଉଭୟଙ୍କ ମଧ୍ୟରେ ୨୭ଟି ଟି-୨୦ ମ୍ୟାଚ୍ ଖେଳାଯାଇଥିଲାବେଳେ ଭାରତ ମାତ୍ର ୭ଟିରେ ବିଜୟୀ ହୋଇଛି। ଏଭଳି ସ୍ଥିତିରେ ଦୁଇ ଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଘରୋଇ ମାଟିରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସିରିଜ୍‌ରେ ବିଜୟୀ ହେବା ସହ ବାଂଲାଦେଶରେ ଖେଳାଯିବାକୁ ଥିବା ୨୦୨୪ ବିଶ୍ୱକପ୍ ଲାଗି ପ୍ରସ୍ତୁତି ହେବା ସକାଶେ ଏହା ଏକ ସୁଯୋଗ ଦେବ।

ଭାରତୀୟ ଦଳରେ ହରମନପ୍ରୀତ କୌର, ଜେମିମା ରୋଡ୍ରିଗ୍ସେଜ୍, ସ୍ମୃତି ମନ୍ଧାନା ନିୟମିତ ଭାବେ ଭଲ ପ୍ରଦର୍ଶନ କରୁଛନ୍ତି। ଏହି ସିରିଜ୍ ଲାଗି ନୂଆ ପ୍ରତିଭା ଶ୍ରେୟଙ୍କା ପାଟିଲ, ମନ୍ନତ କଶ୍ୟପ ଓ ସାଇକା ଇଶାକଙ୍କୁ ସାମିଲ କରାଯିବା ପରେ ଦଳରେ ନୂଆ ସମୀକରଣ ସୃଷ୍ଟି ହୋଇଛି। ଏହା ଫଳରେ ଦଳ ଭଲ ଖେଳିବ ବୋଲି ଆଶା କରିବା ସ୍ୱାଭାବିକ୍। ଅନ୍ୟ ପକ୍ଷରେ ହିଥର ନାଇଟ୍‌ଙ୍କ ନେତୃତ୍ୱରେ ଇଂଲଣ୍ଡ ଦଳ ଭାରତୀୟ ମନ୍ଥର ପିଚ୍‌ରେ କିପରି ଖେଳିବ ତାହା କହିବା କଷ୍ଟକର। ଏବେ ଭାରତୀୟ ଦଳରେ ଭଲ ସ୍ପିନର ରହିଛନ୍ତି। ଏମାନଙ୍କୁ ଯଦି ଉଚିତ ମୁକାବିଲା କରିବାରେ ଦଳ ସମର୍ଥ ହେବ ତେବେ ଭାରତ ବିପକ୍ଷରେ ଥିବା ରେକର୍ଡ ଅତୁଟ ରହିବ।



**ଭାରତ**

ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଜେମିମା ରୋଡ୍ରିଗ୍ସେଜ୍, ଶେଫାଳି ବର୍ମା, ଦୀପ୍ତି ଶର୍ମା, ଯଷ୍ଟିକା ଭାଟିଆ ଓ ରିଚା ଘୋଷ (ଉଭୟ ୱିକେଟରକ୍ଷକ), ଅମନଜ୍ୟୋତ କୌର, ଶ୍ରେୟଙ୍କା ପାଟିଲ, ମନ୍ନତ କଶ୍ୟପ, ସାଇକା ଇଶାକ୍, ରେଣୁକା ସିଂ ଠାକୁର, ଟିଟାସ ସାଧୁ, ପୂଜା ଭସ୍ତ୍ରାକାର, କନିକା ଆହୁଜା ଓ ମିନ୍ନୁ ମାନି।

**ଇଂଲଣ୍ଡ**

ଲୌରେନ ବେଲ୍, ମାଇଆ ବୌଚିୟର, ଆଲିସ କାପ୍‌ସି, ଚାର୍ଲି ଡିନ୍, ସୋଫିଆ ଡଙ୍କଲୀ, ସୋଫିଆ ଇକ୍ଲେଷ୍ଟନ୍, ମାହିକା ଗୌର, ଡାନିଏଲେ ଗିବସନ, ସାରା ଗ୍ଲେନ୍, ବେସ୍ ହିଥ୍ ଓ ଆମି ଜୋନ୍ସ (ଉଭୟ ୱିକେଟରକ୍ଷକ), ଫ୍ରେୟା କେମ୍ପ, ହିଥର ନାଇଟ (ଅଧିନାୟିକା), ନାଟ୍ ସିଭର-ବ୍ରଣ୍ଟ ଓ ଡାନିଏଲ ୱାଏଟ୍।

**ଖେଳସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୬।୧୨ | ପ୍ରଥମ ଟି-୨୦ | ମୁମ୍ବଇ |
| ୯।୧୨ | ଦ୍ୱିତୀୟ ଟି-୨୦ | ମୁମ୍ବଇ |
| ୧୦।୧୨ | ତୃତୀୟ ଟି-୨୦ | ମୁମ୍ବଇ |
| ୧୪ରୁ ୧୭।୧୨ ଏକମାତ୍ର ଟେଷ୍ଟ ମୁମ୍ବଇ | | |

ଖେଳ ଆରମ୍ଭ : ରାତି ୭ଟା

ବି.ଦ୍ର.: ଟି-୨୦ସିରିଜର ସମସ୍ତ ମ୍ୟାଚ୍ ୱାଙ୍ଖେଡେ ଷ୍ଟାଡିୟମ୍‌ରେ, ଏକମାତ୍ର ଟେଷ୍ଟ ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଖେଳାଯିବ।

## ପାକିସ୍ତାନ ମହିଳା ଦଳର ଐତିହାସିକ ବିଜୟ



ଡୁନେଡିନ୍, ୫।୧୨(ଏଜେନ୍ସି): ଏଠାରେ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମୁକାବିଲାରେ ପାକିସ୍ତାନ ୧୦ ରନ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ପ୍ରଥମ ମ୍ୟାଚ ଜିତିଥିବା ପାକିସ୍ତାନ ପ୍ରଥମଥର ଲାଗି ବିଦେଶ ମାଟିରେ ଯେ କୌଣସି ପ୍ରକାର ସିରିଜ୍ ଜିତିବାରେ ସମର୍ଥ ହୋଇଛନ୍ତି। ଦୀର୍ଘ ୫ ବର୍ଷ ପରେ ମଧ୍ୟ ପାକିସ୍ତାନର ପ୍ରଥମ ସିରିଜ୍ ବିଜୟ। ଅକ୍ଟୋବର ୨୦୧୮ରେ ପାକିସ୍ତାନ ଶେଷଥର ଘରୋଇ ମାଟିରେ ସିରିଜ୍ କବ୍‌ଜା କରିଥିଲା। ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ପାକିସ୍ତାନ ୨-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ସିରିଜ୍ କବ୍‌ଜା କରିଛି।

ଏଠାରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲା। ଦଳ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୧୩୭ ରନ୍ କରିଥିଲା। ମୁନୀବା ଅଲି ୩୫, ଆଲିୟା ରିଆଜ ୩୨ ଓ ପୂର୍ବତନ ଅଧିନାୟିକା ବିସ୍‌ମା ମାରୁଫ ୨୧ ରନ୍ କରିଥିଲେ। ଘରୋଇ ଦଳ ପକ୍ଷରୁ ଫର୍ନ ଜୋନାସ ଓ ମଲି ପେନଫୋଲ୍ଡ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ମିଡିୟମ୍ ପେସ୍ ବୋଲର ଫାତିମା ସନା ଓ ବାମହାତୀ ସ୍ପିନର ସାଇଦା ଇକବାଲଙ୍କ ବୋଲିଂକୁ ଉଚିତ ମୁକାବିଲା କରି ନ ପାରି ନ୍ୟୁଜିଲାଣ୍ଡର ଟପ୍ ଅର୍ଡର ବ୍ୟାଟିଂ ଫେଲ ମାରିଥିଲା। ସନା ୩ଟି ଓ ଇକବାଲ ୨ଟି ୱିକେଟ ନେଇ ଘରୋଇ ଦଳର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଶେଷ ଭାଗରେ ହାନା ରୋ ୩୩ ଓ ଜର୍ଜିଆ ପ୍ଲିମର ୨୮ ରନ୍ କରିଥିଲେ ମଧ୍ୟ ଦଳ ବିଜୟ ଲକ୍ଷ୍ୟଠାରୁ ୧୦ ରନ୍ ଦୂରରେ ରହିଯାଇଥିଲା। ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୨୭ ରନ୍ କରିବାକୁ ସମର୍ଥ ହୋଇଥିଲା। ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ଶନିବାର ଖେଳାଯିବ। ନିକଟରେ ପାକିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଥିବା ୭୪ ଜଣ ଖେଳାଳିଙ୍କୁ ଅନୁବନ୍ଧିତ କରିଛି। ଫଳରେ ଏମାନେ ପରବର୍ତ୍ତୀ ସମୟରେ ପେସାଦାର ଖେଳାଳିଭାବେ ପ୍ରତିଷ୍ଠା ଲାଭ କରିବା ରାସ୍ତ ପରିଷ୍କାର ହୋଇଯାଇଛି।

● ବାରବାଟୀ କପ୍ କ୍ରିକେଟ

## କେଡିସିଏକୁ ହରାଇ ଜୁଭେନାଇଲ ସେମିରେ

ନିମାପଡ଼ା, ୫।୧୨(ସମିସ): ନିମାପଡ଼ା ବାରବାଟୀରେ ଚାଲିଥିବା ତୃତୀୟ ରାଜ୍ୟସ୍ତରୀୟ ଟୁବୁଲି ମେମୋରିଆଲ ବାରବାଟୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାଟର ଫାଇନାଲ ମ୍ୟାଚରେ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ (କେଡିସିଏ)କୁ ୬ ୱିକେଟରେ ହରାଇ କଟକର ଜୁଭେନାଇଲ ସ୍ପୋର୍ଟିଂ ସେମି ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚ୍‌ରେ କେଡିସିଏ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ଏହି ରୋମାଞ୍ଚକର ମ୍ୟାଚରେ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ ୨୫ ଓଭରରେ ୧୦୫ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଦେବବ୍ରତ ପ୍ରଧାନ ୩୨ ଓ ସରୋଜ ପାତ୍ର ୨୮ ରନ ସଂଗ୍ରହ କରିଥିଲେ। ଜୁଭେନାଇଲର ସୁମିତ ଶର୍ମା ୪ ଓଭରରେ ୧୭ ରନ ଦେଇ ୩ ଓ ଜ୍ଞାନରଞ୍ଜନ ୨ଓଭରରେ କୌଣସି ରନ୍ ନଦେଇ ୨ ୱିକେଟ୍ ନେଇଥିଲେ। ଜବାବରେ ଜୁଭେନାଇଲ ମାତ୍ର ୪ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଅନିଲ ପଣ୍ଡା ୫୧ ବଲ ଖେଳି ସର୍ବାଧିକ ୫୦ ରନ କରିଥିଲେ। ଜୁଭେନାଇଲ କ୍ଲବ ୨୨ ଓଭର ଖେଳି ୪ ଉଇକେଟ ହରାଇ ୧୦୬ ରନ ସଂଗ୍ରହ କରିଥିଲେ। ଖୋର୍ଦ୍ଧା ପକ୍ଷରୁ ଆର୍ଯ୍ୟ ଭଟ୍ଟ ଓ ସତ୍ୟ ପାଢ଼ୀ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ଅମ୍ପାୟର ଭାବେ ନିର୍ମଳ କୁମାର ମିଶ୍ର ଓ ଅଭିନନ୍ଦନ ପାତ୍ର ମ୍ୟାଚ ପରିଚାଳନା କରିଥିବା ବେଳେ ତୃତୀୟ ଅମ୍ପାୟର ଭାବେ ଶ୍ୱେତପର୍ଣ୍ଣ ରାୟ ମହାପାତ୍ର ଦାୟିତ୍ୱ ତୁଲାଇଥିଲେ। ଆନିସ ପ୍ରଧାନ ଓ ରୋଶନଜିତ୍ ରାୟ ସ୍କୋରର ଦାୟିତ୍ୱ ସମ୍ପନ୍ନ କରିଥିଲେ। ଆଜିର ମ୍ୟାଚରେ ଅତିଥିଭାବେ ନିମାପଡ଼ା କାନାଡ଼ା ବ୍ୟାଙ୍କର ଶାଖା ପରିଚାଳକ ରତନ ପ୍ରସାଦ ଦେହୁରୀ ଯୋଗଦେଇ ବିଜେତା ଜୁଭେଇନାଲ ଦଳର ଖେଳାଳି ସୁମିତ ଶର୍ମାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରିଥିଲେ।



● ଏଟିପି ର୍‍ୟାଙ୍କିଙ୍ଗ୍

## ରେକର୍ଡ ୮ମଥର ଲାଗି ଶୀର୍ଷରେ ରହିଲେ ଜୋକୋଭିଚ୍

ଲଣ୍ଡନ, ୫।୧୨ (ଏଜେନ୍ସି): ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍ ପୁରୁଷ ଟେନିସ ର୍‍ୟାଙ୍କିଙ୍ଗ ଏଟିପି ତାଲିକାର ଏକ ନମ୍ବର ସ୍ଥାନରେ ରହି ବର୍ଷ-୨୦୨୩ ଶେଷ କରିଛନ୍ତି। ଏଥିସହ ୩୬ ବର୍ଷୀୟ ଜୋକୋଭିଚ୍ ରେକର୍ଡ ୮ମ ଥର ଲାଗି ଏଟିପି ମାନ୍ୟତାର ଶୀର୍ଷ ସ୍ଥାନରେ ରହି ସିଜନ ଶେଷ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଚଳିତ ବର୍ଷ ଅନୁଷ୍ଠିତ ମୋଟ୍ ୪ ଗୋଟି ଗ୍ରାଣ୍ଡସ୍ଲାମ ମଧ୍ୟରୁ ସେ ଅଷ୍ଟ୍ରେଲିଆନ୍ ଓପନ୍ (ଜାନୁଆରୀ), ଫ୍ରେଞ୍ଚ ଓପନ୍ (ଜୁନ) ଓ ୟୁଏସ୍ ଓପନ୍ (ଜୁଲାଇ)ରେ ଚାମ୍ପିଅନ ରହିଥିଲେ। କେବଳ ୱିମ୍ବଲଡନରେ ରନର୍ସଅପ୍ ହୋଇଥିଲେ। ଏହିକ୍ରମରେ ଜୋକୋଭିଚ୍ କ୍ୟାରିୟରର ୨୪ତମ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିଥିଲେ। ଯାହାକି ପୁରୁଷ ଟେନିସ ଖେଳାଳିଙ୍କ ମଧ୍ୟରେ ବିଶ୍ୱରେକର୍ଡ।

ରବିବାର ବର୍ଷର ଶେଷ ପ୍ରତିଯୋଗିତା ଏଟିପି ଫାଇନାଲ୍ସରେ ଚାମ୍ପିଅନ ହେବାପରେ ସେ ଏକ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଥିଲେ। ଶୀର୍ଷ ସ୍ଥାନରେ ରହିବାରେ ଏହା ତାଙ୍କର ଐତିହାସିକ ୪୦୦ତମ ସପ୍ତାହ। ସର୍ବାଧିକ ସପ୍ତାହ ଏକ ନମ୍ବର ସ୍ଥାନରେ ରହିବାରେ ଜୋକୋଭିଚ୍‌ଙ୍କ ପଛକୁ କେବଳ ରୋଜର ଫେଡରର ୩୦୦ ସପ୍ତାହ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଫେଡରର ୩୧୦ ସପ୍ତାହ ଶୀର୍ଷ ସ୍ଥାନରେ ରହିଥିଲେ।

ହାଡ଼ିବନ୍ଧୁ-ସତ୍ୟବାଦୀ ସ୍ମାରକୀ କ୍ରିକେଟ

## ମନୋଜଙ୍କ ଶତକ; ଏମ୍‌ବିଏସ୍‌ର ବିଜୟ

ଭୁବନେଶ୍ୱର, ୫।୧୨(ସମିସ): ମନୋଜ ବେହେରାଙ୍କ ଚମତ୍କାର ଅଲରାଉଣ୍ଡ ସଫଳତା ବଳରେ ଏଠାରେ ଚାଲିଥିବା ୧୫ଶ ହାଡ଼ିବନ୍ଧୁ-ସତ୍ୟବାଦୀ ରାଜ୍ୟସ୍ତରୀୟ କ୍ରିକେଟର ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଏମ୍‌ବିଏସ୍ ଏକାଦଶ ୬ ୱିକେଟରେ ଜେଏମ୍‌ଡି ଏକାଦଶକୁ ପରାସ୍ତ କରିଛି। କପିଳପ୍ରସାଦ-ସୁନ୍ଦରପଦା ଖେଳ ପଡ଼ିଆରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଜେଏମ୍‌ଡି ଦଳ ୯ ୱିକେଟରେ ୧୪୫ ରନ୍ କରିଥିଲା। ଦଳ ପକ୍ଷରୁ ସୁମନ୍ତ ସେଠୀ ସର୍ବାଧିକ ୫୫ ରନ୍ କରିଥିଲାବେଳେ ପ୍ରତିପକ୍ଷ ଦଳର ମନୋଜ ବେହେରା ୪ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ମନୋଜ ଆଉଟ ନ ହୋଇ ୧୦୩ ରନ୍ କରିବା ଫଳରେ ଦଳ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ମନୋଜଙ୍କୁ ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ପୋଲିସ୍ ଏକାଦଶ ୪ ୱିକେଟରେ ଲାଲବାହାଦୁର ଏକାଦଶକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଲାଲବାହାଦୁର ଏକାଦଶ ୮୪ ରନ୍ କରିଥିଲା। ଜବାବରେ ରବି କିରଣ ଓ ସୁମନ ରଞ୍ଜନ ୩୩ ରନ୍ ଲେଖାଏଁ କରିବା ଫଳରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ବିଜୟୀ ଦଳ ପକ୍ଷରୁ ୪ଟି ୱିକେଟ ନେଇଥିବା ଗୋଲୁ ସିଂଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ମ୍ୟାଚ୍ ଦୁଇଟିରେ ସମାଜସେବୀ ରାଜୀବ ଚମ୍ପତି ଓ କାର୍ତ୍ତିକ ଜେନା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଏକଶଚନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ମହାପାତ୍ର, ଆଶିଷ ପଟ୍ଟନାୟକ ଓ ବିଶ୍ୱଜିତ ଦାସ ଖେଳ ପରିଚାଳନା କରିଥିଲେ।



ମନୋଜ ବେହେରା



ଗୋଲୁ ସିଂ

● ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସ ଗେମ୍ସ

## ଭାରତ ଲାଗି ପ୍ରଥମ ସ୍ୱର୍ଣ୍ଣ ଜିତିଲେ ସୁଚିତ୍ରା

ଭୁବନେଶ୍ୱର, ୫।୧୨(ସମିସ): ଓଡ଼ିଶାର ପାରାଆଥ୍‌ଲେଟ ସୁଚିତ୍ରା ପରିଡ଼ା ଥାଇଲାଣ୍ଡରେ ମଙ୍ଗଳବାର ଆରମ୍ଭ ହୋଇଥିବା ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସ ଗେମ୍ସରେ ଭାରତ ଲାଗି ପ୍ରଥମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେ ମହିଳା ଏଫ୍୫୩/୫୪/୫୬ ବର୍ଗର ଜାଭେଲିନ୍ ଥ୍ରୋ'ରେ ୧୬.୮୮ ମିଟର ଦୂରତାକୁ ଫିଙ୍ଗି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଭାରତର କୀର୍ତ୍ତିକା ଜୟଚନ୍ଦ୍ରନଙ୍କୁ ରୌପ୍ୟ ଓ ଥାଇଲାଣ୍ଡର ପି. ଚିଥୋନଗ୍ରାଟଙ୍କୁ କାଂସ୍ୟ ପଦକ ମିଳିଛି। ସେହିପରି ଓଡ଼ିଶାର ଧାବିକା ଜୟନ୍ତୀ ବେହେରା କାଂସ୍ୟ ପଦକ ବିଜୟୀ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ମହିଳା ଟି-୪୭ବର୍ଗର ୧୦୦ ମିଟର ଦୂରତାକୁ ୧୩.୧୮ ସେକେଣ୍ଡରେ ଅତିକ୍ରମ କରି ଓଡ଼ିଶା ଲାଗି ପ୍ରଥମ ପଦକ ଜିତିବାରେ ସମର୍ଥ ହୋଇଥିଲେ। ଥାଇଲାଣ୍ଡର ଶଶିରାୱନ ପ୍ରଥମ ଓ ଇଣ୍ଡୋନେସିଆର ନନ୍ଦା ମେଇ ଦ୍ୱିତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଡିସେମ୍ବର ୯ ତାରିଖଯାଏ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୩ ଜଣ ଓଡ଼ିଆ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ପାରା ଦୌଡ଼କୁଦରେ ୨, ପାରା ବ୍ୟାଡମିଣ୍ଟନରେ ୪ ଓ ହ୍ୱିଲଚେୟାର ଫେନ୍ସିଂରେ ୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଭାରତକୁ ୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ କାଂସ୍ୟ ପଦକ ଜିତି ପଦକ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଥାଇଲାଣ୍ଡ ୧୭ ସ୍ୱର୍ଣ୍ଣ, ୧୬ ରୌପ୍ୟ ଓ ୧୬ କାଂସ୍ୟ ପଦକ ଜିତି ପ୍ରଥମ ସ୍ଥାନରେ ରହିଛି।



ଜୟନ୍ତୀ ବେହେରା



ସୁଚିତ୍ରା ପରିଡ଼ା

■ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ସମ୍ବଲପୁରର ଏମ୍‌ଏମ୍‌ସିସି

ଭାପୁର, ୫।୧୨(ସମିସ): ସମ୍ବଲପୁରର ମା ମେଟକାନୀ କ୍ରିକେଟ କ୍ଲବ୍ (ଏମ୍‌ଏମ୍‌ସିସି) ୫୦ ରନ୍‌ରେ ଭୁବନେଶ୍ୱରର ସାଇ କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ପ୍ରଥମ ଦଳ ଭାବେ ଚତୁର୍ଦ୍ଦଶ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୩୨ ରନ କରିଥିଲା। ଜବାବରେ ଭୁବନେଶ୍ୱର ସାଇ ଇଲେଭେନ କ୍ରିକେଟ କ୍ଲବ ୧୯.୧ ଓଭରରେ ସମସ୍ତ ୱିକେଟ ହରାଇ ୧୮୨ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ସୋହରାବ ଧାଲିୱାଲ ୧୦ଟି ଚୌକା ଓ ୧୧ଟି ଛକା ମାରିବା ସହ ମାତ୍ର ୫୩ ବଲରେ ୧୧୮ ରନ କରି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅଭିନନ୍ଦନ ସିଂହ ୫୩ ରନରେ ୫ ଗୋଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ପୁରସ୍କାର ପାଇଥିଲେ। ବୁଧବାର ତୃତୀୟ କ୍ୱାର୍ଟରରେ କରିମ ସ୍ପୋର୍ଟସ, ନାଗପୁର ଏବଂ କଟକର ରାଇଜିଙ୍ଗ ଷ୍ଟୁଡେଣ୍ଟ ମଧ୍ୟରେ ଖେଳାଯିବ। ମଙ୍ଗଳବାର ଖେଳକୁ ପରିଚାଳନା କରିଥିଲେ ଓସିଏ ପ୍ୟାନେଲ ଅମ୍ପାୟାର ଦୁର୍ଗା ପ୍ରସାଦ ପଟ୍ଟନାୟକ ଏବଂ ଆଶୁତୋଷ ପାଣି। ମୁଖ୍ୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ ପବିତ୍ର ମୋହନ ସାହୁ, ସଞ୍ଜୟ ବେହେରା ଓ ଡିଜିଟାଲ ସ୍କୋରର ଭାବେ କିରଣ ମନୋହର ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ମ୍ୟାଚ ରେଫରି ଭାବେ ସୁଧୀରଞ୍ଜନ ପଣ୍ଡା ଥିବାବେଳେ ଭାଷ୍ୟକାର ବୁବୁ ସିହ୍ନା ଓ ସରୋଜ ମହାପାତ୍ର ଧାରାବିବରଣୀ କରିଥିଲେ।

ଆଜିର ମ୍ୟାଚରେ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ୧୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର କହଁର, ଫତେଗଡ଼ ଥାନା ଅଧିକାରୀ ସୁଜିତ କୁମାର ଦାସ, ସମାଜସେବୀ ଚକ୍ରଧର ପ୍ରଧାନ ଏବଂ ୧୫ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ସରୋଜ ରଣସିଂହ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମ୍ୟାଚ ଶେଷରେ ପୁରସ୍କାର ବିତରଣ କରିଥିଲେ। ଏହି ମ୍ୟାଚ୍‌ରେ ଚିୟର ଗର୍ଲ, ଡିଜିଟାଲ ସ୍କୋରବୋର୍ଡ ଏବଂ ଖେଳର ସିଧା ପ୍ରସାରଣ ବେଶ ଆକର୍ଷଣୀୟ ହୋଇଥିଲା। ସମ୍ବଲପୁର ପକ୍ଷରୁ ଦିଲ୍ଲୀ, ପଞ୍ଜାବ ଏବଂ ମଧ୍ୟପ୍ରଦେଶରୁ ଆସିଥିବା ଖେଳାଳିମାନେ ଉଚ୍ଚ କୋଟୀର ଖେଳ ପ୍ରଦର୍ଶନ କରି ଦର୍ଶକଙ୍କ ହୃଦୟ ଜିଣିବା ସହ ଆୟୋଜକ ମୁଖ୍ୟ ବେଣୁଧର ପ୍ରଧାନଙ୍କୁ ଖୁବ ପ୍ରଶଂସା କରିଥିଲେ।




ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍

## 'ଏ' ଡିଭିଜନ କ୍ୱାର୍ଟରରେ ତିନିଘରିଆ, ଗୋଠପୁର

ବାରଙ୍ଗ, ୫।୧୨(ସମିସ): ବାରଙ୍ଗ କଲ୍ୟାଣପୁର ଗ୍ରାମପଞ୍ଚାୟତର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ପ୍ରତିଯୋଗିତାର ତୃତୀୟ ଦିନରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଗ୍ରାମାଞ୍ଚଳ ଏ' ଡିଭିଜନ ପ୍ରଥମ ମ୍ୟାଚ୍‌ରେ ତିନିଘରିଆ (କଟକ) ୨-୦ ଗୋଲରେ ଟାଙ୍ଗୀବନ୍ତ କ୍ଲବ୍ (ଭୁବନେଶ୍ୱର)କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚ୍‌ରେ ଗୋଠପୁର (ବାରଙ୍ଗ) ୫-୦ ଗୋଲ୍‌ରେ ଜାଗମରା (ଭୁବନେଶ୍ୱର)କୁ ହରାଇ ଶେଷ ୮ଟି ଦଳ ମଧ୍ୟରେ ସ୍ଥାନ ସୁରକ୍ଷିତ କରିଛି। ଅନ୍ୟପକ୍ଷରେ ବି' ଡିଭିଜନ ସେମି ଫାଇନାଲ୍ ମ୍ୟାଚ୍ ଉରାଳୀ, କଟକ ସହିତ ଆମଣ ମଧ୍ୟରେ ହୋଇଥିଲା। ଉଭୟ ଦଳଙ୍କ ମଧ୍ୟରେ ତୀବ୍ର ସଂଘର୍ଷପୂର୍ଣ୍ଣ ମୁକାବିଲା ହୋଇଥିଲେ ମଧ୍ୟ ନିର୍ଦ୍ଧାରିତ ସମୟ ସୁଦ୍ଧା କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକର ଜରିଆରେ ଖେଳର ମୀମାଂସା କରାଯାଇଥିଲା। ଏଥିରେ ଆମଣ ୫-୪ ଗୋଲ୍‌ରେ ବିଜୟ ହୋଇ ଫାଇନାଲ ଖେଳିବାର ସୁଯୋଗ ହାସଲ କରିଛି।

**ଆଜି ନାଇଜେରୀୟ ଖେଳାଳିଙ୍କ ମଧ୍ୟରେ ମୁକାବିଲା**

ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଏସ୍‌ଏଇସିର ଅଧ୍ୟକ୍ଷ ଚିନ୍ମୟୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବରେ ଭୁବନେଶ୍ୱର ମଣ୍ଡଳ ଉନ୍ନୟନ ସାଗର କୁମାର ପାଲୋ ଯୋଗଦେଇଥିଲେ। ଏହି ମ୍ୟାଚ୍‌ଗୁଡ଼ିକୁ ରେଫରୀ ସୁଦୀପ୍ତ ଦାସ, ପ୍ରିୟବ୍ରତ ବାହିନୀପତି, ରାଜେନ୍ଦ୍ର ବାରିକ, ବରୁଣ ପ୍ରଧାନ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ଖେଳ ପରିଚାଳନା କରିଥିବାବେଳେ ରଙ୍କନିଧି ରାଉତ ଧାରାବିବରଣୀ ଦେଇଥିଲେ। ବୁଧବାର ଗ୍ରାମାଞ୍ଚଳର ପ୍ରଥମ ମ୍ୟାଚ୍ ନରଣପୁର କ୍ଲବ୍ ସହିତ ପଦ୍ମକେଶରପୁର ଓ ଦ୍ୱିତୀୟ ମ୍ୟାଚ୍ ଜୟପୁର ସହିତ ଉଷୁମା କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ। ସହରାଞ୍ଚଳ ବିଭାଗରେ ପ୍ରଥମ ସେମି ଫାଇନାଲ୍ ମ୍ୟାଚ୍ ଜଗା ୟୁନାଇଟେଡ୍ ସହିତ ସଂଘର୍ଷ କ୍ଲବ୍ ମଧ୍ୟରେ ଖେଳାଯିବ। ଏହି ମୁକାବିଲାରେ ନାଇଜେରିଆ ଖେଳାଳିଙ୍କୁ ଦେଖିବାର ସୁଯୋଗ ପାଇବେ ଦର୍ଶକ।



▶ ପୁରୁଷ କନିଷ୍ଠ ବିଶ୍ୱକପ୍ ହକିରେ ଅରାଇଜିତ୍‌ଙ୍କ ହ୍ୟାଟ୍ରିକ୍

# ବିଜୟରୁ ଭାରତର ଅଭିଯାନ ଆରମ୍ଭ

କ୍ୱାଲାଲମ୍ପୁର, ୫।୧୨(ଏଜେନ୍ସି): ଦକ୍ଷିଣ କୋରିଆକୁ ୪-୨ ଗୋଲରେ ହରାଇ ଭାରତ ପୁରୁଷ କନିଷ୍ଠ ବିଶ୍ୱକପ୍ ହକିରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଭାରତୀୟ ଦଳ ପକ୍ଷରୁ ଅରାଇଜିତ ହୁଣ୍ଡାଲ ହ୍ୟାଟ୍ରିକ୍ ସହ ୩ଟି ଓ ଅମନଦୀପ ଗୋଟିଏ ଗୋଲ ସ୍କୋର କରିଥିଲେ। ଏହି ଗ୍ରୁପ୍‌ର ଅନ୍ୟ ମ୍ୟାଚ୍‌ରେ ସ୍ପେନ୍ ୭-୦ ଗୋଲରେ କାନାଡାକୁ ପରାସ୍ତ କରିଛି। ଉଭୟ ଦଳ ବିଜୟୀ ହୋଇଥିଲେ ମଧ୍ୟ ଗୋଲ ବ୍ୟବଧାନରେ ସ୍ପେନ୍ ପ୍ରଥମ ଓ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଦକ୍ଷିଣ କୋରିଆ ବିପକ୍ଷରେ ଏହା ୭ମ ମୁକାବିଲା ହୋଇଥିଲାବେଳେ ଭାରତ ଚତୁର୍ଥ ବିଜୟ ହାସଲ କରିଛି। ଭାରତ ତାହାର ଦ୍ୱିତୀୟ ଗ୍ରୁପ୍ ମ୍ୟାଚ୍ ସ୍ପେନ୍ ସହ ଡିସେମ୍ବର ୭ ତାରିଖ ଗୁରୁବାର ଖେଳିବ।

ସ୍ଥାନୀୟ ବୁକିତ ଜଲିଲଠାରେ ମଙ୍ଗଳବାର ଏହି ମ୍ୟାଚ୍ ଆରମ୍ଭ ହେବା ପରେ କେହି କାହାରି ଉପରେ ଆକ୍ରମଣ କରି ନଥିଲେ। ଉଭୟ ଦଳ ଗୋଲ ଦେବା ଲାଗି ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। କିନ୍ତୁ ଖେଳର ୧୧ତମ ମିନିଟ୍‌ରେ ଭାରତକୁ ପ୍ରକୃତ ସୁଯୋଗ ମିଳିଥିଲା। ଭାରତ ପାଇଥିବା ପେନାଲ୍ଟି କର୍ଣ୍ଣରରୁ ଅରାଇଜିତ ହୁଣ୍ଡାଲ ପ୍ରଥମ ଗୋଲ ସ୍କୋର କରିଥିଲେ। ଗୋଲ ଦେବା ପରେ ଖେଳର ଗତି ବୃଦ୍ଧି ପାଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଦଳ ଘନ ଘନ ଆକ୍ରମଣ କରିଥିଲେ। ଖେଳର ୧୬ତମ ମିନିଟ୍‌ରେ ବବିଙ୍କଠାରୁ ପାସ୍ ପାଇ ଅରାଇଜିତ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ସେହିପରି ପ୍ରଥମାର୍ଦ୍ଧ ଖେଳ ଶେଷ ହେବାର ଠିକ୍ ପୂର୍ବରୁ ଅମନଦୀପ ଆଉ ଏକ ଫିଲ୍ଡ ଗୋଲ ସ୍କୋର କରି ଭାରତକୁ ୩-୦ରେ ଅଗ୍ରଣୀ କରାଇଥିଲେ।

ଦ୍ୱିତୀୟାର୍ଦ୍ଧରେ କୋରିଆ ଦଳ ଅଧିକ ସମନ୍ୱୟ ରକ୍ଷା କରି ଖେଳିଥିଲା। ଫଳରେ ଭାରତ ଅଧିକ ଆକ୍ରମଣ କରିବାରୁ ବଞ୍ଚିତ ହୋଇଥିଲା। ଖେଳର ୩୮ତମ ମିନିଟ୍‌ରେ କୋରିଆ ଦଳ ପାଇଥିବା ସୁଯୋଗକୁ କାର୍ଯ୍ୟକାରୀ କରି ଦୋହ୍ୟୁନ୍ ଲିମ୍ ପେନାଲ୍ଟି କର୍ଣ୍ଣରରୁ ଗୋଟିଏ ଗୋଲ ଶୁଝାଇଦେଇଥିଲେ। ଏହି ଗୋଲ ଖାଇବା ପରେ ଭାରତୀୟ ଦଳ ଅଧିକ ଆକ୍ରମଣ କରି ୪୧ତମ ମିନିଟ୍‌ରେ ଆଉ ଏକ ଗୋଲ କରି ଦଳକୁ ୪-୦ରେ ଅଗ୍ରଣୀ କରାଇଥିଲେ। ଅରାଇଜିତ ବ୍ୟକ୍ତିଗତ ଭାବେ ତୃତୀୟ ଗୋଲ ଦେଇ ପ୍ରଥମ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଚତୁର୍ଥ କ୍ୱାର୍ଟରରେ କୋରିଆ ଦଳ ଆଉ ଏକ ଗୋଲ ଦେବାର ସୁଯୋଗ ପାଇଥିଲା। ଭାରତୀୟ ଦଳ ୯ ଜଣ ଖେଳାଳିଙ୍କୁ ନେଇ ଖେଳୁଥିଲାବେଳେ କୋରିଆ ପେନାଲ୍ଟି କର୍ଣ୍ଣର ପାଇଥିଲା। ଏଥିରୁ ମିଙ୍ଗୱୋନ କିମ୍ ଗୋଲ ସ୍କୋର କରି କୋରିଆ ଲାଗି ଆଉ ଏକ ଗୋଲ ଶୁଝାଇଦେଇଥିଲେ। ଶେଷ ମୁହୂର୍ତ୍ତରେ ଭାରତ ଆଉ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଖେଳାଳିମାନେ ତାହାକୁ ଗୋଲରେ ପରିଣତ କରିବାରେ ଅସମର୍ଥ ହୋଇଥିଲେ। ଫଳରେ ଭାରତ ୪-୨ ଗୋଲ ବ୍ୟବଧାନରେ ବିଜୟୀ ହୋଇଥିଲା।



## ଜର୍ମାନୀ, ମାଲେସିଆର ବିଜୟ

ମଙ୍ଗଳବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡିକ ମଧ୍ୟରୁ ମାଲେସିଆ, ଆର୍ଜେଣ୍ଟିନା, ଜର୍ମାନୀ, ଫ୍ରାନ୍ସ ବିଜୟୀ ହୋଇଛନ୍ତି। ଗ୍ରୁପ୍-ଏ'ରେ ମାଲେସିଆ ୭-୧ ଗୋଲରେ ଚିଲିକୁ ଓ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ୧-୦ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ସେହିପରି ପୁଲ-ବି'ରେ ଜର୍ମାନୀ ୫-୩ ଗୋଲରେ ଦକ୍ଷିଣ ଆଫ୍ରିକାକୁ ଓ ଫ୍ରାନ୍ସ ୩-୧ ଗୋଲରେ ଇଜିପ୍ଟକୁ ପରାସ୍ତ କରିଛି। ବୁଧବାର ଦ୍ୱିତୀୟ ଦିନ ଖେଳର ଗ୍ରୁପ୍-ଡି'ରେ ନେଦରଲାଣ୍ଡସ ସହ ପାକିସ୍ତାନ, ବେଲଜିୟମ ସହ ନ୍ୟୁଜିଲାଣ୍ଡ, ଗ୍ରୁପ୍-ବି'ରେ ଦକ୍ଷିଣ ଆଫ୍ରିକା ସହ ଇଜିପ୍ଟ, ଜର୍ମାନୀ ସହ ଫ୍ରାନ୍ସ, ଗ୍ରୁପ୍-ଏ'ରେ ଅଷ୍ଟ୍ରେଲିଆ ସହ ଚିଲି ଓ ଆର୍ଜେଣ୍ଟିନା ସହ ମାଲେସିଆର ମୁକାବିଲା ହେବ।

● ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ମହିଳା ଭାରୋତ୍ତୋଳନ

## ଟିକି, ପ୍ରୀତିସ୍ମିତାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୫ ।୧୨ (ସମିସ): କୋଲକାତାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ମହିଳା ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ଓଡ଼ିଶା ଖେଳାଳିଙ୍କୁ ପଦକ ସଫଳତା ମିଳିଛି। ମଙ୍ଗଳବାର ଓଡ଼ିଶା ଭାରୋତ୍ତୋଳିକାମାନେ ୫ଟି ପଦକ ଜିତିଛନ୍ତି। ଯେଉଁଥିରେ ୨ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୨ଟି କାଂସ୍ୟ ପଦକ ରହିଛି। ମହିଳା ୬୪ କିଗ୍ରା ୟୁଥ୍ ଓ ଜୁନିଅର ବର୍ଗରେ ଟିକି ମୋହିନୀ ମଲ୍ଲିକ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲେ। ସେହିଭଳି ଅନ୍ୟତମ ସ୍ୱର୍ଣ୍ଣ ପଦକ ପ୍ରୀତିସ୍ମିତା ଭୋଇ ହାସଲ କରିଥିଲେ। ସେ ୟୁଥ୍ ୪୦ କିଗ୍ରା ବିଭାଗରେ ଏହି ସଫଳତା ପାଇଥିଲେ। ପ୍ରୀତିସ୍ମିତା ବର୍ତ୍ତମାନ ଢେଙ୍କାନାଳସ୍ଥିତ ଭାରୋତ୍ତୋଳନ ପ୍ରଶିକ୍ଷଣ ଉପ-କେନ୍ଦ୍ରରେ ଅଭ୍ୟାସ କରୁଛନ୍ତି। ଅପରପକ୍ଷରେ ବିଦୁସ୍ମିତା ଭୋଇ ୟୁଥ୍ ୪୦ କିଗ୍ରା ଓ ସନ୍ଧ୍ୟାରାଣୀ ନାୟକ କନିଷ୍ଠ ୪୦ କିଗ୍ରା ବିଭାଗରେ କାଂସ୍ୟ ପଦକ ଜିତିଛନ୍ତି।

● ଭୁବନେଶ୍ୱର 'ଏ' ଡିଭିଜନ ଫୁଟବଲ ଲିଗ

## ଏଜି ରିକ୍ରିଏସନ କ୍ଲବ୍ ବିଜୟୀ

ଭୁବନେଶ୍ୱର, ୫।୧୨(ସମିସ): ଏଜି ରିକ୍ରିଏସନ କ୍ଲବ୍ ୪-୧ ଗୋଲରେ ଘାଟିକିଆର ବଜରଙ୍ଗ କ୍ଲବ୍‌କୁ ପରାସ୍ତ କରି ୟୁନିଟ୍-୧ରେ ଥିବା ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଭୁବନେଶ୍ୱର 'ଏ' ଡିଭିଜନ ଗତିକୃଷ୍ଣ ମେମୋରିଆଲ ଫୁଟବଲରେ ବିଜୟୀ ହୋଇଛି। ବିଜୟୀ ଦଳର ଅର୍ପଣ ଲାକ୍ରା ହ୍ୟାଟ୍ରିକ ସହ ୩ଟି ଗୋଲ ସ୍କୋର କରିଛନ୍ତି। ପ୍ରଥମାର୍ଦ୍ଧ ଖେଳର ୫ମ, ୨୧ତମ ଓ ଦ୍ୱିତୀୟାର୍ଦ୍ଧ ଖେଳର ୭୦ତମ ମିନିଟ୍‌ରେ ସେ ୩ଟି ଗୋଲ ସ୍କୋର କରିଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧର ୬୪ତମ ମିନିଟ୍‌ରେ ରାଜେନ୍ଦ୍ର ହେମ୍ବ୍ରମ୍ ଅନ୍ୟ ଗୋଲଟି ଦେଇଥିଲେ। ଖେଳର ୨୬ତମ ମିନିଟ୍‌ରେ ଘାଟିକିଆର ତୋଫାନ ନାୟକ ଗୋଟିଏ ଗୋଲ ଶୁଝାଇବାରେ ସମର୍ଥ ହୋଇଥିଲେ। ହ୍ୟାଟ୍ରିକ୍ ଗୋଲ ଦେଇଥିବା ଏଜି'ର ଅର୍ପଣ ଲାକ୍ରାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଆୟୋଜକ ଭୁବନେଶ୍ୱର ଦୌଡକୁଦ ସଂଘର ହକି ସମ୍ପାଦକ ଅଶୋକ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର କିଶୋର କ୍ଲବ୍ ଓ କ୍ଲବ୍-୭୩ ମଧ୍ୟରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ।



## ଆଜି ମୋହନ ବାଗାନକୁ ଭେଟିବ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୫ ।୧୨ (ସମିସ): ଚଳିତ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍ଏଲ୍)ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ବୁଧବାର ଓଡ଼ିଶା ଏଫ୍‌ସି ଓ ମୋହନ ବାଗାନ ସୁପର୍ ଜାଏଣ୍ଟ୍ସ ସାମ୍ନାସାମ୍ନି ହେବେ। କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ରାତି ୮ଟାରେ ଏହି ମ୍ୟାଚ୍ ଖେଳାଯିବ। ଘରୋଇ ମୋହନ ବାଗାନ ଆଇଏସ୍ଏଲ୍‌ର ଚଳିତ ୧୦ମ ସଂସ୍କରଣରେ ଚମତ୍କାର ଫର୍ମରେ ରହିଛି। ଦଳ ବର୍ତ୍ତମାନ ସୁଦ୍ଧା ୫ ମ୍ୟାଚ୍‌ରୁ ୫ ବିଜୟ ସହ ୧୫ ପଏଣ୍ଟ ପାଇ ଟେବଲ୍ ତାଲିକାର ୩ୟ ସ୍ଥାନରେ ରହିଛି। କିନ୍ତୁ ନିକଟରେ ଏଏଫ୍‌ସି କପ୍‌ର ଏକ ମୁକାବିଲାରେ ଓଡ଼ିଶା ଏଫ୍‌ସି ୫-୨ ଗୋଲରେ ମୋହନ ବାଗାନକୁ ପରାସ୍ତ କରି ବଡ଼ ବିପର୍ଯ୍ୟୟ ଘଟାଇଥିଲା। ତେଣୁ ସର୍ଗିଓ ଲୋବେରାଙ୍କ ପ୍ରଶିକ୍ଷଣପ୍ରାପ୍ତ ଓଡ଼ିଶା ଏଫ୍‌ସି ଦଳ ଏଏଫ୍‌ସି କପ୍‌ର ଏହି ସଫଳତାକୁ ପୁଣିଥରେ ଆଇଏସ୍ଏଲ୍‌ରେ ବୁଧବାର ଦୋହରାଇବାକୁ ଲକ୍ଷ୍ୟ ରଖିଛି। ଓଡ଼ିଶା ଏଫ୍‌ସି ଦଳ ଆଇଏସ୍ଏଲ୍‌ରେ ୭ଟି ମ୍ୟାଚ୍ ଖେଳିସାରି ୪ ବିଜୟ, ୨ ପରାଜୟ ଓ ଗୋଟିଏ ଡ୍ର' ସହ ୧୩ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ତେଣୁ ବୁଧବାର ଖେଳାଯିବାକୁ ଥିବା ଏହି ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

ପୂର୍ବତନ ଆଇଏସ୍ଏଲ୍ ବିଜେତା ପ୍ରଶିକ୍ଷକ ଲୋବେରାଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଏଫ୍‌ସି ଚଳିତ ସିଜନରେ ଆଖିଦୃଶିଆ ପ୍ରଦର୍ଶନ କରିଛି। ବିଶେଷ କରି ଯୁବ ଓ ଉଦୀୟମାନ ଖେଳାଳିଙ୍କୁ ନେଇ ଗଠିତ ଜଗରନଟ୍ସ ଦିନକୁ ଦିନ ପ୍ରଭାବୀ ପ୍ରଦର୍ଶନ କରି ପ୍ରତିପକ୍ଷ ଦଳକୁ ଅଡୁଆରେ ପକାଉଛି। ଓଡ଼ିଶା ଏଫ୍‌ସି ଦଳରେ ରଏ କ୍ରିଷ୍ଣା, ଡିଏଗୋ ମୌରିସିଓଙ୍କ ଭଳି ତାରକା ଖେଳାଳି ରହିଛନ୍ତି। ଯେଉଁମାନେ କି କୌଣସି ପ୍ରତିପକ୍ଷ ଦଳ ପାଇଁ ବିପଦଜନକ ସାବ୍ୟସ୍ତ ହୋଇପାରନ୍ତି। ତେବେ ରେକର୍ଡ କିନ୍ତୁ ମୋହନ ବାଗାନ ସପକ୍ଷରେ ରହିଛି। ଏହି ଦୁଇ ଦଳ ପରସ୍ପର ମଧ୍ୟରେ ୯ଥର ଭେଟାଭେଟି ହୋଇଛନ୍ତି। ଏଥିରେ ମୋହନ ବାଗାନ ୫ ଓ ଓଡ଼ିଶା ଗୋଟିଏ ମ୍ୟାଚରେ ବିଜୟ ସ୍ୱାଦ ଚାଖିଛି। ୩ଟି ମ୍ୟାଚ୍ ବିନା ଫଳାଫଳରେ ଶେଷ ହୋଇଛି।

ଆଇଏସ୍ଏଲ୍



## ଗୁଜରାଟର ହ୍ୟାଟ୍ରିକ ବିଜୟ

ଅହମ୍ମଦାବାଦ୍, ୫ ।୧୨ (ଏଜେନ୍ସି): ଚଳିତ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ରେ ମଙ୍ଗଳବାର ଖେଳାଯାଇଥିବା ଏକ ରୋମାଞ୍ଚକ ମ୍ୟାଚରେ ଗୁଜରାଟ ଜାଏଣ୍ଟ୍ସ ୨ ପଏଣ୍ଟରେ ୟୁ ମୁମ୍ବା'କୁ ହରାଇ ହ୍ୟାଟ୍ରିକ ବିଜୟ ହାସଲ କରିଛି। ସ୍ଥାନୀୟ ଏକା ଏରେନା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଗୁଜରାଟ ୩୯ ଓ ୟୁ ମୁମ୍ବା ୩୭ ପଏଣ୍ଟ ସ୍କୋର କରିଥିଲେ। ବିଜୟୀ ଦଳର ସୋନୁ ଜାଗଲାନ ସର୍ବାଧିକ ୧୧ ପଏଣ୍ଟ ସ୍କୋର ସହ ସଫଳ ପ୍ରଦର୍ଶନକାରୀ ରହିଥିଲେ। ଏଥିସହ ୩ୟ ମ୍ୟାଚରୁ ୩ ବିଜୟ ସହିତ ଗୁଜରାଟ ଜାଏଣ୍ଟ୍ସ ୧୫ ପଏଣ୍ଟ ପାଇ ୧୨ ଦଳୀୟ ଟେବଲ୍ ତାଲିକାର ଶୀର୍ଷରେ ରହିଛି।



ନୂଆଦିଲ୍ଲୀରେ ଅନୁଷ୍ଠିତ ସ୍ପୋର୍ଟ୍ସ ଫର ଗେମ୍ସ ଆଣ୍ଡ ଫେଷ୍ଟିଭାଲ-୨୦୨୩ରେ ପଦକ ଜିତି ଭୁବନେଶ୍ୱର ଫେରିଥିବା ଓଡ଼ିଶାର କିକ୍ ବକ୍ସରମାନେ।

## ହରିୟାଣା, ରାଜସ୍ଥାନ, କର୍ଣ୍ଣାଟକ, ତାମିଲନାଡୁ କ୍ୱାର୍ଟରରେ

ନୂଆଦିଲ୍ଲୀ, ୫ ।୧୨ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଘରୋଇ ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫିର ୩୧ତମ ସଂସ୍କରଣ ନକ୍‌ଆଉଟ୍ ପର୍ଯ୍ୟାୟ ସ୍ପଷ୍ଟ ହୋଇଛି। ଗ୍ରୁପ୍ ପର୍ଯ୍ୟାୟ ମଙ୍ଗଳବାର ଶେଷ ହୋଇଥିବାବେଳେ ପଏଣ୍ଟ ଆଧାରରେ ୬ ଗୋଟି ଦଳ ସିଧାସଳଖ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗ୍ରୁପ୍-ଏ'ରୁ ମୁମ୍ବାଇ, ଗ୍ରୁପ୍-ବି'ରୁ ବିଦର୍ଭ, ଗ୍ରୁପ୍-ସି'ରୁ ହରିୟାଣା, କର୍ଣ୍ଣାଟକ, ଗ୍ରୁପ୍-ଡି'ରୁ ରାଜସ୍ଥାନ ଓ ଗ୍ରୁପ୍-ଇ'ରୁ ତାମିଲନାଡୁ ସିଧାସଳଖ ଡିସେମ୍ବର ୧୧ (ସୋମବାର) କ୍ୱାର୍ଟର ଫାଇନାଲ ଖେଳିବେ। ସେହିଭଳି ଗ୍ରୁପ୍ ପର୍ଯ୍ୟାୟରେ ଦ୍ୱିତୀୟ ସ୍ଥାନରେ ରହିଥିବା ଶ୍ରେଷ୍ଠ-୪ ଗୋଟି ଦଳ ମଧ୍ୟରେ ଡିସେମ୍ବର ୯ ରେ ପ୍ରି-କ୍ୱାର୍ଟର ଫାଇନାଲ ଖେଳାଯିବ। ଏଥିରେ ବେଙ୍ଗଲ ଓ ଗୁଜରାଟ ଏବଂ କେରଳ ଓ ମହାରାଷ୍ଟ୍ର ମଧ୍ୟରେ ଲଢ଼େଇ ହେବ। ଏହି ଦୁଇ ମ୍ୟାଚର ବିଜେତା କ୍ୱାର୍ଟର ଫାଇନାଲର ବଳକା ୨ଟି ସ୍ଥାନ ପାଇଁ ଯୋଗ୍ୟତା ଅର୍ଜନ କରିବେ।

ମଙ୍ଗଳବାର ଖେଳାଯାଇଥିବା ଅନ୍ତିମ ତଥା ୭ମ ରାଉଣ୍ଡ ମୁକାବିଲାରେ କେରଳ ୧୮ ରନରେ ରେଳବାଇଠାରୁ ପରାସ୍ତ ହୋଇଥିଲେ ମଧ୍ୟ ନକ୍‌ଆଉଟ୍‌ରେ ସ୍ଥାନ ସୁରକ୍ଷିତ କରିଥିଲା। ରେଳବାଇ ପକ୍ଷରୁ ଧାର୍ଯ୍ୟ ୨୫୬ ରନର ଲକ୍ଷ୍ୟକୁ ପିଛା କରି କେରଳ ଅଧିନାୟକ ସଞ୍ଜୁ ସାମସନଙ୍କ ୧୨୮ ରନ ସତ୍ତ୍ୱେ ୮ ୱିକେଟ୍‌ରେ ୨୩୭ ରନ କରିପାରିଥିଲା। ସେହିଭଳି ଗ୍ରୁପ୍-ବି'ରେ ବିଦର୍ଭ ମଧ୍ୟ ୧୫ ରନରେ ସର୍ଭିସେସ୍ ନିକଟରୁ ହାରିଥିଲେ ମଧ୍ୟ ନକ୍‌ଆଉଟ୍ ଖେଳିବାରେ କୌଣସି ପ୍ରଭାବ ଏହାର ପଡ଼ି ନ ଥିଲା। ଏହି ମ୍ୟାଚରେ ସର୍ଭିସେସ୍‌ର ଶୁଭମ ରୋହିଲା ୧୦୯ ରନର ଶତକୀୟ ପାଳି ଖେଳିଥିଲେ। ଅପରପକ୍ଷରେ ଗ୍ରୁପ୍-ସି'ରେ ହରିୟାଣା ୪ ୱିକେଟ୍‌ରେ ଜାମ୍ମୁ ଓ କାଶ୍ମୀରକୁ ପରାସ୍ତ କରି ୭ମ ବିଜୟ ସହ ଅପରାଜେୟ ରହି ୨୮ ପଏଣ୍ଟ ପାଇ କ୍ୱାର୍ଟରରେ ପହଞ୍ଚିଛି। ୨୫୧ ରନର ଲକ୍ଷ୍ୟକୁ ହରିୟାଣା ଯୁବରାଜ ସିଂ (୫୮), ନିଶାନ୍ତ ସିନ୍ଧୁ (୬୧) ଓ ରାହୁଲ ତେୱାଟିଆ (୬୭*)ଙ୍କ ଅର୍ଦ୍ଧଶତକ ବଳରେ ୨ଟି ବଲ୍ ଓ ୪ଟି ୱିକେଟ୍ ବଳକା ଥାଇ ହାସଲ କରିନେଇଥିଲା। ଗ୍ରୁପ୍-ବି'ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ମହାରାଷ୍ଟ୍ର ୧୬୭ ରନର ବୃହତ୍ ବ୍ୟବଧାନରେ ମଣିପୁରକୁ ପରାସ୍ତ କରିଥିଲେ ନକ୍‌ଆଉଟ୍‌ରୁ ବଞ୍ଚିତ ହୋଇଛି। ଅଙ୍କିତ ବାୱନେଙ୍କ ୧୬୭ ରନ ବଳରେ ମହାରାଷ୍ଟ୍ର ପ୍ରଥମେ ବ୍ୟାଟିଂ କରି ୬ ୱିକେଟ୍‌ରେ ୪୨୭ ରନ କରିଥିଲା। ଜବାବରେ ମଣିପୁର ୬ ୱିକେଟ୍‌ରେ ୨୬୦ ରନ କରିବାକୁ ସମର୍ଥ ହୋଇଥିଲା।

### ବିଜୟ ହଜାରେ ଟ୍ରଫି
### ନକ୍‌ଆଉଟ୍ କାର୍ଯ୍ୟସୂଚୀ

- ଡିସେମ୍ବର- ୯, ପ୍ରଥମ ପ୍ରି-କ୍ୱାର୍ଟର: ବେଙ୍ଗଲ ବନାମ ଗୁଜରାଟ
- ଡିସେମ୍ବର- ୯, ଦ୍ୱିତୀୟ ପ୍ରି-କ୍ୱାର୍ଟର: କେରଳ ବନାମ ମହାରାଷ୍ଟ୍ର
- ଡିସେମ୍ବର-୧୧, ପ୍ରଥମ କ୍ୱାର୍ଟର: ହରିୟାଣା ବନାମ ପ୍ରି-କ୍ୱାର୍ଟର ୧'ର ବିଜେତା
- ଡିସେମ୍ବର-୧୧, ୨ୟ କ୍ୱାର୍ଟର: ରାଜସ୍ଥାନ ବନାମ ପ୍ରି-କ୍ୱାର୍ଟର ୨'ର ବିଜେତା
- ଡିସେମ୍ବର-୧୧, ୩ୟ କ୍ୱାର୍ଟର: ବିଦର୍ଭ ବନାମ କର୍ଣ୍ଣାଟକ
- ଡିସେମ୍ବର-୧୧, ମୁମ୍ବାଇ ବନାମ

■ ବିଜୟ ହଜାରେ ଟ୍ରଫି: ବିଜୟ ସତ୍ତ୍ୱେ ବିଦାୟ
■ କାର୍ତ୍ତିକଙ୍କ ଅର୍ଦ୍ଧଶତକ, ଗୋବିନ୍ଦଙ୍କ ଅଲରାଉଣ୍ଡ ପ୍ରଦର୍ଶନ

## ମୁମ୍ବାଇକୁ ହରାଇଲା ଓଡ଼ିଶା

କଟକ, ୫।୧୨(ସମିସ): ଚଳିତ ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ଅନ୍ତିମ ତଥା ୭ମ ରାଉଣ୍ଡ ମ୍ୟାଚରେ ଶକ୍ତିଶାଳୀ ମୁମ୍ବାଇକୁ ୮୬ ରନରେ ପରାସ୍ତ କରିଛି। ଏହାସତ୍ତ୍ୱେ ବିଜୟ ହଜାରେ ଟ୍ରଫିରୁ ଓଡ଼ିଶା ଅଭିଯାନ ଶେଷ ହୋଇଛି। ଲିଗ୍ ପର୍ଯ୍ୟାୟର ଅନ୍ତିମ ତିନୋଟି ଯାକ ମ୍ୟାଚ୍‌ରେ ବିଜୟ ଲାଭ କରିବା ସତ୍ତ୍ୱେ ଓଡ଼ିଶା ନକ୍‌ଆଉଟ୍ ପ୍ରବେଶରୁ ବଞ୍ଚିତ ହୋଇଛି। ଓଡ଼ିଶା ମୋଟ ୭ଟି ମ୍ୟାଚ୍‌ରୁ ୧୬ ପଏଣ୍ଟ ହାସଲ ଗ୍ରୁପ-ଏ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି।

ବେଙ୍ଗାଲୁରୁର ଅଲୁର କ୍ରିକେଟ ଷ୍ଟାଡିୟମରେ ମଙ୍ଗଳବାର ଓଡ଼ିଶା ଓ ମୁମ୍ବାଇ ମଧ୍ୟରେ ଏହି ମୁକାବିଲା ହୋଇଥିଲା। ମୁମ୍ବାଇ ଅଧିନାୟକ ଆଜିଙ୍କ୍ୟ ରାହାଣେ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲେ। ଅସୁସ୍ଥତା କାରଣରୁ ବିପ୍ଳବ ସାମନ୍ତରାୟଙ୍କୁ ଦଳରୁ ବାଦ୍ ଦିଆଯାଇଥିବା ଯୋଗୁଁ ଶାନ୍ତନୁ ମିଶ୍ର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ୧୬ ରନରେ ଓଡ଼ିଶା ପ୍ରଥମ ତିନି ବ୍ୟାଟରଙ୍କୁ ହରାଇଥିଲା। ଅଧିନାୟକ ଶାନ୍ତନୁ ୧ ଓ ୱିକେଟକିପର ପ୍ରବୀଣ ଲୁହା ୩ ରନରେ ପ୍ୟାଭିଲିୟନ ଫେରିଥିବାବେଳେ ଶୁଭ୍ରାଂଶୁ ଶେଖର ସେନାପତି ଖାତା ଖୋଲିପାରି ନ ଥିଲେ। ତେବେ ୪ର୍ଥ ୱିକେଟ ଭାଗୀଦାରିରେ ସନ୍ଦୀପ ପଟ୍ଟନାୟକ ଏବଂ କାର୍ତ୍ତିକ ବିଶ୍ୱାଳ ୪୪ ରନ ଯୋଡ଼ି ଓଡ଼ିଶା ଶିବିରକୁ ଆଶ୍ୱସ୍ତ କରିଥିଲେ। ହେଲେ ସନ୍ଦୀପଙ୍କୁ କ୍ଲିନ ବୋଲ୍ଡ କରି ସାମସ ମୁଲାନି ମୁମ୍ବାଇ ନିମନ୍ତେ ୪ର୍ଥ ସଫଳତା ଦେଇଥିଲେ। ସନ୍ଦୀପ ୬୮ ବଲରୁ ୩୫ ରନ କରି ଆଉଟ ହୋଇଥିଲେ। ଏହାପରେ ୫ମ ୱିକେଟରେ ସୃଷ୍ଟି ହୋଇଥିବା ଭାଗୀଦାରି ଓଡ଼ିଶା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଥିଲା। କାର୍ତ୍ତିକ ଓ ଗୋବିନ୍ଦ ସତର୍କତାର ସହ ଖେଳି ଦଳୀୟ ସ୍କୋରରେ ୮୯ ରନ ଯୋଡ଼ି ଥିଲେ। କାର୍ତ୍ତିକ ଏଠାରେ ନିଜ କ୍ୟାରିୟରର ଦ୍ୱିତୀୟ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତେବେ ଏହି ଭାଗିଦାରୀକୁ ଭାଙ୍ଗିଥିଲେ ମୁମ୍ବାଇର ବାମହାତୀ ସ୍ପିନର ଅର୍ଥବ ଆଙ୍କୋଲେକର। ୯୮ ବଲ ସମ୍ମୁଖୀନ ହୋଇ ୬୪ ରନ କରିଥିବା କାର୍ତ୍ତିକ ତାଙ୍କର ପ୍ରଥମ ଶିକାର ହୋଇଥିଲେ। ପରେ ୩୯ ରନ କରିଥିବା ଗୋବିନ୍ଦ ମଧ୍ୟ ଅର୍ଥବଙ୍କ ବଲରେ ଆଉଟ ହୋଇଥିଲେ। ଗୋବିନ୍ଦ କ୍ରିଜ ଛାଡ଼ିବା ବେଳକୁ ଓଡ଼ିଶା ୬ ୱିକେଟ ବିନିମୟରେ ୧୫୨ ରନ କରିଥିଲା। ଶେଷ ଭାଗରେ ସ୍ପିନ ଅଲରାଉଣ୍ଡର ଅଭିଷେକ ଦ୍ରୁତ ୩୫ ରନର ପାଳି ଖେଳିବା ସହ ଓଡ଼ିଶା ୯ ୱିକେଟ ହରାଇ ୧୯୯ ରନ କରିପାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ଯାଦବ ୧, ଦେବବ୍ରତ ପ୍ରଧାନ ୧୦, ରାଜେଶ ମହାନ୍ତି ୧ ରନରେ ଆଉଟ ହୋଇଥିଲେ। ମୁମ୍ବାଇର ମୋହିତ ଅଭସ୍ଥି ୩ଟି, ରୟଷ୍ଟନ ଡିୟାସ ଓ ଅନକୋଲକର ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ।

ଜବାବରେ ତାରକା ଖଚିତ ମୁମ୍ବାଇ ଦଳ ସହଜରେ ବିଜୟ ଲକ୍ଷ୍ୟ ହାସଲ କରି ଗ୍ରୁପ-ଏ ଶୀର୍ଷକୁ ଫେରିବ ବୋଲି ଆଶା ରହିଥିଲା। ମାତ୍ର ଓଡ଼ିଶାର ବୋଲିଂ ଆଟାକ ସମ୍ମୁଖରେ ଦଳ ମାତ୍ର ୧୧୩ ରନରେ ଅଲଆଉଟ ହୋଇଥିଲା। ଓଡ଼ିଶାର ଉଭୟ ପେସ୍ ଓ ସ୍ପିନ୍ ବୋଲିଂ ଫଳପ୍ରଦ ହୋଇଥିଲା। ମୁମ୍ବାଇ ପକ୍ଷରୁ ହାର୍ଦ୍ଦିକ ତାମୋର ସର୍ବାଧିକ ୨୩ ରନ କରିଥିଲେ। ଅଧିନାୟକ ରାହାଣେ ୭, ଶିଭମ ଦୁବେ ୮, ସାମସ ମୁଲାନି ୧୯ ରନରେ ଆଉଟ ହୋଇଥିଲେ। ଓଡ଼ିଶା ପକ୍ଷରୁ ଦୁଇ ପେସର ରାଜେଶ ମହାନ୍ତି ଓ ଦେବ୍ରବ୍ରତ ପ୍ରଧାନ ୨ଟି ଲେଖାଏ ୱିକେଟ ବାଣ୍ଟି ନେଇଥିଲେ। ସ୍ପିନର ଅଭିଷେକ ଯାଦବ ଏବଂ ଗୋବିନ୍ଦଙ୍କୁ ମଧ୍ୟ ୨ଟି ଲେଖାଏ ୱିକେଟ ମିଳିଥିଲା। ଶାନ୍ତନୁ ଗୋଟିଏ ୱିକେଟ ଦଖଲ କରିଥିବା ବେଳେ ତରଣୀ ସ ୱିକେଟଶୂନ୍ୟ ରହିଥିଲେ।



ଗୋବିନ୍ଦ ପୋଦ୍ଦାର



କାର୍ତ୍ତିକ ବିଶ୍ୱାଳ

## ଆଜିଠୁ ଓଡ଼ିଶା ମହିଳା ଲିଗ୍

କଟକ, ୫।୧୨(ସମିସ): ବୁଧବାରଠାରୁ ଆରମ୍ଭ ହେବ ଓଡ଼ିଶା ମହିଳା ଲିଗ୍। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି ଲିଗ୍‌ରେ ୬ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡିକ ହେଲା ସ୍ପୋର୍ଟ୍ସ ଓଡ଼ିଶା, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ଓଜିପି କ୍ଲବ, କିଟ ଓ କିସ୍, ଆରଡୋର ଏକାଡେମୀ ଏବଂ ନୀତା ଫୁଟବଲ ଏକାଡେମୀ। ଚୌଦ୍ୱାରସ୍ଥିତ ଓଟିଏମ ଗ୍ରାଉଣ୍ଡ ଏବଂ ଭୁବନେଶ୍ୱରର ୟୁନିଟ-୧ ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ସମସ୍ତ ମ୍ୟାଚ୍ ଖେଳାଯିବ।

ଉଦ୍‌ଘାଟନୀ ମ୍ୟାଚ୍‌ରେ ଆରଡୋର ଫୁଟବଲ ଏକାଡେମୀ ଏବଂ କିଟ୍ ଓ କିସ ମୁହାଁମୁହିଁ ହେବେ ବୋଲି ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ସୂଚନା ଦେଇଛନ୍ତି।

ADMISSION OPEN - 2023 -24
Last Date of On Line Choice Filing
Dt : 11th Dec. 2023
DIVINE INSTITUTE OF MEDICAL SCIENCE & RESEARCH DIMSAR
AT - PODA ASTIA, BARIPADA, MAYURBHANJ
UNDER DIVINE INSTITUTE OF ENGINEERING AND TECHNOLOGY (A PUBLIC CHARITABLE TRUST)
B.SC. NURSING 4 Years Eligibility +2 Science with Biology
G.N.M. 3 Years Eligibility ANM / +2 Science / Arts / Com.
Affiliated with Odisha Nurses & Midwives Examination Board (ONMEB) and Odisha University of Health & Science.
100% Placement
Avail Free Coaching for AIMS / OSSC / Nursing Officer Exam
Stipend Available for SC & ST Students
7008261824, 8249299161, 8917596017, 7873763825, 7008102151

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର